# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୩/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, February 3/2021 | ★★

୧୬ଶ ଭାଗ ୩୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଆଇସିସି ପୁରସ୍କାର ଦୌଡ଼ରେ ପନ୍ତ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ 'ମେନ୍ସ ପ୍ଲେୟାର ଅଫ୍ ଦି ମନ୍ଥ' ପୁରସ୍କାର ପାଇଁ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ନାମ ସୁପାରିସ କରିଛି। ୧୫

୧୪ **ଖୁସିରେ ନାଚିଲେ ଅନନ୍ୟା**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବୋଟ ତଳେ ବହୁତ ଡଲଫିନ୍‌ଙ୍କୁ ଦେଖି ଖୁସିରେ ନାଚି ଉଠିଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି।



# ୧୦ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା

ଭୁବନେଶ୍ୱର, ୨।୨(ବ୍ୟୁରୋ)

■ ଜୁନ୍ ୭ରୁ ପ୍ରଥମ ସେମିଷ୍ଟର ପରୀକ୍ଷା
■ ଜୁଲାଇ ୩୦ ସୁଦ୍ଧା ଫଳ

ରାଜ୍ୟରେ ଆସନ୍ତା ୧୦ତାରିଖରୁ ପିଜି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଇଛନ୍ତି। ଜୁନ ୭ରୁ ୧୯ ତାରିଖ ମଧ୍ୟରେ ପିଜିର ପ୍ରଥମ ସେମିଷ୍ଟର ପରୀକ୍ଷା ହେବ। ଜୁଲାଇ ୨୦ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ। ସେହିପରି ୧୦ରୁ ୟୁଜି ପ୍ରି-ଫାଇନାଲ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବ। ୟୁଜି କୋର୍ସର ତୃତୀୟ ସେମିଷ୍ଟର ଏବଂ ପଞ୍ଚମ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୯ରୁ ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ମେ' ୩୧ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଆସନ୍ତା ୧୦ତାରିଖରୁ କ୍ଲାସ ଆରମ୍ଭ ହେବାକୁ ଥିବାରୁ ୮ରୁ କଲେଜ ଓ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ଶ୍ରେଣୀଗୃହରେ କୋଭିଡ୍ ଗାଇଡ଼ଲାଇନ ଅନୁଯାୟୀ ପାଠପଢ଼ା ହେବ। ମାସ୍କ ବାଧ୍ୟତାମୂଳକ କରାଯିବା ସହ ଶ୍ରେଣୀଗୃହ, ଲାଇବ୍ରେରୀ ଓ ଲାବରେଟୋରିରେ ୬ଫୁଟର ଦୂରତା ରଖାଯିବ। ଏ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମାଜାରି କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ କରୋନା ସଂକ୍ରମଣ ଏବେ ତଳମୁହାଁ ଥିବାବେଳେ ବିଭିନ୍ନ କ୍ଷେତ୍ରରେ ଲାଗିଥିବା କଟକଣାକୁ ଧୀରେ ଧୀରେ କୋହଳ କରାଯାଉଛି। ବର୍ତ୍ତମାନ ସ୍ଥିତିରେ ସୁଧାର ଆସିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଇ ☞ପୃଷ୍ଠା-୪

## ମେ' ୨ରୁ ଏନ୍‌ଇଟି

ଭୁବନେଶ୍ୱର, ୨।୨(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁଜିସି ଏନ୍‌ଇଟି (ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ଆସନ୍ତା ମେ' ୨ତାରିଖରୁ ଆରମ୍ଭ ହେବ। ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଟୁଇଟ୍ କରି ଏ ସମ୍ପର୍କରେ ଘୋଷଣା କରିଛନ୍ତି। ମେ' ୨, ୩, ୪, ୫, ୬, ୭, ୧୦, ୧୧, ୧୨, ୧୪ ଏବଂ ୧୭ତାରିଖରେ ଏନ୍‌ଇଟି ପରୀକ୍ଷା ଅନୁଷ୍ଠିତ ହେବ। ଜୁନିୟର ରିସର୍ଚ୍ଚ ଫେଲୋଶିପ୍ ଏବଂ ସହକାରୀ ପ୍ରଫେସରଙ୍କ ପାଇଁ ଏହି ପରୀକ୍ଷା ହେବ। ଏନ୍‌ଟିଏର ସର୍କୁଲାର ଅନୁଯାୟୀ, ୟୁଜିସି ଏନ୍‌ଇଟି-୨୦୨୧ ପରୀକ୍ଷା କେବଳ କମ୍ପ୍ୟୁଟର ଆଧାରିତ ପରୀକ୍ଷା ହେବ। ଏହି ପରୀକ୍ଷା ପାଇଁ ଆବେଦନ ☞ପୃଷ୍ଠା-୪

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା କାର୍ଯ୍ୟସୂଚୀ ଘୋଷିତ

ଭୁବନେଶ୍ୱର, ୨।୨(ବ୍ୟୁରୋ)

**ମେ ୪'ରୁ ପରୀକ୍ଷା**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ପରୀକ୍ଷା ମେ' ୪ତାରିଖରୁ ଆରମ୍ଭ ହେବ। ପରୀକ୍ଷା ପାଇଁ ମଙ୍ଗଳବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ସିବିଏସ୍‌ଇ ଦଶମ ପରୀକ୍ଷା ମେ ୪ରୁ ଜୁନ୍ ୭ତାରିଖ ପର୍ଯ୍ୟନ୍ତ ଚାଲିବ। ଛାତ୍ରୀଛାତ୍ରଙ୍କୁ ପୂର୍ବାହ୍ନ ୧୦ଟା ପୂର୍ବରୁ ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ପଡ଼ିବ। ୧୦ଟାରେ ଉତ୍ତର ଖାତା ଓ ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନ ପଢ଼ିବା ପାଇଁ ୧୫ମିନିଟ୍ ସମୟ ମିଳିବ। ୧୦ଟା ୩୦ରୁ ପରୀକ୍ଷା ଆରମ୍ଭ ହେବ। ସେହିଭଳି ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଜୁନ୍ ୧୧ ତାରିଖରେ ଶେଷ ହେବ। ଦ୍ୱାଦଶ ପରୀକ୍ଷା ଦୁଇଟି ଶିଫ୍ଟରେ ଅନୁଷ୍ଠିତ ହେବ। ପ୍ରଥମ ଶିଫ୍ଟ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବଦଳିଲା ମ୍ୟାନ୍‌ମାର

# ପୋଲିସକୁ ଡେମୋ ଦେଖାଇଲେ ରାକେଶ

ଯାଜପୁର ଅଫିସ/ ରସୁଲପୁର(ଡି.ଏନ୍.ଏ.),୨।୨

**ଝରାଫୁଲ ମୃତ୍ୟୁ ଘଟଣା**



ପୋଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି।



ଝରାଫୁଲ

■ କୁଆଖିଆ ଥାନାରେ ଜେରା
■ ମୃତା ଛାତ୍ରୀଙ୍କ ମୋବାଇଲ ଖୋଜା ଆରମ୍ଭ

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୧)ଙ୍କ ମୃତ୍ୟୁ ଘଟଣାରେ ଗିରଫ ରାକେଶ କୁମାର ନାୟକଙ୍କୁ ପୋଲିସ ୩ ଦିନିଆ ରିମାଣ୍ଡରେ ଆଣିଛି। ମଙ୍ଗଳବାର ରିମାଣ୍ଡର ପ୍ରଥମ ଦିନରୁ ପୋଲିସ ଜୋରଦାର ଜେରା ଆରମ୍ଭ କରିଛି। ମଧ୍ୟାହ୍ନରେ ପୋଲିସ ରାକେଶଙ୍କୁ ଝରାଫୁଲଙ୍କ ମୃତଦେହ ପକାଇଥିବା ମୂଳାପାଳ ଛକ ଦିଆଲଖରି ରାସ୍ତାକୁ ନେଇ ପଚରାଉଚୁରା କରିଛି। କିଭଳି ମୃତଦେହ ଫୋପାଡ଼ିଥିଲେ ତାହାର ଡେମୋ ରାକେଶ ଦେଖାଇଥିଲେ। ଝରାଫୁଲଙ୍କ ମୋବାଇଲକୁ ଏକ ବାଦାମ କିଆରିକୁ ଫୋପାଡ଼ି ଦେଇଥିବା ରାକେଶ ପୋଲିସକୁ କହିଛନ୍ତି। ଘଟଣାସ୍ଥଳଠାରୁ ୧୦୦ ମିଟର ପୂର୍ବରୁ ମୋବାଇଲ ପକାଯାଇଥିବା ସୂଚନା ମିଳିବା ପରେ ପୋଲିସ ତାକୁ ଖୋଜିବା ଆରମ୍ଭ କରିଛି।

ପୋଲିସ ଡାକରା ପାଇ ଝରାଫୁଲଙ୍କ ବାପା ରମାକାନ୍ତ ନାୟକ ଓ ବଡ଼ଭାଇ ପୂର୍ବାହ୍ନ ସାଢ଼େ ୧୧ଟାରେ କୁଆଖିଆ ଥାନାରେ ପହଞ୍ଚିଥିଲେ। ଦିନ ତମାମ ସେମାନଙ୍କୁ ମଧ୍ୟ ଜେରା କରାଯାଇଥିଲା। ସନ୍ଧ୍ୟାରେ ସେମାନେ ଘରକୁ ଫେରିଛନ୍ତି। ଝରାଫୁଲଙ୍କ ବଡ଼ଭାଇ ବ୍ୟବହାର କରୁଥିବା ମୋବାଇଲକୁ ପୋଲିସ ନିଜ ହେପାଜତକୁ ନେଇଛି। ସେହି ମୋବାଇଲରେ ପରିବାର ଲୋକେ ଝରାଫୁଲ ସହିତ କେତେଥର କଥା ହୋଇଛନ୍ତି ଏବଂ କ'ଣ କଥା ହୋଇଛନ୍ତି, କେଉଁ ସମୟରେ କେତେଥର ମେସେଜ୍ ଦିଆଯାଇଛି, ତାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଝରାଫୁଲ ମୋବାଇଲରୁ ମେସେଜ୍ ଦେବା ସମୟରେ ସେ ଜୀବିତ ଥିଲେ, ନା ନିଜ ଦୋଷ ଲୁଚାଇବା ପାଇଁ ରାକେଶ ତାଙ୍କ ମୋବାଇଲ ବ୍ୟବହାର କରୁଥିଲେ ସେ ☞ପୃଷ୍ଠା-୪

# ଅଣଧାନ ଫସଲକୁ ଅଣଦେଖା

ଭୁବନେଶ୍ୱର,୨।୨(ବ୍ୟୁରୋ)



ଚାଷୀଙ୍କଠାରୁ ଆରମ୍ଭ କରି ସରକାରୀ କଳ ଯାଏ ସମସ୍ତେ କେବଳ ଧାନ ଚାଷ ପଛରେ ଗୋଡ଼ାଇଛନ୍ତି। ରାଜ୍ୟରେ ଧାନ ଉତ୍ପାଦନ ବଢ଼ି ଚାଲିଥିବା ବେଳେ ଅଣଧାନ ଫସଲ ଚୁଲିକି ଗଲାଣି। ଆଳୁ, ପିଆଜ, ଡାଲି, ତୈଳବୀଜ ଆଦି ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଅର୍ଥକରୀ ଫସଲ ଝୋଟ, ଆଖୁ, କପା, ବାଜରା, ଯଅ, ରାଶି, ସୋରିଷ ଚାଷ ମଧ୍ୟ ଉଭାନ ହେବାକୁ ବସିଲାଣି। ଜଳବାୟୁ ପରିବର୍ତ୍ତନ ଚିନ୍ତାର କାରଣ ହୋଇଛି। ଦିନକୁ ଦିନ ବର୍ଷା ହଜିଯାଉଛି। କେବଳ ସେତିକି ନୁହେଁ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଚାଷ ଉପରେ ଗୁରୁତର ପ୍ରଭାବ ପକାଇବା ବେଳେ ଚାଷୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ୧୮୯୧ରୁ ୨୦୨୦ ମଧ୍ୟରେ ୧୦୬ଟି ବାତ୍ୟା ଓ ମହାବାତ୍ୟା ଓଡ଼ିଶା ଦେଇ ଅତିକ୍ରମ କରିଛି। ଏଥିଯୋଗୁ ରାଜ୍ୟ ଆର୍ଥିକ ପ୍ରଗତିର ସିଂହଭାଗ ଦେଉଥିବା ଚାଷ ଧୀରେ ଧୀରେ ବିପରୀତମୁଖୀ ହେବାରେ ଲାଗିଛି। ଓଡ଼ିଶାରେ ଚାଷୀମାନେ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରୁଛନ୍ତି । କେତେବେଳେ ବିପର୍ଯ୍ୟୟ ଯୋଗୁ ଧାନ ଉଜୁଡ଼ି ଯାଉଥିବା ବେଳେ ଅନ୍ୟ କେତେବେଳେ ଅଧିକ ମାତ୍ରାରେ ଉତ୍ପାଦନ ଅଭାବୀ ବିକ୍ରି ସମସ୍ୟା ସୃଷ୍ଟି କରୁଛି। ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ନ ପାଇ ଧାର କରଜରେ ବୁଡ଼ି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଉଛନ୍ତି । ଧାନ ଚାଷ ଉପରେ ନିର୍ଭର କରୁଥିବାରୁ ଚାଷୀଙ୍କର ଆର୍ଥିକ ସ୍ଥିତିରେ ସେତେଟା ଉନ୍ନତି ଆସୁନାହିଁ। ବନ୍ୟା, ବାତ୍ୟା କିମ୍ବା ମରୁଡ଼ି ଯୋଗୁ ଧାନ ଚାଷ ପ୍ରଭାବିତ ହେଲେ ମଧ୍ୟ ପରବର୍ତ୍ତୀ ସମୟରେ ତୈଳବୀଜ, ଡାଲିଜାତୀୟ, ଝୋଟ ଚାଷ ଭଳି ଅର୍ଥକରୀ ଫସଲ ପାଇଁ ସେପରି ସୁବିଧା ନ ଥିବାରୁ ଚାଷୀମାନେ ବର୍ଷକରେ କେବଳ ଧାନ ଉପରେ ନିର୍ଭରଶୀଳ ହେଉଛନ୍ତି। ଅର୍ଥକରୀ ଫସଲ ଚାଷ ହେଉ ନ ଥିବାରୁ ପାରମ୍ପରିକ ବିହନ ମଧ୍ୟ ହଜିଗଲାଣି। କୃଷି ବିଶେଷଜ୍ଞଙ୍କ କହିବା କଥା ହେଲା ଆବଶ୍ୟକ ବିହନ, ତାଲିମ ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀମାନେ ମଧ୍ୟ ଅନ୍ୟ ଚାଷ ପ୍ରତି ସେତେଟା ଗୁରୁତ୍ୱ ଦେଉନାହାନ୍ତି । ରାଜ୍ୟରେ ମୁଗ, ବିରି, କୋଳଥ, ସୂର୍ଯ୍ୟମୁଖୀ, ଯଅ , ବାଜରା, ମକା, କପା, ଆଳୁ, ବାଦାମ, କନ୍ଦମୂଳ, ହରଡ଼ ଆଦି ଚାଷ ବେଳକୁ ବେଳ ହ୍ରାସ ପାଇବାରେ ଲାଗିଛି। ଜମି ପଡ଼ିଆ ପଡୁଛି ପଛକେ ଅଣଧାନ ଫସଲ ଚାଷ ପାଇଁ ଚାଷୀମାନେ ଆଗ୍ରହ ଦେଖାଉନାହାନ୍ତି। ଯେଉଁ କେତେକ ଚାଷୀ ଅଣଧାନ ☞ପୃଷ୍ଠା-୪







**ପୁଣି ରୂପ ବଦଳାଇଲା ବ୍ରିଟେନ ଷ୍ଟ୍ରେନ୍**

ନିକଟରେ ବ୍ରିଟେନରେ ଦେଖା ଦେଇଥିବା କରୋନା ଷ୍ଟ୍ରେନ ପୁଣି ଥରେ ନିଜର ରୂପ ବଦଳାଇଛି। ଦ୍ରୁତ ଗତିରେ ସଂକ୍ରମିତ ହେଉଥିବା ଏହି ଷ୍ଟ୍ରେନର ପରିବର୍ତ୍ତିତ ରୂପ ଡାକ୍ତର ବିଶେଷଜ୍ଞଙ୍କ ଚିନ୍ତା ବଢ଼ାଇଛି। ଏହି ମ୍ୟୁଟେଶନକୁ ଇ୪୮୪କେ ନାମିତ କରାଯାଇଛି। ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲରେ ମଧ୍ୟ ଏହି ଷ୍ଟ୍ରେନ ଚିହ୍ନଟ କରାଯାଇଛି। ତେବେ ବିକଶିତ ଟିକା ନୂଆ ଷ୍ଟ୍ରେନ୍ ବିରୋଧରେ କାମ କରିବ କି ନା ତାହା ଜଣାପଡିନାହିଁ।

# ମ୍ୟାନ୍ମାରରେ ଅନିଶ୍ଚିତତା

ନାପିତାଉ, ୨।୨ (ଆଇଏଏନ୍ଏସ୍)

ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ମ୍ୟାନ୍ମାର ସୈନ୍ୟବାହିନୀ ସୋମବାର ବିଦ୍ରୋହ ବଳରେ ଦେଶ ଶାସନକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ନୋବେଲ ପୁରସ୍କାର ବିଜେତା ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ସମେତ ବହୁ ବରିଷ୍ଠ ନେତାଙ୍କୁ ଗିରଫ କରାଯାଇଥିଲା। ୫ ଦଶନ୍ଧିର ସାମରିକ ଶାସନ ପରେ ଗଣତନ୍ତ୍ର ହାସଲ କରିଥିବା ଏହି ଦେଶ ପୁଣିଥରେ ସେନା କବଳକୁ ଚାଲିଯାଇଛି ଓ ଦେଶରେ ରାଜନୈତିକ ଅନିଶ୍ଚିତତା ସୃଷ୍ଟି ହୋଇଛି। ସାମରିକ ଶାସନ ବିରୋଧରେ ଆନ୍ଦୋଳନ ପାଇଁ ସୁ ଚୀ ଓ ଦଳର ଅନ୍ୟ ନେତାମାନେ ଆହ୍ୱାନ ଦେଇଛନ୍ତି। ସାମରିକ ବିଦ୍ରୋହକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ତୁରନ୍ତ କ୍ଷମତା ହସ୍ତାନ୍ତର ପାଇଁ ମ୍ୟାନ୍ମାର ସୈନ୍ୟବାହିନୀ ଉପରେ ଅନ୍ତର୍ଜାତୀୟ ସମୁଦାୟ ଚାପ ପକାଇବା ଲାଗି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆହ୍ୱାନ ଦେବା ସହ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି। ସାମରିକ ବିଦ୍ରୋହ ମ୍ୟାନ୍ମାରରେ ଗଣତାନ୍ତ୍ରିକ ସଂସ୍କାର ପ୍ରତି ଶକ୍ତ ଧକ୍କା ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି।




ମ୍ୟାନ୍ମାର ଦୂତାବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଦେଶର ଶାସନକୁ ନିୟନ୍ତ୍ରଣ କରିବା ପରେ ମ୍ୟାନ୍ମାର ସୈନ୍ୟବାହିନୀ ଗିରଫ କରିଥିବା ଅଧିକାଂଶ ଆଞ୍ଚଳିକ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ମଙ୍ଗଳବାର ମୁକ୍ତ କରିଦେଇଛି। ତେବେ ଷ୍ଟେଟ୍ କାଉନସେଲର ଅଙ୍ଗ୍ ସାନ୍ ସୁ ଚୀ ଏବଂ ରାଷ୍ଟ୍ରପତି ୟୁ ୱିନ୍ ମିଣ୍ଟଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଅଦଳବଦଳ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଇପାରେ ବୋଲି ସାମରିକ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ସେହିପରି ସୁ କୀଙ୍କ ଦଳ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି (ଏନ୍ଏଲ୍‌ଡି)ର କେତେଜଣ ଏମ୍‌ପିଙ୍କୁ ମଧ୍ୟ ମୁକ୍ତ କରିଦିଆଯାଇଛି।

ବିଦ୍ରୋହର କିଛି ସମୟ ପରେ ସୈନ୍ୟବାହିନୀ ପକ୍ଷରୁ କ୍ୟାବିନେଟରେ ଅଦଳବଦଳ ସମ୍ପର୍କରେ ଘୋଷଣା କରାଯାଇଥିଲା। ସେହି ଅନୁଯାୟୀ ୧୧ ଜଣଙ୍କୁ ନୂଆ ମନ୍ତ୍ରୀ କରାଯାଇଥିବାବେଳେ ୨୪ ଜଣ ଉପମନ୍ତ୍ରୀଙ୍କୁ ବାଦ୍ ଦିଆଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଓ ଅନ୍ୟ ବିଚାରପତିମାନ, ଆଞ୍ଚଳିକ ଓ ରାଜ୍ୟ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନଙ୍କୁ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦିଆଯାଇଛି। ସେହିପରି ଦୁର୍ନୀତି ନିରୋଧୀ କମିଶନର ସଦସ୍ୟ, ମ୍ୟାନ୍ମାର ଜାତୀୟ ମାନବାଧିକାର କମିଶନର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସଦସ୍ୟମାନେ ପୂର୍ବଭଳି ନିଜ ନିଜ ପଦବୀରେ ରହିବେ। ଅନ୍ୟପକ୍ଷରେ ନାପିତାଉ କାଉନସିଲ୍ ଏବଂ ୟୁନିୟନ ସିଭିଲ୍ ସର୍ଭିସ ବୋର୍ଡର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦଙ୍କୁ ବହିଷ୍କାର କରାଯାଇ ସେମାନଙ୍କ ସ୍ଥାନରେ ନୂତନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତ କରାଯିବ ବୋଲି ସୈନ୍ୟବାହିନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

- ମୁକ୍ତ ହେଲେ ଆଞ୍ଚଳିକ, ରାଜ୍ୟ ମୁଖ୍ୟମନ୍ତ୍ରୀ
- ବିଦ୍ରୋହ ପରେ କ୍ୟାବିନେଟରେ ଅଦଳବଦଳ
- ବିବାଦୀୟ ନିର୍ବାଚନ ଫଳାଫଳର ସମୀକ୍ଷା ହେବ

କେନ୍ଦ୍ରୀୟ ନିର୍ବାଚନ କମିଶନ (ୟୁଇସି)ରେ ସଂସ୍କାର ଅଣାଯିବା ସହ ପୂର୍ବରୁ ହୋଇଥିବା ବିବାଦୀୟ ନିର୍ବାଚନ ଫଳାଫଳଗୁଡ଼ିକର ସମୀକ୍ଷା ପାଇଁ ସାମରିକ ସରକାର ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ହୋଇଥିବା ନିର୍ବାଚନ ପ୍ରକ୍ରିୟାରେ କେତେକ ଅନିୟମିତତା ହୋଇଥିବା ଦର୍ଶାଯାଇଥିଲା। ଫଳାଫଳ ସମୀକ୍ଷା ପରେ ଜରୁରୀ ସ୍ଥିତିର ବ୍ୟବସ୍ଥା ଅନୁଯାୟୀ ମୁକ୍ତ ଓ ଅବାଧ ସାଧାରଣ ନିର୍ବାଚନ କରାଯିବ ଓ ଗଣତନ୍ତ୍ରର ନିୟମ ଓ ମାନ ପୂରଣ କରୁଥିବା ବିଜୟୀ ଦଳକୁ କ୍ଷମତା ହସ୍ତାନ୍ତର ହେବ ବୋଲି ସୈନ୍ୟବାହିନୀ କହିଛି। ସୋମବାରଠାରୁ ବନ୍ଦ ଥିବା ରାଷ୍ଟ୍ରାୟତ୍ତ ପ୍ରସାରଣ ଚ୍ୟାନେଲ ଓ ଟେଲିଫୋନ ଓ ଇଣ୍ଟରନେଟ ସେବା ପୁଣି ଆରମ୍ଭ ହୋଇଛି। ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ ସମସ୍ତ ବ୍ୟାଙ୍କକୁ ଖୋଲିଦିଆଯାଇଥିବା ମିଲିଟାରି ଟ୍ରୁ ନ୍ୟୁଜ୍ ଇନ୍‌ଫର୍ମେଶନ ଟିମ୍ ଘୋଷଣା କରିଛି।

ଗତ ମାସରେ ହୋଇଥିବା ସାଧାରଣ ନିର୍ବାଚନରେ ଶାସକ ଏନ୍ଏଲ୍‌ଡି ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆସନ ଜିତିଥିଲେ ମଧ୍ୟ ଭୋଟଦାନ ପ୍ରକ୍ରିୟାରେ ଜାଲିଆତି ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ହୋଇଥିବା ଦାବିକୁ ନିର୍ବାଚନ କମିଶନ ଖାରଜ କରିଦେଇଥିଲେ।

## ସତର୍କ କରାଇଥିଲେ ସୁ ଚୀ

**ୟାଙ୍ଗୁନ୍, ୨।୨:** ମ୍ୟାନ୍ମାରରେ ଗଣତାନ୍ତ୍ରିକ ସଂସ୍କାର ସଫଳ ହେବ ଯଦି ଦେଶର ପ୍ରଭାବଶାଳୀ ସୈନ୍ୟବାହିନୀ ପରିବର୍ତ୍ତନକୁ ଗ୍ରହଣ କରିନିଏ। ପାଞ୍ଚ ଦଶନ୍ଧିର ସାମରିକ ଶାସନ ପରେ ୨୦୧୬ରେ ମ୍ୟାନ୍ମାର ନେତ୍ରୀ ହୋଇଥିବା ଆଙ୍ଗ୍‌ସାନ୍‌ସୁ ଚୀ ଅନେକ ଥର ଏଭଳି ସତର୍କ କରାଇଥିଲେ। ତାଙ୍କର ଏହି ସତର୍କବାଣୀ ସତ୍ୟ ସାବ୍ୟସ୍ତ ହୋଇଛି। ସୋମବାର



ସାମରିକ ବାହିନୀ ବିଦ୍ରୋହ ବଳରେ ଦେଶର ଶାସନକୁ କବ୍‌ଜା କରିଛି। ସୁ ଚୀଙ୍କୁ ମାତ୍ର ୨ ବର୍ଷ ହୋଇଥିବାବେଳେ ତାଙ୍କ ବାପା ତଥା ସ୍ୱାଧୀନତାର ହିରୋ ଜେନେରାଲ ଅଙ୍ଗ୍ ସାନ୍‌ଙ୍କୁ ହତ୍ୟା କରାଯାଇଥିଲା। ୧୯୮୯ରେ ସୁ ଚୀଙ୍କୁ ଗୃହବନ୍ଦୀ କରାଯାଇଥିଲା। ପରବର୍ତ୍ତୀ ୨୨ ବର୍ଷରୁ ୧୫ ବର୍ଷ ସେ ଗୃହବନ୍ଦୀ ଜୀବନ କାଟିଥିଲେ। ସାମରିକ ଶାସନ ବିରୋଧରେ ଅହିଂସା ସଂଗ୍ରାମ ପାଇଁ ୧୯୯୧ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା।

## ଭାରତୀୟଙ୍କୁ ସତର୍କ କରାଇଲା ଦୂତାବାସ

ନୂଆଦିଲ୍ଲୀ, ୨।୨ (ପି.ଟି.)

ମ୍ୟାନ୍ମାରରେ ସାମରିକ ବିଦ୍ରୋହ ପରେ ସେଠାରେ ଥିବା ଭାରତୀୟମାନଙ୍କୁ ଦୂତାବାସ ପକ୍ଷରୁ ସତର୍କ କରିଦିଆଯାଇଛି। ଅତି ଜରୁରୀ ନ ଥିଲେ ବାହାରକୁ ନ ବାହାରିବା ଲାଗି ୟାଙ୍ଗୁନ୍‌ସ୍ଥିତ ଭାରତୀୟ ଦୂତାବାସ ଆଡଭାଇଜରି ଜାରି କରିଛି। ଆବଶ୍ୟକ ପଡ଼ିଲେ ଦୂତାବାସ ସହ ଯୋଗାଯୋଗ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ମ୍ୟାନ୍ମାରର ଶକ୍ତିଶାଳୀ ସୈନ୍ୟବାହିନୀ ସୋମବାର ବିଦ୍ରୋହ ବଳରେ ଗଣତାନ୍ତ୍ରିକ ସରକାରକୁ ଗାଦିଚ୍ୟୁତ କରି କ୍ଷମତା ଦଖଲ କରିବା ସହ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଛି।

## ସଂକ୍ଷେପରେ

### ଜୁଲାଇ ସୁଦ୍ଧା ସିଏଏ ନିୟମାବଳୀ

**ନୂଆଦିଲ୍ଲୀ, ୨।୨:** ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କିତ ନିୟମାବଳୀ ପ୍ରସ୍ତୁତି ଚାଲିଛି। ଜୁଲାଇ ୯ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇଯିବ ବୋଲି ପାର୍ଲାମେଣ୍ଟରେ ସରକାରଙ୍କ ପକ୍ଷରୁ କୁହାଯାଇଛି। ୨୦୧୯ ଡିସେମ୍ବରରେ ଏହି ବିବାଦୀୟ ବିଲ୍ ଗୃହୀତ ହୋଇଥିଲା। ଏହା ବିରୋଧରେ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ୨୦୨୦ ଜାନୁୟାରୀ ୧୦ରେ ଉକ୍ତ ଆଇନ କାର୍ଯ୍ୟକାରୀ ହୋଇଥିବାବେଳେ ନିୟମ ପ୍ରଣୟନ ପ୍ରସ୍ତୁତି ପ୍ରକ୍ରିୟାରେ ରହିଥିବା ଲୋକ ସଭାରେ କଂଗ୍ରେସ ଏମ୍‌ପି ଭି.କେ. ଶ୍ରୀକନ୍ଦନଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ୨୦୨୦ର ହିନ୍ଦୀ ଶବ୍ଦ 'ଆତ୍ମନିର୍ଭରତା'

**ନୂଆଦିଲ୍ଲୀ, ୨।୨:** ଅକ୍ସଫୋର୍ଡ ଲାଙ୍ଗୁଏଜେସ୍ ୨୦୨୦ ବର୍ଷର ହିନ୍ଦୀ ଶବ୍ଦ ଭାବେ 'ଆତ୍ମନିର୍ଭରତା'କୁ ସ୍ଥାନିତ କରିଛି। କରୋନା ମହାମାରୀ ବିରୋଧରେ ସଂଘର୍ଷ କରୁଥିବା ଅଗଣିତ ଭାରତୀୟ ଉକ୍ତ ଶବ୍ଦକୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ବିଧିମାନ୍ୟ କରିଛନ୍ତି। ଭାଷା ବିଶେଷଜ୍ଞ କ୍ରିତିକା ଅଗ୍ରୱାଲ, ପୁନମ ନିଗମ ସହାୟ ଏବଂ ଇମୋଗେନ୍ ଫୋକ୍ସେଲ୍‌ଙ୍କୁ ନେଇ ଗଠିତ ପରାମର୍ଶଦାତା କମିଟି ଉକ୍ତ ଶବ୍ଦକୁ ଚୟନ କରିଛି। ମହାମାରୀ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡ୍ ରିକଭରି ପ୍ୟାକେଜ୍ ଘୋଷଣା କଲା ବେଳେ ଦେଶ ଆତ୍ମନିର୍ଭର ହେବା ଉପରେ ଗୁରୁତ୍ୱ ଦେଇଥିଲେ।

### ଭବ୍ୟା ନାସା କାର୍ଯ୍ୟକାରୀ ମୁଖ୍ୟ



**ୱାଶିଂଟନ୍, ୨।୨:** ଭାରତୀୟ ବଂଶୋଦ୍ଭବ ଭବ୍ୟା ଲାଲଙ୍କୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର କାର୍ଯ୍ୟକାରୀ ମୁଖ୍ୟ ନିଯୁକ୍ତ କରାଯାଇଛି। ସେ ଏବେ ନାସାରେ ପରିବର୍ତ୍ତନ ସମ୍ବନ୍ଧୀୟ ସମୀକ୍ଷା ଟିମ୍‌ର ସଦସ୍ୟ ଅଛନ୍ତି। ଇଞ୍ଜିନିୟରିଂ ଏବଂ ସ୍ପେସ୍ ଟେକ୍ନୋଲୋଜିରେ ଭବ୍ୟାଙ୍କର ବ୍ୟାପକ ଅଭିଜ୍ଞତା ରହିଥିବା ନାସା ପକ୍ଷରୁ କୁହାଯାଇଛି। ସେ ଇନ୍‌ଷ୍ଟିଚ୍ୟୁଟ୍ ଫର ଡିଫେନ୍ସ ଆନାଲିସିସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପଲିସି ଇନଷ୍ଟିଚ୍ୟୁଟ(ଏସ୍‌ଟିପିଆଇ)ରେ ଗବେଷକ ରହିଛନ୍ତି।

## ଦିଲ୍ଲୀ ବିସ୍ଫୋରଣ ତଦନ୍ତ ଏନ୍ଆଇଏକୁ ହସ୍ତାନ୍ତର

ନୂଆଦିଲ୍ଲୀ, ୨।୨ (ପି.ଟି.)

ନୂଆଦିଲ୍ଲୀସ୍ଥିତ ଇସ୍ରାଏଲ୍ ଦୂତାବାସ ନିକଟରେ ହୋଇଥିବା ବିସ୍ଫୋରଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ)କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଦୂତାବାସଠାରୁ ୧୫୦ ମିଟର ଦୂର ଡ. ଏପିଜେ ଅବଦୁଲ କାଲାମ ରୋଡ୍‌ରେ ଏକ ଛୋଟ ଧରଣର ଆଇଇଡି ବିସ୍ଫୋରଣ ହୋଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିଲେ। ତେବେ ବିସ୍ଫୋରଣ ଯୋଗୁ କେତେକ କାର କ୍ଷତିଗ୍ରସ୍ତ ହୋଇଥିଲା।

## ୧୬୨ ଡାକ୍ତରଙ୍କ ଜୀବନ ନେଇଛି କରୋନା

ନୂଆଦିଲ୍ଲୀ, ୨।୨

କରୋନା ମହାମାରୀ ଦେଶରେ ୧୬୨ ଡାକ୍ତରଙ୍କ ଜୀବନ ନେଇଛି। ଏହି ରୋଗରେ ୧୦୭ ନର୍ସ ଓ ୪୪ ଜଣ ଆଶାକର୍ମୀଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ରାଜ୍ୟ ସଭାକୁ ସରକାର ଜଣାଇଛନ୍ତି। ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଜାନୁୟାରୀ ୨୨ ସୁଦ୍ଧା ବିଭିନ୍ନ ରାଜ୍ୟରୁ ମିଳିଥିବା ତଥ୍ୟ ଆଧାରରେ ଉପରୋକ୍ତ ଉତ୍ତର ରଖିଥିଲେ।

## ବଦଳିବ ସ୍ୱଚ୍ଛଳ ବର୍ଗ ମାନଦଣ୍ଡ

ନୂଆଦିଲ୍ଲୀ, ୨।୨

ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ରେ ସ୍ୱଚ୍ଛଳ ବର୍ଗ ଚିହ୍ନଟ ଲାଗି ରହିଥିବା ଆୟ ମାନଦଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି। ମଙ୍ଗଳବାର ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ କ୍ରିଷନ୍ ପାଲ ଗୁର୍ଜାର କହିଛନ୍ତି। ପଛୁଆ ବର୍ଗ କମିଶନଙ୍କ ସହ ବିଚାର ବିମର୍ଶ ପରେ ଏହି ପ୍ରସ୍ତାବ ଦିଆଯାଇଥିଲା।

## ଅକାଳୀ ଦଳ ଅଧ୍ୟକ୍ଷଙ୍କୁ ଗୁଳିମାଡ଼

ଚଣ୍ଡୀଗଡ଼, ୨।୨

ଶିରୋମଣି ଅକାଳୀ ଦଳ ଅଧ୍ୟକ୍ଷ ସୁଖବୀର ସିଂ ବାଦଲଙ୍କ ଉପରେ ମଙ୍ଗଳବାର ଗୁଳିମାଡ଼ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ସହ ଦଳର ଅନ୍ୟ ୩ ସଦସ୍ୟ ଏଥିରେ ଆହତ ହୋଇଛନ୍ତି। ଜଣେ କଂଗ୍ରେସ ବିଧାୟକଙ୍କ ଭାଇ ଏପରି କରିଥିବାବେଳେ ପୋଲିସ ତାଙ୍କୁ ସୁରକ୍ଷା ଯୋଗାଉଥିବା



ସୁଖବୀର ସିଂ ବାଦଲ

ଅକାଳୀ ଦଳ ପକ୍ଷରୁ କୁହାଯାଇଛି। ଫଜିଲ୍‌କା ଜିଲା ଜଲାଲାବାଦ ସହରରେ ଏହି ଘଟଣା ଘଟିଥିବା ଜଣାଯାଇଛି। କଂଗ୍ରେସ ଶାସନବେଳେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ତୁରନ୍ତ ଇସ୍ତଫା ଦେବାକୁ ଅକାଳୀ ଦଳ ଦାବି କରିଛି। ତେବେ ଗୁଳିମାଡ଼ ଯୋଗୁ ୪ ଜଣ ଆହତ ହୋଇଥିବା ପୋଲିସ କହିଥିଲେ ହେଁ ସେମାନଙ୍କ ପରିଚୟ ପ୍ରକାଶ କରିନାହିଁ। କିଏ ଏବଂ କାହିଁକି ଗୁଳିମାଡ଼ କରିଛି ତାହାର ତଦନ୍ତ ଚାଲିଥିବା ପୋଲିସ କହିଛି।

## ଦୁର୍ଗରେ ପରିଣତ ହେଲା ଆନ୍ଦୋଳନ ସ୍ଥଳ

ନୂଆଦିଲ୍ଲୀ, ୨।୨

ଚାଷୀମାନେ ଆନ୍ଦୋଳନ ଚଳାଇଥିବା ଦିଲ୍ଲୀ ସୀମାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ବହୁସ୍ତରୀୟ ବ୍ୟାରିକେଡ୍ କରାଯାଇଛି। ଫଳରେ ଦିଲ୍ଲୀ ସୀମା ଏକପ୍ରକାର ଦୁର୍ଗରେ ପରିଣତ ହୋଇଛି। ରାସ୍ତାରେ ଲୁହାକଣ୍ଟା ପୋତାଯିବା ସହ କଣ୍ଟା ତାରବାଡ଼ କରାଯାଇଛି। ଏଥିସହିତ ରାସ୍ତାରେ ସିମେଣ୍ଟ ଅବରୋଧ ରଖାଯାଇଛି। ଆନ୍ଦୋଳନ ସ୍ଥଳରେ ଡିଟିସି ବସ୍‌ଗୁଡ଼ିକୁ ନିୟୋଜିତ କରାଯାଇଛି। ଅତିରିକ୍ତ ସୁରକ୍ଷାବଳକୁ ମଧ୍ୟ ଦିଲ୍ଲୀ ସୀମାରେ ମୁତୟନ କରାଯାଇଛି।

ଜାନୁୟାରୀ ୨୬ ହିଂସାକାଣ୍ଡ ପରେ ଆନ୍ଦୋଳନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଛି। ଖବର ସଂଗ୍ରହ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ବହୁ କଷ୍ଟରେ ସେଠାରେ ପହଞ୍ଚୁଛନ୍ତି। ଯାଞ୍ଚ ପରେ ବହୁସ୍ତରୀୟ ବ୍ୟାରିକେଡ୍ ଦେଇ ସେମାନଙ୍କୁ




ଯିବାକୁ ପଡୁଛି। ଏହା ସତ୍ତ୍ୱେ ଆନ୍ଦୋଳନ ପ୍ରତି ସମର୍ଥନ ବଢୁଥିବା ଭାରତୀୟ କିଷାନ ୟୁନିୟନ ନେତା କହିଛନ୍ତି। ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ରାଜସ୍ଥାନ ଓ ଉତ୍ତରାଖଣ୍ଡରୁ ସମର୍ଥନ ମିଳୁଥିବାବେଳେ ଏବେ ମହାରାଷ୍ଟ୍ର, କର୍ନାଟକ ଓ ବିହାରରୁ ଲୋକେ ଆସି ଆନ୍ଦୋଳନରେ ସାମିଲ ହେଉଥିବା ବିକେୟୁ ମୁଖପାତ୍ର ପୱନ ଖତାନା କହିଛନ୍ତି। ଯେଉଁଭଳି ବ୍ୟାରିକେଡ୍ କରାଯାଇଛି, ସରକାର ମାନବିକତା ଭୁଲିଯାଇଥିବା ଭଳି ଲାଗୁଛି। ପଶୁଙ୍କୁ ମଧ୍ୟ ଏଭଳି ଭାବରେ ରଖାଯାଏ ନାହିଁ ବୋଲି ଖତାନା କହିଛନ୍ତି। ଗାଜିପୁର ସୀମାକୁ ବନ୍ଦ କରିଦିଆଯାଇଛି। ଏନ୍ଏଚ୍ ୯, ୨୪ ଏବଂ ଅନ୍ୟାନ୍ୟ ରାସ୍ତାରୁ ଗାଡ଼ିଗୁଡ଼ିକୁ ଆନନ୍ଦବିହାର, ଚିଲ୍ଲା, ଡିଏନ୍‌ଡି, ଅପ୍‌ସରା, ଭୋପ୍ରା ଓ ଲୋନି ସୀମା ଦେଇ ଯିବାକୁ କୁହାଯାଇଛି।

### ବହୁସ୍ତରୀୟ ବ୍ୟାରିକେଡ୍ ବ୍ୟବସ୍ଥା

### ଗିରଫ ଚାଷୀଙ୍କୁ ନ ଛାଡ଼ିଲେ ଆଲୋଚନା ହେବନି

**ନୂଆଦିଲ୍ଲୀ, ୨।୨ (ପି.ଟି.):** ପୋଲିସ ଓ ପ୍ରଶାସନର ନିର୍ଯାତନା ବନ୍ଦ ନ ହେବା ଏବଂ ଗିରଫ ଚାଷୀଙ୍କୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ସରକାରଙ୍କ ସହ ଆନୁଷ୍ଠାନିକ ଆଲୋଚନା ଆରମ୍ଭ ହୋଇପାରିବ ନାହିଁ ବୋଲି ମଙ୍ଗଳବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ରାସ୍ତାରେ ଟ୍ରେଞ୍ଚ ଖୋଳି, କଣ୍ଟା ବିଛାଇ ଓ ତାରବାଡ଼ ଦେଇ, ଆଭ୍ୟନ୍ତରୀଣ ସଡ଼କଗୁଡ଼ିକୁ ବନ୍ଦ କରି, ଇଣ୍ଟରନେଟ ସେବା ବନ୍ଦ କରି ତଥା ଭାଜପା-ଆର୍‌ଏସ୍‌ଏସ୍ କର୍ମୀମାନଙ୍କ ଦ୍ୱାରା ବିକ୍ଷୋଭର ଆୟୋଜନ କରି ସରକାର, ପୋଲିସ ଓ ପ୍ରଶାସନ କୃଷକଙ୍କ ଉପରେ ଆକ୍ରମଣ ଚଳାଇଛି। ଆନ୍ଦୋଳନ ସ୍ଥଳରେ ଇଣ୍ଟରନେଟକୁ ବାରମ୍ବାର ଶଟ୍‌ଡାଉନ କରିବା ଏବଂ ଚାଷୀ ଆନ୍ଦୋଳନ ସହ ସମ୍ପୃକ୍ତ ଅନେକ ଟୁଇଟର ଆକାଉଣ୍ଟକୁ ବନ୍ଦ କରିଦେବା ଗଣତନ୍ତ୍ର ଉପରେ ସିଧାସଳଖ ଆକ୍ରମଣ ବୋଲି କୃଷକ ସଂଗଠନ କହିଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଅନୁରୋଧ କ୍ରମେ ଟୁଇଟର ଇଣ୍ଡିଆ ସୋମବାର ଏହାର ପ୍ଲାଟଫର୍ମରୁ ୨୫୦ ଆକାଉଣ୍ଟକୁ ବନ୍ଦ କରିଦେଇଥିଲା। ପରେ କେତେକ ଆକାଉଣ୍ଟକୁ ରିଆକ୍ଟିଭେଟ୍ କରାଯାଇଥିଲା। ଏଥିରୁ ଯାହା ଜଣାପଡୁଛି, ଆନ୍ଦୋଳନ ପ୍ରତି ବିଭିନ୍ନ ରାଜ୍ୟରୁ ସମର୍ଥନ ବଢୁଥିବାରୁ ସରକାର ଅତ୍ୟନ୍ତ ଭୟଭୀତ ହୋଇ ପଡ଼ିଛନ୍ତି ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା କହିଛି।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୪୧,୧୩,୮୭୩ | ୨୨,୫୩,୭୫୯ | ୭,୫୯,୬୪,୭୨୨ |
| ଭାରତ | ୧,୦୭,୭୭,୫୪୧ | ୧,୫୪,୭୦୫ | ୧,୦୪,୭୦,୬୮୩ |
| ଓଡ଼ିଶା | ୩,୩୫,୨୧୧ | ୧୯୦୬(+୫୩) | ୩,୩୨,୩୭୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପାରାଦୀପ-ବଡ଼ବିଲ ୮ ଲେନ୍ ରାସ୍ତା ହେବ

■ ମୁଖ୍ୟମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା
■ ଭୁବନେଶ୍ୱର ରିଂରୋଡ୍ ପ୍ରକଳ୍ପ ନେଇ ବିଚାରବିମର୍ଶ

**ଭୁବନେଶ୍ୱର,୨।୨(ବ୍ୟୁରୋ)**

ପାରାଦୀପ-ବଡ଼ବିଲ ମଧ୍ୟରେ ନିର୍ମାଣ ହେବ ଅର୍ଥନୈତିକ କରିଡର। ଏହି ରାସ୍ତାକୁ ୮ ଲେନ୍ ବିଶିଷ୍ଟ କରାଯିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଏ ନେଇ ଆଲୋଚନା କରିଛନ୍ତି। କେନ୍ଦୁଝରରୁ ୩୦୦ କି.ମି. ଏହି ରାସ୍ତା ଦ୍ୱାରା ପାରାଦୀପ ଅଞ୍ଚଳକୁ ଖଣିଜ ପରିବହନ ସୁଗମ ହୋଇପାରିବ। ଏହି ରାସ୍ତା ପାରାଦୀପରୁ ଆରମ୍ଭ ହୋଇ ଚଣ୍ଡିଖୋଲ- ଡୁବୁରି- କେନ୍ଦୁଝର- ରିମୁଳି- ବଡ଼ସାହି ଦେଇ ବଡ଼ବିଲରେ ଶେଷ ହେବ। ଏହି ପ୍ରସ୍ତାବିତ ଅର୍ଥନୈତିକ କରିଡ଼ର ଚଣ୍ଡିଖୋଲ ସମେତ କଳିଙ୍ଗନଗର ଇସ୍ପାତ୍ କ୍ଲଷ୍ଟରର ବିକାଶ କରିବାରେ ବଡ଼ ଭୂମିକା ଗ୍ରହଣ କରିବ। ଏହି ରାଜପଥ ଡୁବୁରି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତଥା ଇସ୍ପାତ୍, କୋଇଲା, ଲୁହା ଓ ଆଲୁମିନିୟମ କ୍ଷେତ୍ର ପାଇଁ ମଧ୍ୟ ଅନେକ ସମ୍ଭାବନା ଆଣିବ। ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଯୁବକଙ୍କ ପାଇଁ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିବ। ଗୋପାଳପୁରରୁ ସାତପଡ଼ା



ଭିଡିଓ କନ୍‌ଫରେନ୍ସରେ କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା।

ପାଇଁ ପ୍ରକଳ୍ପ କାମ ଲାଗି ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ଗଡ୍‌କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବୈଠକରେ ଓଡ଼ିଶାର ବିଭିନ୍ନ ରାଜପଥ ପ୍ରକଳ୍ପକୁ ନେଇ ବିଚାରବିମର୍ଶ ହୋଇଥିବା ବେଳେ ଦୀଘା-ଗୋପାଳପୁର ଉପକୂଳ ରାଜପଥ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଦିଗରେ ଆଲୋଚନା ହୋଇଛି। ୯ ହଜାର କୋଟି ଟଙ୍କା ଖର୍ଚ୍ଚରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଲାଇଫଲାଇନ୍ ହେବାକୁ ଯାଉଥିବା ଏହି ଉପକୂଳ ଜାତୀୟ ରାଜପଥ ଅଗ୍ରଗତି ନେଇ ଆଲୋଚନା ହୋଇଥିବା ବେଳେ ଗୋପାଳପୁରରୁ ସାତପଡ଼ା ପ୍ରକଳ୍ପ କାମ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବା ତଥା ଅନୁମତି ଦେବା ସକାଶେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶାର ସର୍ବବୃହତ୍ ରାଜପଥ ପ୍ରକଳ୍ପ କୋଷ୍ଟାଲ ହାଇୱେ ସମ୍ପୂର୍ଣ୍ଣ ହେଲେ ଏହା ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ମତ୍ସ୍ୟ ଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ଲଜିଷ୍ଟିକ୍‌କୁ ସୁବିଧା ଦେବା ସହ ପଣ୍ୟାଗାର ପରିବହନରେ ବିଶେଷ ଭାବରେ ସହାୟକ ହେବ।

ଏହି ବୈଠକରେ ଭୁବନେଶ୍ୱର ରିଂରୋଡ୍ ପ୍ରକଳ୍ପ ନେଇ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ଓଡ଼ିଶାରେ ବନ୍ଦର ଆଧାରିତ ଶିଳ୍ପାୟନର ଦ୍ରୁତ ଅର୍ଥନୀତିର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଧାମରାରେ ବନ୍ଦର ଆଧାରିତ ବିକାଶ କରିବା ନେଇ ଧାମରାକୁ ସଂଯୋଗ କରୁଥିବା ପ୍ରସ୍ତାବିତ ରାଜପଥ ପ୍ରକଳ୍ପଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗୋପାଳପୁର ବନ୍ଦର, ସୁବର୍ଣ୍ଣରେଖା ପ୍ରସ୍ତାବିତ ବନ୍ଦରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଉପରେ ମଧ୍ୟ ଏହି ବୈଠକରେ ଆଲୋଚନା କରାଯାଇଥିଲା ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଭର୍ଚ୍ଚୁଆଲ ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରମୁଖ ରାଜପଥ ପ୍ରକଳ୍ପ ଯଥା କେନ୍ଦୁଝରର ଜାତୀୟ ରାଜପଥ ପ୍ରକଳ୍ପ ଅଧୀନରେ ଥିବା ଏନ୍‌ଏଚ-୨୦ର ପାଣିକୋଇଲି-ରିମୁଳି ସେକ୍ସନ, ଏନ୍‌ଏଚ-୪୯ ସିଙ୍ଗରା ବିଞ୍ଝବାହାଲ ସେକ୍ସନ, ପ୍ରସ୍ତାବିତ ଅର୍ଥନୈତିକ କରିଡରରେ ପାରାଦୀପ -ବଡ଼ବିଲ, ପାରାଦୀପ-ଚଣ୍ଡିଖୋଲ, ଚଣ୍ଡିଖୋଲ-ଡୁବୁରି, ଡୁବୁରି-କେନ୍ଦୁଝର ରୋଡ୍, କେନ୍ଦୁଝର-ରିମୁଳି, ରିମୁଳି-ଭଦ୍ରସାହି, ଭଦ୍ରସାହି- ବଡ଼ବିଲ, ଭୁବନେଶ୍ୱର-ପୁରୀ ମଧ୍ୟରେ ୮ଲେନ୍ ବିଶିଷ୍ଟ ଏକ୍ସପ୍ରେସ୍ ୱେ, ବନ୍ଦରରୁ ରାସ୍ତା ସଂଯୋଗ ଅଧୀନରେ ଧାମରା, ଗୋପାଳପୁର, ସୁବର୍ଣ୍ଣରେଖା ବନ୍ଦର ଏବଂ ଅମ୍ପନୀ-ଜୟପୁର ଓ ରାୟପୁର- ବିଶାଖାପାଟଣା ଜାତୀୟ ରାଜପଥ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା।

# ପୋଲିଓ ବଦଳରେ ଶିଶୁଙ୍କୁ ସାନିଟାଇଜର ବୁନ୍ଦା

**ମୁମ୍ବାଇ, ୨।୨**



ଶିଶୁଙ୍କୁ ପୋଲିଓ ବୁନ୍ଦା ଦେବାରେ ବ୍ୟାପକ ଅବହେଳା ଦେଖିବାକୁ ମିଳିଛି ମହାରାଷ୍ଟ୍ରର ୟାଭତମାଲ ଜିଲାରେ। ଏହି ଜିଲାରେ ଏକ ଗାଁରେ ୧୨ ଶିଶୁଙ୍କୁ ପୋଲିଓ ବଦଳରେ ସାନିଟାଇଜର ବୁନ୍ଦା ଦିଆଯାଇଛି। ସମସ୍ତଙ୍କ ବୟସ ୫ରୁ କମ୍ ବର୍ଷ ହେବ। ଘଟଣା ଜଣାପଡିବା ପରେ ସେମାନଙ୍କୁ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଗତ ରବିବାର ୧ରୁ ୫ ବର୍ଷ ବୟସ ପିଲାଙ୍କ ପାଇଁ ପୋଲିଓ ଅଭିଯାନ ଚାଲିଥିବାବେଳେ ଏହା ଘଟିଥିଲା। ଶିଶୁଙ୍କୁ ସାନିଟାଇଜର ଦିଆଯିବା ପରେ ସେମାନେ ଅସୁସ୍ଥ ହୋଇ ବାନ୍ତି କରିଥିଲେ। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଦିଲ୍ଲୀର ୫୬ ପ୍ରତିଶତଙ୍କଠାରେ ଆଣ୍ଟିବଡି

**ନୂଆଦିଲ୍ଲୀ, ୨।୨**

ଦିଲ୍ଲୀ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି। ମୋଟ ୫୬.୧୩ ପ୍ରତିଶତ ଏଥିରୁ ସୁସ୍ଥ ହୋଇଥିବାବେଳେ ସେମାନଙ୍କ ଶରୀରରେ କରୋନା ବିରୋଧୀ ଆଣ୍ଟିବଡି ସୃଷ୍ଟି ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ମଙ୍ଗଳବାର ସୂଚନା ଦେଇଛନ୍ତି। ନିକଟରେ ହୋଇଥିବା ସେରୋଲୋଜିକାଲ ସର୍ଭେରୁ ଏହା ଜଣାପଡିଥିବା ସେ କହିଛନ୍ତି। ଜୈନ କହିଛନ୍ତି, ଜାନୁୟାରୀ ୧୫ରୁ ୨୩ ପର୍ଯ୍ୟନ୍ତ ୫ମ ଥର ପାଇଁ ସେରୋ ସର୍ଭେ କରାଯାଇଥିଲା। ଏହି ସର୍ଭେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ସବୁଠାରୁ ବଡ଼। ଦକ୍ଷିଣପଶ୍ଚିମ ଦିଲ୍ଲୀରେ ସର୍ବାଧିକ ୬୨.୧୮ ପ୍ରତିଶତ ଏବଂ ଉତ୍ତର ଦିଲ୍ଲୀରେ ସର୍ବନିମ୍ନ ୪୯.୦୯ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡି ବିକଶିତ ହୋଇଛି। ଏଥିସହ କରୋନାରେ ନୂଆ ଆକ୍ରାନ୍ତ, ହସ୍ପିଟାଲରେ ଭର୍ତ୍ତି ତଥା ମୃତ୍ୟୁ ସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି। ଦିଲ୍ଲୀ ଗୋଷ୍ଠୀ ରୋଗ ପ୍ରତିରୋଧକ ଶକ୍ତି ହାସଲ ଆଡ଼କୁ ଗତି କରୁଛି ବୋଲି ଜୈନ ପ୍ରକାଶ କରିଛନ୍ତି।

# ନେତାଜୀ ବସ୍ ଟର୍ମିନାଲ ନିର୍ମାଣରେ ସ୍ଥଗିତାଦେଶ

**କଟକ ଅଫିସ୍, ୨।୨**

**କାଳୀ ମନ୍ଦିର ନ ଭାଙ୍ଗିବାକୁ ପ୍ରଶାସନକୁ ନିର୍ଦ୍ଦେଶ**

କଟକ ଖାନ୍‌ନଗରଠାରେ ନିର୍ମାଣ ହେବାକୁ ଥିବା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ ପ୍ରକଳ୍ପ ନିର୍ମାଣରେ ଲାଗିଛି ରୋକ୍। ପ୍ରସ୍ତାବିତ ୧୨ଏକର ପରିମିତ ବସ୍ ଟର୍ମିନାଲ ପ୍ରକଳ୍ପ ମଧ୍ୟରେ ଥିବା କାଳୀ ମନ୍ଦିରକୁ ନ ଭାଙ୍ଗିବା ପାଇଁ ମଙ୍ଗଳବାର ହାଇକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି। ସ୍ଥାନୀୟ କେତେଜଣ ବାସିନ୍ଦାଙ୍କ ଦ୍ୱାରା କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଅଦାଲତ ସ୍ଥାନୀୟ ପ୍ରଶାସନକୁ ଉକ୍ତ ପ୍ରକଳ୍ପ ସ୍ଥାନ ଉପରେ ଥିବା ମନ୍ଦିରର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ସ୍ଥିତାବସ୍ଥା ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।





ଗତ ୨୩ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାନ୍‌ନଗରଠାରେ ଆନ୍ତଃରାଜ୍ୟ ବସ୍ ଟର୍ମିନାଲର ଶିଳାନ୍ୟାସ କରିଥିଲେ। ୬୫କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ବ୍ୟୟ ଅଟକଳ କରାଯାଇଛି। ଏଥିରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ଅତ୍ୟାଧୁନିକ ସୁବିଧା ବ୍ୟବସ୍ଥା ରହିବା ସହ ୩ମହଲା ବିଶିଷ୍ଟ ଟର୍ମିନାଲ ରହିବ। ଏକକାଳୀନ ୧୮୦ ବସ୍, ୨୪୭ ଗାଡ଼ି ପାର୍କିଂ, ଗାଡ଼ି ମରାମତି ଏବଂ ରକ୍ଷଣାବେକ୍ଷଣ ସୁବିଧା ମଧ୍ୟ ଉପଲବ୍ଧ ହୋଇପାରିବ। ଏବେ ହାଇକୋର୍ଟ ବସ୍ ଟର୍ମିନାଲ୍ ଉପରେ ସ୍ଥଗିତାଦେଶ ଜାରି କରିବା ପରେ ଏହାର ଭବିଷ୍ୟତ ନିର୍ମାଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଗତ ସପ୍ତାହରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବସ୍ ଟର୍ମିନାଲ ପ୍ରକଳ୍ପକୁ ନେଇ ପ୍ରଶ୍ନ ଉଠାଇଥିଲେ। ଖାନ୍‌ନଗରରେ ବସ୍ ଟର୍ମିନାଲ ପ୍ରକଳ୍ପ ନିର୍ମାଣ କରିବା ନେଇ ନିଷ୍ପତ୍ତି ରାଜ୍ୟ ସଚିବାଳୟରେ ନିଆଯାଇଛି। ଏହି ନିଷ୍ପତ୍ତି ନେବା ସମୟରେ ସ୍ଥାନୀୟ ଏମ୍‌ପି ଭାବରେ ତାଙ୍କର ମତାମତ ନିଆଯାଇ ନ ଥିଲା। ପ୍ରସ୍ତାବିତ ସ୍ଥାନରେ ବସ୍ ଟର୍ମିନାଲ୍ ନିର୍ମାଣ କରାଗଲେ ମନ୍ଦିର ସହ ଏକ ବୃହତ୍ ଗ୍ରନ୍ଥାଗାର ଏବଂ ପଡ଼ିଆ ଉଚ୍ଛେଦ ହେବ। ଏପରି କି ଏହି ପ୍ରକଳ୍ପ ନିମନ୍ତେ ସ୍ଥାନୀୟ ଲୋକଙ୍କ ମତାମତ ମଧ୍ୟ ନିଆଯାଇ ନ ଥିବା ଭର୍ତ୍ତୃହରି କହିଥିଲେ।

# ମୁକୁଳିଲେ ଡାନିଏଲ ପର୍ଲଙ୍କ ହତ୍ୟା ଅଭିଯୁକ୍ତ

**ଇସଲାମାବାଦ, ୨।୨**

ଆମେରିକୀୟ ଖବରଦାତା ଡାନିଏଲ ପର୍ଲଙ୍କୁ ଅପହରଣ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଅଲକାଏଦା ଆତଙ୍କବାଦୀ ଅହମ୍ମଦ ଓମାର ସଇଦ ଶେଖଙ୍କୁ ଜେଲରୁ ମୁକ୍ତ କରିଛନ୍ତି ପାକିସ୍ତାନ ସୁପ୍ରିମକୋର୍ଟ। ଡାନିଏଲ ପର୍ଲ 'ଦି ୱାଲ ଷ୍ଟ୍ରିଟ ଜର୍ନାଲର ଦକ୍ଷିଣ ଏସିଆ କ୍ଷେତ୍ରରେ ବ୍ୟୁରୋ ମୁଖ୍ୟ ଥିଲେ। ୨୦୦୨ରେ ପାକିସ୍ତାନ ଗୋଇନ୍ଦା ବିଭାଗ ଆଇଏସ୍‌ଆଇ ଏବଂ ଅଲକାଏଦା ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଷ୍ଟୋରି ପ୍ରସ୍ତୁତ କରିବାକୁ ଉଦ୍ୟମ କରିଥିଲେ। ସେହି ସମୟରେ ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା। ପାକିସ୍ତାନ କୋର୍ଟ ଅହମ୍ମଦ ଓ ତାଙ୍କ ୩ ସହଯୋଗୀ ଫହାଦ ନାସିମ୍, ଶେଖ ଆଦିଲ ଓ ସଲମାନ ସାକିବଙ୍କୁ ଜେଲରୁ ମୁକ୍ତ କରିବା ବିରୋଧରେ ପାକିସ୍ତାନ ସରକାରଙ୍କ ପକ୍ଷରୁ କରାଯାଇଥିବା ଅପିଲକୁ ଖାରଜ କରିଦେଇଥିଲେ। ଦୋଷୀଙ୍କୁ ନ ମୁକୁଳାଇବାକୁ ଆମେରିକା ବାରମ୍ବାର କହିବା ସତ୍ତ୍ୱେ ପାକିସ୍ତାନ କୋର୍ଟ ଅଭିଯୁକ୍ତ ଅହମ୍ମଦଙ୍କୁ ମୁକ୍ତ କରିଛନ୍ତି। ଏହାକୁ ଆମେରିକା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

# ଚାଷୀ ଆନ୍ଦୋଳନ ଉପରେ ଆଲୋଚନା ଦାବିରେ ବିରୋଧୀଙ୍କ କକ୍ଷତ୍ୟାଗ

**ନୂଆଦିଲ୍ଲୀ, ୨।୨**

ନୂଆ କୃଷି ଆଇନ ବିରୋଧରେ ଚାଷୀମାନେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ହେଲା ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ଏହା ଉପରେ ଆଲୋଚନା ପାଇଁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ରାଜ୍ୟ ସଭାରେ ଦାବି କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ ଅଚଳ ହୋଇପଡ଼ିଥିଲା। ଫଳରେ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ, ଟିଏମ୍‌ସି, ବାମଦଳ, ଡିଏମ୍‌କେ ପ୍ରମୁଖ ବିରୋଧୀ ଦଳଗୁଡ଼ିକ ଚାଷୀ ଆନ୍ଦୋଳନ ଉପରେ ଆଲୋଚନା ଦାବି କରିଥିଲେ। ସେମାନେ ରୁଲ୍ ୨୬୭ ଅନୁଯାୟୀ ନୋଟିସ ଦେଇ ଗୃହର ସମସ୍ତ କାର୍ଯ୍ୟକୁ ବନ୍ଦ ରଖି ଚାଷୀ ଆନ୍ଦୋଳନ ଉପରେ ଆଲୋଚନା ପାଇଁ ଅଡିବସିଥିଲେ। ଏଥିପାଇଁ ଅଧ୍ୟକ୍ଷ ଅନୁମତି ନ ଦେବାରୁ ସେମାନେ ଗୃହ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବାରମ୍ବାର ମୁଲତବୀ ସତ୍ତ୍ୱେ ଅଚଳାବସ୍ଥା ଜାରି ରହିବାରୁ ଶେଷରେ

**ରାଜ୍ୟ ସଭା ମୁଲତବୀ**

ଉପାଧ୍ୟକ୍ଷ ହରିବଂଶ ଦିନକ ପାଇଁ ରାଜ୍ୟ ସଭାକୁ ମୁଲତବୀ ଘୋଷଣା କରିଥିଲେ। ମୁଲତବୀ ପୂର୍ବରୁ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ମଙ୍ଗଳବାର ରାଜ୍ୟ ସଭାରେ ୪ଟି ବିଲ୍ ଉପରେ ଆଲୋଚନା ହୋଇ ଗୃହୀତ ହେବାର ଥିଲା। ସେଗୁଡ଼ିକ ହେଲା ବୃହତ ବନ୍ଦର କର୍ତ୍ତୃପକ୍ଷ ବିଲ୍, ୨୦୨୦; ଖାଦ୍ୟ ପ୍ରଯୁକ୍ତି ଜାତୀୟ ଅନୁଷ୍ଠାନ,ଉଦ୍ୟମଶୀଳତା ଓ ପରିଚାଳନା ବିଲ୍, ୨୦୧୯; ମେଡ଼ିକାଲ ଟର୍ମିନେଶନ ଅଫ୍ ପ୍ରେଗ୍ନାନ୍ସି (ସଂଶୋଧନ) ବିଲ୍,୨୦୨୦ ଏବଂ ନ୍ୟାଶନାଲ କମିଶନ ଫର୍ ଆଲାଏଡ୍ ଆଣ୍ଡ ହେଲ୍‌ଥକେୟାର ପ୍ରଫେସନ୍ସ ବିଲ୍, ୨୦୨୦। ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ କୌଣସି ବିଲ୍ ଉପରେ ଆଲୋଚନା ହୋଇପାରି ନ ଥିଲା।

ସେହିପରି ଲୋକ ସଭା ଆରମ୍ଭରୁ ବିରୋଧୀ ଦଳଗୁଡିକ ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ନାରାବାଜି କରିବାରୁ ଗୃହକୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କର: ହାଇକୋର୍ଟ

**ସାଧାରଣତନ୍ତ୍ର ଦିବସ ହିଂସା**



**ନୂଆଦିଲ୍ଲୀ, ୨।୨**

ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀରେ ଘଟିଥିବା ହିଂସାକାଣ୍ଡରେ ସମ୍ପୃକ୍ତ ଯେଉଁ ବ୍ୟକ୍ତିମାନଙ୍କ ନାଁରେ ଏତଲା ହୋଇଛି, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର ଓ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଅଟକ ରଖିଥିବା ଲୋକମାନଙ୍କୁ ତୁରନ୍ତ ଛାଡ଼ିଦେବା ପାଇଁ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ମୁଖ୍ୟ ବିଚାରପତି ଡି.ଏନ୍. ପଟେଲ ଏବଂ ଜଷ୍ଟିସ୍ ଜ୍ୟୋତି ସିଂଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଉକ୍ତ ପିଆଇଏଲ୍‌କୁ ଖଣ୍ଡପୀଠ ଏକ ପ୍ରଚାର ସ୍ୱାର୍ଥ ମାମଲା ବୋଲି କହିଛନ୍ତି। ଜଣେ ଆଇନ ଛାତ୍ର ଏହି ପିଟିଶନ ଦାଏର କରିଥିଲେ। ଜାନୁୟାରୀ ୨୬ କୃଷକଙ୍କ ଟ୍ରାକ୍ଟର ରାଲି ହିଂସାକାଣ୍ଡରେ ପରିଣତ ହୋଇଥିଲା। ଏହିଘଟଣାରେ ପୋଲିସ ୨୨ ଏତଲା ଦାଏର କରିବା ସହ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖିଥିଲା। ଏଥିପାଇଁ ଗିରଫ ମେମୋରେ ସ୍ୱାକ୍ଷର ହୋଇ ନ ଥିବା ଓ ଉକ୍ତ ବ୍ୟକ୍ତିଙ୍କ ପରିବାରକୁ ଜଣାଇଦିଆଯାଇ ନ ଥିବା ଆଇନଜୀବୀ ଅସୀମା ମଣ୍ଡଳ କୋର୍ଟଙ୍କୁ କହିଥିଲେ। ସେମାନଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇ ନ ଥିବାରୁ ଏହା ବେଆଇନ ଅଟକ ବୋଲି ସେ ଯୁକ୍ତି ଦର୍ଶାଇଥିଲେ।

# 'ନିଖୋଜ' ୭୦ ଦିଲ୍ଲୀ ଜେଲରେ

ଚଣ୍ଡିଗଡ଼, ୨।୨: ସାଧାରଣତନ୍ତ୍ର ଦିବସ ହିଂସା ପରଠାରୁ ନିଖୋଜ ଚାଷୀଙ୍କ ମଧ୍ୟରୁ ୭୦ ଜଣ ଦିଲ୍ଲୀ ଜେଲରେ ଥିବା କହିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ। ୮୯ ଜଣ ନିଖୋଜଙ୍କ ଭିତରୁ ବିଭିନ୍ନ ସ୍ଥାନରେ ଆଉ ୧୪ ଜଣଙ୍କ ଠିକଣା ମିଳିଥିବାବେଳେ ଆହୁରି ୫ ଜଣଙ୍କ ପତ୍ତା ମିଳି ନ ଥିବା ସେ କହିଛନ୍ତି। ଏ ନେଇ ଅଭିଯୋଗ କରିବାକୁ ପୂର୍ବରୁ ଅମରିନ୍ଦର '୧୧୨' ହେଲ୍ପଲାଇନ ନମ୍ବର ଜାରି କରିଥିଲେ। ଆଡଭୋକେଟ ଜେନେରାଲ ଅତୁଲ ନନ୍ଦଙ୍କ ଟିମ୍ ଜେଲରେ ଥିବା ଚାଷୀଙ୍କୁ ମାଗଣା ଆଇନଗତ ସହାୟତା ଯୋଗାଇଦେବାକୁ ନିୟୋଜିତ କରାଯାଇଥିବା ଅମରିନ୍ଦର କହିଛନ୍ତି। କୃଷକଙ୍କ ସହାୟତା ପାଇଁ ତାଙ୍କ ସରକାର ସବୁ ପ୍ରକାର ବ୍ୟବସ୍ଥା କରିବେ ବୋଲି ସେ ପ୍ରକାଶ କରିଛନ୍ତି।







**ଆଜିର ମନ୍ତବ୍ୟ**

“ଭାରତ ଏହାର ପ୍ରତିରକ୍ଷା ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ରହିପାରିବ ନାହିଁ।

– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବିଘ୍ନେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଲ କହୁଥିଲେ ଭାଇ**
**ଭଲ କହୁଥିଲେ ସାଇପଡ଼ିଶା**
**ଶୁଣି କରୁଥିଲି ଟାହି।**

ହିତାକାଂକ୍ଷୀ, ଶୁଭେଚ୍ଛୁକ ତଥା ଗୁରୁଜନ ବ୍ୟକ୍ତି ସଦାସର୍ବଦା ହିତ କଥା ହିଁ କହିଥାନ୍ତି। କେଉଁଟା ଉଚିତ ଅନୁଚିତ ଭଲ ଭାବେ ଅବଗତ କରାଇଥାନ୍ତି। ପରନ୍ତୁ ଆଖିରେ ଅନ୍ଧପୁଟୁଳି ବାନ୍ଧିଥିବା ବ୍ୟକ୍ତି ନିଜର ଦମ୍ଭପଣିଆ ଦେଖାଇ ସେସବୁକୁ ଭ୍ରୂକ୍ଷେପ ନ କରି ମନମୁଖି କାର୍ଯ୍ୟ କରିବସିଥାନ୍ତି। ତେବେ କେଉଁଟା ଭଲ କେଉଁଟା ଭେଲ ଜାଣିଲାବେଳକୁ ନେଡିଗୁଡ଼ କହୁଣିକୁ ବୋହି ଯାଇଥାଏ। ଫଳସ୍ୱରୂପ କେବଳ ମନସ୍ତାପ କରିବା ଛଡ଼ା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାତ ପାଖକୁ ଭାତୁଆ ଆସେ**
**ଭାତୁଆ ପାଖକୁ ଭାତ ନ ଆସେ।**

ଖାଦ୍ୟ ଯୋଗାଡ ପାଇଁ ଲୋଡ଼ା ଅର୍ଥ, ଯାହାକି କଠିନ ପରିଶ୍ରମ ବା କାର୍ଯ୍ୟ ଦ୍ୱାରା ମିଳିଥାଏ। କାମ କଲେ ପେଟ ଅପୋଷା ରହି ନ ଥାଏ। ତେବେ କାମଦାମ ନ କରି ଖାଲିଟାରେ ଘରେ ବସି ରହିଲେ ପେଟକୁ ଦାନା ଯୋଗେଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ପୋଲିସକୁ ଡେମୋ...

ସମ୍ପର୍କରେ ସ୍ପଷ୍ଟ ହୋଇ ପାରିନାହିଁ। ଏ ସମ୍ପର୍କରେ ତର୍ଜମା କରିବା ପାଇଁ ଝରାଫୁଲଙ୍କ ବଡ଼ଭାଇଙ୍କ ମୋବାଇଲକୁ ରଖାଯାଇଛି ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଭୁବନେଶ୍ୱର ଶିବ ସାହି ଗେଷ୍ଟ ହାଉସର ୨ କର୍ମଚାରୀଙ୍କୁ କୁଆଖିଆ ପୋଲିସ ଡାକି ଜୋର କରିଛି। ରାକେଶ ପୋଲିସ ସମ୍ମୁଖରେ କୌଣସି ସତ କହି ନ ଥିବା ଝରାଫୁଲଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ଯେଉଁଦିନ ଡାକିବ, ଆମେ ଥାନାକୁ ଆସିବୁ ବୋଲି ରମାକାନ୍ତ କହିଛନ୍ତି। ରାକେଶଙ୍କ ସହଯୋଗୀଙ୍କୁ ଗିରଫ କରିଛି ନା ନାହିଁ ଓ ମୃତଦେହ ନେବା ପାଇଁ ବ୍ୟବହୃତ ସ୍କୁଟିକୁ ଜବତ କରାଯାଇଛି ନାହିଁ ସେ ସମ୍ପର୍କରେ ପୋଲିସଠାରୁ କୌଣସି ସୂଚନା ମିଳିପାରିନାହିଁ। ତଦନ୍ତ ଅଧିକାରୀ ଚିନ୍ମୟ କୁମାର ନାୟକ କହିଛନ୍ତି, ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଏହି ଘଟଣାର ପର୍ଦ୍ଦାଫାଶ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

## ଅଣଧାନ ଫସଲକୁ...

ଫସଲ କରୁଛନ୍ତି ସେମାନଙ୍କୁ ବଜାର ସୁବିଧା ମିଳୁ ନାହିଁ। ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଉତ୍ପାଦିତ ଧାନର ଅଭାବୀ ବିକ୍ରିକୁ ନେଇ ବିରୋଧୀ ଦଳ ହୋହଲ୍ଲା କରୁଥିବା ବେଳେ ସରକାର ଅଣଧାନ ଫସଲକୁ ଅଣଦେଖା କରୁଛନ୍ତି।

କୃଷି ଉପରେ ରାଜ୍ୟର ଶତକଡ଼ା ୮୦ ଭାଗ ଲୋକ ନିର୍ଭର କରୁଛନ୍ତି। କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୬୧ ଲକ୍ଷ ହେକ୍ଟର ଚାଷ ଜମି ରହିଛି। ସେଥିରୁ ୨୯.୧୪ ଲକ୍ଷ ହେକ୍ଟର ଢିପ ଜମି ଥିବା ବେଳେ ୧୭.୫୫ ଲକ୍ଷ ହେକ୍ଟର ମଧ୍ୟମ ଏବଂ ୧୫.୧୧ ଲକ୍ଷ ହେକ୍ଟର ଖାଲୁଆ ଜମି ରହିଛି। ସେହି ଜମିରୁ ମାତ୍ର ୩୪ ପ୍ରତିଶତ ଜଳସେଚନ ବ୍ୟବସ୍ଥା ଥିବା ବେଳେ ୬୬ ପ୍ରତିଶତ ଜମି ବର୍ଷା ପାଣି ଉପରେ ନିର୍ଭର କରିଥାଏ। ଗତ କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନ କାରଣରୁ ବର୍ଷା ହ୍ରାସ ପାଇବାରେ ଲାଗିଛି। ରାଜ୍ୟରେ ଜୁନ୍‌ରୁ ଅକ୍ଟୋବର ମଧ୍ୟରେ ସ୍ୱାଭାବିକ ୧୫୦୨.୫ ମିଲିମିଟର ବର୍ଷା ହୋଇଥାଏ। ତେବେ ଗତ କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ୱାଭାବିକ ବର୍ଷା ୧୨୫୬.୭ ମିଲିମିଟରକୁ ଖସି ଆସିଲାଣି। ଏପରି କି ଗୋଟିଏ ବର୍ଷରେ ମଧ ୯୦୦ ମିଲିମିଟରରୁ କମ୍ ବର୍ଷା ହେବାର ନଜିର ରହିଛି।

ଭଲ ବର୍ଷା ହେଉ ନ ଥିବାରୁ ଧାନ ଚାଷ ମଧ ଆଗାମୀ ଦିନରେ ପ୍ରଭାବିତ ହେବା ଆଶଙ୍କା ରହିଛି। ଅଣଧାନ ଫସଲ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ରାଜ୍ୟରେ ଏହି ଚାଷ ଉପରୁ ଚାଷୀ ମୁହଁ ଫେରାଇ ନେଉଛନ୍ତି। ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ରାଜ୍ୟରେ ଡାଲିଜାତୀୟ ଫସଲ ୧୯୭୧ରେ ପ୍ରତି ହେକ୍ଟରରେ ୫୫୨ କେଜି ହେଉଥିବା ବେଳେ ଏବେ ତାହା ୪୯୭ କେଜିକୁ ଖସି ଆସିଛି। ତେବେ ତୈଳବୀଜ ଜାତୀୟ ଫସଲ ପ୍ରତି ହେକ୍ଟରରେ ୬୫୨ କେଜି ହେଉଥିବା ବେଳେ ଏଥିରେ ସାମାନ୍ୟ ବୃଦ୍ଧି ହୋଇ ୮୪୮ କେଜିରେ ପହଞ୍ଚିଛି। ମିଳିଥିବା ସୂଚନା ଅନୁଯାୟୀ ସମୁଦାୟ ଶସ୍ୟ ଉତ୍ପାଦନର ମାତ୍ର ୪.୬୨ ପ୍ରତିଶତ ଡାଲିଜାତୀୟ ଫସଲ ଉତ୍ପାଦନ ହେଉଥିବା ବେଳେ ତୈଳବୀଜ ୧.୭୬, ତନ୍ତୁଜାତୀୟ ୧.୫୭, ଆଖୁ ୦.୧୯ ଏବଂ ନାର୍କୋଟିକ ୧.୫୮ ଉତ୍ପାଦନ ହେଉଛି। ତୈଳବୀଜ ଓ ଡାଲିଜାତୀୟ ଫସଲ ଚାଷ କମୁଥିବାରୁ ଓଡ଼ିଶାକୁ ପଡୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। କେବଳ ଚାଷ କମି ନାହିଁ ଚାଷୀମାନେ ସାଇତି ରଖୁଥିବା ପାରମ୍ପରିକ ବିହନ ମଧ ଲୋପ ହୋଇ ଯାଉଛି। ଆଳୁ ଓ ପିଆଜ ମଞ୍ଜି ମଧ ଓଡ଼ିଶାରୁ ଉଭାନ ହୋଇ ଗଲାଣି। ଆଳୁ ଓ ପିଆଜ ମଞ୍ଜି ପାଇଁ ପଞ୍ଜାବ ଉପରେ ନିର୍ଭର କରିବାକୁ ପଡୁଛି। ପାରମ୍ପରିକ ଝୋଟ ଚାଷ ମଧ ଉଜୁଡ଼ି ଗଲାଣି। ୧୯୬୧ରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ ଭଳି ଜିଲାର ୪୦ ହଜାର ହେକ୍ଟରରେ ଝୋଟ ଚାଷ ହେଉଥିଲା। ଏବେ ଏହା ୧୧ ହଜାର ହେକ୍ଟରକୁ ଖସି ଗଲାଣି।

ଚାଷୀ ରାମ ଚନ୍ଦ୍ର ପରିଡ଼ା କହିଛନ୍ତି ଯେ ଧାନ ଚାଷ ଏବେ ଆମର ମୁଖ୍ୟ ବେଉସା। ଆଗରୁ ବିରି, ମୁଗ, କୋଳଥ, ଚଣା ହେଉଥିଲା। ଏବେ ସେ ସବୁ ଆଉ କରୁ ନାହୁଁ। ବିହନ ମୂଲ୍ୟ ବଢ଼ିବା ସାଙ୍ଗକୁ ଚାଷରେ ଖର୍ଚ୍ଚ ବଢ଼ି ଯାଉଛି। ଯାହା ଉତ୍ପାଦନ ହେଉଛି ସେସବୁ ଅଦରଦରରେ ବିକିବାକୁ ପଡୁଛି। ଏଥିପାଇଁ ଧାନ ଫସଲ ଛାଡ଼ିଦେଲେ ଅନ୍ୟ ଚାଷ କରି କିଛି ଲାଭ ନାହିଁ।

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୃଷି ପାଣିପାଗବିତ୍ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ଅନେକ ସମୟରେ ଚାଷ ବିଳମ୍ବ ହେଉଛି। ଉଚ୍ଚା ଜମିରେ ଧାନ ଫସଲ ହେଉ ନାହିଁ। ଅଣଧାନ ଫସଲ ପାଇଁ ସରକାର ଗୁରୁତ୍ୱ ଦେବା ଦରକାର। କେବଳ ଧାନ ଫସଲ ହେଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ। କମ୍ ପାଣିରେ ଡାଲି , ତୈଳବୀଜ ଓ ଆଖୁ, ଝୋଟ ଭଳି ଅନ୍ୟାନ୍ୟ ଅର୍ଥକରୀ ଫସଲ କରାଯାଇପାରନ୍ତା। ଚାଷୀମାନେ ଲାଭବାନ ହୋଇପାରନ୍ତେ। ସରକାର ଏ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ସହ ଚାଷୀଙ୍କୁ ପ୍ରୋତ୍ସାହନ କରିବା ସହିତ ନିର୍ଦ୍ଧାରିତ ସମୟରେ ବିହନ, ସାର ଓ କୀଟନାଶକ ଯୋଗାଇ ଦେବା ଦରକାର।

କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଚାଷୀଙ୍କଠାରୁ ୧ ହଜାର ପ୍ରକାର ପାରମ୍ପରିକ ଧାନ ବିହନ ସଂଗ୍ରହ କରି ୨ଟି ଜିନ୍ ବ୍ୟାଙ୍କରେ ୪ରୁ ୫ ବର୍ଷ ଯାଏ ୪ ଡିଗ୍ରୀ ସେଲ୍‌ସିୟସରେ ଓ ୩୩ ପ୍ରତିଶତ ଆର୍ଦ୍ରତାରେ ରଖିବା ବ୍ୟବସ୍ଥା କରାଯାଇଛି। ଅନ୍ୟଟି ୩୦ରୁ ୪୦ ବର୍ଷ ଯାଏ -୨୦ ଡିଗ୍ରୀ ସେଲ୍‌ସିୟସରେ ରଖିବା ପାଇଁ ରାଜ୍ୟ ବିହନ ପରୀକ୍ଷାଗାର ସ୍ଥାପନ କରାଯାଇଛି। ଓଡ଼ିଶାରେ ଆଳୁର ମଞ୍ଜି ଉତ୍ପାଦନ କରିବା ପାଇଁ ୱାର୍ଲଡ ପଟାଟୋ ସେଣ୍ଟର ପ୍ରସ୍ତାବ ରହିଛି। ଅର୍ଥକରୀ ଫସଲ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ସହ ତାଲିମ ଦିଆଯାଉଛି ।

## ୧୦ରୁ ପିଜି ପ୍ରଥମ...

ସ୍କୁଲ, କଲେଜ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଉଛନ୍ତି। କରୋନା କୋପ ଯୋଗୁ ଦୀର୍ଘ ୧୦ ମାସ ହେବ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ଶିକ୍ଷାଦାନ ଏକ ପ୍ରକାର ଠପ୍ ହୋଇପଡ଼ିଥିଲା। ଏବେ ସ୍ଥିତିରେ ସୁଧାର ଆସିଥିବାରୁ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲାଯାଉଛି। ପୂର୍ବରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ଖୋଲିସାରିଥିବା ବେଳେ ଆସନ୍ତା ୮ତାରିଖରୁ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲାଯିବ। ଗତ ସୋମବାରଠାରୁ ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ମଧ ଖୋଲି ସାରିଛି। ସେହିଭଳି ପ୍ରାଥମିକ ସ୍କୁଲ ଖୋଲାଯିବା ନେଇ ଏସ୍‌ଓପି ପ୍ରସ୍ତୁତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ସିବିଏସ୍‌ଇ ଦଶମ,...

ହେବ। ଏଥିପାଇଁ ଛାତ୍ରୀଛାତ୍ରମାନେ ୧୦ଟା ପୂର୍ବରୁ ପରୀକ୍ଷା ହଲ୍‌ରେ ପହଞ୍ଚିବେ। ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ ଏବଂ ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହେବ। ସେହିପରି ଦ୍ୱିତୀୟ ଶିଫ୍ଟ ଅପରାହ୍ନ ୨ଟା ୩୦ରୁ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ୩୦ରେ ଶେଷ ହେବ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଅପରାହ୍ନ ୨ଟା ସୁଦ୍ଧା ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ପଡ଼ିବ। ଅପରାହ୍ନ ୨ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ ଏବଂ ୨ଟା ୩୦ରେ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ସମ୍ପର୍କରେ ଅଧିକ ସୂଚନା ସିବିଏସ୍‌ଇର www.cbse.nic.inରେ ଉପଲବ୍ଧ ରହିଛି। ଛାତ୍ରୀଛାତ୍ରମାନେ ଏହି ୱେବ୍‌ସାଇଟ୍‌କୁ ଯାଇ ସମସ୍ତ ତଥ୍ୟ ପାଇପାରିବେ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

## ମେ’ ୨ରୁ...

ପ୍ରକ୍ରିୟା ଫେବୃୟାରୀ ୨ରୁ ଆରମ୍ଭ ହେବ। ଆଶାୟୀ ପରୀକ୍ଷାର୍ଥୀମାନେ ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ ଓ ୩ତାରିଖ ସୁଦ୍ଧା ପରୀକ୍ଷା ଫି’ ଦେଇପାରିବେ। ପରୀକ୍ଷାର ଅବଧି ତିନି ଘଣ୍ଟା ରହିବ। ଦୁଇଟି ଶିଫ୍ଟରେ ପରୀକ୍ଷା ହେବ। ପ୍ରଥମ ଶିଫ୍ଟ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଦ୍ୱିତୀୟ ଶିଫ୍ଟ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ ଚାଲିବ। ସେହିଭଳି ପେପର-୧ର ପରୀକ୍ଷା ୧୦୦ ମାର୍କ ରହିଥିବା ବେଳେ ପେପର-୨ର ପରୀକ୍ଷା ୨୦୦ ମାର୍କ ରହିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଓ ମଙ୍ଗଳଙ୍କ ଷଡାଷ୍ଟକ ସ୍ଥିତି କାରଣରୁ ମନ ଅନୁଯାୟୀ କାମ କରିପାରିବେ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ଟେନ୍ସନ ଉପୁଜିଲେ ମଧ ମନୋବଳ ହେତୁ କର୍ମକ୍ଷେତ୍ରରେ ସମ୍ମାନିତ ହେବେ। ବିବାଦୀୟ ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ମଧ ଶିଥିଳତା ଦେଖାଦେଇପାରେ।

**ବୃଷ** ଦକ୍ଷତା ହେତୁ ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ଭଲ ଲାଭବାନ୍ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷହେବା ପୂର୍ବରୁ କଳହର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମସ୍ୟା ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ।

**ମିଥୁନ** ବୃହସ୍ପତି ଭାଗ୍ୟସ୍ଥ ହେତୁ ପରିସ୍ଥିତିକୁ ଲକ୍ଷ୍ୟକରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ବ୍ୟବସାୟୀମାନେ ବ୍ୟବସାୟରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିବେ। ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, କଳା, କାରିଗରୀ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ** ଆଜି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରାରେ ବନ୍ଧୁମିଳନର ସୁଯୋଗଲାଭ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବାର ସମ୍ଭାବନା ରହିଛି। ଏଥି ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅଫିସ୍‌ରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** ବୁଧ ଓ ଶୁକ୍ର ଷଷ୍ଠଭାବସ୍ଥ ଯୋଗୁ ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆବଶ୍ୟକୀୟ ସମର୍ଥନ ପାଇବା କାରଣରୁ ଆତ୍ମୀୟଙ୍କ ପ୍ରଶଂସାରେ ଶତମୁଖ ହୋଇପାରନ୍ତି। ସରକାରୀ କାମରେ ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ। ପାରିବାରିକ କ୍ଷେତ୍ରରେ ଅର୍ଥ ସଂକଟ ଲାଗି ରହିପାରେ।

**କନ୍ୟା** ଶନି ସହ ବୁଧଙ୍କ ସମ୍ବନ୍ଧରୁ ଆଜିଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ବିବାଦୀୟ ଘଟଣା, ଜମିଜମା କଳହରେ ତଥା ମାଲିମକଦ୍ଦମା ସମାଧାନ ହୋଇଯିବ। ସାଧାରଣ କଥାରୁ ପରିବାରରେ ଉତ୍‌କ୍ଷିପ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଗୌରବାର୍ଜନ କରିବେ।

**ତୁଳା** ବୃହସ୍ପତି ଓ ଶୁକ୍ରଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବିଛା** ଆଜି କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଦ୍ୱିତୀୟଭାବରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିବେ। କୌଣସି ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେବ। ଅଫିସ୍ କାମରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଅଫିସ୍‌ର କୌଣସି ସଙ୍କଟଜନକ ସ୍ଥିତି ସମାଧାନ ହୋଇଯିବ। ଏକାଦଶସ୍ଥ ଚନ୍ଦ୍ରହେତୁ ବ୍ୟବସାୟ, ପରିବହନ, ସଭାସମିତି ଓ ରାଜନୈତିକ କ୍ଷେତ୍ରରୁ ସୁଫଳ ପାଇବେ।

**ମକର** ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ପରିବାରରେ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ରାଜନୈତିକ କ୍ଷେତ୍ର ସମସ୍ୟାବହୁଳ ରହିବ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବ୍ୟୟଭାବସ୍ଥ ଏକାଧିକ ଗ୍ରହଜନିତ ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ସାମାଜିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ** ଯେକୌଣସି କାର୍ଯ୍ୟରେ ହେଉନା କାହିଁକି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ ପଛରେ ନାନାଦି କଥା କହିବେ। ଶୁକ୍ରଙ୍କ ପ୍ରଭାବରୁ ଆଜିର ଯାତ୍ରା, ବାଣିଜ୍ୟ, ଲେଖାପଢା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ।

ଆଜି ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର, ଫେବୃୟାରୀ ୩ ତାରିଖ। ରାଶି ନକ୍ଷତ୍ର–ଚିତ୍ରା/କନ୍ୟା, ଦିବା ଘ.୦୯.୪୯ମି. ଗତେ, ତୁଳା, ବୃଷ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୪ମି.ଗତେ ଘ.୦୭.୫୪ମି. ମଧ୍ୟେ, ଘ.୧୦.୦୮ମି. ଗତେ ଘ.୧୧.୩୮ମି. ମଧ୍ୟେ, ଘ.୦୩.୨୧ମି. ଗତେ ଘ.୦୪.୫୧ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୨ମି. ଗତେ ଘ.୦୩.୨୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Wanted beautiful, fair bride, 24 to 27 years from educated goldsmith family for B.Tech, Software Engineer of TCS, only son of retired Engineer of Govt. PSU, settled in Bhubaneswar. Contact: 9437438859. D-19786

ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ above Mob: 6371805091. D-69855

Wanted Bride (38-44 years unmarried/ divorcee / widow) for a 52years Karan Corporate Manager (Widower with no issue) drawing about 2lakhs PM. Own residence at Bhubaneswar. Contact : 7008363909, 9425234282. D-19828

**GROOM WANTED**

Beautiful Khandayat girl 28, Class- II Officer ‘SUHAG’. 7978399083, 9090486408. D-69479

Beautiful Gopal girl 1989/ 5’3” graduate settled Bhubaneswar (Caste no Bar). 9937175132, 9337336614. D-69368

Cuttack ବାସିନ୍ଦା age-38 divorcee Government ସ୍କୁଲ teacher ଖଣ୍ଡାୟତ ଝିଅଙ୍କ ପାଇଁ ପୁଅ ଦରକାର। 7381460016. D-67970

BSNL Officeରେ କାର୍ଯ୍ୟରତ ବିଧବା ମହିଳା ପାଇଁ ବରପାତ୍ର ଆବଶ୍ୟକ, ବୟସ–47 ବର୍ଷ, ଘର କୋରାପୁଟ, ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-70176

Central Bank ଚାକିରିଆ 50 ବୟସ୍କା ନିଃସନ୍ତାନ ଖଣ୍ଡାୟତ divorcee ଝିଅଙ୍କୁ any-caste ଘରଜ୍ୱାଇଁ ଦରକାର। 9668711776. D-67972

CESU ଚାକିରିଆ AGE- 42 ବିଧବା ନିଃସନ୍ତାନ କରଣ ଝିଅଙ୍କ ପାଇଁ any- caste ପୁଅ ଦରକାର। 7681060805. D-67971




**HIRE**

JCB Machine Excavators 22T, 20T, 12T, 10T, 8T & loader- 2dX, 3dX,JCB Compactor, JCB loadall, TATA/ Eicher Bus available for sale and hire. Contact: 9556240228, 9937292015. Email: kttbbsr@gmail.com. D-19804




**SALE**

ନନ୍ଦନକାନନଠାରୁ 1K.M. ପଦାସାହି ମୌଜା yellowzone ସ୍ଥିତିବାନ plot physical 35’ ରାସ୍ତାଥାଇ ତୁରନ୍ତ ବିକ୍ରିହେବ। 9583430150, 9777231503. D-70169

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70518

**Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale with special discount. Contact: 7656861995, 8763935874 during office hour.** D-69965

Book a duplex at Patia, Bhubaneswar with 30ft road and amenities, Price 84lakhs handover on March 2023. Contact: 8260595320. D-70515

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଭୁବନେଶ୍ୱର Sum Hospitalରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30’ ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952.** D-70154

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**Immediate registration & possession with demarcated boundary wall 30’ wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

ତମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

**ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764.** D-19667

ଭୁବନେଶ୍ୱର Paikarapur, Kalinga Nagar, near Khandagiri ଆପାର୍ଟମେଣ୍ଟରେ 2BHK 1144sqft. ଏବଂ 3BHK 1498sqft. ବିକ୍ରିହେବ। ଯୋଗାଯୋଗ– 8599000239. Contact between 7P.M. to 8P.M. only). D-19827

**Pipili Highway Colonyରେ ପିପୁଲିରୋଡ୍‌କୁ ଲାଗି sqft.-799 Hanspal- 750 ଦିଆଯାଉଅଛି। 9437522338, 8328995545.** D-19781

Godown Space 3000Sqft (Approx.) available at Samantarapur – Puri Road, Bhubaneswar on rent for immediate possession. Contact: 9437004597. D-19838

**Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932.** D-69370

**Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧରେ କିଣନ୍ତୁ। 7008492511.** D-69369

**Residential land/ plot immediately sale 2400sft. BDA plot Sum Hospital, 3000sft. Jharpada, 2200sft. Garage Square & 3000sft. Palasuni, Bhubaneswar, please contact- DEEPAK- 9937329999.** D-69966

**PURCHASE**

**Want to purchase firmhouse land in Big patches around Bhubaneswar/ Cuttack/ Jajpur. Interested land owner may contact- 7656070001, 8249139982.** D-70175




**For construction only in your plot inside Bhubaneswar area, contact MRC- 9937064680.** D-27287




House at Nayapalli near DAV/ Stewart School, Family. 9438490107, 8895096862. D-70421

3BHK Semifurnished flat at Chandrama Complex (Block-A) Janpath Bhubaneswar is for rent. Call: 9437014718. D-69480

Low rent available near Patia Big Bazar, Bhubaneswar. Mob: 9438128790. D-70517




Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789

Shivam logistic packers movers. Household/ car relocation countrywide. 9777044177, 9338461133. D-19726




Only for 300 body massage ladies and gents therapist. 9583808247. D-19824

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Swarna SPA newly open positively health benefits with expert therapist. 9556978408. D-70508

Refreshing your mind & body with best therapy at Lotus SPA. 8018234866. D-70424

Newly open full body massage ladies and gents. 9337349409. D-70423

Get refreshment Body Massage by Expert Therapist. Contact for: 6371537969. D-70516

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

**Astrology**

Are you suffering from vastu, astrology, Horoscope matching problems. 7978736177. D-68268

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ବନ୍ଦର

- ଜମି ଅଧିଗ୍ରହଣରେ ବିଳମ୍ବ
- ଭିଟାମାଟି ସୁରକ୍ଷା ଲାଗି ସ୍ଥାନୀୟ ଲୋକଙ୍କ ବିରୋଧ

ପ୍ରଦୀପ ଦାସ
ଭୋଗରାଇ,୨।୨

ରାଜସ୍ୱ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣରେ ବିଳମ୍ବ ଓ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ପ୍ରସ୍ତାବିତ ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ନଦୀଭିତ୍ତିକ ବନ୍ଦର ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ୧୪ ବର୍ଷ ପୂର୍ବେ ଏହି ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।

୨୦୦୬ ଡିସେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଜିଲା ଭୋଗରାଇ ଗସ୍ତ ବେଳେ ଥାନା ଛକ ହେଲିପ୍ୟାଡ ପଡ଼ିଆ ଜନସଭାରେ କୀର୍ତ୍ତନିଆଠାରେ ୫ହଜାର କୋଟି ଟଙ୍କା ବ୍ୟୟରେ ଏକ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ମାତ୍ର ଘୋଷଣା ହେବାର ଦୁଇ ଦିନ ପରେ ହଠାତ୍ ସ୍ଥାନ ପରିବର୍ତ୍ତନ କରାଯାଇଥିଲା। ବାଲିଆପାଳ ଚୌମୁଖଠାରେ ବନ୍ଦର ହେବା ନେଇ ଚେନ୍ନାଇ କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ ଲିମିଟେଡ୍ ସହ ରାଜ୍ୟ ସରକାର ଚୁକ୍ତି ମଧ୍ୟ କରିଥିଲେ। ୨୦୧୮ରେ ଟାଟା ଷ୍ଟିଲ୍ ୫୧ପ୍ରତିଶତ ପୁଞ୍ଜିନିବେଶ ପାଇଁ ପ୍ରତିଶ୍ରୁତି ଦେଇଥିଲା। ୨୦୧୯ ଫେବୃୟାରୀ ୧୩ରେ ମୁଖ୍ୟମନ୍ତ୍ରୀ ବାଲେଶ୍ୱର ଯୁବସମାବେଶରେ ବନ୍ଦର ଶିଳାନ୍ୟାସ କରିବା ସହ ରାସ୍ତାଘାଟର ଉନ୍ନତି, ନୂତନ ରେଳପଥ ହେବା ସହ ୧୨ହଜାର କର୍ମସଂସ୍ଥାନ ସୁଯୋଗ ରହିଛି ବୋଲି ଘୋଷଣା କରିଥିଲେ। ବନ୍ଦରକୁ ଲକ୍ଷ୍ୟ ରଖି ପୁଣି ସେଠାରେ କେନ୍ଦ୍ର ସରକାର ୭୫ହଜାର କୋଟି ଟଙ୍କାର ଅନ୍ୟ ଏକ ମେଗା ପ୍ରକଳ୍ପ ଘୋଷଣା କରିଥିଲେ। ଫଳରେ ସମୁଦ୍ରକୂଳ ଅଞ୍ଚଳର ୬ ପଞ୍ଚାୟତର ୬୦ହଜାରରୁ ଊର୍ଦ୍ଧ୍ୱ ଲୋକ ଦୁଇ ପ୍ରକଳ୍ପ ବିରୋଧରେ ଆନ୍ଦୋଳନ ଗଢ଼ି ତୋଳିଛନ୍ତି। ବାର ମାସର ଶସ୍ୟଶ୍ୟାମଳ ମାଟିରେ ଧାନ, ପାନ, ମୀନ, ଗୁଆ, ପନିପରିବା ଓ ତୈଳବୀଜ ଚାଷ ହେଉଥିବା ବେଳେ ସେଠାରେ ଜନସାଧାରଣଙ୍କୁ ଉଚ୍ଛେଦ ହେବା ଆଶଙ୍କା କରି ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ୮୦ ଦଶକରେ ଗଢ଼ି ଉଠିଥିବା ଐତିହାସିକ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଆନ୍ଦୋଳନ ଭଳି ଅନୁରୂପ ଭାବେ ଆନ୍ଦୋଳନ ହେଉଥିବାରୁ ସ୍ଥିତି ଜଟିଳ ହେବାରେ ଲାଗିଛି।


ଚୌମୁଖ ଡଗରା ବେଳାଭୂମି।

ଏଭଳି ସ୍ଥିତିରେ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲା ରାମନଗର ବ୍ଲକ ଅଧୀନ ସମୁଦ୍ର ପଥରୁ ମାତ୍ର ୯ରୁ ୧୦ ନଟିକାଲ ମାଇଲସ ଦୂର ତାଜପୁର ସମୁଦ୍ର କୂଳରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨ଶହ କୋଟି ଟଙ୍କାର ଗଭୀର ସମୁଦ୍ରଭିତ୍ତିକ ବନ୍ଦର ଘୋଷଣା କରିଛନ୍ତି। ଏଥିସହ ସ୍ଥାନୀୟ ଲୋକଙ୍କୁ ଉଚ୍ଛେଦ କରା ନ ଯାଇ ୧୫ହଜାର କର୍ମସଂସ୍ଥାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫେବୃୟାରୀ ପ୍ରଥମ ସପ୍ତାହରେ ବନ୍ଦର କାର୍ଯ୍ୟକାରୀ ଓ ଉନ୍ନୟନର ଉଚ୍ଚସ୍ତରୀୟ ସମୀକ୍ଷା ନେଇ ସେ ଦୀଘା ସୈକତ ସହରକୁ ଆସୁଥିବା ସରକାରୀ ଓ ଦଳୀୟ ସୂତ୍ରରୁ ପ୍ରକାଶ। ୧୪ବର୍ଷ ଧରି ବନ୍ଦର କାର୍ଯ୍ୟ ଆରମ୍ଭ ନ ହେବା, ବାଲିଆପାଳ ଆନ୍ଦୋଳନକାରୀଙ୍କୁ ରାଜ୍ୟ ବିରୋଧୀ ଦଳ ଓ ପରିବେଶବିତ୍‌ମାନେ ସମର୍ଥନ କରିବା ଦ୍ୱାରା ବନ୍ଦର ହେବା ପ୍ରସଙ୍ଗ ଭିନ୍ନମୋଡ଼ ନେଉଛି। ବାଲିଆପାଳରେ ବିରୋଧ ହେଉଥିବାବେଳେ ପୂର୍ବଘୋଷିତ ସ୍ଥାନ ଭୋଗରାଇ କୀର୍ତ୍ତନିଆ ଓ ବିଚିତ୍ରପୁରରେ ବନ୍ଦର ହେବାକୁ ଦାବି ହେଉଛି।

ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ବନ୍ଦର ହେବା ନେଇ ରାଜ୍ୟ ସରକାର ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ପୂର୍ବତନ ବାଲେଶ୍ୱର ଏମ୍‌ପି ତଥା ବିଜେଡି ଜିଲା ସଭାପତି ରବୀନ୍ଦ୍ର ଜେନା ବନ୍ଦର ହେଲେ ସ୍ଥାନୀୟ ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ସୁଦୃଢ଼ ହେବା ସହିତ ଜିଲା ଓ ରାଜ୍ୟର ବିକାଶ ଘଟିବ ବୋଲି କହିଛନ୍ତି। ବନ୍ଦର ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ପଚରାଯିବାରୁ ଜମି ଅଧିଗ୍ରହଣରେ ବିଳମ୍ବ ହେଉଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛି। ଯେଉଁମାନେ ବିସ୍ଥାପିତ ହେବେ ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ସରକାରଙ୍କଠାରେ ଦାବି କରିଛି ବୋଲି କହିଛନ୍ତି। କଂଗ୍ରେସ ନେତା ସତ୍ୟଶିବ ଦାସ କୁହନ୍ତି, ରାଜ୍ୟ ସରକାର ଓ ଜନପ୍ରତିନିଧିଙ୍କ ଇଚ୍ଛାଶକ୍ତି ଅଭାବ ଏବଂ ଅପାରଗତା ପାଇଁ ବନ୍ଦର ହୋଇପାରୁନି। ଉପକୂଳ ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନା କୁହନ୍ତି, ଲକ୍ଷାଧିକ ଲୋକଙ୍କୁ ବାସଚ୍ୟୁତ କରି ବିକାଶ ନାମରେ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲୋକଙ୍କ ଜୀବନଜୀବିକାକୁ ସରକାର ଛଡ଼ାଇ ନେବାକୁ ଚକ୍ରାନ୍ତ କରୁଛନ୍ତି। ମରିବୁ ପଛେ ଆମ ଭିଟାମାଟି ଛାଡ଼ିବୁ ନାହିଁ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୪୮୨ କି. ମି. ବେଳାଭୂମି ରହିଛି। ୧୯୬୬ରୁ ପାରାଦୀପ, ୨୦୧୧ରୁ ଭଦ୍ରକ ଓ ୨୦୧୩ରୁ ଗଞ୍ଜାମର ଗୋପାଳପୁରରେ ବନ୍ଦର କାର୍ଯ୍ୟକ୍ଷମ ହୋଇଛି। ଏହାସହ ୨୦୧୭ରେ ସରକାର ୧୪ ସ୍ଥାନକୁ ନଦୀଭିତ୍ତିକ ବନ୍ଦର ନିର୍ମାଣ ପାଇଁ ଚିହ୍ନଟ କରିଛନ୍ତି।

# ବ୍ୟାଙ୍କରୁ ୧୪ ଲକ୍ଷ ଟଙ୍କାର କଏନ୍ ହେରଫେର

ପାରାଦୀପ,୨।୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡବଜାରସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୧୪ ଲକ୍ଷ ଟଙ୍କାର କଏନ୍ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ୟାଙ୍କ ମ୍ୟାନେଜର ସନ୍ତୋଷ କୁମାର ନାୟକ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୬ରୁ ୨୦ ମଧ୍ୟରେ ବ୍ୟାଙ୍କରୁ ଏହି ଟଙ୍କା ଗାଏବ ହୋଇଛି। ଅଭିଯୋଗପତ୍ରରେ ୪ ଜଣ ପୂର୍ବତନ ମ୍ୟାନେଜର ଓ କ୍ୟାଶିୟରଙ୍କ ନାମ ରହିଛି। ଏନେଇ ପୋଲିସ ମାମଲା (ନଂ.୨୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଗତ ୪ ବର୍ଷର ଅଡିଟ୍ ରିପୋର୍ଟ ଯାଞ୍ଚ କରାଯାଉଛି ବୋଲି ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।

# ଲ୍ୟାଣ୍ଡମାଇନ ବିସ୍ଫୋରଣରୁ ବର୍ତ୍ତିଲେ ୩୦ ଯବାନ

ମାଲକାନଗିରି,୨।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ମଙ୍ଗଳବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରୁ ପ୍ରାୟ ୩୦ ଜଣ ଯବାନ ବର୍ତ୍ତିଯାଇଛନ୍ତି। ସୁକ୍‌ମା ଜିଲାର ନିମ୍ବା ଜଙ୍ଗଲରେ ୨୦୬ ବାଟାଲିୟନ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିଲା। ଏହି ସମୟରେ ପ୍ରାୟ ୩ଟି ଶକ୍ତିଶାଳୀ ଲ୍ୟାଣ୍ଡମାଇନ ଓ କ୍ଲେମରମାଇନକୁ ମାଓବାଦୀମାନେ ଖଞ୍ଜିଥିବା ମେଟାଲ ଡିଟେକ୍ଟରରୁ ଯବାନମାନେ ଜାଣିପାରି ସତର୍କ ହୋଇ ଯାଇଥିଲେ। ତୁରନ୍ତ ବୋମା ନିଷ୍କ୍ରିୟକାରୀ ଟିମ୍ ଡକାଇ ଏହି ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ନିଷ୍କ୍ରିୟ କରାଯାଇଥିଲା। ଯବାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡଧରଣର ଦୁର୍ଘଟଣାରୁ ସେମାନେ ରକ୍ଷା ପାଇଯାଇଥିଲେ।

URGENTLY REQUIRED
DATA ENTRY OPERATOR
- Minimum 12th Pass Female/Male Candidates
- Typing Speed of Minimum 40/ wpm
- Proficient in using Excel/Spreadsheet
- Good English reading & writing skills
- Minimum 1 year experience in Data Entry

Apply immediately to :
neeleshpr2@gmail.com
Attractive salary commensurate with experience

# ବିଧାନସଭା ପ୍ରବେଶ ପାଇଁ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ନୁହେଁ: ବାଚସ୍ପତି

- ପ୍ରଶ୍ନୋତ୍ତର, ଅନ୍ୟାନ୍ୟ କାର୍ଯ୍ୟକ୍ରମ ପୂର୍ବ ଭଳି ହେବ
- ଚଳିତ ଅଧିବେଶନ ହେବ ଇ-ବିଧାନସଭା

ଭୁବନେଶ୍ୱର,୨।୨(ବ୍ୟୁରୋ)

ଆସନ୍ତା ୧୮ ତାରିଖରୁ ବିଧାନସଭା ବଜେଟ ଅଧିବେଶନ ଆରମ୍ଭ ହେବ। ତେବେ ଚଳିତ ଅଧିବେଶନ ପାଇଁ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ହେବ ନାହିଁ। ଏହା ବାଧ୍ୟତାମୂଳକ ହୋଇ ନ ଥିଲେ ମଧ୍ୟ ପ୍ରବେଶ କଲାବେଳେ ଥଣ୍ଡା, କାଶ, ଜ୍ୱର ଭଳି ଲକ୍ଷଣ ଦେଖାଦେଲେ ସେହି ବ୍ୟକ୍ତିଙ୍କୁ ଆଣ୍ଟିଜେନ ଟେଷ୍ଟ କରିବାକୁ ପରାମର୍ଶ ଦିଆଯିବ। ବିଧାନସଭା ଅଧିବେଶନ ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ମୌସୁମୀ ଏବଂ ଶୀତ ଅଧିବେଶନ ବେଳେ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଥିଲା। ମହାମାରୀ ପ୍ରକୋପ କମିଥିବାରୁ ଏହା ବାଧ୍ୟତାମୂଳକ ନୁହେଁ ବୋଲି ସେ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି, ଫେବୃୟାରୀ ୧୮ରୁ ବିଧାନସଭା ଆରମ୍ଭ ହେବ। ପ୍ରଥମ ଦିବସରେ ରାଜ୍ୟପାଳଙ୍କ ଅଭିଭାଷଣ ରହିବ। ୨୨ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ୨୫ରୁ ବଜେଟ ଆଲୋଚନା ହେବ। ଚଳିତ ବିଧାନସଭାରେ ପ୍ରଶ୍ନୋତ୍ତର ଏବଂ ଗୃହର ଅନ୍ୟାନ୍ୟ କାର୍ଯ୍ୟକ୍ରମ ପୂର୍ବଭଳି ଜାରି ରହିବ। ତେବେ କୋଭିଡ୍ କଟକଣା ଉଠାଯାଇ ନାହିଁ। ଗୃହ ଭିତରେ ସାମାଜିକ ଦୂରତା ରକ୍ଷା କରାଯିବ। ଏହାଛଡ଼ା କୋଭିଡ୍ ସଂକ୍ରାନ୍ତ ଅନ୍ୟାନ୍ୟ କଟକଣାକୁ ଅନୁସରଣ କରାଯିବ । ତେବେ ପ୍ରତ୍ୟେକ ଦିନ ବିଧାନସଭା ଭିତର ଓ ବାହାର ବିଶୋଧନ କରାଯିବ। ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯିବ। ବୈଠକରେ ସମସ୍ତ ବିଷୟ ଉପରେ ନିଷ୍ପତ୍ତି ନିଆଯିବ ବୋଲି ପାତ୍ର କହିଛନ୍ତି। ଏଥିସହିତ ଭିଡିଓକନ୍‌ଫରେନ୍ସ ସୁବିଧା ମଧ୍ୟ ଉପଲବ୍ଧ ରହିବ। ଯେଉଁ ସଦସ୍ୟ କିମ୍ବା ମନ୍ତ୍ରୀ ଚାହିଁବେ ସେମାନେ ଭିଡିଓ କନ୍‌ଫରେନ୍ସରେ ଗୃହ କାର୍ଯ୍ୟରେ ଯୋଗଦେବେ। ଗଣମାଧ୍ୟମ ପ୍ରତିନିଧିମାନେ ପୂର୍ବଭଳି ବିଧାନସଭାକୁ ଆସିପାରିବେ। ଚଳିତ ଅଧିବେଶନ ହେବ ଇ-ବିଧାନସଭା। ବିଧାନସଭାରେ କୌଣସି କାଗଜପତ୍ର ବ୍ୟବହାର ହେବ ନାହିଁ। ବିଧାୟକମାନେ ଅନ୍‌ଲାଇନରେ ସେମାନଙ୍କର ପ୍ରଶ୍ନ ପଠାଇବା ସହିତ ଉତ୍ତର ପାଇପାରିବେ। ତେବେ ଯେଉଁ ବିଧାୟକ ଚାହିଁବେ ସେମାନଙ୍କୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ଉତ୍ତର ଯୋଗାଇ ଦିଆଯିବ। ବଜେଟ ପେନ୍‌ଡ୍ରାଇଭ ଜରିଆରେ ଯୋଗାଇ ଦିଆଯିବ। ଅର୍ଥମନ୍ତ୍ରୀ ଗୃହରେ ବଜେଟ ପାଠ କରିବେ ବୋଲି ପାତ୍ର କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ଦୁଇ ଅଧିବେଶନକୁ ସୀମିତ କରାଯାଇଥିବା ବେଳେ ବିଧାନସଭା ସଦସ୍ୟ, କର୍ମଚାରୀ, ପୋଲିସ, ଗଣମାଧ୍ୟମ ପ୍ରତିନିଧିମାନଙ୍କର କରୋନା ପରୀକ୍ଷା କରାଯାଇଥିଲା।

# ଆତ୍ମସମର୍ପଣ କଲେ ପୂର୍ବତନ ଆଇଆଇସି

ବାଲେଶ୍ୱର ଅଫିସ,୨।୨

୬ ମାସ ଧରି ଫେରାର ଥିବା ବାଲେଶ୍ୱର ଟାଉନ ଥାନାର ପୂର୍ବତନ ଆଇଆଇସି ସରୋଜିନୀ ନାୟକ ମଙ୍ଗଳବାର ଭିଜିଲାନ୍ସ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଟାଉନ ଥାନା ଅଧିକାରୀ ଭାବେ ଦାୟିତ୍ୱରେ ଥିବା ବେଳେ ସରୋଜିନୀ ଦୁଇଟି ମାମଲାରେ ଭିଜିଲାନ୍ସ ଦ୍ୱାର ଛନ୍ଦି ହୋଇଥିଲେ। ପ୍ରଥମେ ଏକ ଜମିଜମା ଗଣ୍ଡଗୋଳର ସମାଧାନ ପାଇଁ ୨୫ହଜାର ଟଙ୍କା ଲାଞ୍ଚ ମାଗିବା ଘଟଣାରେ ଏସ୍‌ଆଇ ବିମଳ କର ଓ ମଧ୍ୟସ୍ଥିଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ପରେ ୨୦୧୯ରେ ଟାଉନ୍ ଥାନାରେ ଜଣେ ଏଏସ୍‌ଆଇ ନରହରୀ ମହାଳିକ ଲାଞ୍ଚ ନେଇ ଗିରଫ ହୋଇଥିବା ବେଳେ ତତ୍କାଳୀନ ଥାନା ଅଧିକାରିଣୀ ସରୋଜିନୀ ନାୟକଙ୍କ ସମ୍ପୃକ୍ତି ଭିଜିଲାନ୍ସ ନଜରକୁ ଆସିଥିଲା। ତେବେ ପୂର୍ବରୁ ଗିରଫ ଦୁଇ ପୋଲିସ ଅଧିକାରୀ ନିଜ ବୟାନକୁ ଆଧାର କରି ଭିଜିଲାନ୍ସ ଦୁଇଟି ମାମଲା (ନଂ.୧୧/୨୦ ଓ ୧୯/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୂର୍ବତନ ଆଇଆଇସି ସରୋଜିନୀ ନାୟକଙ୍କୁ ଇତିମଧ୍ୟରେ ବାହାର ଜିଲାକୁ ବଦଳି କରାଯାଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗଦେଇ ନ ଥିବା ସହ ଭିଜିଲାନ୍ସ ନଜର ବାହାରେ ରହିଥିଲେ। ଏପରିକି ଜୁଲାଇରୁ ସରୋଜିନୀ ଛୁଟିରେ ଥିଲେ। ତେବେ ସେ ମଙ୍ଗଳବାର ଭିଜିଲାନ୍ସ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ନିଜର ସମସ୍ତ କାଗଜପତ୍ର ଦାଖଲ କରିଛନ୍ତି। ତାଙ୍କ ଜାମିନ ନାମଞ୍ଜୁର ହେବା ପରେ ଆସନ୍ତା ୧୪ଦିନ ପର୍ଯ୍ୟନ୍ତ ସେ ବିଚାର ବିଭାଗୀୟ ହାଜତରେ ରହିବେ। ଅନ୍ୟପଟେ ଆଇଆଇସି ସରୋଜିନୀ ନାୟକ ଉକ୍ତ ଥାନାରେ ସେ ଅଢ଼େଇ ବର୍ଷ ଧରି ଲୋକଙ୍କ ସେବାରେ ନିୟୋଜିତ ଥିଲେ। ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଫସାଇ ଦିଆଯାଇଥିବା ସେ ସଫେଇ ଦେଇଛନ୍ତି।

**ଜାମିନ ନାମଞ୍ଜୁର ପରେ ଜେଲ ଗଲେ**


ସରୋଜିନୀ ନାୟକ

# ପ୍ରତି ମଣ୍ଡିରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୨(ବ୍ୟୁରୋ)

ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୬ର ନବମ ବୈଠକ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର କୃଷକମାନଙ୍କ ଧାନ ବିକ୍ରିଜନିତ ସମସ୍ୟା ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ମଣ୍ଡିଗୁଡ଼ିକ ବନ୍ଦ ହେବାକୁ ଥିବାରୁ କୃଷକମାନଙ୍କ ପାଖରେ ଗଚ୍ଛିତ ଥିବା ଧାନ କିଣିବା ପାଇଁ ଯୋଗାଣ ଓ ସମବାୟ ବିଭାଗକୁ କମିଟି ନିର୍ଦ୍ଦେଶ ଦେଇଛି। ସେହିପରି ଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହିତ ଆବଶ୍ୟକ ଗୋଦାମ ଘର ନିର୍ମାଣ ଲାଗି କମିଟି ପରାମର୍ଶ ଦେଇଛି। ଏହାଛଡ଼ା ଚାଷୀଙ୍କୁ ଅଖା ବ୍ୟାଗ୍ ପିଛା ୧୦ ଟଙ୍କା ଏବଂ ପ୍ଲାଷ୍ଟିକ ବ୍ୟାଗ୍ ପିଛା ୫ଟଙ୍କା ଲେଖାଏ ପ୍ରଦାନ ଲାଗି ସୋସାଇଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

REQUIRED URGENTLY for Techinical and Non-Technical Candidate 43nos for OPERATION & MAINTAINANCE in Steel and Power plant.
Salary : Rs 11,750/- ରୁ Rs 83,500/-
Mr. Ashok Kumar Pal (HR Admin.)
Email : ceylonplants9@gmail.com
WhatsApp : 9937286953

LCJ SILVER
LALCHAND JEWELLERS REQUIRED
1. SALES CONSULTANT : 7 Nos.
2. SALES SUPERVISOR : 3 Nos.
For the Bhubaneswar Store. Minimum Qualification +3 & 2 Yrs. Jewellery Experience must. Send resume at:
Indramani_r@yahoo.com Or
Call: 0674-2534625, 2536666

WANTED
SPPL REAL ESTATE
Companyର ଖୋର୍ଦ୍ଧା ଶାଖା ଅଫିସ୍ ପାଇଁ ଅଭିଜ୍ଞ Marketing ପୁଅ/ଝିଅ ତୁରନ୍ତ ଆବଶ୍ୟକ।
9090963952

WANTED
Urgently required Office and Field Staff. Salary will be no bar for right candidates.
Contact: 7275784432, 9140062536, 7704809001

JOB VACANCY
Sales Executive and Accountant with Tally Knowledge (Experience of 3 - 5 years). Required for Company HIGHWAY TRADING PVT. LTD., Bhubaneswar.
9437006047

Reputed Hotel in Solapur, Maharashtra needs staff for the job of a **North Indian & Chinese Cook, Waiter & Housekeeping**. Attractive salary, accommodation & food provided.
Ct +91 7721880555

URGENT REQUIREMENT
VERIFICATION EXECUTIVE
All Odisha
Fixed salary + incentives.
Contact:
swastikmis1@gmail.com
Call: 9776970264
9337540924

GURU NANAK ENGLISH MEDIUM PUBLIC SCHOOL-II
Sangalai Sasan (Near Uttara Chhawk), Affiliated to CBSE
REQUIRES
TGT in English, Hindi, Maths, Science, S.St., Computer, P.E.T., Music & Dance, Art, Special Educator, NTT & Primary Teachers, Librarian and Computer Teacher.
Send resume with photo to
The Principal, GNEMPS-II, Sangalai Sasan, Pipili, Puri
Email:gnps2bbsr@gmail.com, Ph.-0674-2395854 / 2959509

REQUIRED Cashier-cum-Salesman
For a Jewellery Business House located at Bhubaneswar.
**Eligibility:**
1. Must have basic knowledge of accounts.
2. Have at least 1 year experience in Salesmanship & Billing.
3. Must be residing in Bhubaneswar.
4. Working women is preferable.

Contact: bishandayal@hotmail.com

UTKAL UNIVERSITY
VANI VIHAR, BHUBANESWAR-751004
POPULATION RESEARCH CENTRE, BHUBANESWAR
Applications are invited from the qualified candidates for the posts of
**Research Fellow-1: 1 Post (Contractual)**
**Qualification:** At least 2nd Class Post Graduate Degree in Demography / Population Studies / Statistics / Economics / Mathematics / Sociology from a recognized Institution/University.
**Experience:** 4 (four) years of experience after Post Graduation. (Relaxable in deserving cases)
**Pay:** Consolidated Rs. 28,000/- per month
**Research Fellow-2: 1 Post (Contractual)**
**Qualification:** As above
**Experience:** 1 (one) year of experience after Post Graduation.
**Pay:** Consolidated Rs. 25,000/- per month
Complete resume along with all documents (Xerox copy) to be reached in person or by post to **'The Deputy Director, Population Research Centre, Utkal University, Vani Vihar, Bhubaneswar-751004'** within **10 days** of advertisement. Only shortlisted candidates will be called for interview. Original certificates will be verified at the time of interview.
Sd/- REGISTRAR
UTKAL UNIVERSITY

ନିଯୁକ୍ତି
ଓଡ଼ିଶା ରାଜ୍ୟରେ ବ୍ଲକ ଓ ତହସିଲ ସ୍ତରରେ ନିମ୍ନଲିଖିତ ପଦବୀ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

| | | |
|---|---|---|
| *ମେଡିକାଲ ଅଫିସର: ପୋଷ୍ଟ ଗ୍ରାଜୁଏଟ୍ ଦରମା: 30,500/- | *ମେଡିକାଲ କର୍ମୀ: ଗ୍ରାଜୁଏଟ୍ ଦରମା: 27,500/- | *ମେଡିକାଲ ଆସିଷ୍ଟାଣ୍ଟ: 12th ଦରମା: 25,500/- |
| *କମ୍ପ୍ୟୁଟର ଅପରେଟର: 10th+ଡିପ୍ଲୋମା ଦରମା: 27,500/- | *ଲ୍ୟାବ୍ ଆସିଷ୍ଟାଣ୍ଟ: 10th+ଡିପ୍ଲୋମା ଦରମା: 25,500/- | *ଲ୍ୟାବ୍ ଟେକ୍ନିସିଆନ୍: 10th+ଡିପ୍ଲୋମା ଦରମା: 25,500/- |
| *ନର୍ସିଂ: 12th + ANM/GNM ଦରମା: 23,800/- | *ଡ୍ରାଇଭର: 8th + ଲାଇସେନ୍ସ ଦରମା: 22,000/- | *ଷ୍ଟୋର୍ କିପର : 8th ଦରମା: 22,000/- |

BHARATIYA JEEVAN UJWAL SWASTHYA SANSTHAN
ପ୍ରାର୍ଥୀମାନେ ଅନ୍‌ଲାଇନ୍ ଅଫିସିଆଲ ୱେବ୍‌ସାଇଟ୍: www.bjuss.inରେ ଆବେଦନ କରିପାରିବେ । ସମସ୍ତ ଜାତିର ପ୍ରାର୍ଥୀ ଆବେଦନ କରିପାରିବେ, ବୟସ ସୀମା 18-45 ବର୍ଷ, ଆବେଦନର ଶେଷ ତାରିଖ: 10/02/2021.

# ଋଷିକୁଲ୍ୟା ମୁହାଣରେ ବିଦେଶୀ ପକ୍ଷୀ

**ମୁହାଣର ସୌନ୍ଦର୍ଯ୍ୟ ବଢାଉଛନ୍ତି, ସୁରକ୍ଷା କଡ଼ାକଡ଼ି**



ଗଞ୍ଜାମ,୨।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣରେ ସମ୍ପ୍ରତି ବିଦେଶୀ ପକ୍ଷୀମାନଙ୍କ କଳରବ ଦେଖିବାକୁ ମିଳିଛି। ବିଦେଶୀ ପକ୍ଷୀମାନଙ୍କ ମଧ୍ୟରେ ଶହ ଶହ ସଂଖ୍ୟାରେ ମଙ୍ଗୋଲିଆ ପକ୍ଷୀ ସ୍ଥାନୀୟ ଅଞ୍ଚଳବାସୀ ଓ ପର୍ଯ୍ୟଟକଙ୍କୁ ବିମୋହିତ କରୁଛନ୍ତି। ମଙ୍ଗୋଲିଆ ଓ ମ୍ୟାନ୍‌ମାର ଅଞ୍ଚଳରେ ପ୍ରବଳ ଥଣ୍ଡାରୁ ମୁକ୍ତି ପାଇବାକୁ ଏହି ବିରଳ ପ୍ରଜାତିର ପକ୍ଷୀ ହଜାର ହଜାର କିଲୋମିଟର ଅତିକ୍ରମ କରି ଓଡ଼ିଶାର ବିଭିନ୍ନ ହ୍ରଦ ଓ ନଦୀଗୁଡ଼ିକୁ ଚାଲି ଆସନ୍ତି। ଏମାନେ ବିଶେଷକରି ଘାସ ଜାତୀୟ ଖାଦ୍ୟ ଓ କଟା ଯାଇଥିବା ଧାନ ଗଛ ମୂଳ ଖାଇବାକୁ ପସନ୍ଦ କରନ୍ତି ବୋଲି ପରିବେଶବିତ୍ ରବୀନ୍ଦ୍ର କୁମାର ସାହୁ କହିଛନ୍ତି। ଏମାନେ ଓଡ଼ିଶାରେ ଶୀତ ୪ମାସ ରହିଥାନ୍ତି। ଋଷିକୁଲ୍ୟା ମୁହାଣଠାରୁ ପୋତାଗଡ଼ ମଧ୍ୟରେ ଦଳ ଦଳ ହୋଇ ଏହି ପକ୍ଷୀମାନେ ଜଳକ୍ରୀଡ଼ା କରିବା ଓ ନଦୀର ମଧ୍ୟଭାଗରେ, ବାଲୁକା ଶଯ୍ୟାରେ ଆଶ୍ରୟ ନେଉଥିବା ଦୃଶ୍ୟ ଅତି ମନୋରମ। ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ସବୁଠାରୁ ଉଚ୍ଚରେ ଉଡିପାରୁଥିବା ଏହି ପକ୍ଷୀମାନେ କୁକୁଡ଼ାମାନଙ୍କଠାରୁ ଟିକେ ବଡ଼ ଦେଖା ଯାଇଥାନ୍ତି। ପରିବେଶବିତ୍‌ମାନେ ଏହି ବିରଳ ପ୍ରଜାତିର ପକ୍ଷୀମାନଙ୍କ ଉପରେ ତଥ୍ୟ ସଂଗ୍ରହ କରିବାକୁ ଗଞ୍ଜାମ ବ୍ଲକ ନିକଟ ଋଷିକୁଲ୍ୟା ମୁହାଣକୁ ଆସୁଥିବା ଦେଖିବାକୁ ମିଳୁଛି।

ODISHA PUBLIC SERVICE COMMISSION
CUTTACK
NOTICE
No. 840/P.S.C., Dt.2.2.21
(1E-13-2020-21) (DR - II)
Website: http://www.opsc.gov.in

No. D-160: In continuation to this Office Notice No. 569/PSC, Dt.22.01.2021, it is for information of all concerned that the written examination for recruitment to the Post of Assistant Professor (Super Speciality) in Odisha Medical Education Service, under H.&F.W. Department, pursuant to Advertisement No. 11 of 2018-19 will be held **on 14.02.2021 (Sunday) at Sarswati Shishu Vidya Mandir, Chahata Nagar, Mahanadi Ring Road, Tulasipur, Cuttack - 753008 as per following programme.**

| Date | Session / Time | Disciplines |
|---|---|---|
| 14.02.2021 (Sunday) | 1st Session 10.00 A.M. to 1.00 P.M. | Clinical Hematology, C.T.V.S., Endocrinology, Haepatology, Nephrology, Neurosurgery, Paediatric Surgery, Plastic Surgery & Urology |
| | 2nd Session 2.00 P.M. to 5.00 P.M. | Gastroenterology |

2. The candidates are required to download the "Admission Certificate" & "Instruction to Candidates" from website of the Commission **(www.opsc.gov.in) from 08.02.2021 onwards.**
**The list of candidates admitted to the examination along with their respecitve Roll Numbers is available in the website of the Commission (www.opsc.gov.in) from 08.02.2021.**

Sd./- Secretary
OIPR-12002/11/0070/2021

ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ୍ ବୋର୍ଡ଼, ମୁମ୍ବାଇ
www.rbi.org.in
ବିଜ୍ଞାପନ ସଂଖ୍ୟା ୧/୨୦୨୦-୨୧
୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର.ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| ୧ | ଅଧିକାରୀ ଗ୍ରେଡ୍ 'ବି' (ଡିଆର୍)-ସାଧାରଣ (General)-ପ୍ୟାନେଲ ବର୍ଷ ୨୦୨୧ | ୨୭୦ |
| ୨ | ଅଧିକାରୀ ଗ୍ରେଡ୍ 'ବି' (ଡିଆର୍)-ଡିଇପିଆର୍ (DEPR)*-ପ୍ୟାନେଲ ବର୍ଷ ୨୦୨୧ | ୨୯ |
| ୩ | ଅଧିକାରୀ ଗ୍ରେଡ୍ 'ବି' (ଡିଆର୍)-ଡିଏସ୍‌ଆଇଏମ୍ (DSIM) @-ପ୍ୟାନେଲ ବର୍ଷ ୨୦୨୧ | ୨୩ |

* ଆର୍ଥିକନୀତି ଓ ଅନୁସନ୍ଧାନ ବିଭାଗ (Department of Economic and Policy Research) @ ସାଂଖ୍ୟିକୀ ଓ ସୂଚନା ପ୍ରବନ୍ଧ ବିଭାଗ (Department of Statistics and Information Management)
୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଜାନୁଆରୀ ୨୮, ୨୦୨୧ରେ ପ୍ରକାଶିତ ଓ ଏମ୍ପ୍ଲୟମେଣ୍ଟ ନିଉଜ୍ / ରୋଜଗାର ସମାଚାରର ଫେବୃଆରୀ ୦୬, ୨୦୨୧/ ପରବର୍ତ୍ତୀ ପ୍ରକାଶନରେ ପ୍ରକାଶିତ ହେବାକୁ ଥିବା ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ କେବଳ ଅନଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।
୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ - ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ (fees) / ସୂଚନା ଦେୟ ପ୍ରଦାନ ନିମନ୍ତେ | ଜାନୁଆରୀ ୨୮, ୨୦୨୧ ରୁ ଫେବୃଆରୀ ୧୫, ୨୦୨୧ |
| ଗ୍ରେଡ୍ 'ବି' (ଡିଆର୍) – ସାଧାରଣ (General) – ପ୍ରଥମ ପର୍ଯ୍ୟାୟ (Phase-I) ଏବଂ ଡିଇପିଆର୍ (DEPR) / ଡିଏସ୍‌ଆଇଏମ୍ (DSIM) ପ୍ରଥମ ପେପର (Paper-I) ପରୀକ୍ଷା | ମାର୍ଚ୍ଚ ୦୬, ୨୦୨୧ |
| ଗ୍ରେଡ୍ 'ବି' (ଡିଆର୍) – ଡିଇପିଆର୍ (DEPR) / ଡିଏସ୍‌ଆଇଏମ୍ (DSIM) ଦ୍ୱିତୀୟ ପେପର (Paper-II) ଏବଂ ତୃତୀୟ ପେପର (Paper-III) ପରୀକ୍ଷା | ମାର୍ଚ୍ଚ ୩୧, ୨୦୨୧ |
| ଗ୍ରେଡ୍ 'ବି' (ଡିଆର୍) – ସାଧାରଣ (General) - ଦ୍ୱିତୀୟ ପର୍ଯ୍ୟାୟ (Phase-II) ପରୀକ୍ଷା | ଏପ୍ରିଲ ୦୧, ୨୦୨୧ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ।

"ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ବଦଳିଲା ମ୍ୟାନ୍‌ମାର

ମ୍ୟାନ୍‌ମାର (ଯାହାକୁ ପୂର୍ବରୁ ବର୍ମା କୁହାଯାଉଥିଲା) ୧ ଫେବୃୟାରୀ ୨୦୨୧ରେ ପୁଣି ସେନା ଅକ୍ତିଆରକୁ ଚାଲିଯାଇଛି। ଅଙ୍ଗ୍ ସାନ୍ ସ୍ୟୁ ଚୀଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ନଭେମ୍ବର ୨୦୨୦ରେ ଅନୁଷ୍ଠିତ ନିର୍ବାଚନରେ ୮୩ ପ୍ରତିଶତ ଭୋଟ ପାଇ ବିଜୟଲାଭ କରିଥିଲା। କିନ୍ତୁ ସେନା ସମର୍ଥିତ ୟୁନିୟନ ସଲିଡାରିଟି ଆଣ୍ଡ୍ ଡେଭଲପ୍‌ମେଣ୍ଟ ପାର୍ଟି (ୟୁଏସ୍‌ଡିପି) ଅଭିଯୋଗ କରିଥିଲା ଯେ ନିର୍ବାଚନରେ ଜାଲିଆତି ହୋଇଛି। ଏହାକୁ ସୁଯୋଗ ଭାବେ ନେଇ ସେନାମୁଖ୍ୟ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍ ସାମରିକ ଶାସନ ଜାରି କରିଦେଇଛନ୍ତି। ୫ ଦଶନ୍ଧିର ସାମରିକ ଶାସନ ପରେ ଦକ୍ଷିଣପୂର୍ବ ଏସିଆର ଏହି ଦେଶକୁ ଗଣତନ୍ତ୍ର ସମ୍ପୂର୍ଣ୍ଣ ଫେରି ଆସୁଥିବା ବେଳେ ପୁନଶ୍ଚ ସେନା ହାତକୁ କ୍ଷମତା ଯିବା ପଡ଼ୋଶୀଙ୍କୁ ବ୍ୟସ୍ତ କରିବା କଥା। ସ୍ୟୁ ଚୀଙ୍କ ଦଳ ବିରୋଧରେ ନିର୍ବାଚନ ହେରଫେର ହୋଇଥିବାର ପ୍ରମାଣ ମିଳି ନ ଥିଲେ ମଧ୍ୟ ସାମରିକ ଶାସନ ଫେରାଇ ଆଣିବାକୁ ଅହରହ ଚେଷ୍ଟା କରୁଥିବା ସେନାକୁ ଗଣତନ୍ତ୍ର ବିରୋଧୀ ନେତାମାନେ ସାହାଯ୍ୟ କରିଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ, ୨୦୨୦ ନଭେମ୍ବରରେ ଆମେରିକାରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ପରାଜୟ ଘଟଣା। ସେଠାରେ ଶାସନରେ ଥିବା ଟ୍ରମ୍ପ ଅଭିଯୋଗ କରିଥିଲେ ଯେ, ନିର୍ବାଚନ ବେଳେ ବ୍ୟାପକ ଅନିୟମିତତା ହୋଇଥିଲା। କିନ୍ତୁ କୌଣସି ପ୍ରମାଣ ଦେଇପାରି ନ ଥିଲେ। ଏହାକୁ ଡେମୋକ୍ରାଟିକ୍ ଦଳର ନେତାମାନେ ନିନ୍ଦା କରିବା ସହ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନା କରାଯାଇଥିଲା। ଶେଷରେ ଦାୟିତ୍ୱ ହସ୍ତାନ୍ତର ପାଖେଇ ଆସୁଥିବା ବେଳେ ଟ୍ରମ୍ପଙ୍କ ସମର୍ଥକମାନେ କ୍ୟାପିଟୋଲ୍ ହିଲ୍ ଉପରେ ଆକ୍ରମଣ କରିବା ଦର୍ଶାଇଥିଲା ଯେ, ରାଷ୍ଟ୍ରପତି ଟ୍ରମ୍ପ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଛନ୍ତି। ହୁଏତ ମ୍ୟାନ୍‌ମାର ମିଲିଟାରୀ ନେତାମାନେ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ବହିରୁ ଗୋଟିଏ ପୃଷ୍ଠା ପଢ଼ିଛନ୍ତି। ସେଥିପାଇଁ ସେମାନେ ନିର୍ବାଚନୀ ହେରଫେର୍ ଆଳରେ ଗଣତାନ୍ତ୍ରିକ ସରକାରକୁ ଗଡ଼ାଇ ଦେଇଛନ୍ତି। ଆମେରିକା ଏବଂ ମ୍ୟାନ୍‌ମାର ଉଭୟଙ୍କ ଉଦାହରଣ ଏବେ ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ପାଇଁ ଅସୁବିଧାଜନକ ସ୍ଥିତି ସୃଷ୍ଟି କରିପାରେ। ଯେକୌଣସି ନିର୍ବାଚନକୁ ଗୋଳମାଳିଆ ରୂପ ଦେଇ ଫଳାଫଳକୁ ପ୍ରତ୍ୟାଖ୍ୟାନ କରିହେବ। ମ୍ୟାନ୍‌ମାରରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଅଙ୍ଗ୍ ସାନ୍ ସ୍ୟୁ ଚୀ ଦୀର୍ଘ ଦଶନ୍ଧି ଧରି ଅଭିଯାନ ଚଳାଇ ଆସିଥିଲେ। ୨୦୧୫ରେ ସେଠାକାର ଜନସାଧାରଣ ଗଣତନ୍ତ୍ରର ସୁଫଳକୁ ଉପଭୋଗ ମଧ୍ୟ କରିଥିଲେ। ଆଶା କରାଯାଉଥିଲା ନଭେମ୍ବରରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଶେଷ ହୋଇଥିବାରୁ ଜନସାଧାରଣ ଅଧିକ ସ୍ୱାଧୀନତା ପାଇବେ। ହେଲେ ୧ ଫେବୃୟାରୀରେ ନୂଆ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ସୈନ୍ୟବାହିନୀ ସାମରିକ ବିଦ୍ରୋହ ବଳରେ କ୍ଷମତା ଦଖଲ କରି ପ୍ରାୟ ୧ ବର୍ଷ ପାଇଁ ମ୍ୟାନ୍‌ମାରକୁ ସାମରିକ ଶାସନ ଭିତରେ ରଖିବ ବୋଲି ଜଣାପଡ଼ିଛି। ମିଲିଟାରୀ ଶାସକମାନେ କହିଛନ୍ତି ଯେ, ପୂର୍ବଗଠିତ ନିର୍ବାଚନ କମିଶନଙ୍କୁ ଭାଙ୍ଗି ଏକ ନୂତନ ଆୟୋଗ ସୃଷ୍ଟି କରାଯିବ ଏବଂ ଏକ ବର୍ଷ ମଧ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା କେତେଦୂର ସତ୍ୟ ତାହା କେବଳ ସମୟ କହିବ। କାରଣ ମଣିଷ ରକ୍ତ ଚାଖିଥିବା ବାଘ ଯେଉଁଭଳି ଅନ୍ୟ କିଛି ପଶୁ ଖୋଜେନାହିଁ, ସେହିଭଳି କ୍ଷମତା ଚାଖିଥିବା ମିଲିଟାରୀ ଜୁଣ୍ଟା କେବେହେଲେ, ସହଜରେ, କ୍ଷମତା ଛାଡ଼େନାହିଁ। ଏତଦ୍‌ବ୍ୟତୀତ ଏହା ମଧ୍ୟ ଉଲ୍ଲେଖନୀୟ ଯେ ପୂର୍ବରୁ ଦୀର୍ଘବର୍ଷ ଧରି କ୍ଷମତାରେ ରହିଥିବା ମ୍ୟାନ୍‌ମାର ସାମରିକ ବାହିନୀ ଅନ୍ତର୍ଜାତୀୟ ସ୍ତରରେ ସମ୍ପର୍କ ସ୍ଥାପନ କରିବାରେ ସକ୍ଷମ ବୋଲି ଦର୍ଶାଇ ସାରିଛି। ଚାଇନା ସହିତ ଅତ୍ୟନ୍ତ ଘନିଷ୍ଠ ବ୍ୟବସାୟିକ ସମ୍ପର୍କ ଥିବାବେଳେ ମ୍ୟାନ୍‌ମାର୍‌ର ଅନ୍ୟ ସବୁ ଏସୀୟ ଦେଶଗୁଡ଼ିକ ସହିତ ବାଣିଜ୍ୟ କାରବାର ଅବ୍ୟାହତ ରହିଆସିଛି। ମିଲିଟାରୀ ଶାସନ ଥିବା ସତ୍ତ୍ୱେ ପଡ଼ୋଶୀ ଦେଶଗୁଡ଼ିକ ମ୍ୟାନ୍‌ମାରକୁ ପୂର୍ବରୁ ଏକଘରିଆ କରି ନ ଥିଲେ। ସେଥିପାଇଁ ଭବିଷ୍ୟତକୁ ସାମ୍ନା କରିବା ପାଇଁ ଏହି ମିଲିଟାରୀ କର୍ତ୍ତୃପକ୍ଷ ନିଶ୍ଚିତ ପ୍ରସ୍ତୁତ ଥିବେ। ଫେବୃୟାରୀ ୧ରେ ସାମରିକ କ୍ଷମତା ହାସଲକୁ କେବଳ ଆମେରିକା ଓ ଅଷ୍ଟ୍ରେଲିଆ ବିରୋଧ କରିଛନ୍ତି। ତେବେ ଆମେରିକା ପୂର୍ବରୁ ମ୍ୟାନ୍‌ମାର ସହିତ ସବୁ ସମ୍ପର୍କ କାଟିସାରିଛି। ସେହି ଦେଶର ସଂଖ୍ୟାଲଘୁ ରୋହିଙ୍ଗ୍ୟାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକା ନ ଯିବା ପର୍ଯ୍ୟନ୍ତ ଆମେରିକାର ଏହି ବାସନ୍ଦ କାର୍ଯ୍ୟକାରୀ ଥିବାରୁ, ସେଥିପ୍ରତି ମ୍ୟାନ୍‌ମାର ଶାସକଙ୍କ କୌଣସି ଭୟ ନ ଥିବ।

ମ୍ୟାନ୍‌ମାରରେ ସାମରିକ ଶାସନ ପ୍ରତିଷ୍ଠା କରାଯିବା ଗଣତନ୍ତ୍ର ପ୍ରତି ଏକ ଆକ୍ରମଣ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଭାରତ ସରକାର ଆଶା କରିଛନ୍ତି ଯେ, ସେଠାରେ ଖୁବ୍ ଶୀଘ୍ର ଗଣତନ୍ତ୍ର ପ୍ରତିଷ୍ଠା ହେଉ। ଏଭଳି ପରିପ୍ରେକ୍ଷୀରେ ମ୍ୟାନ୍‌ମାର ଉପରେ ବାସନ୍ଦ ଲଗାଯାଇ ଅନ୍ତର୍ଜାତୀୟ ଚାପ ପ୍ରୟୋଗ କଲେ ହୁଏତ କାମ ଦେଇ ନ ପାରେ। ନିକଟରେ ଭାରତ ଦେଇଥିବା ୧୫ ଲକ୍ଷ କୋଭିଡ ଟିକାକୁ ମ୍ୟାନ୍‌ମାର ତା'ର ନାଗରିକଙ୍କୁ ଦେବାକୁ ଆରମ୍ଭ କରିଥିବା ବେଳେ ଚାଇନା ପକ୍ଷରୁ ଯଚା ଯାଇଥିବା ୩ ଲକ୍ଷ ଡୋଜ୍‌କୁ ଗ୍ରହଣ କରି ନାହିଁ। ତେଣୁ ଭାରତ ଏପରି ସ୍ଥଳେ ଠିକ୍ ଭାବେ ବୈଦେଶିକ ନୀତି ପ୍ରୟୋଗ କରିବା ଦରକାର। ମ୍ୟାନ୍‌ମାରବାସୀ ଚାହିଁଲେ ସେଠାରେ ଗଣତନ୍ତ୍ର ଫେରିପାରିବ। କାରଣ ସେମାନେ ସ୍ୟୁ ଚୀଙ୍କୁ ଦେଇଥିବା ୮୩ ପ୍ରତିଶତ ଭୋଟ ଗଣତନ୍ତ୍ର ଫେରାଇ ଆଣିବା ଲାଗି ଯଥେଷ୍ଟ ହେବ, ଯଦି ସେମାନେ ପୁଣି ଏକଜୁଟ ହୁଅନ୍ତି।



# ସମୟର ଆହ୍ୱାନ: ଏକ ସମୟରେ ନିର୍ବାଚନ

ଅନିଲ କୁମାର ବିଶ୍ୱାଳ

ଦେଶରେ ୱାନ୍ ନେଶନ, ୱାନ୍ ଇଲେକ୍ସନ ବା ଏକ ରାଷ୍ଟ୍ର, ଏକ ନିର୍ବାଚନକୁ ନେଇ ଚର୍ଚ୍ଚା ଚାଲିଛି। ଏଠାରେ ଏକ ନିର୍ବାଚନ ଅର୍ଥ ନୁହେଁ ଗୋଟିଏ ନିର୍ବାଚନ। ଏହାର ଅର୍ଥ ଦେଶର ଲୋକ ସଭା ଓ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଏକ ସମୟରେ ଅନୁଷ୍ଠିତ ହେବ। ଆମ ଦେଶରେ ଏବେ ଚାଲିଥିବା ନିର୍ବାଚନ ପରିଚାଳନା ସମ୍ବନ୍ଧିତ ବ୍ୟବସ୍ଥାରେ ଅସ୍ଥିରତା ଯୋଗୁ ବିଧାନସଭା ହେଉ ବା ଲୋକ ସଭା ବାରମ୍ବାର ଭାଙ୍ଗେ, ପୁଣି ନିର୍ବାଚନ ହୁଏ। ଯଦି ଆମେ ୧୯୫୧ ମସିହାରୁ ହିସାବ କରିବା ତା'ହେଲେ ଦେଶରେ ଆଜି ସୁଦ୍ଧା ୧୪ଥର ଲୋକ ସଭା ନିର୍ବାଚନ ହେବା କଥା, ଯେଉଁଠି ଏବେ ସୁଦ୍ଧା ହେଲାଣି ୧୭ ଥର। ଓଡ଼ିଶାରେ ତତ୍କାଳୀନ ରାଜନୈତିକ ଅସ୍ଥିରତା କାରଣରୁ ୧୯୭୧ରୁ ୧୯୮୦ ଭିତରେ ପ୍ରତି ୩ ବର୍ଷରେ ଥରେ ବିଧାନସଭା ନିର୍ବାଚନ ହୋଇଥିଲା। ଓଡ଼ିଶା ଭଳି ଗରିବ ରାଜ୍ୟ ମାତ୍ର ୯ ବର୍ଷରେ ୪ ଥର ବିଧାନସଭା ନିର୍ବାଚନର ବ୍ୟୟ ସମ୍ଭାଳିଥିଲା। ଅନାବଶ୍ୟକ ଓ ଅପ୍ରତ୍ୟାଶିତ ନିର୍ବାଚନ ଦ୍ୱାରା ଦେଶର ରାଜସ୍ୱରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ। ଖାଲି ଦେଶର ଖଜଣାଖାନାରୁ ଯାଉନି, ବରଂ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିର୍ବାଚନ ଜିତିବା ପାଇଁ ପାଣି ଭଳିଆ ଅର୍ଥ ଖର୍ଚ୍ଚ କରୁଛନ୍ତି। ରାଜନୈତିକ ଦଳଗୁଡ଼ିକ ଖର୍ଚ୍ଚ କରୁଥିବା ଏହି ଅର୍ଥ କାହାର ? ଏହା ଲୋକମାନଙ୍କର ପଇସା। ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଲଢ଼ନ୍ତି ବିଭିନ୍ନ କର୍ପୋରେଟ, କମ୍ପାନୀ, ଠିକାଦାରଙ୍କ ପଇସାରେ। ପରେ କ'ଣ ହୁଏ। ଯେଉଁମାନେ ପଇସା ଦେଇଥାନ୍ତି ସେହିମାନେ ଅନୁଗୃହୀତ ହୁଅନ୍ତି। ୧ ଟଙ୍କାର କାମକୁ ୧୦ ଟଙ୍କାରେ କରନ୍ତି ନ ହେଲେ ପ୍ରାକୃତିକ ସମ୍ପଦକୁ ଶାଗମାଛ ଦରରେ ପାଆନ୍ତି। ସବୁକ୍ଷେତ୍ରରେ ଦେଶର କ୍ଷତି ହୋଇଥାଏ। ଦେଶର କ୍ଷତି ମାନେ ଲୋକଙ୍କର କ୍ଷତି ହୁଏ। ୨୦୧୯ ନିର୍ବାଚନ ବେଳେ ବିଭିନ୍ନ ରାଜନୈତିକ ଦଳ ୬୦ ହଜାର କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରିଥିଲେ ବୋଲି ରିପୋର୍ଟମାନ ପ୍ରକାଶ ପାଇଥିଲା। ସେହିପରି ନିର୍ବାଚନ ପରିଚାଳନାରେ ସରକାରୀ ଅର୍ଥ ବି ଖର୍ଚ୍ଚ ହୋଇଥିଲା; ଯାହାର ପରିମାଣ ଥିଲା ୧୦ ହଜାର କୋଟି ଟଙ୍କା।

ଭାରତରେ ନିର୍ବାଚନ ପରିଚାଳନା ପାଇଁ ବିପୁଳ ସଂଖ୍ୟାରେ ସରକାରୀ କର୍ମଚାରୀଙ୍କ ଆବଶ୍ୟକତା ପଡ଼େ। ସେହି ସମୟରେ ସେମାନେ ନିର୍ବାଚନ ପରିଚାଳନା ଛଡ଼ା ଅନ୍ୟ କୌଣସି କାମ କରିପାରନ୍ତି ନାହିଁ। ଯଦି ଦେଶରେ ବା କୌଣସି ରାଜ୍ୟରେ ୫ ବର୍ଷ ପୂର୍ବରୁ ନିର୍ବାଚନ ହୁଏ ବା ବାରମ୍ବାର ନିର୍ବାଚନ ହୁଏ ତା'ହେଲେ ଏହା ଏକ ପ୍ରକାର ଦେଶର ସିଧାସଳଖ ଆର୍ଥିକ କ୍ଷତି ବୋଲି ମାନିବାକୁ ପଡ଼ିବ। ବର୍ଷ ସାରା ନିର୍ବାଚନ ଲାଗି ରହୁଥିବାରୁ ଆମର ପ୍ରଶାସନ, ଶିକ୍ଷା, ଅର୍ଥନୀତି, ରାଜନୀତି, ଜନମଙ୍ଗଳ କାର୍ଯ୍ୟକ୍ରମ ବିଶେଷ ଭାବରେ ପ୍ରଭାବିତ ହେଉଛି। ଏକ ସମୟରେ ନିର୍ବାଚନ ହେଲେ ଦେଶର ପ୍ରଶାସନିକ କଳ, ସୁରକ୍ଷା ବାହିନୀ ଆଦିର ମାନବ ସମ୍ବଳର ସଞ୍ଚୟ ହେବ। ନିର୍ବାଚନରେ ଶିକ୍ଷକମାନେ ପରିଚାଳନା ଦାୟିତ୍ୱ ତୁଲାଉଥିବାରୁ ପ୍ରତିବର୍ଷ ନଷ୍ଟ ହେଉଥିବା ଶିକ୍ଷାଦାନର କାର୍ଯ୍ୟ ଦିବସ ବଞ୍ଚିଯିବ। ପ୍ରତି ବର୍ଷ ଦେଶରେ କେଉଁଠି ନା କେଉଁଠି ନିର୍ବାଚନ ଥାଏ। ସେଥିପାଇଁ ଆଚରଣ ସଂହିତା ଲାଗିବା ବେଳେ ବିକାଶମୂଳକ କାମରେ ବାଧା ଆସେ। ଖାଲି ସେତିକି ନୁହେଁ ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟକୁ ସେହି ଆର୍ଥିକ ବର୍ଷରେ ବେଶି ପ୍ୟାକେଜ ମିଳେ; ଯାହା ଅନ୍ୟ ରାଜ୍ୟର ସଂଘୀୟ ଅଧିକାରକୁ କ୍ଷୁଣ୍ଣ କରେ। ଏକ ସମୟରେ ନିର୍ବାଚନ ଏହି ଆଞ୍ଚଳିକ ତୁଷ୍ଟୀକରଣ ରାଜନୀତିର ସମାପ୍ତି କରାଇବ। ଖାଲି ସେତିକି ନୁହେଁ, ଦେଶରେ ଧର୍ମ ବା ଜାତିବାଦର ଯେଉଁ ଧ୍ରୁବୀକରଣ ହେଉଛି ତାହା ପଛରେ ଏକ କାରଣ ମଧ୍ୟ ନିର୍ବାଚନ। ସ୍ୱାଭାବିକ ଭାବରେ ପାଞ୍ଚ ବର୍ଷରେ ଥରେ ନିର୍ବାଚନ ହେଲେ ଏହି ଧ୍ରୁବୀକରଣ କମିପାରିବ। ବିଭିନ୍ନ ରାଜନୈତିକ ବ୍ୟବସ୍ଥା ସହିତ ଜଡ଼ିତ ହୋଇ ଚାଲୁଥିବା କଳା ଟଙ୍କାର ସମାନ୍ତରାଳ କାରବାର ଉପରେ ରୋକ ଲାଗିପାରିବ। ଏହାର କାରଣ ହେଉଛି ଏକ ସମୟରେ ନିର୍ବାଚନ ହେଲେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ବାରମ୍ବାର ନିର୍ବାଚନକୁ ସମ୍ମୁଖୀନ ହେବାର ଯେଉଁ ଭୟ ରହୁଥିଲା ତାହା ଆଉ ରହିବନି।

୧୯୫୨ରୁ ୧୯୬୭ ପର୍ଯ୍ୟନ୍ତ କ୍ରମାଗତ ଚାରିଟିଯାକ ନିର୍ବାଚନ ଦେଶରେ ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ ହୋଇଥିଲା। ଓଡ଼ିଶାରେ ୨୦୦୪ ପରଠାରୁ ଏକ ସମୟରେ ଉଭୟ ନିର୍ବାଚନ ହୋଇଆସୁଛି। ସେ ଦୃଷ୍ଟିରୁ ଓଡ଼ିଶା ଦେଶରେ ଆଦର୍ଶ ରାଜ୍ୟ। ୧୯୭୧ରେ ହୋଇଥିବା ଲୋକ ସଭା ନିର୍ବାଚନ ପ୍ରଥମ ନିର୍ବାଚନ ଥିଲା; ଯେଉଁଥିରେ ପ୍ରଥମ ଥର ପାଇଁ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇ ନ ଥିଲା। ୧୯୬୮ରେ ପ୍ରଥମେ ହରିୟାଣାରେ, ୧୯୬୯ରେ ପଶ୍ଚିମବଙ୍ଗ, ପଞ୍ଜାବରେ ନିର୍ବାଚନ ହେବା ଦ୍ୱାରା ଏକ ସମୟରେ ନିର୍ବାଚନ ହେବାର ପରମ୍ପରା ଭାଙ୍ଗିଥିଲା।

୧୯୮୩ରେ ନିର୍ବାଚନ କମିଶନ ତାଙ୍କ ରିପୋର୍ଟରେ ଏକ ସମୟରେ ନିର୍ବାଚନ ପୁନଃ ପ୍ରଚଳନ ସପକ୍ଷରେ ମନ୍ତବ୍ୟ ଦେଇଥିଲେ। ୧୯୯୯ରେ ଜାତୀୟ ଆଇନ କମିଶନ ତାଙ୍କର ୧୭୦ ତମ ରିପୋର୍ଟରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଏକକାଳୀନ ନିର୍ବାଚନ ସପକ୍ଷରେ ଯୁକ୍ତି କରିଥିଲେ। ଏହି ସୁପାରିସ ଅନୁସାରେ ବିରୋଧୀ ଦଳ ଶାସକ ଦଳ ବିରୋଧରେ ଯେତେବେଳେ ଅନାସ୍ଥା ପ୍ରସ୍ତାବ ଆଣିବେ ସେତେବେଳେ ନୂଆ ବିକଳ୍ପ ନେତାଙ୍କର ନାମ ଓ ସମର୍ଥକଙ୍କ ସଂଖ୍ୟା ରହିବା ବାଧ୍ୟତାମୂଳକ ହେବ; ଯାହା ଫଳରେ ୫ ବର୍ଷ ପୂର୍ବରୁ ଆଉ ଥରେ ନିର୍ବାଚନର ଆବଶ୍ୟକତା ପଡ଼ିବ ନାହିଁ। ୨୦୧୫ରେ ଜାତୀୟ ଆଇନ କମିଶନ ତାଙ୍କର ରିପୋର୍ଟରେ ଓ ପାର୍ଲାମେଣ୍ଟର ଷ୍ଟାଣ୍ଡିଂ କମିଟି ତାଙ୍କର ୭୯ତମ ରିପୋର୍ଟରେ ବି ଏହି ସମାନ ବିଷୟ ରଖିଛନ୍ତି। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ମଧ୍ୟ ଏହା ସପକ୍ଷରେ କହିଥିଲେ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନର ଉଦ୍ଦେଶ୍ୟ ମହତ। ଏହି ଏକ ସମୟରେ ନିର୍ବାଚନରେ ସ୍ଥାନୀୟ ପଞ୍ଚାୟତ ବା ନଗର ପାଳିକାର ନିର୍ବାଚନ କରାଯିବାକୁ ସାମିଲ କରାଯାଇପାରିବ କି ନାହିଁ ତାହା ଉପରେ ବି ବିତର୍କର ଆବଶ୍ୟକତା ରହିଛି। ଇଂଲଣ୍ଡ, ଇଣ୍ଡୋନେସିଆ, ଜର୍ମାନୀ, ସୁଇଡେନ, ଦକ୍ଷିଣ ଆଫ୍ରିକା ଭଳି ଅନେକ ଦେଶ ଏଫ୍‌ଟିପି ବା ଫିକ୍ସଡ ଟର୍ମ ପାର୍ଲାମେଣ୍ଟ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏହି ପ୍ରକ୍ରିୟାରେ ସଂସଦର କାର୍ଯ୍ୟକାଳ ନିର୍ଦ୍ଦିଷ୍ଟ। ସେହିଭଳି ଫିଲିପାଇନ୍‌ସ, ହଙ୍ଗେରି, ପୋଲାଣ୍ଡ, କୋଷ୍ଟାରିକା, ବଲିଭିଆ, ଇଣ୍ଡୋନେସିଆ, ସ୍ପେନ, ବେଲଜିୟମ, ପୋଲାଣ୍ଡ ଆଦି ଦେଶରେ ସମସ୍ତ ସ୍ତରର ନିର୍ବାଚନ ଏକ ସମୟରେ ହୁଏ।

ଏହି ପ୍ରସ୍ତାବକୁ ଯେଉଁ ରାଜନୈତିକ ଦଳଗୁଡ଼ିକ ବିରୋଧ କରୁଛନ୍ତି ସେମାନଙ୍କର ଯୁକ୍ତି ହେଲା ଯେ ଏହି ପ୍ରସ୍ତାବ ପଛରେ ରାଜନୈତିକ ଅଭିସନ୍ଧି ରହିଛି, ଏହା ଦ୍ୱାରା ଜାତୀୟ ଦଳଗୁଡ଼ିକୁ ଲାଭ ହେବ। ଲୋକମାନେ ଜାତୀୟ ହାୱାରେ ଭାସିଯାଇ ବିଧାନସଭାର ଭୋଟଗୁଡ଼ିକ ଲୋକ ସଭା ଆଧାରରେ ଦେଇଦେବେ। ହେଲେ ଏହି ଅଭିଯୋଗ ବା ଆକଳନ ଭୁଲ୍। କାରଣ ଓଡ଼ିଶାରେ ତ ଏକ ସମୟରେ ନିର୍ବାଚନ ହେଉଛି। କାହିଁ ଏଠାରେ ତ ଜାତୀୟ ଦଳଗୁଡ଼ିକ ସରକାର କରିପାରିଲେ ନାହିଁ। ୨୦୧୯ ନିର୍ବାଚନରେ ଓଡ଼ିଶାରେ ଭାଜପାର ଲୋକ ସଭା ଭୋଟ ସଂଖ୍ୟା ୯୧ ଲକ୍ଷ ହୋଇଥିବା ବେଳେ ବିଧାନସଭା ଭୋଟ ସଂଖ୍ୟା ଥିଲା ୭୭ ଲକ୍ଷ। ଯଦି ଏକ ସମୟରେ ନିର୍ବାଚନରେ ଭୋଟରମାନେ ଜାତୀୟ ରାଜନୀତି ହାୱାରେ ଭଳି ଯାଉଥାନ୍ତେ ତା'ହେଲେ ଓଡ଼ିଶାରେ ଭାଜପା ୧୪ ଲକ୍ଷ ଭୋଟ ବିଧାନସଭାରେ କମ୍ ପାଇଲା କିପରି? ସେହିପରି ୧୯୬୭ରେ ହୋଇଥିବା ନିର୍ବାଚନ; ଯେଉଁଥିରେ ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ଏକ ସମୟରେ ହୋଇଥିଲା ଓଡ଼ିଶାରେ କଂଗ୍ରେସ ଦଳ ମାତ୍ର ୩୧ଟି ବିଧାନସଭା ଆସନ ଜିତି ତୃତୀୟ ସ୍ଥାନରେ ଥିଲା କିନ୍ତୁ କେନ୍ଦ୍ରରେ କଂଗ୍ରେସ ସରକାର ଆସିଥିଲା। ଖାଲି ଓଡ଼ିଶା ନୁହେଁ ସେହି ସମୟରେ କେରଳରେ କମ୍ୟୁନିଷ୍ଟ ଦଳ ବି ବିଧାନସଭା ନିର୍ବାଚନ ଜିତିଥିଲା। ମାଡ୍ରାସ ବିଧାନସଭା (ଆଜିର ତାମିଲନାଡୁ)ରେ ଡିଏମ୍‌କେ ୧୭୯ଟି ଆସନ ଜିତିଥିବା ବେଳେ କଂଗ୍ରେସ ଜିତିଥିଲା ମାତ୍ର ୫୧ ଆସନ। ତେଣୁ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ଅଲଗା ଅଲଗା ଦଳକୁ ଭୋଟ ଦେବା ଏବଂ ଜାତୀୟ ଦଳର ପ୍ରଚାରରେ ପ୍ରଭାବିତ ନ ହେବା ଭାରତୀୟ ଭୋଟରଙ୍କ ପାଇଁ ନୂଆ ନୁହେଁ। କୁହାଯାଉଛି ଯେ, ଭୋଟରମାନେ ସ୍ଥାନୀୟ ସମସ୍ୟାକୁ ଭୁଲି ରାଷ୍ଟ୍ରୀୟ ସମସ୍ୟା ଓ ରାଷ୍ଟ୍ରୀୟ ନେତାଙ୍କ ଦ୍ୱାରା ଅଧିକ ପ୍ରଭାବିତ ହେବେ। ଛୋଟ ଛୋଟ ଦଳଗୁଡ଼ିକ ସମୟ କ୍ରମରେ ଅପ୍ରାସଙ୍ଗିକ ହୋଇଯିବେ। ଯେଉଁମାନେ ଏପରି କହୁଛନ୍ତି ସେମାନେ ଦେଶର ଭୋଟରଙ୍କ ବିଜ୍ଞତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ୧୯୫୧ରୁ ୧୯୬୭ ମଧ୍ୟରେ ହୋଇଥିବା ଏକକାଳୀନ ନିର୍ବାଚନ ବେଳେ ଦେଶରେ ବର୍ତ୍ତମାନ ଅପେକ୍ଷା ଅଧିକ ଲୋକ ନିରକ୍ଷର ଥିଲେ। ଏବେ ନିରକ୍ଷର ସଂଖ୍ୟା ବହୁତ କମ୍। ନିର୍ବାଚନ ପ୍ରକ୍ରିୟାରେ ଅନେକ ସଂସ୍କାର ମଧ୍ୟ ଆସିଛି।

ଦେଶରେ ଏହି ବ୍ୟବସ୍ଥା ପ୍ରଚଳନ କରିବାକୁ ହେଲେ ସମ୍ବିଧାନ ସଂଶୋଧନ କରି ବିଧାନସଭା ଓ ଲୋକ ସଭାର କାର୍ଯ୍ୟକାଳକୁ ଗୋଟିଏ ଦିନକୁ ଆଣିବାକୁ ହେବ। ଏଥିପାଇଁ ଆବଶ୍ୟକ ହେଲେ କେତେକ ବିଧାନସଭାକୁ ଭାଙ୍ଗି ଆଗୁଆ ନିର୍ବାଚନ କରିବାକୁ ପଡ଼ିବ। ଆର୍ଟିକିଲ ୮୩ ଓ ୮୫ ଯାହା ସଂସଦର କାର୍ଯ୍ୟକାଳ ସହିତ ସମ୍ବନ୍ଧିତ, ଆର୍ଟିକିଲ ୧୭୨ ଓ ୧୭୪, ଯାହା ରାଜ୍ୟଗୁଡ଼ିକର ବିଧାନସଭାର କାର୍ଯ୍ୟକାଳ ସହିତ ଜଡ଼ିତ, ଆର୍ଟିକିଲ ୩୫୬ (ରାଷ୍ଟ୍ରପତି ଶାସନ), ଆର୍ଟିକିଲ ୩୨୪ (ନିର୍ବାଚନ କମିଶନଙ୍କ ସମ୍ପର୍କିତ), ଜନ ପ୍ରତିନିଧି ନିୟମ ୧୯୫୧ ଆଦିରେ ସଂଶୋଧନ କରିବାକୁ ପଡ଼ିବ। ସମ୍ବିଧାନ ସଂଶୋଧନ ପାଇଁ ଯେ କେନ୍ଦ୍ର ସରକାରଙ୍କ ପାଖରେ କିଛି ପ୍ରତିବନ୍ଧକ ଅଛି ତାହା ନୁହେଁ କାରଣ ସରକାରୀ ଦଳର ଉଭୟ ଗୃହରେ ସଂଶୋଧନ ଆଇନକୁ ପାରିତ କରାଇବା ପାଇଁ ସଂଖ୍ୟାର ଅଭାବ ନାହିଁ। କିନ୍ତୁ ଯାହା ବୁଝାପଡୁଛି, ସରକାର ଆଇନ ଆଣିବା ଆଗରୁ ସମସ୍ତ ବିରୋଧୀଙ୍କୁ ବି ଏହି ପ୍ରସଙ୍ଗରେ ଏକମତରେ ରାଜି କରାଇ ଆଇନ ଆଣିବା ପାଇଁ ଚାହୁଁଛନ୍ତି। ଏହା ଉପରେ ସାରା ଦେଶରେ ବିମର୍ଷ କରାଇବା ପାଇଁ ପ୍ରୟାସ କରୁଛନ୍ତି। ଭବିଷ୍ୟତରେ ନ୍ୟାୟିକ ବ୍ୟବସ୍ଥା ପଟରୁ ଯେପରି କୌଣସି ପ୍ରତିବନ୍ଧକ ନ ଆସେ ସେଥିପାଇଁ ମଧ୍ୟ ପ୍ରୟାସ ଚାଲିଛି।

ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳର ସୃଷ୍ଟି ନୁହେଁ। ଗଣତନ୍ତ୍ରରେ ଜନମତକୁ ସୁଯୋଗ ଦେବା ପାଇଁ ନିର୍ବାଚନ ହେଉଛି ଏକ ପ୍ରକ୍ରିୟା ବା ବ୍ୟବସ୍ଥା; ଯେଉଁଥିରେ ଲୋକମାନେ ସେମାନଙ୍କର ପ୍ରତିନିଧି ବାଛିବେ। ହେଲେ ଏହା ଯଦି ବୋଝ ହୋଇଯିବ ବା ରାଜକୋଷକୁ ଅଯଥାରେ ଖର୍ଚ୍ଚାନ୍ତ କରାଇବ, ଦେଶର ବିକାଶରେ ବାଧକ ସାଜିବ ତା'ହେଲେ ଏହା କେମିତି ଗ୍ରହଣୀୟ ହେବ। ରାଜନୈତିକ ଦଳଗୁଡ଼ିକ, ବୁଦ୍ଧିଜୀବୀମାନେ ଏହା ଉପରେ ବ୍ୟାପକ ଆଲୋଚନା କରିବାର ସମୟ ଆସିଛି।

ହରିରାଜପୁର, ପୁରୀ, ମୋ:୮୨୪୯୮୬୮୯୬୧



# ଶ୍ୱାସରୁଦ୍ଧ ପାରିବାରିକ ସମ୍ପର୍କ

ମୀରା ବେଉରା

ଭାରତବର୍ଷ ସାଧୁ ସନ୍ନ୍ୟାସୀଙ୍କ ଦେଶ, ମୁନିଋଷିଙ୍କ ଦେଶ; ଯେଉଁଠି ପରିବାର ହିଁ ସମାଜର ମୂଳପିଣ୍ଡ ଆଉ ସେହି ପରିବାରର ଅଧିଷ୍ଠାତ୍ରୀ ଦେବୀ ହେଉଛି ନାରୀ। ପରିବାରକୁ ଏକ ପ୍ରଭାବଶାଳୀ ମୂଳ ସାମାଜିକ ପ୍ରତିଷ୍ଠାନ ରୂପେ ଗ୍ରହଣ କରାଯାଇଛି। ସମାଜର ଏକ କ୍ଷୁଦ୍ର ପ୍ରତିଛବି ହେଉଛି ପରିବାର, ଯେଉଁଠି ବ୍ୟକ୍ତିତ୍ୱର ମୂଳଦୁଆ ବା ଭିତ୍ତିପ୍ରସ୍ତର ପଡ଼ିଥାଏ। ଗୋଟିଏ ସୁସ୍ଥ ପରିବାର ସ୍ନେହ, ଶ୍ରଦ୍ଧା, ଭଲପାଇବା, ତ୍ୟାଗ, ସମ୍ମାନ, ତିତିକ୍ଷାର ଭିତ୍ତିପ୍ରସ୍ତର ଉପରେ ସର୍ବଦା ଦଣ୍ଡାୟମାନ ହୋଇଥାଏ। ଶିଶୁଟି ପ୍ରଥମେ ତା'ର ପରିବାରରୁ ହିଁ ଶିକ୍ଷାଲାଭ କରିଥାଏ। ତେଣୁ ମହାନ୍ ଶିକ୍ଷାବିତ୍ ପେଷ୍ଟାଲ୍‌ଲସି ପରିବାରକୁ ହିଁ ଶିଶୁର ପ୍ରଥମ ବିଦ୍ୟାଳୟ ଏବଂ ଜନନୀକୁ ପ୍ରଥମ ଶିକ୍ଷୟିତ୍ରୀ ବୋଲି କହିଛନ୍ତି। ଶିଶୁର ବ୍ୟକ୍ତିତ୍ୱର ପରିପ୍ରକାଶ ମଧ୍ୟ ଘଟିଥାଏ ଏହି ପରିବାରରେ। ଶିକ୍ଷାସାଧନ କ୍ଷେତ୍ରରେ ପରିବାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଉପଲକ୍ଷେ ଚିନ୍ତାନାୟକ ବିନୋବାଭାବେ କହିଥିଲେ, "ଏକ ସୁସ୍ଥ ଶିକ୍ଷା ପ୍ରଣାଳୀରେ ଗୃହ ଶିକ୍ଷାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୃହରେ ପରିଣତ ହେବା ଉଚିତ।" ଅର୍ଥାତ୍ ଶିଶୁର ଚାଲିଚଳନ, ଆଚାରବ୍ୟବହାର, ନୈତିକତା, ଚରିତ୍ର ଗଠନ, ଭାବ ବିନିମୟ ଶୈଳୀ ଇତ୍ୟାଦି ପରିବାର ମାଧ୍ୟମରେ ହିଁ ହୋଇଥାଏ।

ଶିଶୁଟିଏ ତା'ର ଶାରୀରିକଶିକ୍ଷା, ବୌଦ୍ଧିକଶିକ୍ଷା, ସାମାଜିକ ଶୃଙ୍ଖଳା, ନୈତିକ ଶିକ୍ଷା, ବୃତ୍ତିଗତଶିକ୍ଷା, ନାଗରିକତା ଶିକ୍ଷା ସବୁ ପରିବାରରେ ହିଁ ଲାଭ କରିଥାଏ। ଶିଶୁ ତା'ର ବିଚାର ବୁଦ୍ଧି, ଚିନ୍ତା ଆଦି ସୃଜନଶୀଳତାକୁ ବିକାଶ କରାଇ ସେଇ ସମାଜରେ ଏକ ପୂର୍ଣ୍ଣାଙ୍ଗ ବିକଶିତ ନାଗରିକ ରୂପେ ଉଦୀୟମାନ ହୁଏ।

ବେଦରେ ପରିବାରକୁ ସ୍ୱର୍ଗ ମଧ୍ୟ କୁହାଯାଏ। ସେହି ପରିବାର ହିଁ ପ୍ରୀତି, କରୁଣା, ବାତ୍ସଲ୍ୟ, ଦୟା ଆଦି ଦିବ୍ୟଗୁଣର ପ୍ରୟୋଗଶାଳା। ଏହି ଦିବ୍ୟଗୁଣଗୁଡ଼ିକୁ ଅବଲମ୍ବନ କରି ସୁନ୍ଦର ପରିବାରଟିଏ ନିର୍ମାଣ କରାଯାଏ। ବିଶାଳ ପ୍ରାସାଦରେ ବାସ କଲେ ମଧ୍ୟ ଯଦି ପରିବାରରେ ଶାନ୍ତି ନ ଥାଏ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ନ ଥାଏ, ତେବେ ତାହା ନର୍କରେ ବାସ କରିବା ସହ ସମାନ। ଗୃହର ମୁଖ୍ୟଭୂମିକା ନାରୀ ହିଁ ତୁଲାଇଥାଏ। ବୁଦ୍ଧିମତୀ ଗୃହିଣୀ ହିଁ ଯଶସ୍ୱୀ ଏବଂ ବଳିଷ୍ଠ ପରିବାରଟିଏ ଗଠନ କରିବାକୁ ସକ୍ଷମ ହୋଇଥାଏ। ନାରୀ ହିଁ ଆଦର୍ଶ। କିନ୍ତୁ ପାଶ୍ଚାତ୍ୟ ଦେଶଗୁଡ଼ିକରେ ନାରୀ ସ୍ୱାଧୀନତାରେ ବିଶୃଙ୍ଖଳା ବୃଦ୍ଧିପାଇ ପରିବାର ଖଣ୍ଡବିଖଣ୍ଡିତ ହେବାକୁ ଲାଗିଛି। ସେହି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଭାରତୀୟ ପରିବାର ମଧ୍ୟ ଖଣ୍ଡବିଖଣ୍ଡିତ ହେବା ଲକ୍ଷ୍ୟକରାଯାଉଛି। ନାରୀ ପ୍ରକୃତରେ ପରିବାର ରୂପୀ ଯଜ୍ଞର ବ୍ରହ୍ମା। ସତ୍ୟ ଉପରେ ହିଁ ପରିବାରଟିଏ ଦଣ୍ଡାୟମାନ। ଏହି ସତ୍ୟ ହିଁ ନାରୀର ଆଶା, ଦିଶା ନିର୍ଦ୍ଧାରଣ କରିବାରେ ସହାୟକ ହୋଇଥାଏ।

ଗୃହରେ ରହି ମଧ୍ୟ ଜଣେ ନାରୀ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ସେନାବାହିନୀର ମୁଖ୍ୟ ଆଦି ଭୂମିକା ନିର୍ବାହ କରିଥାଏ। ଯଦିଓ କର୍ମକ୍ଷେତ୍ର ନାରୀର ଗୃହ ତଥାପି ସେ ଅନେକ ଭୂମିକା ନିଭାଇଥାଏ। ସେ ପତ୍ନୀ, ଭଗ୍ନୀରୂପରେ ପୁରୁଷର ଚେତନାଶକ୍ତିକୁ ଜାଗ୍ରତ କରିଥାଏ। ସେ ପାନ୍ନାଧାଇ ରୂପରେ କେତେବେଳେ ସମାଜସେବା ତ ପୁଣି କେତେବେଳେ ରାଷ୍ଟ୍ରରକ୍ଷାର କର୍ତ୍ତବ୍ୟ ନିର୍ବାହ କରିଛନ୍ତି। ଏହାକୁ ସ୍ମରଣକରି ନାରୀ ଯଦି ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ଉପଲବ୍ଧି କରି ଗୋଟିଏ ଉତ୍ତମ ପରିବାରଟି ସୃଷ୍ଟି କରିବାରେ ସମର୍ଥ ହେବ ସେହିଦିନ ହିଁ ତା'ର ପୁନରୁତ୍ଥାନ ହେବ।

ଦୁଃଖର କଥା ହେଉଛି ପରିବାର ଆଜି ଭାଙ୍ଗି ଯାଉଛି। ବିଶ୍ୱାସରେ ଆଜି ନିଇତି ଭୂମିକମ୍ପ ସୃଷ୍ଟି ହେଉଛି। ସ୍ୱାମୀ ସ୍ତ୍ରୀ ଭିତରେ ସୁସମ୍ପର୍କ ଆଜି ଭୋଗବିଳାସ ଆଡ଼କୁ ଯାଉଛି। ଭଲପାଇବା, ବିଶ୍ୱାସ ପରିବର୍ତ୍ତେ ଆଜି ତିକ୍ତତା ବୃଦ୍ଧିପାଇ ପାରିବାରିକ ଜୀବନକୁ ପୂରାପୂରି ଅଣନିଃଶ୍ୱାସୀ କରିଦେଲାଣି। ପାଶ୍ଚାତ୍ୟ ରାଷ୍ଟ୍ରର ମୋହରେ ସଭିଏ ଆକର୍ଷିତ। ଦୈହିକ ସୁଖ ମେଣ୍ଟାଇବା ପାଇଁ ଆଜି ପରିବାରଗୁଡ଼ିକ ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇଯାଉଛି। ପ୍ରତ୍ୟେକ ପତ୍ନୀପତି ଆଜି ଭାବିବା ଦରକାର ପରିବାର କେବଳ ଶାରୀରିକ ସୁଖ ପାଇଁ ହୋଇ ନ ଥାଏ। ପରସ୍ପର ଭିତରେ ନୈତିକ ଓ ଆଧ୍ୟାତ୍ମିକତାର ମିଳନ ହିଁ ପରିବାର। ସେହି ଆଧ୍ୟାତ୍ମିକ ଓ ନୈତିକତାର ମିଳନରେ ଉତ୍ତମ ସନ୍ତାନ ସୃଷ୍ଟି ହୋଇ କୁଳ ଉଦ୍ଧାର କରେ। ଦେଶପାଇଁ ଉତ୍ତମ ଶ୍ରେଷ୍ଠ ନାଗରିକ ଜନ୍ମଦେବା ନାରୀର ଅପୂର୍ବ ଅବଦାନ- ଏହା ନାରୀ କଦାପି ବିସ୍ମରିଦେବା ଉଚିତ ନୁହେଁ। ନାରୀଟିଏ ଭୋଗବାଦୀ ବଦଳେ ପୁରୁଷାର୍ଥୀ, ପରିଶ୍ରମୀ ଏବଂ ସ୍ୱେଚ୍ଛାଚାରିଣୀ ପରିବର୍ତ୍ତେ ସଦାଚାରିଣୀ ହେବା ହିଁ ତା'ର ସହଜାତ ଗୁଣ ହେବା ଆବଶ୍ୟକ। ନାରୀ ନିଜର ସ୍ୱରୂପକୁ ହୃଦୟଙ୍ଗମ କଲେ ହିଁ ଏ ପୃଥିବୀ ସ୍ୱର୍ଗରେ ପରିଣତ ହେବ। ଆଉ ମଧ୍ୟ କନ୍ୟାକୁ ଯଦି ଉପଯୁକ୍ତ ଶିକ୍ଷା ଦିଆଯାଏ ଏବଂ ଉପଯୁକ୍ତ ସମ୍ମାନ ଦିଆଯାଏ ତେବେ ଏହି ଭାରତବର୍ଷରେ ମାତୃଶକ୍ତିର ଗୌରବ ପ୍ରତିଷ୍ଠିତ ହେବ। ଅତୀତରେ ରାଜାରାମମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଗୋବିନ୍ଦ ରାନାଡେ ପ୍ରମୁଖ ସମାଜସଂସ୍କାରକମାନେ ନାରୀ ଉତ୍ପୀଡ଼ନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ମାତ୍ର ଯେ ପର୍ଯ୍ୟନ୍ତ ହିନ୍ଦୁ ଶାସ୍ତ୍ରଗୁଡ଼ିକରେ ପକ୍ଷପାତ, ଦ୍ୱେଷପୂର୍ଣ୍ଣ ଅଂଶଗୁଡ଼ିକ ବାଦ୍ ଦିଆ ନ ଯିବ ବା ଏଗୁଡ଼ିକ ସଂଶୋଧିତ ନ ହେବ ସେ ପର୍ଯ୍ୟନ୍ତ ନାରୀ ପ୍ରତି ବିଦ୍ୱେଷ ଭାବ ରହିଥିବ।

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ-୯୮୫୩୩୫୦୩୮୪

## ଏଇ ଭାରତରେ

ପାଖରେ ଟଙ୍କା ନ ଥିଲା, କିନ୍ତୁ କେରଳରୁ କଶ୍ମୀର ଯାଏ ଚା' ବିକି ବିକି ସାଇକେଲରେ ଚାଲିଗଲେ ନିଧିନ ଏମ୍.କେ.। ଯିବା ସମୟରେ ଗୁଗଲ୍ ମ୍ୟାପ୍ ଥିଲା ତାଙ୍କ ଗାଇଡ୍। ଏଥିପାଇଁ ତାଙ୍କୁ ୧୦୦ ଦିନ ଲାଗିଛି। କେରଳର ଥ୍ରିସୁର୍‌ରୁ ବାହାରି ଜମ୍ମୁକଶ୍ମୀରରେ ପହଞ୍ଚିବା ଯାଏ ବାଟରେ କେବଳ ଚା'ବିକି ତାଙ୍କ ଖର୍ଚ୍ଚ ଉଠାଇଛନ୍ତି। ନିଧିନଙ୍କ ବୟସ ଏବେ ୨୩। ସେ ୩,୩୦୦ କି.ମି. ରାସ୍ତା ଅତିକ୍ରମ କରିପାରିଛନ୍ତି। ପ୍ରତିଦିନ ସକାଳ ୫.୩୦ରେ ସେ ତାଙ୍କ ଯାତ୍ରା ଆରମ୍ଭ କରନ୍ତି ଓ ଅପରାହ୍ନ ୪ଟା ଯାଏ ସାଇକେଲ ଚଳାନ୍ତି। ସୁବିଧାରେ ଚା'କରିବା ପାଇଁ ପାଣି ଓ କ୍ଷୀର ମିଳୁଥିବା କୌଣସି ଏକ ଦୋକାନ ନିକଟରେ ଅଟକନ୍ତି। ବ୍ୟାଗରେ ନେଇଥିବା ଷ୍ଟୋଭ୍ ଓ ଚିନି,ଚା'ପାଉଡରରେ ୩୫ କପ୍ ଚା' କରି ଏକ ଫ୍ଲାଶରେ ରଖିଥାନ୍ତି। ଚା' ବିକି ଦିନକୁ ସେ ପାଖାପାଖି ୩୫୦ ଟଙ୍କା ରୋଜଗାର କରନ୍ତି। ଏଥିରେ ସେ ଖାଦ୍ୟ ଓ ଯାତ୍ରା ଲାଗି ଅନ୍ୟ ଆବଶ୍ୟକୀୟ ଜିନିଷ କିଣିଥାଆନ୍ତି। ବିନା ଚା'ରେ ଅନେକ ଲୋକ ତାଙ୍କୁ ଟଙ୍କା ବି ଦିଅନ୍ତି। ଚା'ବିକିବା ପରେ ନିଧିନ ନିକଟସ୍ଥ ପେଟ୍ରୋଲ ପମ୍ପରେ ଟେଣ୍ଟ ପକାଇ ରାତି କାଟନ୍ତି। ଅନେକ ସମୟରେ ଗୁଗଲ ମ୍ୟାପ ଫେଲ୍ ହେଲେ ସ୍ଥାନୀୟ ଲୋକମାନେ ତାଙ୍କୁ ବାଟ ବତାଇ ଦିଅନ୍ତି ବୋଲି କହନ୍ତି ନିଧିନ।

## ୨୫ ବର୍ଷ ତଳର ଧରିତ୍ରୀ

୩ ଫେବୃୟାରୀ ୧୯୯୬

- ଦକ୍ଷିଣ ଚୀନ୍‌ର ହୁନାନ ପ୍ରଦେଶରେ ଏକ ଭୂତଳ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିବା ସ୍ଥାନରେ ବଡ଼ଧରଣର ବିସ୍ଫୋରଣ ଘଟି ୧୦୦ ମୃତ।
- ପାଲଲହଡ଼ାସ୍ଥିତ ବଡିସୁଆଁଠାରେ ୪୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଇଟା ବୋଝେଇ ଟ୍ରକ୍ କାଠପୋଲ ତଳକୁ ଖସିପଡ଼ିବା ଫଳରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି।

## ଚିରନ୍ତନୀ

ଶରତ-ଧଳା ବଉଦ ସମ
ସକଳ ରୂପରାଶି
ମିଳାଇଗଲା ଚକିତେ ମୋର
ନୟନ ପଥେ ଭାସି।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | A | | 5 | 3 | | | 8 | | 0 |
| B | 2 | | | C | D | | | | | | A | | | E |
| E | 3 | | 6 | | | | | C | | 4 | | | | |
| | 4 | | 3 | 1 | | E | 2 | | B | | 5 | | | |
| | 9 | | | | | | 1 | | | 7 | 2 | | | A |
| 6 | C | | | 8 | | | B | 1 | 0 | | 7 | 4 | | |
| | | | | A | E | | | 0 | | | | | 9 | |
| | 0 | | | | | 5 | D | | | 3 | | | | |
| | | | 7 | 3 | B | 2 | | 4 | | | | 1 | | |
| | | 9 | | | | | | | 6 | | C | | A | 5 |
| | | | 8 | | 6 | | | | 5 | C | | | | |
| 2 | | 6 | | 4 | | | | | | D | B | | 5 | 1 |
| | A | | 9 | | | | | | | | | | C | |
| C | B | | | | 2 | | 6 | 9 | | | | | | |
| | | | 5 | | | | 4 | 3 | | 9 | 1 | | | 8 |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 8 | 3 | D | 9 | B | 7 | 6 | 0 | A | 5 | 2 | 1 | C | E |
| E | C | A | 0 | 3 | 1 | 5 | 8 | D | 9 | B | 4 | 2 | 6 | 7 |
| 9 | 1 | 7 | 5 | 2 | 8 | A | 3 | B | 6 | C | E | 0 | D | 4 |
| 6 | 0 | B | A | 7 | 4 | E | C | 2 | 3 | D | 1 | 9 | 8 | 5 |
| D | 5 | 2 | E | 6 | C | 1 | 4 | 9 | 7 | 8 | 0 | A | 3 | B |
| B | 7 | E | C | 4 | 5 | 9 | 2 | 3 | D | 1 | A | 8 | 0 | 6 |
| 1 | A | 4 | 3 | E | 2 | 8 | D | 5 | 0 | 6 | 9 | B | 7 | C |
| 3 | 2 | 8 | 6 | A | D | C | 0 | 7 | E | 4 | B | 5 | 1 | 9 |
| 5 | 6 | 9 | 1 | 8 | 0 | 4 | B | E | 2 | 7 | C | D | A | 3 |
| C | D | 0 | 9 | B | 7 | 6 | A | 1 | 8 | 3 | 5 | 4 | E | 2 |
| A | 4 | 6 | 2 | C | 3 | B | 7 | 8 | 1 | 9 | D | E | 5 | 0 |
| 8 | E | C | 7 | 5 | 9 | D | 1 | 4 | B | 0 | 3 | 6 | 2 | A |
| 7 | 9 | 5 | 8 | 1 | A | 0 | E | C | 4 | 2 | 6 | 3 | B | D |
| 2 | B | D | 4 | 0 | 6 | 3 | 5 | A | C | E | 8 | 7 | 9 | 1 |
| 0 | 3 | 1 | B | D | E | 2 | 9 | 6 | 5 | A | 7 | C | 4 | 8 |

ଗତ କାଳିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭଲ ଦିନ କେବେ ଆସିବ

ମହାଶୟ,

ଖାଦ୍ୟ ସାମଗ୍ରୀ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍ ଦିନକୁ ଦିନ ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ଦୁଇ ତିନି ବର୍ଷ ମଧ୍ୟରେ ପେଟ୍ରୋଲ ଡିଜେଲ ଦର ଆକାଶଛୁଆଁ ହୋଇଯାଇଛି। ଟଙ୍କିକିଆ ଚାଉଳ ପାଇଁ ଅଧିକ ଦାମରେ ପିଆଜ କିଣିବା, ଶହେ ଟଙ୍କାରେ ଡାଲି କିଣିବା ପିଲାଙ୍କୁ ଚକୋଲେଟ୍ ଦେଇ ବୁଝାଇବା ପରି। ପ୍ରତିଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ଦରରେ ସାମଗ୍ରୀ ଯୋଗାଇବା ଉଚିତ। ସମସ୍ତଙ୍କ ଯୋଗ୍ୟତାନୁଯାୟୀ ସରକାରୀ ବା ବେସରକାରୀ ସ୍ତରରେ ଚାକିରି ଯୋଗାଇବା ବରଂ ଭଲ। ଅଯଥା ଲୋକଙ୍କୁ କର୍ମ ନ ଯୋଗାଇ ମାଗଣା ଜିନିଷ ଯୋଗାଇଦେଲେ ଲୋକେ କର୍ମକାତର ହୋଇଯିବେ। ଯାହା ବି ଜିନିଷ ମିଳୁଛି ପ୍ରାୟ ସବୁ ଅପମିଶ୍ରିତ। ତେବେ ଭଲ ଦିନ କେବେ ଆସିବ ? ରାମରାଜ୍ୟ କେବେ ଫେରିବ। ଭଲ ଦିନ ଆଶା ଆଶାରେ ରହିଯିବନି ତ।

-ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିଲରେ ଲାଗୁଛି ନିଆଁ : ଗୋରୁଙ୍କ ପାଇଁ ଖାଦ୍ୟାଭାବ**

ଲହୁଣୀପଡା(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ବିଲରେ ନିଆଁ ଲଗାଇ ଦିଆଯାଉଛି । ଫଳରେ ବିଲରେ ଥିବା ଶୁଖିଲା ନଡା ପୋଡି ଯିବା ଫଳରେ ଗୋରୁ ,ମଇଁଷିଙ୍କ ପାଇଁ ଖାଦ୍ୟ ସମସ୍ୟା ଦେଖାଦେଇଛି । ତୁମକଲା, ଅର୍କେଇକଲା, ଗମ୍ଭାରଡିହି, ଲଟେଇମୁଣ୍ଡି ପ୍ରଭୃତି ଗ୍ରାମରେ ଏପରି ଘଟଣା ଗୋପାଳକଙ୍କୁ ଚିନ୍ତାରେ ପକାଇଛି । ନିଆଁକୁ ଆୟତ୍ତ କରିବା ପାଇଁ ଗ୍ରାମବାସୀ ଯଥା ସମ୍ଭବ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି । ବିଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି ।

# ଶିକ୍ଷିତଙ୍କୁ ନିଯୁକ୍ତି ଉପଯୋଗୀ କୋଚିଂ

**ସୁନ୍ଦରଗଡ଼,୨।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କୁ ମାଗଣାରେ ନିଯୁକ୍ତି ଉପଯୋଗୀ କୋଚିଂ ଦେବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି 'ସୁଦକ୍ଷ' କାର୍ଯ୍ୟକ୍ରମ। ମଙ୍ଗଳବାର ଜିଲାପାଳ ନିଖିଲ ପବନ କଲ୍ୟାଣ ଏହାର ଶୁଭାରମ୍ଭ କରିଛନ୍ତି । ସୁନ୍ଦରଗଡ଼ ସହରର ପତ୍ରାପାଲିଠାରେ ଉଦ୍‌ଘାଟିତ ହୋଇଥିବା 'ସୁଦକ୍ଷ' କେନ୍ଦ୍ରରେ ପ୍ରାର୍ଥୀମାନଙ୍କର କୋଚିଂ ଆରମ୍ଭ ହୋଇଛି। ଏହି ସପ୍ତାହରେ ରାଉରକେଲା ଏବଂ ବଣାଇଁଠାରେ ଆଉ ଦୁଇଟି କେନ୍ଦ୍ର ଉଦ୍‌ଘାଟିତ ହେବାକୁ ଯାଉଛି। ଜିଲାର ବହୁ ମେଧାବୀ ତଥା ଗରିବ ଶ୍ରେଣୀର ଛାତ୍ରୀଛାତ୍ର ଚାକିରୀ ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଅନେକ ସମୟରେ ସଫଳତା ପାଇପାରୁ ନାହାନ୍ତି । ତେଣୁ ସେମାନଙ୍କୁ ମାଗଣାରେ ଆବଶ୍ୟକ କୋଚିଂ ତଥା ଆନୁସଙ୍ଗିକ ସହଯୋଗ ଯୋଗାଇ ଦେବା ପାଇଁ ଏକ ଅଭିନବ ପଦକ୍ଷେପ ହେଉଛି 'ସୁଦକ୍ଷ' କାର୍ଯ୍ୟକ୍ରମ। ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଦେଉଥିବା ବେଳେ ନିୟତି ଫାଉଣ୍ଡେସନ ସହଯୋଗୀ ସଂସ୍ଥା ଭାବେ ଏହାର ପରିଚାଳନା ଦାୟିତ୍ୱ ନେଇଛି।

ସୁଦକ୍ଷ କାର୍ଯ୍ୟକ୍ରମ ଅଧୀନରେ ଯୁକ୍ତ ୨ ଓ ଯୁକ୍ତ ୩ ପାସ୍ କରିଥିବା ତଥା ନିଯୁକ୍ତି ଆଶାୟୀ ଯୁବତୀଯୁବକଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି କୋଚିଂ ଦିଆଯିବ। ବିଶେଷକରି ଜିଲାର ୬ଟି ଖଣି ପ୍ରଭାବିତ ବ୍ଲକ, ଅନୁସୂଚିତ ଜାତି ଓ ଜନଜାତି, ଗରିବ ତଥା ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ ବୋଲି ଜିଲାପାଳ ନିଖିଲ ପବନ କହିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଡିଏମଏଫର ସିଇଓ ରସାଇ ଲାଗୁରୀ, ନିୟତି ଫାଉଣ୍ଡସନର ଅଧ୍ୟକ୍ଷ ନିର୍ମଳ କୁମାର ପଣ୍ଡା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଇତିଶ୍ରୀ ପଣ୍ଡା, ଡିଏମଏଫର ଦୀପୁ ଶଙ୍କର ସାମଲ ଏବଂ ଅନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସୁଦକ୍ଷ କାର୍ଯ୍ୟକ୍ରମ ଜରିଆରେ ବ୍ୟାଙ୍କିଂ, ଷ୍ଟାଫ୍ ସିଲେକ୍ସନ୍, ରେଲୱେ, ଆର୍ମି, ଏୟାରଫୋର୍ସ, ନାଭାଲ୍, ଓଡ଼ିଶା ପୋଲିସ, ଅର୍ଦ୍ଧସାମରିକ ବାହିନୀ ଏବଂ ବୀମା କ୍ଷେତ୍ର ଆଦି ଲାଗି ମାଗଣାରେ




ସୁଦକ୍ଷ କାର୍ଯ୍ୟକ୍ରମ ଅବସରରେ ପୁସ୍ତକ ବଣ୍ଟନ କରାଯାଉଛି ।

**ସୁନ୍ଦରଗଡ଼ ଜିଲାରେ ସୁଦକ୍ଷ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

ତିନିମାସିଆ କୋଚିଂ ପ୍ରଦାନ କରାଯାଉଛି। ଏହାଛଡା ହଷ୍ଟେଲରେ ରହିବା, ଖାଇବା ଏବଂ ୟୁନିଫର୍ମ ପ୍ରଦାନ କରାଯାଉଛି। ଏହି କେନ୍ଦ୍ରରେ ନାମ ଲେଖାଇଥିବା ଛାତ୍ରୀ ଯାଜ୍ଞସେନୀ ବାରିକ କହିଛନ୍ତି, ସେନା ବାହିନୀରେ ଯୋଗ ଦେବାକୁ ଚାହୁଁଛି। ହେଲେ ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି କରିପାରୁ ନ ଥିଲି। ହେଲେ ଏଠାରେ ପ୍ରଶିକ୍ଷଣର ସୁଯୋଗ ନେଇ ମୋ ସ୍ୱପ୍ନକୁ ସାକାର କରିବି ବୋଲି ଆଶାବାଦୀ ଅଛି । ସେହିପରି ଛାତ୍ର ସୁବାସ ବାରିକ କହିଛନ୍ତି , ବିନା କୋଚିଂରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିଲି। ହେଲେ ପରୀକ୍ଷାରେ ନିର୍ଦ୍ଦିଷ୍ଟ ଅବଧି ଭିତରେ କେମିତି ଉତ୍ତର ଦେବାକୁ ପଡିବ ତାହା ଜାଣି ନ ଥିଲି। ଏବେ ଏଠାରେ ପ୍ରଶିକ୍ଷଣ ନେଇ କ୍ୟାରିୟର ଗଢ଼ିବି।

ଏହି କୋଚିଂ କେନ୍ଦ୍ରରେ ଗଣିତ, ସାଧାରଣ ଜ୍ଞାନ, ରିଜନିଂ, କମ୍ପ୍ୟୁଟର, ଯୋଗାଯୋଗ, ବ୍ୟକ୍ତିତ୍ୱ ବିକାଶ ଲାଗି କୋଚିଂ ଦିଆଯାଉଛି। ଏହା ସହ ସାମରିକ, ଅର୍ଦ୍ଧସାମରିକ ଏବଂ ପୋଲିସ ଚାକିରି ଲାଗି ଆବଶ୍ୟକ ଶାରୀରିକ ଦକ୍ଷତା ବାବଦରେ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଛାତ୍ରଛାତ୍ରୀମାନେ କିପରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିପାରିବେ ସେଥିପାଇଁ ସେମାନଙ୍କର ସାପ୍ତାହିକ ଟେଷ୍ଟ ଓ ମକ୍ ଇଣ୍ଟରଭ୍ୟୁ କରାଯିବ। ବିଭିନ୍ନ ପରୀକ୍ଷା ପାଇଁ ପାଠ୍ୟ ଉପକରଣ ଓ ପୁରୁଣା ପ୍ରଶ୍ନପତ୍ର ମଧ୍ୟ ଯୋଗାଇ ଦିଆଯିବ।

## ଜବରଦଖଲ ମୁକ୍ତ ହେଲା ଆଦିବାସୀ ମହିଳା କଲ୍ୟାଣ ସମିତି କେନ୍ଦ୍ର

**କୁଆଁରମୁଣ୍ଡା,୨।୨(ଡି.ଏନ.ଏ.)**

ଦୀର୍ଘ ୩ ବର୍ଷ ପରେ ସୋମବାର ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ପ୍ରତାପପୁର ପଞ୍ଚାୟତ ଇନ୍ଦ୍ରପୁର ଗ୍ରାମରେ ଥିବା ଆଦିବାସୀ ମହିଳା କଲ୍ୟାଣ ସମିତି କେନ୍ଦ୍ର ଜବରଦଖଲ ମୁକ୍ତ କରାଯାଇଛି। ଏହି ଗୃହ ଆଦିବାସୀ ମହିଳାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବୈଠକ ଇତ୍ୟାଦି କରିବା ନିମନ୍ତେ ନିର୍ମିତ ହୋଇଥିଲା । ହେଲେ ନେତ୍ରୀ ବୋଲି ପରିଚୟ ଦେଇ ଜଣେ ମହିଳା ଉକ୍ତ କେନ୍ଦ୍ରକୁ ନିଜେ ବ୍ୟବହାର କରିବା ସହ ଅନ୍ୟ କାହାକୁ ସେଠାରେ ପ୍ରବେଶ କରାଇ ଦେଉ ନ ଥିଲେ । ଏନେଇ ଇନ୍ଦ୍ରପୁର ଗ୍ରାମବାସୀ ସ୍ଥାନୀୟ ପୋଲିସ ଠାରୁ ଆରମ୍ଭ କରି ରାଜସ୍ୱ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ । ଶେଷରେ ବୀରମିତ୍ରପୁର ତହସିଲଦାର ଘଟଣାର ତଦନ୍ତ କରି ସମ୍ପୃକ୍ତ ମହିଳାଙ୍କୁ ଉକ୍ତ କେନ୍ଦ୍ରରୁ ବହିଷ୍କାର ପାଇଁ ଚିଠି କରିଥିଲେ। ସୋମବାର ବୀରମିତ୍ରପୁର ଏସଡିପିଓ ଯଶୋବନ୍ତ ସାମଲ, ରାଏବୋଗା ଥାନାଧିକାରୀ ବିଜୟ କୁମାର ସିଂଙ୍କ ସମେତ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ଥିଲେ । ଫଳରେ ଜବରଦଖଲକାରୀ ମହିଳା ଜଣକ ଉକ୍ତ ଗୃହର ଚାବିକୁ ପ୍ରତାପପୁର ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

## ଯାତ୍ରୀ ପ୍ରତୀକ୍ଷାଳୟ ଉଦ୍‌ଘାଟିତ



ଯାତ୍ରୀ ପ୍ରତୀକ୍ଷାଳୟ ଉଦ୍‌ଘାଟନ କରାଯାଉଛି।

**ଲହୁଣୀପଡା,୨।୨(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ମୁଖ୍ୟ ବଜାରଠାରେ ମଙ୍ଗଳବାର ଏକ ଯାତ୍ରୀ ପ୍ରତୀକ୍ଷାଳୟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାନାଇ ଚରଣ ଟୁଡୁ, ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ମଡେଲ ଯାତ୍ରୀ ପ୍ରତୀକ୍ଷାଳୟରେ ମହିଳା ଓ ପୁରୁଷ ଯାତ୍ରୀମାନଙ୍କ ପାଇଁ ପୃଥକ ପୃଥକ ଭାବେ ପରିଶ୍ରାଗାର, ଶୌଚାଳୟ ନିର୍ମିତ ହୋଇଛି । ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ଏକ ପାଠାଗାରକୁ ମଧ୍ୟ ଉଦ୍‌ଘାଟନ କରାଯାଇଛି । ଦୀର୍ଘ ଦିନ ହେବ ଲହୁଣୀପଡା ବସଷ୍ଟାଣ୍ଡରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା । ଉଦ୍‌ଘାଟନୀ ଉତ୍ସବରେ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଳେଶ୍ୱର ପ୍ରଧାନ, ନିରଞ୍ଜନ ସିଂ, ବିକାଶ ମାହାନ୍ତ, ଭୁବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ହକି ଷ୍ଟାଡିୟମ୍ ସମ୍ପର୍କରେ ଅଧିକ ତର୍ଜମା ଆବଶ୍ୟକ

**ରାଉରକେଲା ଅଫିସ,୨।୨**

ରାଉରକେଲା ବିପିୟୁଟି ପରିସରରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ନିର୍ମାଣ ଘୋଷଣା ପରେ 'ଆମ ସହର ସଙ୍ଗଠନ' ପକ୍ଷରୁ ଭବିଷ୍ୟତରେ ବିପିୟୁଟି ସ୍ଥାନାନ୍ତର ଆଶଙ୍କା ନେଇ ପ୍ରଶ୍ନ ଉଠାଯାଇଛି। ରାଉରକେଲା ସହରରୁ ଗୋଟିଏ ପରେ ଗୋଟିଏ ସଂସ୍ଥା ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ହେଉଛି। ନିକଟରେ ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ର ରାଞ୍ଚିକୁ ସ୍ଥାନାନ୍ତର ହୋଇଛି। ଆର୍‌ଜିଏଚ୍ ସରକାରୀ ଜମି ଉପରେ ସରକାରୀ ମେଡ଼ିକାଲ କଲେଜ ହେବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ଉକ୍ତ ମୂଳ ଜମିକୁ ହାଇଟେକ ଭଳି ଘରୋଇ ସଂସ୍ଥାକୁ ବିନା ମୂଲ୍ୟରେ ପ୍ରଦାନ କରାଯାଇଛି। ଫଳରେ ଲୋକେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ସେହିପରି ସହରରେ ଇଏସ୍ଆଇ ମେଡ଼ିକାଲ ଓ ସୁପରସ୍ପେଶାଲିଷ୍ଟ ହସ୍‌ପିଟାଲ ସ୍ୱପ୍ନରେ ରହିଯାଇଛି। ଏଠାରେ ଏକ ସେଣ୍ଟ୍ରାଲ ୟୁନିଭରସିଟିର ଆବଶ୍ୟକତା ରହିଥିବାବେଳେ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଇନାହାନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ପାନପୋଷ ବଜାର ନିୟନ୍ତ୍ରଣ କମିଟି ବାଲୁଘାଟ ଓ କୋଏଲ ବ୍ୟାରେଜ ପ୍ରକଳ୍ପ ଆଜିକୁ ଦୀର୍ଘ ବର୍ଷ ଧରି ପଡ଼ି ରହିଛି। ସହରରେ ଏମ୍‌ସ ବଦଳରେ ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟର ଦ୍ୱିତୀୟ ଶାଖାର ଆଉ ଦେଖାନାହିଁ। ଏଭଳି ପରିସ୍ଥିତିରେ ରାଉରକେଲା ବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଙ୍ଗଠନର ଅଧ୍ୟକ୍ଷ ରମେଶ ବଳ ଆହ୍ୱାନ ଦେଇଛନ୍ତି ।

## ଜଣେ ଅଭିଯୁକ୍ତ କୋର୍ଟଚାଲାଣ

**କୁଆଁରମୁଣ୍ଡା,୨।୨(ଡି.ଏନ.ଏ.)**

**ଡୁମେରଯୋର ଏସବିଆଇରୁ ଡକାୟତି ଘଟଣା**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଡୁମେରଯୋର ଏସବିଆଇ ଶାଖାରୁ ଡକାୟତି ଘଟଣାରେ ପୋଲିସ ପୁଣି ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଡକାୟତ ଜଣକ ହେଲେ ଝୁନମୁର ଗ୍ରାମ ଗୀର୍ଜାଟୋଲିର ଅବିନାଶ ଖେସ୍(୨୭) । ଅବିନାଶଙ୍କୁ ଅପରାହ୍ନରେ ରାଉରକେଲା କୋର୍ଟ ଚାଲାଣ କରାଯାଇଛି । ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୋଲିସ ଦୃଢୋକ୍ତି ପ୍ରକାଶ କରଛି । ଗତ ମାସ ୧୩ ତାରିଖରେ ଏହି ଶାଖାରୁ ୫ ଲକ୍ଷ ୯୦ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ତନାଘନା କରି ମାତ୍ର ୪ ଦିନ ଭିତରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଉକ୍ତ ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ଅନ୍ୟ ୬ ଜଣ ଫେରାର ଥିଲେ । ହେଲେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମଙ୍ଗଳବାର ଭୋର ସମୟରେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ, ପୋଲିସ ଟିମ୍ ସହ ରାଏବୋଗା ଥାନା ଅନ୍ତର୍ଗତ ଝୁନମୁର ପଞ୍ଚାୟତର ବନ୍ଧଟୋଲି ଜଙ୍ଗଲରେ ଚଢାଉ କରିଥିଲେ ।

## ତରଭାରେ ରାମାୟଣ ପାରାୟଣ

**ତରଭା, ୨।୨(ଡି.ଏନ.ଏ.)**

ତରଭା ଏନଏସି ଅନ୍ତର୍ଗତ ୱାର୍ଡ ନଂ ୧୧ ଓ ୧୨ ଅନ୍ତର୍ଭାରେ ତୁଳସୀ ରାମାୟଣ ପାରାୟଣ ଆରମ୍ଭ ହୋଇଛି। ବ୍ୟାସ ଭାବେ ସାନ୍ତନୁ ତ୍ରିପାଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରଥମ ଦିନରେ ରାମାୟଣର ଆଦ୍ୟକାଣ୍ଡ ପାରାୟଣ ସହ ରାମଜନ୍ମ କଥାମୃତ ପାରାୟଣ କରାଯାଇଥିଲା। ସନ୍ଧ୍ୟାରେ ରାମାୟଣ ଉପରେ ଆଧାରିତ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଭାବେ ମାନସ ମର୍ମଜ୍ଞ ପଙ୍କଜ କୁମାର ସାହୁ ଯୋଗ ଦେଇଥିଲେ।

## 'ଆରଏସ୍‌ପି ସବୁ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଛି'

**ରାଉରକେଲା ଅଫିସ,୨।୨**

ଆର୍‌ଏସ୍‌ପି ସମସ୍ତ କ୍ଷେତ୍ରରେ ଅତ୍ୟନ୍ତ ଭଲ ପ୍ରଦର୍ଶନ କରୁଛି। କିନ୍ତୁ ସଫଳତାର ଶିଖରରେ ଆହ୍ୱାନ ଓ ଆଶା ଆକାଂକ୍ଷା ଅଧିକ ରହିଥାଏ। ଆମର ସଫଳତା ନେଇ ଆମେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ଉଚିତ ନୁହଁ। ଉତ୍କୃଷ୍ଟ ପ୍ରଦର୍ଶନର ଆଧାରକୁ ବଜାୟ ରଖିବା ସହିତ ଆମ ପ୍ରୟାସରେ ଆହୁରି ଅଧିକ ଉନ୍ନତି ପାଇଁ ଚେଷ୍ଟା କରିବାକୁ ସେଲ୍ ଅଧ୍ୟକ୍ଷା ସୋମା ମଣ୍ଡଳ ଆହ୍ୱାନ ଦେଇଛନ୍ତି। ଦୃଢ଼ ସଂକଳ୍ପ ଓ ପ୍ରତିବଦ୍ଧତା ସହକାରେ କୋଭିଡ଼ ଆହ୍ୱାନଗୁଡ଼ିକ ଅତିକ୍ରମ କରିବା ଏବଂ ଉତ୍ପାଦନ ଓ ଉତ୍ପାଦକତା ସହ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ ନିମନ୍ତେ କର୍ମଚାରୀମାନଙ୍କୁ ସେ ପ୍ରଶଂସା କରିଥିଲେ। ଏଥିସହ ସେଲ୍ ଅଧ୍ୟକ୍ଷା କଞ୍ଚାମାଲ ପ୍ରବନ୍ଧନ ବିଭାଗ, କୋକୋ ଓଭେନ, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲ ମେଲ୍ଟି ସପ-୨ ଓ ନୂତନ



ସେଲ୍ ଅଧ୍ୟକ୍ଷା ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପରିଦର୍ଶନ କରୁଛନ୍ତି।

ପ୍ଲେଟମିଲ ରୁମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ରାଉରକେଲା ସିଇଓ ଦୀପକ ଚଟ୍ଟରାଜ, ଇଡ଼ି ୱାର୍କ୍ସଙ୍କ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ପ୍ରକଳ୍ପ ଅଧିକାରୀ ନିର୍ଦ୍ଦେଶକ ପଙ୍କଜ କୁମାର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେଲ୍ ଅଧ୍ୟକ୍ଷା ଦାୟିତ୍ୱ ପରେ ମଣ୍ଡଳଙ୍କର ଏହା ପ୍ରଥମ ରାଉରକେଲା ଗସ୍ତ । ତାଙ୍କୁ ବିମାନବନ୍ଦରରେ ରାଉରକେଲା ସିଇଓଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସ୍ୱାଗତ କରିଥିଲେ । ଅପରାହ୍ନରେ ସେଲ୍ ଅଧ୍ୟକ୍ଷା ବିଭିନ୍ନ ଶ୍ରମିକ ସଙ୍ଗଠନ, ଅଧିକାର ସଂଘ ଓ ସ୍ଥାନୀୟ ଶିଳ୍ପ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ୩ ତାରିଖରେ ଅଧ୍ୟକ୍ଷା ରାଉରକେଲାରୁ ଫେରିଯିବେ ।

# ରାଉରକେଲାରୁ ପାସେଞ୍ଜର ଟ୍ରେନ୍ ସେବା ଆରମ୍ଭ




ରାଉରକେଲା ଷ୍ଟେସନରୁ ପାସେଞ୍ଜର ଟ୍ରେନ୍ ସେବା ଆରମ୍ଭ କରାଯାଉଛି।

**ରାଉରକେଲା ଅଫିସ,୨।୨**

କରୋନା କଟକଣା ଭିତରେ ରାଉରକେଲା ଷ୍ଟେଶନରୁ ମଙ୍ଗଳବାର ୨ଟି ପାସେଞ୍ଜର ଟ୍ରେନ ସେବା ଆରମ୍ଭ ହୋଇଛି। ଏହାକୁ ଦକ୍ଷିଣ ପୂର୍ବ ରେଳ, ଚକ୍ରଧରପୁର ମଣ୍ଡଳର ମୁଖ୍ୟ ଅଧିକାରୀ ବିଜୟ କୁମାର ସାହୁ ଡିଜିଟାଲ କନଫରେନ୍ସ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ୨ଟି ଟ୍ରେନ୍ ମଧ୍ୟରୁ ଗୋଟିଏ ରାଉରକେଲା-ଝାରସୁଗୁଡ଼ା ଓ ଅନ୍ୟଟି ରାଉରକେଲା-ଚକ୍ରଧରପୁର ପର୍ଯ୍ୟନ୍ତ ପ୍ରତିଦିନ ଯାତ୍ରୀମାନଙ୍କୁ ନେଇ ଯାତାୟାତ କରିବ। ୬୮୦୨୯ ନମ୍ବର ରାଉରକେଲା-ଝାରସୁଗୁଡ଼ା ଟ୍ରେନ ଅପରାହ୍ନ ୨ଟା ୧୮ମିନିଟ୍‌ରେ ଛାଡୁଥିବା ବେଳେ ୩୮୦୨୫ ନମ୍ବର ରାଉରକେଲା-ଚକ୍ରଧରପୁର ଟ୍ରେନ ଅପରାହ୍ନ ୪ଟା ୧୫ରେ ଛାଡ଼ିବ। ଏହି ପାସେଞ୍ଜର ଟ୍ରେନ ଚଳାଚଳ ଦ୍ୱାରା ଲୋକେ ଉପକୃତ ହେବେ ଏବଂ ଉଭୟ ଟ୍ରେନ୍‌ରେ ୮ଟି ଜେନେରାଲ ବଗି ରହିବ ବୋଲି ବନ୍ଧମୁଣ୍ଡା ଆର୍‌ଏମ୍ ନିଶାନ୍ତ କୁମାର ସୂଚନା ଦେଇଛନ୍ତି। ଏହି ଅବସରରେ ରାଉରକେଲା ଷ୍ଟେଶନ ମାଷ୍ଟର ଏ. କେ ମିଶ୍ର, ଏଆର୍‌ଏମ୍ ମନୀଷ କୁମାର ପାଠକ, ସିନିୟର ଡିଏସ୍‌ପି ଓମ୍‌କାର ସିଙ୍ଗ, ବଳରାମ ସାହୁ, ପ୍ରୀତିୟାଂଶୁ ଶେଖର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଭାଜପା ନେତ୍ରୀ ଲତିକା ପଟ୍ଟନାୟକ, ଧୀରେନ ସେନାପତି, ଜଗବନ୍ଧୁ ବେହେରା, କମଲ ସୁନାଙ୍କ ସମେତ ବହୁ ରେଳ କର୍ମଚାରୀ ଉପସ୍ଥିତ ଥିଲେ।

## ୨ ବାଲ୍ୟ ବିବାହ ବନ୍ଦ କଲା ଶିଶୁ ସୁରକ୍ଷା ୟୁନିଟ୍

**ଉଲୁଣ୍ଡା, ୨।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ହୁଡ ଗ୍ରାମରେ ହେବାକୁ ଥିବା ଦୁଇଟି ବାଲ୍ୟ ବିବାହକୁ ଶିଶୁ ସୁରକ୍ଷା ୟୁନିଟ ମଙ୍ଗଳବାର ବନ୍ଦ କରିଛି। ଗାଁର ଜଣେ ନାବାଳିକାଙ୍କ ଚଳିତ ମାସ ୧୭ ତାରିଖରେ ଓ ଅନ୍ୟ ନାନାଳିକାଙ୍କର ବିବାହ ଏପ୍ରିଲ ମାସରେ ହେବାକୁ ସ୍ଥିର ହୋଇଥିଲା। ଏହି ଜଣା ପଡିବା ପରେ ଶିଶୁ ସୁରକ୍ଷା ୟୁନିଟର ସୁବଳ ଗାଇଗରିଆ, ସିଡିପିଓ ମାଧୁରୀ ହୋତା, ସୁପରଭାଇଜର କନକଲତା ନେପାକଙ୍କ ସମେତ ଉଲୁଣ୍ଡା ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ପରିବାର ସହିତ ଆଲୋଚନା କରିଥିଲେ। ସେଠାରେ ବାଲ୍ୟ ବିବାହର କୁପରିଣିତି ବିଷୟରେ ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଉଭୟ ପରିବାରଠୁ ଏକ ବୁଝିନାମା ନେଇ ବିବାହ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ବେକରେ ଶାଢ଼ି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୨।୨: ରଘୁନାଥପାଲି ଥାନା ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କେଶରୀନଗରର ପ୍ରତ୍ୟୁଷ କୁମାର ନାୟକ(୨୪)। ଏ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ପ୍ରତ୍ୟୁଷ ସପରିବାର କେଶରୀନଗରରେ ବାସ କରନ୍ତି। ସବୁଦିନ ପରି ମଙ୍ଗଳବାର ସକାଳ ସାଢ଼େ ୯ଟାରେ ତାଙ୍କ ମା' ରୋଷେଇ କରି ନିଜ କାମରେ ବାହାରି ଯାଇଥିଲେ। ଏହି ସମୟରେ ପ୍ରତ୍ୟୁଷ କୌଣସି କାରଣରୁ ମା'ଙ୍କ ପିନ୍ଧା ଶାଢ଼ି ବେକରେ ଲଗାଇ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଝୁଲି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମା' ଅପରାହ୍ନ ସାଢ଼େ ୧ଟାରେ କାମରୁ ଫେରି ପୁଅର ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ।

### କ୍ରିକେଟ: ରାଇଜିଙ୍ଗ କ୍ଲବ ବିଜୟୀ

ରାଉରକେଲା ଅଫିସ,୨।୨: ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପଡ଼ିଆରେ ୧୪ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୬ଷ୍ଠ ଦିବସରେ ରାଇଜିଂ କ୍ଲବ ଓ ସିଟି କ୍ରିକେଟ୍ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ରାଇଜିଂ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୧୦ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମୀର ସାମନ୍ତରାୟ୍ ମାତ୍ର ୮୨ବଲ୍ ଖେଳି ୯୫ରନ ସଂଗ୍ରହ କରିଥିଲେ। ଜବାବରେ ସିଟି ଦଳ ମାତ୍ର ୮୯ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଇଜିଂ ଦଳର ସମୀର ସାମନ୍ତରାୟ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅତିଶ ଜେନା ଓ ସୁବାଭିସ ସାହୁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଦେବେନ୍ଦ୍ର ସେଠୀ ଓ ଅନିକେତ ଏକ୍କା ରନ୍ ତଦାରଖ କରିଥିଲେ। ବୁଧବାର ଜେଟିସିଟି ଦଳ ଓ ଆଶୁ ଏକ୍ସଆଇ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ମୋ କଲେଜ ଅଭିଯାନର ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୨।୨(ଡି.ଏନ୍.ଏ.) : ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମହାବିଦ୍ୟାଳୟର ଅଧକ୍ଷ ଡ. ସୁଧୀର କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏଥିସହ ସରକାରଙ୍କ ମୋ କଲେଜ ଅଭିଯାନର ସଫଳ ରୂପାୟନ ନିମନ୍ତେ ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରିବା ଲାଗି ଆସନ୍ତା ୮ତାରିଖ ଅପରାହ୍ନ ୪ଟାରେ ଏକ ବୈଠକର ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବା ଲାଗି ଅନୁରୋଧ କରାଯାଇଛି । ଏହି ବୈଠକରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ. ଲଳିତ ରଞ୍ଜନ ସାହୁ , ଡ. କୁମୁଦିନୀ ରାଉତରାୟ , ଡ. ହରପ୍ରସାଦ ମହାପାତ୍ର ,ଆର୍ଯ୍ୟ ବିଭାସ କୁମାର ,ପୂର୍ବତନ ଅଧକ୍ଷ ଡ. କିଶୋର କୁମାର ଦାଶ ,ଡ.ସରୋଜ କୁମାର ପଟେଲ , ପୁରାତନ ଛାତ୍ର ତଥା ଝାରସୁଗୁଡା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଚିରବ୍ରତ ଦତ୍ତ ଯୋଗଦେଇ ମୋ କଲେଜ ଅଭିଯାନର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ ।

### ବ୍ୟାଙ୍କକୁ ସିଲ୍ କଲା ପୌର ପରିଷଦ

ଟିଟିଲାଗଡ଼, ୨।୨(ଡି.ଏନ.ଏ ): ବଲାଙ୍ଗୀର ଜିଲାଟିଟିଲାଗଡ଼ ପୌର ପରିଷଦ ଟ୍ରାଫିକ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଆକ୍ସିସ ବ୍ୟାଙ୍କକୁ ସିଲ୍ କରିଛି। ଏହି ବ୍ୟାଙ୍କକୁ ଦୁଇ ମାସ ତଳେ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯାଇଥିଲା। କିନ୍ତୁ ଭଡା ଦେଇଥିବା ଘର ମାଲିକ କୌଣସି ପଦକ୍ଷେପ ନେଇ ନ ଥିବା ଯୋଗୁ ଏହି ବ୍ୟାଙ୍କକୁ ସିଲ୍ କରାଯାଇଛି ।

**ସଡ଼କ ଦୁର୍ଘଟଣାଃ ଜଣେ ମୃତ**

ପଡିଆବାହାଲ,(ଡି.ଏନ.ଏ.): ପଡିଆବାହାଲ କବରାପାଲି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ କୌଣସି ଅଜଣା ଗାଡ଼ି ଧକ୍କାରେ ଜଣେ ପଥଚାରୀଙ୍କ ଅକାଳ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଜଣାପଡି ନାହିଁ। ଖବର ପାଇ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ, ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

**ସଂକ୍ଷେପରେ**

## ବିଶ୍ୱ ଆର୍ଦ୍ରତା ଦିବସ ପାଳିତ

ଦେବଗଡ଼,୨।୨(ଡ଼ି.ଏନ୍.ଏ.): ଦେବଗଡ ଜିଲା ତିଲେଇବଣି ବ୍ଲକ ସୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଦମଦର୍ହ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପଞ୍ଚପାଲି ଇକୋ କ୍ଲବ ପକ୍ଷରୁ ମଙ୍ଗଳବାର ବିଶ୍ୱ ଆଦ୍ରତା ଦିବସ ପାଳିତ ହୋଇଯାଇଛି। ଅତିଥିମାନେ ଆଦ୍ରତା ଦିବସର ତାତ୍ପର୍ଯ୍ୟ ଉପରେ ଧାରଣା ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିନ୍ତାମଣି ଧଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରକୃତି ମିତ୍ର ରାଜ୍ୟ ସମ୍ମାନପ୍ରାପ୍ତ ଶିକ୍ଷକ ରମାକାନ୍ତ ପ୍ରଧାନ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ମାନୀତ ଅତିଥିଭାବେ ବନ ବିଭାଗର ଭୋଳେଶ୍ୱର ସାହୁ ଓ ରଶ୍ମିତା ମାଝୀ, ସିଆରସିସି ପଞ୍ଚାନନ ବ୍ରହ୍ମା, ଶିକ୍ଷକ ମାନସ ରଞ୍ଜନ ବେହେରା, ଗୋଲବଦନ ଡିରିଆ, ଚିତ୍ତରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ନବଘନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା।

## ବୃଦ୍ଧଙ୍କ ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

ସମ୍ବଲପୁର, ୨।୨ (ବ୍ୟୁରୋ): ସମ୍ବଲପୁର ଜିଲା ସଦର ଥାନା ତୁମେସିଂହା ଗ୍ରାମର ଦିବ୍ୟଲୋଚନ ଝାଙ୍କର (୩୫)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ୬୦ ବର୍ଷିୟ ବୃଦ୍ଧ ବୈଶାଖୁ ଝାଙ୍କରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ୨୯/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିବା ଅନୁସାରେ ବୈଶାଖୁ ଓ ଦିବ୍ୟଲୋଚନ ପଡୋଶୀ ଅଟନ୍ତି। କୌଣସି କଥାକୁ ନେଇ ଉଭୟଙ୍କ ମଧରେ ସୋମବାର ବଚସା ହୋଇଥିଲା। ଏହି ସମୟରେ ବୈଶାଖୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ଦିବ୍ୟଲୋଚନଙ୍କ ବେକ ଓ କାନରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ୩୮ନଂ. ୱାର୍ଡବାସୀ

ସମ୍ବଲପୁର, ୨।୨ (ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ୩୮ନଂ. ୱାର୍ଡବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ମହାନଗର ନିଗମ କମିଶନରଙ୍କୁ ଭାଜପା ନେତୃତ୍ୱରେ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଗାଁଗୁଡିକରେ ବନ୍ଧକଟା ସଫା କରାଯାଉ ନାହିଁ। ପାଚେରି ଓ ରାସ୍ତା ବିପଦ ସଙ୍କୁଳ ଭାବେ ପଡିରହିଛି। ୱାର୍ଡରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ସଂଯୋଗ ହୋଇନାହିଁ। ନିମ୍ନମାନର ପାଇପ୍ ଯୋଗୁ ପାନୀୟ ଜଳ ଯୋଗାଣ ଠିକ୍ ଭାବେ ହୋଇପାରୁ ନାହିଁ। ଅଭିଯୋଗପତ୍ରରେ ଭାଜପା ଧନୁପାଲି ମଣ୍ଡଳ ଏସ୍‌ସି ସେଲ୍ ସଭାପତି ଭବାନୀଶଙ୍କର ସୋହେଲା, ସଂଯୁକ୍ତା ସେଠ, ଭାନୁ କୁମାର, ମଞ୍ଜୁ ଗୋଏଲ, ପାଟ ରଣା, ନମିତା ନାୟକଙ୍କ ସ୍ୱାକ୍ଷର ରହିଛି।

# ସମଲେଇଙ୍କୁ ଶେଷ ଦର୍ଶନ କରି ଦୟା ଭିକ୍ଷା

ସମ୍ବଲପୁର,୨।୨(ବ୍ୟୁରୋ)


ସମଲେଇ ମନ୍ଦିରକୁ ଘୁଙ୍ଘୁଟିପଡାବାସୀ ଶୋଭାଯାତ୍ରାରେ ଯାଉଛନ୍ତି।

ସମ୍ବଲପୁର ସମଲେଇ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହି ଉଚ୍ଛେଦକୁ ଘୁଙ୍ଘୁଟିପଡାବାସୀ ବିରୋଧ କରି ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ସୌନ୍ଦର୍ଯ୍ୟକରଣକୁ ନୁହେଁ ପରନ୍ତୁ ବିସ୍ଥାପନ ବ୍ୟବସ୍ଥାକୁ ବିରୋଧ କରୁଥିବା ସେମାନେ କହିଛନ୍ତି। ମଙ୍ଗଳବାର ପଡାବାସୀ ମା’ ସମଲେଇଙ୍କୁ ଶେଷ ଦର୍ଶନ କରିବାକୁ ଯାଇ ଦୟା ଭିକ୍ଷା କରିଛନ୍ତି। ପୂର୍ବରୁ ପ୍ରଶାସନ ପାଖରେ ଦାବି କରି ନିରାଶ ହୋଇଥିବା ବେଳେ ଏବେ ସମଲେଇଙ୍କୁ ଦୁଃଖ ଜଣାଇଛନ୍ତି। ସେମାନେ କହିଥିଲେ ଯେ, ପ୍ରାୟ ୪ଶହ ବର୍ଷରୁ ଆମେ ଦୁଲଦୁଲି ବାଜା ବଜାଇ ମନ୍ଦିର ନିକଟରେ ରହିଆସୁଛୁ। ଉଚ୍ଛେଦକୁ ଆମେ ବିରୋଧ କରୁନାହୁଁ। ହେଲେ ପ୍ରଶାସନ ଆମକୁ ଉଚିତ କ୍ଷତିପୂରଣ ଦେଇ ନାହିଁ। ଏପରି କି ଭଲ ସ୍ଥାନରେ ଜମି ଯୋଗାଇଦେଇ ନାହିଁ। ମନ୍ଦିରଠାରୁ ବହୁ ଦୂରରେ ଆମକୁ ଜମି ଦେବାକୁ ଚିହ୍ନଟ କରିଛନ୍ତି। ଆମେ ମନ୍ଦିର ନିକଟରୁ ଦୁରକୁ ଯିବାକୁ ଚାହୁଁନାହୁଁ। ମାଁଙ୍କ ଛତ୍ରଛାୟା ତଳେ ସବୁଦିନେ ରହିବାକୁ ଚାହୁଁଛୁ ବୋଲି ଉପସ୍ଥିତ ମହିଳା, ଯୁବକ, ଛୋଟ ପିଲା, ବୃଦ୍ଧ ଏଭଳି କହିଥିଲେ।

**ଉଚ୍ଛେଦକୁ ନେଇ ଘୁଙ୍ଘୁଟିପଡ଼ାବାସୀଙ୍କ ଅଭିନବ ପ୍ରତିବାଦ**

ପ୍ରଥମେ ପଡାରୁ ଦୁଲଦୁଲି ବାଜା ବଜାଇ କଳସ ଶୋଭାଯାତ୍ରାରେ ପଡାବାସୀ ମନ୍ଦିରକୁ ଯାଇଥିଲେ। ସେଠାରେ ମାଁଙ୍କୁ ଦର୍ଶନ କରିଥିଲେ। ଏହି ଦର୍ଶନକୁ ସେମାନେ ଶେଷ ଦର୍ଶନ କହି ଭାବବିହ୍ୱଳ ହୋଇପଡିଥିଲେ। ସୂଚନାଯୋଗ୍ୟଯେ, ମାଁ ସମଲେଇ ମନ୍ଦିରକୁ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ଯୋଜନା କରାଯାଉଛି। ଘୁଙ୍ଘୁଟିପଡା ସହ ଅନ୍ୟ କେତେକ ପରିବାର ବିସ୍ଥାପିତ ହେଉଛନ୍ତି। ଘୁଙ୍ଘୁଟିପଡାବାସୀ ସହର ଭିତରେ ଚେରୁଆପଡାରେ ଜମି ଓ ଘର ସହ ସମସ୍ତ ସୁବିଧା ଯୋଗାଇଦିଆଯାଉ ବୋଲି ଦାବି କରିଆସୁଛନ୍ତି। ସହର ଭିତରେ ରହୁଥିବା ଶ୍ରମିକ ଶ୍ରେଣୀର ଲୋକମାନେ ସହଜରେ କାମ ପାଇପାରିବେ। ଦୁର୍ଗାପାଲିଠାରେ ଯେଉଁ ଜମି ଦିଆଯାଉଛି ତାହା ଉପଯୁକ୍ତ ନୁହେଁ ବୋଲି ଦର୍ଶାଇଛନ୍ତି।

## ମା, ନବଜାତକଙ୍କୁ ଅଢେଇ କିମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ

ରିଆମାଳ,୨।୨(ଡ଼ି.ଏନ୍.ଏ.)

**ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ**



ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ। ଅଢେଇ କିଲୋମିଟର ପାଦଚଲା ରାସ୍ତା ଓ ନାଳ ଅତିକ୍ରମ କରି ପ୍ରସୂତୀ ଓ ନବଜାତ ଶିଶୁକୁ ଡାକ୍ତରଖାନାରେ ଭର୍ତ୍ତି କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଗୁଣ୍ଡିଆପାଲି ପଞ୍ଚାୟତରେ। ସୂଚନା ଅନୁଯାୟୀ ଗୁଣ୍ଡିଆପାଲି ପଞ୍ଚାୟତ ଅନ୍ତର୍ଗତ ମାଘୁମୁଣ୍ଡା ଗ୍ରାମର ଚାରୁ ମୁଣ୍ଡାଙ୍କ ସ୍ତ୍ରୀ ବାହାଲ ହେମ୍ବ୍ରମ(୨୬) ମଙ୍ଗଳବାର ସକାଳେ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଆଶାଦିଦି ତପସ୍ୱିନୀ ସେଠୀଙ୍କ ମାଧ୍ୟମରେ ୧୦୮ଆମ୍ବୁଲାନ୍ସର ସହାୟତା ଲୋଡିଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଉକ୍ତ ଗ୍ରାମ ଅଭିମୁଖେ ବାହାରିଥିଲା। ହେଲେ ଉକ୍ତ ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କର୍ମଚାରୀମାନେ ଅଢେଇ କିମି ରାସ୍ତା ଚାଲିଚାଲି ସେଠାରେ ପହଞ୍ଚ ଥିଲେ। ମାତ୍ର ସେତେବେଳକୁ ଗର୍ଭବତୀ ମହିଳା ଜଣକ ଏକ ଶିଶୁପୁତ୍ର ପ୍ରସବ କରି ସାରିଥିଲେ। ଆମ୍ବୁଲାନ୍ସ କର୍ମଚାରୀ ସତ୍ୟାନନ୍ଦ ସାହୁ, ସୁରେଶ ସାମଲ, ଦେବେନ୍ଦ୍ର ପ୍ରଧାନ ମା ଓ ନବ ଜାତକକୁ ଷ୍ଟ୍ରେଚର ଯୋଗେ ଅଢେଇ କି.ମି ରାସ୍ତା ଓ ନାଳ ଅତିକ୍ରମ କରିବା ପରେ ଆମ୍ବୁଲାନ୍ସ ସହାୟତାରେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସ୍ଥିତି ତଦାରଖ କଲେ କୁଳପତି


ଓଏସ୍‌ଓୟୁ କୁଳପତି ନିର୍ମାଣ କାମ ତଦାରଖ କରୁଛନ୍ତି।

ସମ୍ବଲପୁର,୨।୨(ବ୍ୟୁରୋ)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ସ୍ଥାୟୀ କ୍ୟାମ୍ପସର ନିର୍ମାଣକାମ ଚାଲୁରହିଛି। କୁଳପତି ପ୍ରଫେସର ଅର୍କକେଶରୀ ମହାପାତ୍ର ମଙ୍ଗଳବାର ସ୍ଥିତି ତଦାରଖ କରି କାମର ମାନ ଯାଞ୍ଚ କରିଥିଲେ। ଚାରିପାଖ ପାଚେରି ସହ ପ୍ରଶାସନିକ କୋଠା ନିର୍ମାଣ ଶୀଘ୍ର ସାରିବାକୁ ଠିକାସଂସ୍ଥାକୁ କହିଥିଲେ। ଆସନ୍ତା ମେ’ ମାସ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ଡ. ମାନସ ରଞ୍ଜନ ପୂଜାରୀ, ଅର୍ଥନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ ଓ ପୋଲିସ ହାଉସିଂବୋର୍ଡ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୫ ମସିହାରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଓଏସ୍‌ଓୟୁ ଅସ୍ଥାୟୀ ଭାବେ କାର୍ଯ୍ୟକାରୀ ହେଉଛି। ସ୍ଥାୟୀ କ୍ୟାମ୍ପସ ପାଇଁ ୨୦୧୮ ମସିହାରେ ବିଶ୍ୱ ବ୍ୟାଙ୍କ ୧୮ କୋଟି ଟଙ୍କା ଅନୁଦାନ ଦେଇଛି। ଜିଲା ପ୍ରଶାସନ ପକ୍ଷରୁ ମହାନଗର ନିଗମ ବଡସିଂହାରୀ ଗ୍ରାମରେ ୪୦ ଏକର ଜମି ଯୋଗାଇ ଦିଆଯାଇଛି। ପର୍ଯ୍ୟାୟ କ୍ରମେ ପ୍ରଶାସନିକ କୋଠା, ଅତ୍ୟାଧୁନିକ ଲାଇବ୍ରେରି, କମ୍ପ୍ୟୁଟର କୋଠା, ଖେଳପଡିଆ, ସ୍କିଲ ଡେଭଲପ୍‌ମେଣ୍ଟ ସେଣ୍ଟର, ହେଲଥ୍ କେୟାର ସେଣ୍ଟର ଭଳି ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ।

## ପ୍ରାଥମିକ ସ୍କୁଲ ନବୀକରଣ: ଏମ୍‌ସିଏଲ୍ ଖର୍ଚ୍ଚ କଲା ୨୩ ଲକ୍ଷ

ସମ୍ବଲପୁର, ୨।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ବୁର୍ଲା ମିର୍ଦ୍ଧାପଡା ସରକାରୀ ପ୍ରାଥମିକ ସ୍କୁଲ ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଜରାଜୀର୍ଣ୍ଣ ହୋଇ ପଡିଥିବା ସ୍କୁଲର କୋଠରୀ ଯୋଗୁ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ୨୩ ଲକ୍ଷ ଖର୍ଚ୍ଚରେ ନୂତନ ଶ୍ରେଣୀଗୃହ, ରୋଷେଇ ଘର ଓ ସଂଯୁକ୍ତ ରାସ୍ତା ନିର୍ମାଣ କରିଛି। ଏଥିସହ ଛାତ୍ରୀଛାତ୍ରଙ୍କ ବସିବା ସକାଶେ ନୂତନ ଡେକ୍ସବେଞ୍ଚ ପ୍ରଦାନ କରିଛି।

## ଦ୍ୱିତୀୟ ଏସ୍‌ସିପି ଲିଗ୍ ଉଦ୍‌ଘାଟିତ

ସମ୍ବଲପୁର, ୨।୨ (ବ୍ୟୁରୋ)

ଦ୍ୱିତୀୟ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ- ୨୦୨୧ ମଙ୍ଗଳବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ମେହେତାବ କ୍ରିକେଟ କ୍ଲବ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ ପଦ୍ମ ୱାରିୟର୍ସ ଓ ଡାଲମିୟା ୱାରିୟର୍ସ ମଧ୍ୟରେ ହୋଇଥିଲା। ପଦ୍ମ ୱାରିୟର୍ସ ଟସ୍ ଜିଣି ବ୍ୟାଟିଂ କରିବା ଲାଗି ଡାଲମିଆ ଦଳକୁ ଆମନ୍ତ୍ରଣ କରିଥିଲା। ଦଳ ୧୯ ଓଭରରେ ୧୦ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ପଦ୍ମ ୱାରିୟର୍ସ ୧୪ ଓଭରରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସମ୍ବଲପୁର ସୁପର କିଙ୍ଗ୍ସ ବନାମ ଏମ୍‌ଏମ୍‌ସିସି ମଧ୍ୟରେ ହୋଇଥିଲା। ଏମ୍‌ଏମ୍‌ସିସି ବିଜୟୀ ହୋଇଥିଲା। ଅମ୍ପାୟାର ପ୍ରିୟାଂଶୁ ପତି, ସଞ୍ଜୟ ନାୟକ ମ୍ୟାଚ ପରିଚାଳନା କରିଥିଲେ।

# ପଲ୍ଲୀ ପ୍ରଗତି କ୍ଲବ ଚାମ୍ପିୟନ

ଦେବଗଡ଼,୨।୨(ଡି.ଏନ୍.ଏ.)


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଦେବଗଡ ଜିଲା ବାରକୋଟ ବ୍ଲକ କାଦୋପଡା ପଲ୍ଲୀ ପ୍ରଗତି କ୍ଲବ ଆନୁକୂଲ୍ୟରେ ଗତ ୨୭ ତାରିଖଠାରୁ ଚାଲିଥିବା ବାବା ସର୍ବେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତିଲେଇବଣୀ ବ୍ଲକର ଟାଇଁସର କ୍ରିକେଟ କ୍ଲବକୁ ପରାସ୍ତ କରି ଆୟୋଜକ ପଲ୍ଲୀ ପ୍ରଗତି କ୍ଲବ ଚାମ୍ପିୟନ ହୋଇଛି। କାଦୋପଡା ପଲ୍ଲୀ ପ୍ରଗତି କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୦୬ରନ ସଂଗ୍ରହ କରିଥିଲା। ଜବାବରେ ଟାଇଁସର ୯ ଉଇକେଟ ହରାଇ ୯୫ ରନ କରି ପରାଜିତ ହୋଇଥିଲା। କାଦୋପଡା ପଲ୍ଲୀ ପ୍ରଗତି କ୍ଲବର ଶ୍ରୀରାମ ପ୍ରଧାନ ମ୍ୟାନ ଅଫ ଦ ମ୍ୟାଚ ଓ ଟାଇଁସର କ୍ରିକେଟ କ୍ଲବର ରାଜେଶ କୁମାର ସାହୁ ମ୍ୟାନ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଆଇନଜୀବୀ ବିକାଶ କୁମାର ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ଚନ୍ଦ୍ରଶେଖର ସାହୁ, ଦୀପକ ମୁଣ୍ଡା ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ।

**ସର୍ବେଶ୍ୱର କପ୍ କ୍ରିକେଟ ଟୁର୍ନାମେଣ୍ଟ**

## ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଆଇନ ମହାବିଦ୍ୟାଳୟ ପରିଦର୍ଶନ

ସମ୍ବଲପୁର, ୨।୨ (ବ୍ୟୁରୋ)


ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଆଇନ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ମଙ୍ଗଳବାର ଲଜପତରାୟ ଆଇନ କଲେଜ ପରିଦର୍ଶନ କରିଛନ୍ତି। କୁଳପତିଙ୍କୁ ପୁଷ୍ପଗୁଚ୍ଛ ଦେଇ କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରୀଛାତ୍ର ସ୍ୱାଗତ ଜଣାଇଥିଲେ। କଲେଜ ପରିସର ଲାଲା ଲଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କୁଳପତି ବିଭିନ୍ନ ଶ୍ରେଣୀ କକ୍ଷ, କମ୍ପ୍ୟୁଟର କକ୍ଷ, ସମ୍ମିଳନୀ କକ୍ଷ ଓ ପାଠାଗାର ବୁଲିଦେଖିଥିଲେ। ଏହିଅବସରରେ ଏନ୍‌ସିସିର ଏକ ୱିଙ୍ଗ୍ ପ୍ରତିଷ୍ଠା କରିବାକୁ କୁଳପତି ପ୍ରସ୍ତାବ ଦେବା ସହ କଲେଜରେ ଥିବା ବିଭିନ୍ନ ସମସ୍ୟା ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସଞ୍ଜିତ କୁମାର ସାହୁ ଓ ଏନ୍‌ଏସ୍‌ଏସ୍ ସଂଯୋଜକ ସୁମନ କେର୍କେଟା ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା, ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ, ଅଙ୍କିତ ସୌରଭ ସାହୁ, ସେକ୍ସନ୍ ଅଫିସର୍ ରାଜକିଶୋର ପାଢୀଙ୍କ ସହ ଆଲୋଚନା କରିଥିଲେ।

# ସାମିଲ ହେବେ ୫୧ କିନ୍ନର

ସମ୍ବଲପୁର, ୨।୨ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ସାମିଲ ପାଇଁ ୫୧ କିନ୍ନର ଚିହ୍ନଟ ହୋଇଛନ୍ତି। ସେମାନେ ସହରର ସ୍ୱଚ୍ଛତା ନେଇ ସଚେତନ କରିବା ସହ ନିଜେ ଏଥିପାଇଁ କାର୍ଯ୍ୟ କରିବେ। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ଏହି ଯୋଜନା କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ମହାନଗର ନିଗମକୁ ସ୍ୱଚ୍ଛ ସହର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ ସାମାଜିକ ଅନୁଷ୍ଠାନ, ଏସ୍‌ଏଚ୍‌ଜି, ସାମାଜିକ କର୍ମୀ, ମହିଳା, ଯୁବକ ସମସ୍ତଙ୍କ ସହଯୋଗ ରହୁଛି। ଏବେ କିନ୍ନରମାନଙ୍କୁ ମଧ୍ୟ ସାମିଲ କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୧ ଜଣ କିନ୍ନରଙ୍କୁ ଚିହ୍ନଟ କରାଯାଇଛି। ଦେଖିବାକୁ ଗଲେ କିନ୍ନରମାନେ ଭିକ୍ଷାବୃତ୍ତିକୁ ପେସା ଭାବେ ଗ୍ରହଣ କରନ୍ତି। କେତେକ ସ୍ଥାନରେ ସେମାନେ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଥାଏ। ଏହି କାର୍ଯ୍ୟରେ ଯୋଗଦେଲେ ସେମାନେ ରୋଜଗାରକ୍ଷମ ହୋଇପାରିବେ। ଆର୍ଥିକ ସ୍ୱଚ୍ଛଳତା ଆସିଲେ ଅନ୍ୟ କାର୍ଯ୍ୟଠାରୁ ଦୂରେଇ ରହିବେ। ମହାନଗର ନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟ୍‌ରେ ମଧ୍ୟ କେତେକ କିନ୍ନରଙ୍କୁ ନିୟୋଜିତ କରାଯିବ। ଏହାସହ ବିଭିନ୍ନ ୱାର୍ଡରୁ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ୫୫ଟି ବ୍ୟାଟେରି ଚାଳିତ ଗାଡି ବ୍ୟବହାର କରାଯିବ। ଏଥିରେ ମଧ୍ୟ ସେମାନଙ୍କୁ ନିୟୋଜିତ କରିବାର ଲକ୍ଷ୍ୟ ରଖାଯାଇଛି। ବ୍ୟାଟେରି ଚାଳିତ ଗାଡ଼ି ବ୍ୟବହାର ହେଲେ ସହର ପ୍ରଦୂଷଣ ମୁକ୍ତ ହେବା ସହ ଖର୍ଚ୍ଚ ମଧ୍ୟ କମିଯିବ। ପୂର୍ବରୁ ମହାନଗର ନିଗମ ପକ୍ଷରୁ ଆବର୍ଜନା ଗୋଟାଳିମାନଙ୍କୁ ରୋଜଗାର ଦେବା ପାଇଁ ପ୍ରୟାସ କରାଯାଇଥିଲା। ଜରି ଓ ଆବର୍ଜନା ଗୋଟାଇ ଜୀବିକା ନିର୍ବାହ କରୁଥିବା ୧୬୩ ଜଣଙ୍କୁ ଥଇଥାନ କରିବାକୁ ମହାନଗର ନିଗମ ନିଷ୍ପତ୍ତି ନେଇଛି। ସହରକୁ ସ୍ୱଚ୍ଛ କରିବାରେ ସେମାନଙ୍କର ସ୍ୱତନ୍ତ୍ର ଭୂମିକା ରହୁଥିବାରୁ ଥଇଥାନ ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆବର୍ଜନାରୁ ପଲିଥିନ, ପ୍ଲାଷ୍ଟିକ ବୋତଲ, ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରି ତାହାକୁ ବିକ୍ରି କରି କିଛି ରୋଜଗାର କରୁଥିଲେ। ଏଥିରେ ସେମାନଙ୍କ ଜୀବନ ପ୍ରତି ବିପଦ ରହୁଥିଲା। ଆବର୍ଜନାରୁ ବିଭିନ୍ନ ରୋଗ ସଂକ୍ରମଣ ହେବା ଆଶଙ୍କା ରହୁଥିଲା। ତେଣୁ ସେମାନଙ୍କୁ ଉପଯୁକ୍ତ ପୋଷାକ, ଗ୍ଲୋବ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୬୩ ଜଣ ଚିହ୍ନଟ ହୋଇଥିବା ବେଳେ ଆଗାମୀ ଦିନରେ ଏଭଳି ଲୋକମାନଙ୍କୁ ମଧ୍ୟ ସହଯୋଗ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ସ୍ୱଚ୍ଛ ସହର ପାଇଁ ପ୍ରଶାସନିକ ସ୍ତରରେ ବାରମ୍ବାର ବୈଠକ କରାଯାଉଛି। ୱାର୍ଡଗୁଡିକରେ ଏଥିପାଇଁ ସ୍ୱତନ୍ତ୍ର କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଉତ୍ତମ ପ୍ରଦର୍ଶନ କଲେ ପୁରସ୍କାର ରାଶି ପ୍ରଦାନ କରିବାକୁ ବ୍ୟବସ୍ଥା ରହିଛି।

**ସ୍ୱଚ୍ଛ ସର୍ବେକ୍ଷଣ ଯୋଜନା**

# ସମାଜକୁ ଆଗେଇନେବାରେ ନାରୀଶକ୍ତି ଅତୁଳନୀୟ

ଲଖନପୁର,୨।୨(ଡି.ଏନ୍.ଏ.)


ମଞ୍ଚରେ ଉପସ୍ଥିତ ଥିବା ଅତିଥିବୃନ୍ଦ।

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅଢାପଡା ମା’ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅଢାପଡା ପୀଠ ସଭାପତି ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଶାଶହେ କୁଲତା ସମାଜ ଅଢାପଡା ପୀଠସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଗମ୍ଭାରୀପଙ୍କ ୨୪ତମ ମହାସଭାର ସଭାପତି ସନ୍ତୋଷ ବଢେଇ ମୁଖ୍ୟଅତିଥି ଓ ମହାସଂଘ ସମ୍ପାଦକ ମହାଦେବ ପ୍ରଧାନ, ଲପଙ୍ଗା ପୀଠାଧିଶ ପ୍ରଦୀପ କୁମାର ସାହୁ, ଲପଙ୍ଗା ପୀଠ ସଭାପତି ଲଳିତ କୁମାର ସାହୁ, ମୁରା ପୀଠ ସଭାପତି ରତନ ସାହୁ, ଠେମରା ପୀଠ ସଭାପତି ମଣିକର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱନାଥ ଭୋଇ ମଞ୍ଚ ସଞ୍ଚାଳନ କରିଥିଲେ। ଅଢାପଡା ପୀଠ ସଭାପତି ପ୍ରଧାନ ସ୍ୱାଗତ ଅଭିଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସେ କହିଥିଲେ, ଗତ ମହାସଭାରେ ଅଢାପଡା ଗୁଡି ପୀଠର ମାନ୍ୟତା ପାଇଛି। ଏହି ନୂତନ ପୀଠକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପୀଠର କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ।

**ଅଢାପଡା ପୀଠସ୍ତରୀୟ ସମ୍ବର୍ଦ୍ଧନା ସଭା**

ସର୍ବପ୍ରଥମେ ସରକାରୀ ନିୟମ ଅନୁଯାୟୀ ପୀଠକୁ ପଞ୍ଜୀକୃତ କରିବାକୁ ପଡିବ। ପରେ ନିଜସ୍ୱ ଓ ସରକାରୀ ଅନୁଦାନରେ ସମାଜର ବିକାଶ ହୋଇପାରିବ। ସମାଜର ବିକାଶ ପାଇଁ କୁଲତା ସମାଜର ନାରୀଶକ୍ତି ଓ ଯୁବଶକ୍ତି ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପୀଠ ଓ ଗୁଡିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଢାପଡା ପାଞ୍ଚପାଲି ଦୁଆନ ଈଶ୍ୱର ପ୍ରସାଦ ଭୋଇ, ପୂର୍ବତନ ତିଳିଆ ଗୁଡି ସଭାପତି ରତ୍ନରାଜ ସାହୁ, ପିପିଲିକାନୀ ଗୁଡି ଉପସଭାପତି ତେଜେନ୍ଦ୍ର ଖମାରି ଓ କପିଳ ଭୋଇ, ପଣ୍ଡରୀ ଗୁଡି ସମ୍ପାଦକ ସଞ୍ଜୀବ ସାହୁ, ଅଢାପଡା ପୀଠ ପୂଜକ ବିକ୍ରମ ପ୍ରଧାନ ପ୍ରମୁଖଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜପୁର, ବନ୍ଧବାହାଲ, ପିପିଲିକାନୀ, ତିଳିଆ, ପଣ୍ଡରୀ, ବ୍ରଜରାଜନଗର, ତବଲା, କଇଁସିର, ରଶିଆପାଲି ଆଦି ଗୁଡି, ବିକାଶ ମଞ୍ଚ ଓ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗୁଡି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଭୋଇ, ବୋଧରାମ ସାହୁ, ଗିରିଶ ଚନ୍ଦ୍ର ସାହୁ, କପିଳ ଭୋଇ, ନାରାୟଣ ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ପ୍ରଧାନ, ବେଦବ୍ୟାସ ଭୋଇ, ସନ୍ତୋଷ ପ୍ରଧାନ, ଜୀବର୍ଦ୍ଧନ ପ୍ରଧାନ, ନବୀନ ଭୋଇ, ଦୟାସାଗର ବଢେଇ କିରଣ ପ୍ରଧାନ ଓ ରଞ୍ଜନ ଭୋଇ ପ୍ରମୁଖ ଗୁଡିର ନିମନ୍ତ୍ରିତ ଅତିଥିମାନଙ୍କୁ ଆୟୋଜକ ପୀଠ ତରଫରୁ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା। ପରେ କୁଲତା ସମାଜର ଇଷ୍ଟଦେବୀ ମା’ ରାମଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପଣ୍ଡରୀ ଗୁଡି ସମ୍ପାଦକ ସଞ୍ଜୀବ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୦ ପ୍ୟାକ୍ସ ସମ୍ପାଦକ ନିଲମ୍ବିତ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ଧାନକିଣାରେ ଅନିୟମିତତା, ବିଭାଗ ତରଫରୁ ଧାନ ସଂଗ୍ରହ ବାବଦରେ ଜାରି ହୋଇଥିବା ମାର୍ଗଦର୍ଶିକାର ଉଲ୍ଲଂଘନ ଓ କାର୍ଯ୍ୟରେ ଅବହେଳା ଅଭିଯୋଗରେ ୧୦ ଜଣ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ସମ୍ପାଦକଙ୍କୁ ନିଲମ୍ବନ କରାଯାଇଛି । ନିଲମ୍ବିତ ହୋଇଥିବା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନଙ୍କ ମଧ୍ୟରେ ବରଗଡ଼ ଜିଲାର ଝାରବନ୍ଧ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଉମାକାନ୍ତ ପ୍ରଧାନ, ଡଭା ପ୍ୟାକ୍ସର ସହକାରୀ ସମ୍ପାଦକ ଗୋବିନ୍ଦ ସାହୁ, ସୋହେଲା ପ୍ୟାକ୍ସର ସମ୍ପାଦକ ରାଜେଶ ପ୍ରଧାନ, କଟାପାଲି (ବିପିଏଲ୍) ପ୍ୟାକ୍ସର ସମ୍ପାଦକ ବିଦ୍ୟାଧର ପ୍ରଧାନ, ପାହାରଶ୍ରିଗିଡ଼ା ପ୍ୟାକ୍ସର ଶମ୍ଭୁ କ୍ଷେତ୍ରୀ, ନାରାୟଣ ପ୍ୟାକ୍ସର ସୁଦାମ ସାହୁ, ଭୁକ୍ତା ପ୍ୟାକ୍ସର ହୃଷୀକେଶ ପ୍ରଧାନ, ଚଢେଇଗାଁ ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ଲିଙ୍ଗରାଜ ସାହୁ ଓ କନ୍ଦପାଳ ପ୍ୟାକ୍ସର ସମ୍ପାଦକ କ୍ଷୀରୋଦ୍ର ସାହୁ ଅନ୍ତର୍ଭୁକ୍ତ। ସେହିଭଳି ବଲାଙ୍ଗୀର ଜିଲା ଚୁଡ଼ାପଲ୍ଲୀ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଗୋପବନ୍ଧୁ ସାହୁଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ଏହାସହ ସୋହେଲା ପ୍ୟାକ୍ସ ସମ୍ପାଦକ, କ୍ଲର୍କ ତଥା ଡାଟା ଏଣ୍ଟ୍ରି ଅପରେଟର ଏବଂ ଅନ୍ୟ ଖିଲାପୀ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି।

ସ୍କୁଟି ଚାଳକଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା

### ଫେରାର ସହଯୋଗୀ ଗିରଫ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ନୂଆପଲ୍ଲୀ ଥାନା ନିରଙ୍କାରୀ ନଗରରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଣେ ସ୍କୁଟି ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ସ୍କୁଟି, ମୋବାଇଲ ଓ ଟଙ୍କା ଲୁଟି ନେବା ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ସାଲିଆସାହି ତାରିଣୀନଗର ବସ୍ତିର ରେହାନ ଖାଁ (୨୦)। ରେହାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଲୁଟ୍ ଘଟଣାରେ ରେହାନଙ୍କୁ ମିଶାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଅଦ୍ୟାବଧି ଫେରାର ଅଛନ୍ତି। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧ତାରିଖ ମଧ୍ୟ ରାତ୍ରିରେ ନୂଆପଲ୍ଲୀ ଥାନା ନିରଙ୍କାରୀ ନଗରରେ ରହୁଥିବା ସଞ୍ଜୟ କୁମାର ସେଠୀ ସ୍କୁଟି ଧରି ଘରକୁ ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ରେହାନ, ହିତେଶ, ଦେବୀ, ବାପି, ବିକାଶ ତାଙ୍କୁ ଅଟକାଇଥିଲେ। ସଞ୍ଜୟ କିଛି ବୁଝିବା ଆଗରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରିବା ସହ ସ୍କୁଟି, ମୋବାଇଲ ଫୋନ ଓ ୧୩ଶହ ଟଙ୍କା ଛଡାଇ ନେଇ ପଳାଇଥିଲେ। ଏନେଇ ସଞ୍ଜୟ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ଅକ୍ଟୋବର ୨୩ ତାରିଖରେ ପୋଲିସ ହିତେଶ ବାରିକଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଥିଲେ।

# କୋଲ୍ଡ ଡ୍ରିଙ୍କ୍ସ ଫ୍ୟାକ୍ଟ୍ରିରେ ଚଢ଼ାଉ

- ବିପୁଳ ନକଲି ସାମଗ୍ରୀ ଜବତ, ୟୁନିଟ୍ ସିଲ୍
- ଲୋକଙ୍କ ଜୀବନ ସହ ଖେଳ
- ଫ୍ୟାକ୍ଟ୍ରି ମାଲିକ ଗିରଫ

**ଭୁବନେଶ୍ୱର,୨।୨(ବ୍ୟୁରୋ)**


ଜବତ ହୋଇଥିବା ଯନ୍ତ୍ରାଂଶ।

ଦିନକୁ ଦିନ ନକଲି ଖାଦ୍ୟ ସାମଗ୍ରୀର ତାଲିକା ବଢ଼ିବାରେ ଲାଗିଛି। ନକଲି ଘିଅ, ତେଲ, ସସ୍, ମସଲାଗୁଣ୍ଡ ପରେ ଏବେ ନକଲି କୋଲ୍ଡ ଡ୍ରିଙ୍କ୍ସ(ମୃଦୁ ପାନୀୟ) ବିକ୍ରି ହେଉଥିବା ଜଣାପଡ଼ିଛି। ସତପରି ଦେଖାଯାଉଥିବା ନକଲି କୋଲ୍ଡ ଡ୍ରିଙ୍କ୍ସରେ ମିଶୁଛି ବିଷ। ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ୧୩୩/ସିରେ ଚାଲିଥିବା ଏକ ଫ୍ୟାକ୍ଟ୍ରିରେ ନାମୀଦାମୀ ବ୍ରାଣ୍ଡର ଷ୍ଟିକର ଲଗାଇ ବିଭିନ୍ନ ନକଲି ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଛି। ବିଶେଷକରି ବସ୍ତି ଓ ଗ୍ରାମାଞ୍ଚଳର ଲୋକମାନେ ମୃଦୁ ପାନୀୟ ଉପରେ ଥିବା ନାମକୁ ଠିକ୍‌ଭାବେ ପଢ଼ିପାରୁ ନ ଥିବାରୁ ବିଭିନ୍ନ ବ୍ରାଣ୍ଡର ଅବିକଳ ବୋତଲ ଏବଂ ନାମରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଏହାକୁ ପ୍ରସ୍ତୁତ କରାଯାଉଥିଲା। ବିଶେଷ ସୂତ୍ରରୁ ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଉକ୍ତ ୟୁନିଟରେ ମିଳିତ ଚଢ଼ାଉ ବିପୁଳ ପରିମାଣର ନକଲି ମୃଦୁ ପାନୀୟ, ପାନୀୟ ପ୍ୟାକେଜିଂ ସାମଗ୍ରୀ, ପ୍ଲାଷ୍ଟିକ୍ ବୋତଲ, ଯନ୍ତ୍ରପାତି ଏବଂ କଞ୍ଚାମାଲ ଜବତ କରିଛି। ଚଢ଼ାଉ ସମୟରେ ଉକ୍ତ ୟୁନିଟରେ ଆବଶ୍ୟକ ଲାଇସେନ୍ସ ନ ଥିବା ବେଳେ ଟେକ୍ନିସିଆନ ମଧ୍ୟ କାର୍ଯ୍ୟ କରୁ ନ ଥିବା ଜଣାପଡ଼ିଥିଲା। ଏପରି କି ଲାବୋରେଟୋରି ମଧ୍ୟ ନ ଥିଲା। ତେଣୁ ଉକ୍ତ ୟୁନିଟକୁ ପୋଲିସ ସିଲ୍ କରିବା ସହ ମାଲିକ ଶ୍ରୀପତି ରଞ୍ଜନ ବେହେରାଙ୍କୁ ଗିରଫ କରିଥିଲା। ଖାଦ୍ୟ ନିରାପତ୍ତା ଅଧିକାରୀ ଜବତ ମୃଦୁ ପାନୀୟକୁ ପ୍ରାଥମିକ ଯାଞ୍ଚ ପରେ ଏହା ନକଲି ଏବଂ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବୋଲି ପ୍ରକାଶ କରିଛନ୍ତି।

### ବସ୍ତି, ଗ୍ରାମାଞ୍ଚଳ ଲୋକଙ୍କୁ ଟାର୍ଗେଟ

ରାଜଧାନୀର ଅନେକ ବସ୍ତି ସମେତ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳ ବଜାରରେ ଏହି ମୃଦୁ ପାନୀୟକୁ ବିକ୍ରି ପାଇଁ ଟାର୍ଗେଟ କରାଯାଉଥିଲା। ନାମୀଦାମୀ ସାମଗ୍ରୀର ଲୋଗୋ ବ୍ୟବହାର କରାଯାଉଥିବାରୁ ସାଧାରଣ ଲୋକ ସହଜରେ ଜାଣିପାରୁ ନ ଥିଲେ। ବ୍ରାଣ୍ଡେଡ ସାମଗ୍ରୀର ମୂଲ୍ୟରୁ ବହୁତ କମ୍ ମୂଲ୍ୟରେ ସମାଗ୍ରୀଗୁଡ଼ିକ ବିକ୍ରି କରାଯାଉଥିବାରୁ ଗ୍ରାହକଙ୍କୁ ସ୍ୱଳ୍ପ ଦାମରେ ଦୋକାନୀମାନେ ବିକ୍ରି କରିବା ସହ ଉଭୟ ଦୋକାନୀ ଓ କମ୍ପାନୀ ମୋଟା ଅଙ୍କର ଲାଭ ପାଉଥିଲେ।

### ଲାବରେଟୋରି, ଟେକ୍ନିସିଆନ ନ ଥିଲେ

ୟୁନିଟ୍‌ର ଲାଇସେନ୍ସ ଠିକ୍ ନ ଥିବାବେଳେ ଉତ୍ପାଦଗୁଡ଼ିକ ନକଲି ଥିଲା। ବଜାରରେ ବ୍ରାଣ୍ଡେଡ ଥଣ୍ଡା ପାନୀୟ ନାମରେ ସାମାନ୍ୟ ପରିବର୍ତ୍ତନ କରାଯାଇ ନକଲି ମୃଦୁ ପାନୀୟ ପ୍ରସ୍ତୁତ କରାଯାଉଥିଲା। ବ୍ରାଣ୍ଡେଡ ସୋଡ଼ା, କୋଲ୍ଡ୍ରିଙ୍କ୍ସଠାରୁ ଆରମ୍ଭ କରି ଗ୍ଲୁକୋଜର ପାନୀୟ ମଧ୍ୟ ପ୍ରସ୍ତୁତ ହେଉଥିଲା। ଯାହାର ବଜାରରେ ଚାହିଦା ଅଧିକ ରହିଛି। ଗୁଣବତ୍ତା ଯାଞ୍ଚ କରିବାକୁ ୟୁନିଟରେ ଲାବରେଟୋରି ନ ଥିବାରୁ ମୃଦୁ ପାନୀୟର ମାନ ପରୀକ୍ଷା ହେଉ ନ ଥିଲା। ବଜାରରୁ କେମିକାଲ କିଣି ଆଣି ମନଇଚ୍ଛା ଥଣ୍ଡାପାନୀୟ ପ୍ରସ୍ତୁତ କରି ବିକ୍ରି କରାଯାଉଥିଲା। ଯାହାକି ଲୋକଙ୍କୁ ମରଣ ମୁହଁକୁ ଠେଲିବା ସହ ସମାନ ବୋଲି ଭୁବନେଶ୍ୱରର ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର କହିଛନ୍ତି। ଜବତ ସାମଗ୍ରୀ ନମୁନାର ମାନ ଯାଞ୍ଚ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତୀକ୍ଷା କହିଛନ୍ତି।

### ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ

୩ବର୍ଷ ଧରି ଏହି ନକଲି କାରଖାନା ଚାଲିଥିଲା। ଏନେଇ ସ୍ପେଶାଲ ସ୍କ୍ୱାଡ୍ ପାଖରେ ଖବର ପହଞ୍ଚିବାପରେ ଚଢ଼ାଉ ନେଇ ଯୋଜନା ହୋଇଥିଲା। ୟୁନିଟର ସବିଶେଷ ତଥ୍ୟ ଯାଞ୍ଚ ପରେ ବିପୁଳ ପରିମାଣର ଥଣ୍ଡା ମୃଦୁ ପାନୀୟ ଗଚ୍ଛିତ ହୋଇଥିବା ଜଣାପଡ଼ିଥିଲା। ଆବଶ୍ୟକ କାଗଜ ପତ୍ର ନ ଥିବାବେଳେ ଏଠାରେ ପ୍ରସ୍ତୁତ ସାମ୍ରଗୀର ଲାବରେଟୋରି ପରୀକ୍ଷା ନ ହେବା ଲୋକଙ୍କୁ ପ୍ରତାରଣା ସଦୃଶ ବୋଲି ସ୍ପେଶାଲ ସ୍କ୍ୱାଡ୍ ଏସ୍‌ପି ସଞ୍ଜୀବ ସତ୍ୟପାଠୀ କହିଛନ୍ତି। ପୋଲିସ ଏହି ୟୁନିଟକୁ ସିଲ୍ କରିବା ସହ ପରୀକ୍ଷା ପାଇଁ ନମୁନା ପଠାଯାଇଛି। ଖାଦ୍ୟ ନିରାପତ୍ତା ବିଭାଗ ପରୀକ୍ଷା ରିପୋର୍ଟ ଦେବାପରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତ୍ୟପାଠୀ କହିଛନ୍ତି।

# ଯୁବ କଂଗ୍ରେସର ଶଗଡ଼ ଶୋଭାଯାତ୍ରା


ପୋଲିସ ଓ ଯୁବକଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେଉଛି।

**ତୈଳ ଦରବୃଦ୍ଧିର ପ୍ରତିବାଦ**

- ରାଜ୍ୟପାଳଙ୍କୁ ଦେଲେ ସ୍ମାରକପତ୍ର

**ଭୁବନେଶ୍ୱର,୨।୨(ବ୍ୟୁରୋ)**

ପେଟ୍ରୋଲ, ଡିଜେଲର ଅହେତୁକ ଦରବୃଦ୍ଧି ଏବଂ କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ରଣହୁଙ୍କାର ଦେଇଛି। ଏହି ପରିପ୍ରେକ୍ଷୀରେ ଯୁବ କଂଗ୍ରେସ ସଭାପତି ସ୍ମିତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ବିଶାଳ ଶଗଡ଼ ଶୋଭାଯାତ୍ରା ପାୱାର ହାଉସ୍ ଛକରୁ ବାହାରି ରାଜଭବନ ଅଭିମୁଖେ ଯାଇଥିଲା। ପ୍ରଥମେ ପାୱାର ହାଉସ୍ ଛକରେ ଯୁବ କଂଗ୍ରେସ ପକ୍ଷରୁ ଏକ ସଭା କରାଯାଇଥିଲା। ସଭାରେ ସ୍ମିତିରଞ୍ଜନ ଉଦ୍‌ବୋଧନ ଦେଇ କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାର ତୈଳ ଉପରେ ଟ୍ୟାକ୍ସ ଲଗାଇ ଅହେତୁକ ଦର ବୃଦ୍ଧି କରୁଛନ୍ତି। ଏହାର ପ୍ରଭାବରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ଘଟୁଛି। ଫଳରେ ଜନସାଧାରଣ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଆନ୍ତର୍ଜାତୀୟ ବଜାରରେ ତେଲ ବ୍ୟାରେଲ ପିଛା ୫୦ ଡଲାରରୁ କମ୍ ଥିବାବେଳେ ପେଟ୍ରୋଲ, ଡିଜେଲ ଦର ପାଖାପାଖି ୯୦ ଟଙ୍କା ହେଲାଣି। ଏଥିରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଟିକସ ନାମରେ ସାଧାରଣ ଜନତାଙ୍କୁ ଠକୁଥିବା କଥା ସ୍ପଷ୍ଟ ଜଣାପଡୁଛି। ସେହିପରି କୃଷି ଆଇନ ପ୍ରତ୍ୟାହାର ନ ହେଲେ ଚାଷୀଙ୍କ ସ୍ୱାର୍ଥ ପାଇଁ ଯୁବ କଂଗ୍ରେସ ରାଜ୍ୟରେ ଆନ୍ଦୋଳନ ଜୋରଦାର କରିବ ବୋଲି ସେ କହିଥିଲେ। ଯୁବ କଂଗ୍ରେସ ଉପସଭାପତି ରାଜୀବ ପଟ୍ଟନାୟକ କହିଥିଲେ, ତୈଳ ଦର ବୃଦ୍ଧି ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଲେଣି। ବର୍ତ୍ତମାନ ଲୋକମାନେ ଜାଣିପାରୁ ନାହାନ୍ତି, ଆଉ କିଛିଦିନ ଗଲେ ଏହି ପ୍ରସଙ୍ଗରେ ସେମାନେ ରାସ୍ତାକୁ ଓହ୍ଲାଇବେ। ଆଜି ଯୁବ କଂଗ୍ରେସ ରାଜଭବନ ପର୍ଯ୍ୟନ୍ତ ଆସିଛି । ଯଦି ଏହାର ତୁରନ୍ତ ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ସବୁ ଜିଲାରେ ଆନ୍ଦୋଳନ ହେବ ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ବିରୋଧ କରାଯିବ ବୋଲି ରାଜୀବ କହିଥିଲେ। ଏହି ଅବସରରେ ଯୁବ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ପ୍ରଥମ ଦିନରେ ଶୋ' ଦେଖିଲେ ୨୭୧ ଦର୍ଶକ


କୋଭିଡ୍ ଗାଇଡଲାଇନ୍ ପାଳନ କରି ଦର୍ଶକମାନେ ମଙ୍ଗଳବାର ପଠାଣି ସାମନ୍ତ ପ୍ଲାନେଟାରିୟମକୁ ପ୍ରବେଶ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

**ପ୍ଲାନେଟାରିୟମ ଖୋଲିଲା**

କରୋନା ଯୋଗୁ ପ୍ରାୟ ୧୦ମାସ ଧରି ବନ୍ଦ ରହିଥିବା ପ୍ଲାନେଟାରିୟମ ମଙ୍ଗଳବାରଠାରୁ ଦର୍ଶକଙ୍କ ପାଇଁ ଖୋଲାଯାଇଛି। ଭୁବନେଶ୍ୱରସ୍ଥ ପଠାଣି ସାମନ୍ତ ପ୍ଲାନେଟାରିୟମ ଓ ବୁର୍ଲାସ୍ଥିତ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମକୁ ଦର୍ଶକଙ୍କ ପାଇଁ ଖୋଲିଦିଆଯାଇଛି। ପ୍ରଥମ ଦିନରେ ୨୭୧ଜଣ ଦର୍ଶକ ଶୋ' ଦେଖିଛନ୍ତି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମରେ ୩ଟି ଶୋ'କୁ ୧୮୬ଜଣ ଏବଂ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟାରିୟମରେ ୨ଟି ଶୋ'କୁ ୮୫ଜଣ ଦର୍ଶକ ଆସିଥିଲେ। ଏନେଇ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ରାଜ୍ୟ ବିଜ୍ଞାନ ଓ କାରିଗରୀ ବିଭାଗର ଅନୁମୋଦନ କ୍ରମେ କରୋନା କଟକଣାର ସମସ୍ତ ନିୟମାବଳୀକୁ ପାଳନ କରାଯାଇ ପ୍ଲାନେଟାରିୟମରେ ବର୍ତ୍ତମାନ ସୋମବାର ବ୍ୟତୀତ ସବୁଦିନ ଶୋ' ପ୍ରଦର୍ଶନ ହେବ। ପ୍ରତିଦିନ ଅପରାହ୍ନ ୨ଟାରେ ହିନ୍ଦୀ, ୩ଟ ୩୦ରେ ଇଂଲିଶ ଓ ସନ୍ଧ୍ୟା ୫ଟାରେ ଓଡ଼ିଆରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦର୍ଶକମାନଙ୍କ ଥର୍ମାଲ ସ୍କାନିଂ ସହ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ପ୍ରତି ଶୋ'ରେ ସର୍ବାଧିକ ୫୦% ଦର୍ଶକଙ୍କ ପାଇଁ ଟିକେଟ ବିକ୍ରୟ କରାଯିବ।

କୋରାପୁଟରେ ୯ ଜଣଙ୍କ ମୃତ୍ୟୁ ଘଟଣା

### ସହାୟତା ପରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨।୨(ବ୍ୟୁରୋ)**

କୋରାପୁଟ ଜିଲା କୋଟପାଡ ଥାନା ମୂର୍ତ୍ତାହାଣ୍ଡିରେ ଘଟିଥିବା ସଡ଼କ ଦୁର୍ଘଟଣାରେ ମୃତାହତଙ୍କ ପରିବାର ପାଇଁ ପିଏମ୍ ପାଣ୍ଠିରୁ ଆର୍ଥିକ ସହାୟତା ମଞ୍ଜୁର ହୋଇଛି। ଏଥିଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାବାସୀଙ୍କ ପ୍ରତି ଯତ୍ନ ଏବଂ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। କୋରାପୁଟ ଜିଲାରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାର ପାଇଁ ଅନୁକମ୍ପା ସହାୟତା ବାବଦକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଲେଖାଏ ଟଙ୍କା ପିଏମ୍ ଜାତୀୟ ରିଲିଫ୍ ପାଣ୍ଠିରୁ ଅନୁମୋଦନ ଦିଆଯାଇଛି । ଓଡ଼ିଶା ଲୋକଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହୋଇଥିବା ମୋଦି ସରକାରଙ୍କ ଏହି ଆର୍ଥିକ ସହାୟତା ପ୍ରଭାବିତ ପରିବାରକୁ ଚିକିତ୍ସା କିମ୍ବା ଅନ୍ୟାନ୍ୟ ଆବଶ୍ୟକ ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି।

# ୩ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ରାଜ୍ୟର ୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେଗୁଡ଼ିକ ହେଲା କଟକ ମଧୁସୂଦନ ଲ' ୟୁନିଭର୍ସିଟି, ଭବାନୀପାଟଣାର କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ। ପ୍ରାର୍ଥୀମାନେ ଆସନ୍ତା ୨୫ତାରିଖ ମଧ୍ୟରେ ଏହି ୩ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ପାଇଁ ଆବଶ୍ୟକ ତଥ୍ୟ ଦେଇ ଆବେଦନ କରିପାରିବେ। ୨୫ତାରିଖ ସୁଦ୍ଧା ବିଭାଗ ପାଖରେ ଆବେଦନ ପତ୍ର ପହଞ୍ଚିବା ଆବଶ୍ୟକ ବୋଲି କୁହାଯାଇଛି।

# ଏସ୍‌ସିବିରେ ଭର୍ଚୁଆଲ ଆନାଟୋମି ଡିସେକ୍‌ସନ ଟେବୁଲ ଉଦ୍‌ଘାଟିତ


ଡିସେକ୍‌ସନ ଟେବୁଲ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**କଟକ ଅଫିସ, ୨।୨**

କଟକ ଏସ୍‌ସିବି ମେଡିକାଲ ଆନାଟୋମି ବିଭାଗରେ ଭର୍ଚୁଆଲ ଆନାଟୋମି ଡିସେକ୍‌ସନ ଟେବୁଲ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଶରୀର ଗଠନ ବିଭାଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନବେଳେ ମୃତଦେହର ଆବଶ୍ୟକତା ପଡିଥାଏ। ଡାକ୍ତରୀ ଛାତ୍ରୀଛାତ୍ରମାନେ ମୃତଦେହକୁ କାଟି ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସମ୍ବନ୍ଧରେ ଅବଗତ ହୋଇଥାନ୍ତି। ମାତ୍ର ଏବେ ଏସ୍‌ସିବି ମେଡିକାଲ ପକ୍ଷରୁ ଏହି ଛାତ୍ରୀଛାତ୍ରମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ମୃତଦେହ ଯୋଗାଯାଇପାରୁନାହିଁ। ଏଣୁ ଏହି ଭର୍ଚୁଆଲ ଆନାଟୋମି ଡିସେକସନ ଟେବୁଲ ମାଧ୍ୟମରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ଶରୀର ମଧ୍ୟରେ ଥିବା ସମସ୍ତ ଅଙ୍ଗପ୍ରତ୍ୟଙ୍ଗକୁ ଦେଖିପାରିବେ।

# ଘରୋଇ ପୁଞ୍ଜିନିବେଶର ସ୍ଥିତି ଆକଳନ ଲାଗି ନିର୍ଦ୍ଦେଶ

**ଭୁବନେଶ୍ୱର,୨।୨(ବ୍ୟୁରୋ)**

ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଗ୍ରାମାଞ୍ଚଳରେ କୃଷି ଉଦ୍ୟୋଗ ଓ କୃଷି ବିପଣୀର ବିକାଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ଅସିତ ତ୍ରିପାଠୀ ଗୁରୁତ୍ୱାରୋପ କରିଛନ୍ତି। କୃଷିଭବନଠାରେ ମଙ୍ଗଳବାର କୃଷିବିକାଶ ସମ୍ବନ୍ଧିତ ଯୋଜନାଗୁଡ଼ିକର ସମୀକ୍ଷାକରି ତ୍ରିପାଠୀ କହିଛନ୍ତି, ପ୍ରତ୍ୟେକ ଜିଲାର ସ୍ୱତନ୍ତ୍ର ସମ୍ବଳ ଏବଂ ସମ୍ଭାବନା ରହିଛି। ସେହି ଅନୁଯାୟୀ ଉଦ୍ୟୋଗକୁ ପ୍ରୋତ୍ସାହିତ କଲେ କୃଷକର ଆୟ ବୃଦ୍ଧି ହେବା ସହ ନୂତନ ଯୁବପିଢ଼ି ମଧ୍ୟ ଏହି କାର୍ଯ୍ୟ ଆଡ଼କୁ ଆକର୍ଷିତ ହେବେ। ରାଜ୍ୟରେ ବ୍ୟବସାୟ ଅନୁକୂଳ ବାତାବରଣ ଏବଂ କୃଷି ପ୍ରାଚୁର୍ଯ୍ୟ ହେତୁ ପଶ୍ଚିମ ଓଡ଼ିଶା ପରିଷଦ ଅନ୍ତର୍ଗତ ଜିଲାଗୁଡିକରେ ଘରୋଇ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଆରମ୍ଭ ହୋଇଛି। ଏହି ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଠିକ୍ ସହାୟତା ମିଳିଲେ ଘରୋଇ ପୁଞ୍ଜିନିବେଶ ସାଙ୍ଗକୁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଆର୍ଥିକ ବିକାଶ ଘଟିବ। କ୍ଷେତ୍ରସ୍ତରୀୟ ଅଧିକାରୀ ସଫଳ ଉଦ୍ୟୋଗୀଙ୍କ ସହ ଯୋଗାଯୋଗ ରଖିବାକୁ ତ୍ରିପାଠୀ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ କୃଷି ସଚିବ ସୌରଭ ଗର୍ଗ କହିଛନ୍ତି, ବର୍ତ୍ତମାନ ସମସ୍ତ ଜିଲାରେ ରାଜ୍ୟ କୃଷି ନିୟାମକ-୨୦୨୦ ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା କାର୍ଯ୍ୟକାରୀ କରାଯାଇଛି। ରାଜ୍ୟରେ ମୋଟ ୬୧.୮୦ଲକ୍ଷ ହେକ୍ଟରରେ ବିଭିନ୍ନ ପ୍ରକାର ଫସଲ ଚାଷ ହେଉଛି। ସେଥିରୁ ୧୩.୬୦ ଲକ୍ଷ ହେକ୍ଟରରେ ଫଳ ଏବଂ ବଗିଚା ଚାଷ ହେଉଛି। ରାଜ୍ୟରେ ୩୪ଟି ଫୁଡ୍ ପ୍ରୋସେସିଂ ଉଦ୍ୟୋଗ, ୩୬ଟି ଲେମନ ଗ୍ରାସ୍ ତୈଳ ଏବଂ ୧୬ଟି କାଜୁ ପ୍ରକ୍ରିୟାକରଣ ଉଦ୍ୟୋଗ କାର୍ଯ୍ୟ କରୁଛି। 'ପ୍ରତ୍ୟେକ ଜିଲା ଗୋଟିଏ ଉତ୍ପାଦ' ବିଷୟ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଛି। କୃଷି ନିର୍ଦ୍ଦେଶକ ମୁଥୁ କୁମାର କହିଛନ୍ତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପୁଞ୍ଜିନିବେଶକାରୀ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପାଇବେ। ୮୩ ପ୍ରକାର କୃଷି ପ୍ରକଳ୍ପକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୧୧୩ଟି ୟୁନିଟ୍‌କୁ ୪୪ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଛି। ଏହିସବୁ ଉଦ୍ୟୋଗ ମଧ୍ୟରେ ୫୬୫ ଜଣଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

**ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ଘଟଣା**

# ଅଭିଯୁକ୍ତ ଡ୍ରାଇଭର କୋର୍ଟ ଚାଲାଣ

**ପୁରୀ ଅଫିସ,୨।୨**

ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ମାରିବା ଘଟଣାରେ ଅଭିଯୁକ୍ତ ବସ୍ ଡ୍ରାଇଭରଙ୍କୁ ମଙ୍ଗଳବାର ସମୁଦ୍ରକୂଳ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭରଙ୍କ ନାମ ଜୟକୃଷ୍ଣ ମିଶ୍ର ଓ ସେ ବଳଙ୍ଗା ରୂପଦେଇପୁରର ମୂଳ ନିବାସୀ। ସୋମବାର ପୁରୀରେ ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ମାରିବା ପରେ ଅଭିଯୁକ୍ତ ଜୟକୃଷ୍ଣ ଫେରାର ଥିଲେ। ତାଙ୍କ ବିରୋଧରେ ଆଇପିସି ଧାରା ୩୪୧, ୩୨୩, ୩୫୪, ୨୯୪ ଓ ୫୦୬ରେ ଏକ କେସ୍ ରୁଜୁ କରିଛି। ଘଟଣା ଅନୁଯାୟୀ, ସୋମବାର ପଶ୍ଚିମବଙ୍ଗରୁ ପୁରୀ ଆସିଥିବା ଏକ ପର୍ଯ୍ୟଟକ ଦମ୍ପତି ବସ୍ ଯୋଗେ ଚିଲିକା ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ପୂର୍ବ ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳ ଅର୍ବାନ ହାଟଠାରେ ତାଙ୍କୁ ଛାଡ଼ିବାର ଥିଲା। ମାତ୍ର ଡ୍ରାଇଭର ତାଙ୍କୁ ଅଲଗା ସ୍ଥାନରେ ଓହ୍ଲାଇ ଦେଇଥିଲେ। ଏହାକୁ ବଙ୍ଗୀୟ ଦମ୍ପତି ବିରୋଧ କରିବାରୁ ଡ୍ରାଇଭର ମାଡ଼ ମାରିଥିଲେ। ଏହାପରେ ସମ୍ପୃକ୍ତ ଦମ୍ପତି ଥାନାରେ ଏତଲା ଦେଇଥିଲେ।

# ମାର୍ଚ୍ଚ ସୁଦ୍ଧା ୩ ଜିଲାକୁ ସମ୍ପ୍ରସାରଣ ହେବ ମୋବାଇଲ ଚକ୍ଷୁ ପରୀକ୍ଷା କେନ୍ଦ୍ର

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

**'ସୁନେତ୍ର' ଯୋଜନାର ସମୀକ୍ଷା**


ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ଅଧିକାରୀମାନେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ୨୦୨୦ ଡିସେମ୍ବର ସୁଦ୍ଧା ୨୦ଟି ମୋବାଇଲ୍ ଚକ୍ଷୁ ପରୀକ୍ଷା କେନ୍ଦ୍ର କାର୍ଯ୍ୟକାରୀ ହୋଇଛି। ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ଏହା ଅନୁଗୋଳ, ଜଗତ୍‌ସିଂହପୁର ଓ ନୟାଗଡ଼ ଜିଲାକୁ ସମ୍ପ୍ରସାରଣ ହେବ। ୨୦୨୧-୨୨ରେ ୭ଟି ଜିଲା ବାଲେଶ୍ୱର, ବୌଦ୍ଧ, କଟକ, ପୁରୀ, ଢେଙ୍କାନାଳ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାରେ ମୋବାଇଲ୍ ଚକ୍ଷୁ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ୨୦୧୮-୧୯ରେ ରାଜ୍ୟରେ ୫୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ଦ୍ଧାରିତ ଚକ୍ଷୁ ପରୀକ୍ଷା କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଛି। ସେହିପରି ୨୦୧୯-୨୦ରେ ୫୦ଟି ଏବଂ ୨୦୨୦-୨୧ରେ ୫୦ଟି ଚକ୍ଷୁ ପରୀକ୍ଷା କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଛି। ୨୦୨୧-୨୨ରେ ରାଜ୍ୟର ୧୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁ ପରୀକ୍ଷା କେନ୍ଦ୍ର ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ୫୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ବେଳେ ୨୦୨୧ ସୁଦ୍ଧା ଅଧିକ ୧୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମସ୍ତ ଯନ୍ତ୍ରପାତି ଯୋଗାଇ ଦିଆଯିବ। ଫଣ୍ଡସ କ୍ୟାମେରା ମାଧ୍ୟମରେ ସମସ୍ତ ଜିଲା ସଦର ମହକୁମା ହସ୍ପିଟାଲରେ ୨୦୧୯-୨୦ ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ, ୨୦୨୦-୨୧ରେ ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଚକ୍ଷୁ ପରୀକ୍ଷା ହୋଇଛି ବୋଲି ଆୟୋଜିତ ସମୀକ୍ଷା ବୈଠକରୁ ଜଣାପଡ଼ିଛି। ଏହି ବୈଠକରେ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଅଜିତ ମହାନ୍ତି ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ...



ବାର୍ଡ ଫ୍ଲୁ ରୋଗ ଦମନ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆଗୁଡ଼ିକ ଉତ୍ତାପ ଉତ୍ସତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆଙ୍କୁ ଆଇ.ବି.ଡ଼ି. ରୋଗ ଟିକା ଦିଅନ୍ତୁ । ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ। ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

## ମାଣ୍ଡିଆ ତଳି



ମାଣ୍ଡିଆ ତଳି ତିନି ସପ୍ତାହର ହୋଇଗଲେ ତଳିକୁ ଧାଡିକୁ ଧାଡି ୨୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪: ୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆ ଯାଇଥିବା ମାଣ୍ଡିଆ ଲଗାଇବାର ୩–୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କଲେ ଭଲ।

## ଭାକୁର ମାଛ ଆଖି ରୋଗର ପ୍ରତିକାର



ସାଧାରଣତଃ ଭାକୁର ମାଛର ଆଖିରୋଗ ଦେଖାଯାଇଥାଏ। ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ। ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛଗୁଡ଼ିକ ୫–୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩–୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ଆଶଙ୍କା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ ।

# ଡାଲୁଅ ଧାନରେ ସାର

**ଡାଲୁଅ ଧାନ:** ରୋଇବାର ୧୫–୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ଶଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲ ସାର ହିସାବରେ ପ୍ରୟୋଗ କରନ୍ତୁ। ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ।

–କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୧.୫ କି.ଗ୍ରା. କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଏସ୍.ଜି. ୧୨୫ ଗ୍ରାମ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ।

**ଗହମ**

–ଗହମ ଫସଲରେ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ।

**ମକା**

–ମକା ଲଗାଇବାର ୨୧ ଦିନପରେ କୋଡ଼ାଖୁସା କରି ଗଛମୂଳରେ ମାଟି ଦିଅନ୍ତୁ।

## ନଡ଼ା ଖାଇବାକୁ ଦେବା ପୂର୍ବରୁ...



ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାରୁ ପାଣି ଛଡ଼ାଇ ଶୁଖାନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ। ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଈଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ। ଛେଳିଙ୍କୁ ଏଣ୍ଟରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ। ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ।

## ଏ ମାସର କୃଷି ସୂଚନା



–ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଆଉଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦–୪୦ କି.ଗ୍ରା. ଯବକ୍ଷାରଜାନ ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ।

**ଡାଲି ଜାତୀୟ ଫସଲ : (ମୁଗ ଓ ବିରି)**

–ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା– ମୁଗ କିସମ : ଆଇ.ପି.ଏମ୍.–୦୨–୧୪ (୬୫ ଦିନ), ଆଇ.ପି.ଏମ୍.–୦୨–୩ (୬୫ ଦିନ), ପି.ଡି.ଏମ୍–୧୧ (୬୫ ଦିନ), ପି.ଡି.ଏମ୍.–୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ–୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ: ସାରଳା (୬୫ ରୁ ୭୦ ଦିନ), ପି.ୟୁ.–୩୧ (୭୦ ଦିନ), ପି.ୟୁ.–୩୦ (୬୫ ରୁ ୭୦ ଦିନ), ପି.ୟୁ.–୩୫ (୬୫ ରୁ ୭୦ ଦିନ), ପି.ୟୁ–୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହ କରି ଜମିରେ ବୁଣନ୍ତୁ।

–ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ:** ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ)। ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ସୋରିଷ**

–ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ।

**ରାଶି**

–ଖରାଦିନିଆ ରାଶିକୁ ଏବେଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।

–ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ**

–ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

–ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରପାଇରିଫସ୍ ବା ପ୍ରୋଫେନୋଫସ୍ ଏବଂ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ।

–ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ।

**ଆଖୁ**

–ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

**ପନିପରିବା**

–ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ଆଳୁ**

–ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ ଜଳସେଚନ କରନ୍ତୁ ନାହିଁ ଓ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାନ୍ତୁ।

**ପିଆଜ**

–ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ।

**ଅଦା ଓ ହଳଦୀ**

–ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ। ଜମିର ବତର ଦେଖି ଫସଲ ଅମଳ କରନ୍ତୁ।

**ଫଳଚାଷ**

–ଖରାଦିନେ ଗଛରୁ ଝଡ଼ି ପଡୁଥିବା ଫଳ ଗଛରେ ନିୟମିତ ଜଳସେଚନ କରନ୍ତୁ। କାଜୁ ଫୁଲର ରକ୍ଷଣାବେକ୍ଷଣ ପାଇଁ କ୍ଲୋରପାଇରିଫସ୍ ଓ ବାଭିଷ୍ଟିନ୍ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ।

*–କୃଷି ବୈଷୟିକ ସୂଚନା କେନ୍ଦ୍ର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଓୟୁଏଟି, ଭୁବନେଶ୍ୱର*



## ଭେଣ୍ଡି ଲଗାଇବା ପୂର୍ବରୁ...

ଅଧିକ ଥଣ୍ଡା ପଡୁଥିଲେ ଭେଣ୍ଡି ମଞ୍ଜି ଲଗାନ୍ତୁ ନାହିଁ। ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪। ଭେଣ୍ଡି ଲଗାଇବା ସମୟରେ ଗୋଟିଏ ଗଛର ଅନ୍ୟ ଗଛଠାରୁ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବ। ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତି ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁଜକ ଖତ ସହିତ ପ୍ରୟୋଗ କରନ୍ତୁ। ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଆବଶ୍ୟକ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ।



## ପୋଟଳରେ ଝାଉଁଳା ରୋଗ ଦମନ



ପୋଟଳରେ ଝାଉଁଳାରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ ଗ୍ରାମ୍ ୧ ଲିଟର ପାଣିରେ ଡବ୍ଲୁ.ପି. କିମ୍ବା ମେଟାଲାକ୍‌ସିଲ୍ ସହିତ ମାନ୍‌କୋଜେବ୍ (୨ ଗ୍ରାମ୍ ପ୍ରତି ଲିଟର ପାଣି) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ। ଖରାଦିନିଆ ପନିପରିବା ଯଥା :– କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ଜମି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଉନ୍ନତ କିସମ : ସୁଗାର ବେବି। ଅଦିନିଆ ପନିପରିବା ହିସାବରେ ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜର ଚାଷ ପାଇଁ ଉନ୍ନତ ମାନର ମଞ୍ଜି ସଂଗ୍ରହ କରି ଚାରା ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ଚାରା ରୋପଣ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରନ୍ତୁ ।

## ଗେଣ୍ଡୁ ଫୁଲରେ ଖତ

ସେରାକଲ କିସମର ଗେଣ୍ଡୁ ଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହିତ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ । ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ । ଏହାବ୍ୟତୀତ ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ମୃତ୍ତିକା ଅନୁସାରେ ଫସଲ

(ଶେଷ ଭାଗ)

**ଆଲୁଭିଆଲ ବା ନଦୀପଠା ମାଟି:** ନଦୀର ଉତ୍ପତ୍ତି ସ୍ଥଳରୁ ବହି ଆସୁଥିବା କର୍ଦ୍ଦମ, ପଟୁ ଓ ବାଲି ନଦୀର ନିମ୍ନ ଭାଗରେ ଜମିରହି ପଠା ମାଟି ତିଆରି କରେ। ଉକ୍ତ ମାଟିରେ ପଟୁ ଓ ସୂକ୍ଷ୍ମ ବାଲି ଭାଗ ଅଧିକ। କେତେକ ସ୍ଥଳରେ କର୍ଦ୍ଦମ ଭାଗ ଅଧିକ ରହି ମାଟିକୁ କାଦୁଆ କରେ। ମାଟିର ବୟନ ଦୋରସା ଏବଂ ସଂରଚନା ବର୍ତ୍ତୁଳାକୃତିରୁ ଫଳକାକୃତି ହୋଇଥାଏ। ମାଟିର ପିଏଚ୍ ମଧ୍ୟମ ଅର୍ଥାତ ୬.୫ ରୁ ୭.୦ ମଧ୍ୟରେ। ଏହି ମାଟିରେ ଯବକ୍ଷାରଜାନ , ଫସ୍‌ଫେଟ ଏବଂ ପଟାସ ସନ୍ତୁଳିତ ହୋଇଥାଏ। ମାଟିରେ ବାଲି ଭାଗ ବେଶି ରହିଲେ ସମୟେ ସମୟେ ଗନ୍ଧକ ଏବଂ ଟାଙ୍ଗଣାର ଅଭାବ ଦେଖାଯାଏ। ସର୍ବୋପରି ପଠା ମାଟି ଉର୍ବର। ଏହି ମାଟିରେ ସବୁ କିସମର ପନିପରିବା, ଧାନ, ଗହମ, ମକା, ଝୋଟ, ଆଳୁ, ଚିନାବାଦାମ, ସୋରିଷ, ରାଶି ଆଦି ଭଲ ଅମଳ ହୁଏ। ରାଜ୍ୟର ସମସ୍ତ ନଦୀ କୂଳିଆ ପଠା ଜମି, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଗଞ୍ଜାମ ଆଦି ଜିଲାରେ ପ୍ରାୟ ୬ ଲକ୍ଷ ୭ ହଜାର ହେକ୍ଟର ଦେଖିବାକୁ ମିଳେ।




**ସମୁଦ୍ର କୂଳିଆ ଲୁଣା ମାଟି:** ବଙ୍ଗୋପସାଗରର ଲୁଣା ଜୁଆର ରାଜ୍ୟର ସମୁଦ୍ର ଉପକୂଳ ଅଞ୍ଚଳର ଚାଷ ଜମିକୁ ମାଡି ଆସି ମାଟିକୁ ଲୁଣା କରେ। ଉତ୍ତରରେ ସୁବର୍ଣ୍ଣରେଖା ଏବଂ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପଠା ଅବବାହିକା ପର୍ଯ୍ୟନ୍ତ ୪୨୮ କିଲୋମିଟର ଲମ୍ବ ଏବଂ ସମୁଦ୍ରଠାରୁ ୫ରୁ ୨୫ କିଲୋମିଟର ଓସାର ପର୍ଯ୍ୟନ୍ତ ସମୁଦ୍ର ଉପକୂଳର ମାଟି ଲୁଣା। ମାଟିର ଲବଣତ୍ୱ କଣ୍ଡକ୍ଟିଭିଟ୍ ନାମକ ଏକ ମିଟରରେ ମାପି ହୁଏ। ଦ୍ରବୀଭୂତ ଲବଣର ମାପ ଯଦି ୪.୦ରୁ ଅଧିକ ହୁଏ, ତେବେ ମାଟି ଲୁଣା। ଲୁଣା ମାଟିର ବୟନ ପଟୁଆ ଚିକିଟା ଏବଂ ସଂଚାରନା ପ୍ରିଜମ ସଦୃଶ। ମାଟିରେ ସୁଲଭ ଯବକ୍ଷାରଜାନ ମଧ୍ୟମ, ଫସଫେଟ କମ ଏବଂ ପଟାସ ଅଧିକ। ଲୁଣା ମାଟିରେ ସୁଲଭ ଗନ୍ଧକ, ବୋରନ ଓ ମଲିବଡେନମ୍ ଅଣୁସାର ଅଧିକ ଥାଏ। ଏହି ମାଟିର ପି.ଏଚ୍ ୬.୦ ରୁ ୮.୦ ମଧ୍ୟରେ।

> ‘ଚାଷୀ ନିଜ ଜମିର ମାଟିର କିସମ ଜାଣି, ମାଟି ପରୀକ୍ଷା ପରେ ଅନୁମୋଦିତ ଖତ ଓ ରାସାୟନିକ ସାର ପ୍ରୟୋଗ କରି ଚାଷ କଲେ ଜମିରୁ ଦୁଇଗୁଣା ଅମଳ ମିଳିବ।’

ରାଜ୍ୟର ଉପକୂଳ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ ଏବଂ ଗଞ୍ଜାମ ଜିଲାରେ ପ୍ରାୟ ୨.୫୪ ଲକ୍ଷ ହେକ୍ଟର ହେବ। ଲୁଣା ମାଟିର ଢିପ ଜମିରେ ବିଭିନ୍ନ ପନିପରିବା ଯଥା ସମସ୍ତ କୋବି ଜାତୀୟ ଫସଲ, ମୂଳା, ବିଲାତି ବାଇଗଣ, ଲଙ୍କା, ପୋଇ, ପାଳଙ୍ଗ ଶାଗ, ସୋରିଷ, କୁସୁମୀ, ପେଶି ଏବଂ କପା ଅମଳ ଭଲହୁଏ। ଲୁଣା ମାଟିରେ ନଡିଆ, ଲଙ୍କା ଆମ୍ବ ଭଲ ହୁଏ। ଖରିଫ ଋତୁରେ ମଧ୍ୟମ ଏବଂ ଖାଲ ଜମିର ମାଟି ବଡ ଧାନ ଚାଷ ପାଇଁ ଉପଯୁକ୍ତ।

–ପ୍ର. ସୁବୋଧ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ସେଲ୍ ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା ଅଫିସ : ରାଉରକେଲା ମଜଦୁର ସଭାର ସଭାପତି ପ୍ରଭାକର ଚମ୍ପତିରାୟ ଓ ସାଧାରଣ ସମ୍ପାଦକ ଶଶଧର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କର୍ମଚାରୀ ଶ୍ରମିକ ମାନଙ୍କର ସମସ୍ୟାକୁ ନେଇ ସେଲ୍ ଅଧ୍ୟକ୍ଷା ସୋମା ମଣ୍ଡଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଡେଲି ୱେଜେସ୍ ସ୍ତରରେ ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି କରିବା, ସେଲ୍‌ର ସଫଳତାର ଶ୍ରେୟ ଶ୍ରମିକମାନଙ୍କୁ ଦେବା ଭଳି ବିଭିନ୍ନ ଦାବି କରାଯାଇଥିଲା।

# ସେବା ସମବାୟ ସମିତିରେ ୫-ଟିକୁ ନାପସନ୍ଦ

ଯାଜପୁର ଅଫିସ,୨।୨

- ୨୭୦୭ରୁ ୮୩୨ ପ୍ୟାକ୍ସ, ଲ୍ୟାମ୍ପ୍ସ କମ୍ପ୍ୟୁଟରାଇଜେଶନ
- ଡିଆର୍‌ସିଏସ୍, ଏଆର୍‌ସିଏସ୍‌ଙ୍କୁ ଜବାବ ତଲବ
- ସୁନ୍ଦରଗଡ଼, ନୀଳଗିରି, ନବରଙ୍ଗପୁରରେ କମ୍ପ୍ୟୁଟରାଇଜେଶନ ବ୍ୟବସ୍ଥା ନାହିଁ

ରାଜ୍ୟ ସରକାର ୫-ଟି କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନ ଅନୁଯାୟୀ ସବୁ କ୍ଷେତ୍ରରେ ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)କୁ ଏହି ଆଇନରେ ସର୍ବାଧିକ ଅଗ୍ରାଧିକାର ଦିଆଯାଇଛି। ଫଳରେ ଦୁର୍ନୀତି ଏବଂ ଅନିୟମିତତାକୁ ନିୟନ୍ତ୍ରଣ କରିହେବ ବୋଲି ଆଶା କରାଯାଇଛି। ସେଥିପାଇଁ ରାଜ୍ୟର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପକୁ କମ୍ପ୍ୟୁଟରାଇଜେଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୫-ଟି କାର୍ଯ୍ୟକାରୀ ହେବାର ଇତିମଧ୍ୟରେ ଦେଢ଼ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ସେବା ସମବାୟ ସମିତି ଏହାକୁ ଗୁରୁତ୍ୱ ଦେଉ ନ ଥିବା ଭଳି ମନେହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ୨୭୦୭ ପ୍ୟାକ୍ସ, ଲ୍ୟାମ୍ପ୍ସ ମଧ୍ୟରୁ ୧।୨।୨୦୨୧ ତାରିଖ ସୁଦ୍ଧା ମାତ୍ର ୮୩୨ଟି କମ୍ପ୍ୟୁଟରାଇଜେଶନ ହୋଇଛି। ସେଥିମଧ୍ୟରୁ ମାତ୍ର ୧୯୪ ପ୍ୟାକ୍ସ/ଲ୍ୟାମ୍ପ୍ସରେ ଅନ୍‌ଲାଇନ ସୁବିଧା କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏଥିପାଇଁ ରାଜ୍ୟ ସେବା ସମବାୟ ସମିତି ସମୂହର ନିବନ୍ଧକ (ଆରସିଏସ୍) ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨।୨।୨୦୨୧ରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ମଣ୍ଡଳ (ଏଆରସିଏସ୍), ଡିଆରସିଏସ୍ ଓ ସିସିବିର ଅଧିକାରୀମାନଙ୍କୁ ଜବାବ ତଲବ କରିଛନ୍ତି। ସରକାରୀ କାର୍ଯ୍ୟରେ ଅବହେଳା ଏବଂ ୫-ଟି ଆଇନକୁ ସାଂଘାତିକ ଭାବେ ପରିହାର କରିଥିବାରୁ ୩ ଦିନ ମଧ୍ୟରେ ଜବାବ ରଖିବାକୁ ଆରସିଏସ୍ ନିର୍ଦ୍ଦେଶ ଜାରି କରିଛନ୍ତି।

କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଥିବା ପ୍ୟାକ୍ସଗୁଡିକରେ ବେନିୟମ କାର୍ଯ୍ୟ ଏବଂ କୃଷି ବୀମା ଟଙ୍କା ଓ ଋଣ ଲଗାଣ ଆଦିରେ ବ୍ୟାପକ ହେରଫେର ଚାଲିଛି। ଏହି ଦୁର୍ନୀତିରେ ପ୍ରଭାବିତ ଚାଷୀକୁଳ ବିଭିନ୍ନ ସମୟରେ ଅଭିଯୋଗ କରି ଆସୁଥିଲେ ହେଁ ତଦନ୍ତ ନିର୍ଦ୍ଦେଶରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ଫଳରେ ଦୁର୍ନୀତିର ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ନ ପାରି ଦୁର୍ନୀତିଗ୍ରସ୍ତ ଅଧିକାରୀ ମୁକୁଳି ଯାଉଛନ୍ତି। ଚାଷୀଙ୍କ ଜମି ପଟ୍ଟାରେ ଭାଗଚାଷୀଙ୍କ ନାମରେ ମିଥ୍ୟା ଚିଠା ପ୍ରସ୍ତୁତ କରି ମଣ୍ଡିରେ ଧାନ ବିକ୍ରି ଚାଲିଛି। ସେହି ଟଙ୍କା ଓ ବୀମା ବାବଦକୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଉଛି। ଯାଜପୁର ଜିଲାର ମାର୍କଣ୍ଡପୁର, ମହିଶରା, ବନ୍ଧାଳ, ବ୍ରହ୍ମବରଦା, ରକ୍ଷିଦେଇପୁର ଆଦି ସେବା ସମିତିରେ ହୋଇଥିବା ଅଭିଯୋଗ ଉପରେ ଅତିରିକ୍ତ ନିବନ୍ଧକ ତଦନ୍ତ କରିବାକୁ କଟକ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିସବୁ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶରେ ସୀମିତ ରହିଛି। ଜଗୁଆଳି କାମ କରୁଥିବା ପରିବାରର ଲୋକଙ୍କୁ ଚାଷୀ ସଜାଇ ଧାନ ସଂଗ୍ରହ, ପ୍ରକୃତ ଚାଷୀଙ୍କୁ ଋଣ ପ୍ରଦାନରେ ଚଞ୍ଚକତା, ଜାଲ ପଟ୍ଟା ପ୍ରସ୍ତୁତ କରି ଋଣ ହଡ଼ପ, ସାର ବଣ୍ଟନରେ ଅନିୟମିତତା ଆଦି ଅଭିଯୋଗ ହୋଇଆସୁଛି। ସାରା ଜିଲାରେ ସମିତିର କେତେଜଣ ବଡ଼ ଅଧିକାରୀଙ୍କ ନିର୍ଦ୍ଦେଶରେ ଏଭଳି ଏକ ଦୁର୍ନୀତିଗ୍ରସ୍ତ ର୍‍ୟାକେଟ କାମ କରୁଛି। ସେଥିପାଇଁ ଉପଯୁକ୍ତ ତଦନ୍ତ ହୋଇ ନ ପାରି ଦିନକୁ ଦିନ ଦୁର୍ନୀତିର ଲମ୍ବା ତାଲିକା ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାକୁ ସମସ୍ତ ପ୍ୟାକ୍ସ, ଲ୍ୟାମ୍ପ୍ସଗୁଡିକ ୫-ଟି ଆଇନ ଲାଗୁ ସହିତ କମ୍ପ୍ୟୁଟରାଇଜେଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀ ଜାଣିଶୁଣି ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି।

କମ୍ପ୍ୟୁଟରାଇଜେଶନ ସଫଳତା ହାର ଦେଖିଲେ ସୁନ୍ଦରଗଡ଼, ନୀଳଗିରି, ନବରଙ୍ଗପୁର, ମାଲକାନଗିରି, ଗୁଣୁପୁର, ଚମ୍ପୁଆ ଓ ବାଲିଗୁଡା ମଣ୍ଡଳରେ ଖାତା ଖୋଲାଯାଇ ନାହିଁ। ଯାଜପୁର ୪%, ଆନନ୍ଦପୁର ୬%, ଭଦ୍ରକ ୭%, କୋରାପୁଟ ୮%, ଜଗତ୍‌ସିଂହପୁର ୮%, କଟକ ମଣ୍ଡଳ ୮% ସଫଳତା ପାଇଛି। ହେଲେ ବାଙ୍କି, ବୀରମହାରାଜପୁର, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, କୁଚିଣ୍ଡା ଓ ସମ୍ବଲପୁର ମଣ୍ଡଳ ଶତପ୍ରତିଶତ ସଫଳତା ପାଇଛନ୍ତି। ଏହାବାଦ୍ ପାଟଣାଗଡ଼, ଟିଟିଲାଗଡ଼, ଧର୍ମଗଡ଼ ଓ ରେଢାଖୋଲରେ ୯୦%ରୁ ଅଧିକ ପ୍ୟାକ୍ସ, ଲ୍ୟାମ୍ପ୍ସରେ କମ୍ପ୍ୟୁଟରାଇଜେଶନ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ଶରତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାର ସମସ୍ତ ପ୍ୟାକ୍ସ, ଲ୍ୟାମ୍ପ୍ସକୁ କମ୍ପ୍ୟୁଟରାଇଜେଶନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଆରମ୍ଭ ହୋଇଛି।

# ୬ରୁ ସମ୍ମୁଖ ଯୋଦ୍ଧାଙ୍କୁ ଟିକା

ଭୁବନେଶ୍ୱର, ୨।୨(ବ୍ୟୁରୋ)

**ସବୁ ଜିଲାପାଳଙ୍କୁ ଚିଠି ଲେଖିଲେ ସ୍ୱାସ୍ଥ୍ୟ ସଚିବ**
- ବିକଳ୍ପ ଟିକାଦାନ କେନ୍ଦ୍ର ଚୟନ ପାଇଁ ନିର୍ଦ୍ଦେଶ
- ବିକଳ୍ପ ଟିକାକର୍ମୀଙ୍କୁ ନିଯୁକ୍ତି ଲାଗି ପରାମର୍ଶ
- ଠିକା ଟିକାକର୍ମୀଙ୍କୁ ଦୈନିକ ୫ଶହ ଭତ୍ତା ମିଳିବ
- ଓଡ଼ିଶାକୁ ଆସିବ ଆଉ ୧୪୬୫୯୦ ଡୋଜ୍ ଟିକା

ରାଜ୍ୟରେ ଆସନ୍ତା ୬ତାରିଖରୁ କରୋନା ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯିବ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ସିଡିଏମ୍‌ଓ, କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ଆର୍‌ଜିଏଚ୍ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ମେଡିକାଲ ବ୍ୟତୀତ ବିକଳ୍ପ ଟିକାଦାନ କେନ୍ଦ୍ର ଚୟନ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ଛାଡ଼ି ଅନ୍ୟ ଟିକାଦାତା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଯେପରି ଉପଯୁକ୍ତ ତାଲିମ ପାଇଥିବେ ସେଥିପ୍ରତି ଧ୍ୟାନ ରଖାଯିବ। କାର୍ଯ୍ୟକ୍ଷେତ୍ର ପରିସରରେ ଟିକାଦାନ କେନ୍ଦ୍ରକୁ ଅଗ୍ରାଧିକାର ଲାଗି ନିର୍ଦ୍ଦେଶ ରହିଛି। ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟତୀତ ବିକଳ୍ପ ଟିକାକର୍ମୀଙ୍କୁ ନିଯୁକ୍ତି ପାଇଁ ପରାମର୍ଶ ଦିଆଯାଇଛି। ଠିକା ଟିକାକର୍ମୀଙ୍କୁ ଦୈନିକ ୫ଶହ ଭତ୍ତା ଦେବାକୁ ଚିଠିରେ କୁହାଯାଇଛି। ଟିକା ଯେପରି ଅପଚୟ ନ ହେବ, ସେଥିପାଇଁ ଆଗୁଆ ପ୍ରଶିକ୍ଷଣ ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଟିକା ଦିଆଯିବାକୁ ଥିବା ଅନୁଷ୍ଠାନରେ ଜଣେ ନୋଡାଲ ଅଫିସର ରହିବେ।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୬ରେ ଦେଶବ୍ୟାପୀ କରୋନା ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟିକା ଦିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୧୬୧ଟି କେନ୍ଦ୍ରରେ ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଜଣେ ସଫେଇ କର୍ମଚାରୀଙ୍କୁ ପ୍ରଥମେ ଟିକା ଦିଆଯାଇଥିଲା। ଏହି ଟିକାକରଣ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ହୋଇଥିଲା। ଫେବୃୟାରୀ ୬ରୁ ପୁଣି ଟିକାକରଣ ଆରମ୍ଭ ହେବ। ଏଥିରେ ସମ୍ମୁଖ ଯୋଦ୍ଧାଙ୍କୁ ଗୁରୁତ୍ୱ ଦିଆଯିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଓଡ଼ିଶାରେ ଖୁବ୍‌ଶୀଘ୍ର ଆଉ ୧୪୬୫୯୦ ଡୋଜ୍ କରୋନା ଟିକା ପହଞ୍ଚିବ। ଏ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କୁ ପତ୍ର ଲେଖି ସୂଚିତ କରାଯାଇଛି। ଏହି ୧୪୬୫୯୦ ଡୋଜ୍ ଟିକା ମଧ୍ୟରୁ ୬୩୦୯୦ ଡୋଜ୍ 'କୋଭିଶିଲ୍ଡ' ଟିକା ଥିବାବେଳେ କୋଭାକ୍ସିନ ଟିକା ୮୩୫୦୦ ଡୋଜ୍ ରହିଛି। ଆସିବାକୁ ଥିବା 'କୋଭିଶିଲ୍ଡ'ର ୬୩୦୯୦ ଡୋଜ୍ ମଧ୍ୟରୁ ୨୦୭୩୦ ଡୋଜ୍ ଚେନ୍ନାଇସ୍ଥିତ ସରକାରୀ ଔଷଧ ଡିପୋରୁ ଏବଂ ୪୨୩୬୦ ଡୋଜ୍ ମୁମ୍ବାଇସ୍ଥିତ ସରକାରୀ ଔଷଧ ଡିପୋରୁ ଆସିବ। ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ପୂର୍ବରୁ ଓଡ଼ିଶାକୁ ୮ ଲକ୍ଷ ୧୧ ହଜାର ଟିକା ଯୋଗାଇସାରିଛନ୍ତି।

# ଆଜବେଷ୍ଟସ୍ ଭାଙ୍ଗି ଲୁଟିନେଲେ ଅଳଙ୍କାର

ରାଉରକେଲା ଅଫିସ,୨।୨

ରାଉରକେଲା ସେକ୍ଟର-୭ ଥାନା ଅଞ୍ଚଳରେ କିଛି ଦୁର୍ବୃତ୍ତ ଜଣଙ୍କ ଘର ଆଜବେଷ୍ଟସ ଭାଙ୍ଗି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଖବର ପାଇ ପୋଲିସ ଘଟଣାର ତଦନ୍ତ କରୁଛି। ସେକ୍ଟର-୬ ସ୍ଥିତ ବି/୨୩ରେ ବଟକୃଷ୍ଣ ମଲ୍ଲିକ(୫୪) ରୁହନ୍ତି। ଗତ ୩୧ ତାରିଖରେ ସେ ତାଙ୍କ ମାମୁଁଙ୍କ ପୁଅ ବାହାଘର ପାଇଁ କେନ୍ଦୁଝର ଜିଲା ଘଟଗାଁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଆଜବେଷ୍ଟସ୍ ଭାଙ୍ଗି ଘର ଭିତରକୁ ପଶିଥିଲେ । ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସୁନା ଅଳଙ୍କାର ନେଇ ଫେରାର ଯାଇଥିଲେ। ମଙ୍ଗଳବାର ସକାଳେ ପାଖ ପଡ଼ୋଶୀ ଏ ନେଇ ବଟକୃଷ୍ଣଙ୍କୁ ଫୋନ୍‌ରେ ଅବଗତ କରିଥିଲେ। ଚୋରି ଅଳଙ୍କାର ମୂଲ୍ୟ ପ୍ରାୟ ୫ରୁ ୬ ଲକ୍ଷ ଟଙ୍କା ହେବ ବୋଲି ବଟକୃଷ୍ଣ କହିଛନ୍ତି।



ନୂଆଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡରେ ଭାଗ ନେଇ ଓଡ଼ିଶା ଫେରିବା ପରେ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନେ ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।


**ODISHA STATE HEALTH & FAMILY WELFARE SOCIETY**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012
District- Khordha (Odisha), Phone/Fax: 0674- 2392480/79, E-mail Id- hrdnrhm1@gmail.com

**CONTRACTUAL APPOINTMENT**

**Adv. No.: 03/21** **Date:03.02.2021**

No. E-556: Applications are invited from eligible candidates for filling up of the following position under National Health Mission, Odisha on contractual basis with monthly remuneration as noted and subject to renewal as per OSH&FW Society terms and conditions. The position is purely temporary and co-terminus with the Scheme. Lower age limit for the position is 21 years as on 01.02.2021.

| Sl. No. | Name of the Position | No. of Vacancy | Remuneration (in Rs.), Performance Incentive & other allowances as admissible |
|---|---|---|---|
| 01 | Finance-cum-Logistic Consultant, NCD | 15 | Rs.35,251/- + PI |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, selection procedure, application form, ToR etc. **Last date for receipt of the Application Form duly signed by the candidate along with self attested copies of all supportive documents is 22.02.2021 (by 5.00 P.M.)**.

**Sd./- Mission Director, NHM**
**Member Secretary, OSH&FWS, Odisha**
**OIPR-10084/11/0024/2021**


# 'ଏ ଆର୍' ସିରିଜ୍‌ର କୁପନ ବିତରଣ ବିଳମ୍ବ

ଭୁବନେଶ୍ୱର,୨।୨(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ୨୦୨୦ କ୍ୟାଲେଣ୍ଡର ବର୍ଷ ପାଇଁ ଉଦ୍ଦିଷ୍ଟ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'ଏ ଆର୍' ସିରିଜ୍‌ର ପ୍ରଚଳନ କରାଯାଇଛି। ତେବେ କରୋନା ପରିସ୍ଥିତି ପାଇଁ 'ଏ ଆର୍' ସିରିଜ୍‌ର କୁପନ ବିତରଣ ପ୍ରକ୍ରିୟା ଆରମ୍ଭ କରିବା ବିଳମ୍ବିତ ହୋଇଛି। ଏହି ଯୋଜନାରେ ସ୍ୱଳ୍ପ ସଞ୍ଚୟ ଜମାକାରୀଙ୍କୁ ଓ୍ୱେବ୍ ଉତ୍ପନ୍ନ ମାଗଣା ପ୍ରୋତ୍ସାହନ କୁପନ ବିତରଣ ପ୍ରକ୍ରିୟା ଜାନୁୟାରୀ ୨୨ରୁ ଆରମ୍ଭ ହୋଇଥିବା ବେଳେ ଏହା ମେ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଯେଉଁ ଜମାକାରୀ ୨୦୨୦ ଜାନୁୟାରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟର ଯେକୌଣସି ଡାକଘର ବା ବ୍ୟାଙ୍କରେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅନ୍ୟୁନ ୨ ହଜାର ଟଙ୍କା ଜମା କରିଥିବେ, ସେମାନେ ଚାହିଁଲେ ଏହି ଯୋଜନାରେ ଅଂଶଗ୍ରହଣ କରିପାରିବେ। ଏଥିରେ ପ୍ରତ୍ୟେକ ୨ ହଜାର ଟଙ୍କା ଜମା ରାଶି ପିଛା ଗୋଟିଏ ମାଗଣା କୁପନ ଆବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ଏହି କୁପନ ସମସ୍ତ ଜିଲାପାଳ, ଉପଜିଲାପାଳ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି। ଏହି ଯୋଜନାର ଏକ ରାଜ୍ୟସ୍ତରୀୟ ଉଠାଣ ଆସନ୍ତା ଜୁଲାଇ ୧୮ରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି ଯୋଜନାରେ ଅଂଶଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ। ଏଥିରେ ସମୁଦାୟ ୭ଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯୋଜନାର ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ହୋଇଥିବା ବେଳେ ସପ୍ତମ ପୁରସ୍କାରର ମୂଲ୍ୟ ୨ ହଜାର ଟଙ୍କା ରଖାଯାଇଛି। ଜନସାଧାରଣଙ୍କୁ ବିଭିନ୍ନ ସନ୍ଦିଗ୍ଧ ଅଣବ୍ୟାଙ୍କିଙ୍ଗ ବେସରକାରୀ ଅର୍ଥଲଗାଣକାରୀ ସଂସ୍ଥାର ମିଥ୍ୟା ପ୍ରଲୋଭନ ଓ ଠକାମିଠାରୁ ଦୂରେଇ ରଖିବାକୁ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନେକାଂଶରେ ସଫଳ ହୋଇଛି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ୯୨ ବର୍ଷୀୟା ମା'



ବୃଦ୍ଧା ସାହାରା କେନ୍ଦ୍ରରେ ନିଜର ମତ ରଖୁଛନ୍ତି।

**ପଚାରିଲେନି ୨ ରୋଜଗାରିଆ ପୁଅ**

ଗୁଣପୁର,୨।୨(ଡି.ଏନ୍.ଏ.)

ନିଜ ଜୀବନର ସବୁ ସୁଖକୁ ପଛରେ ପକାଇ ଦୁଇ ପୁଅଙ୍କୁ ପାଠ ପଢ଼ାଇ ରୋଜଗାରିଆ କଲେ। ହେଲେ ସେହି ପୁଅ ଏବେ ବୟସ୍କା ମା'ଙ୍କୁ ଭୁଲିଗଲେ। ଶେଷରେ ପରିଣତ ବୟସରେ ମା'ଙ୍କୁ ପୁଅ ବିରୋଧରେ ପ୍ରଶାସନର ଦ୍ୱାରସ୍ଥ ହେବାକୁ ପଡ଼ିଛି। ରାୟଗଡ଼ା ଜିଲା ଗୁଡାରି ଏନ୍‌ଏସି ଗାନ୍ଧୀନଗର ଅଞ୍ଚଳର ପ୍ରେମଲତା ସାହୁ(୯୨)ଙ୍କ ଜୀବନରେ ଘଟିଛି ଏଭଳି ଘଟଣା। ସରକାରୀ ଚାକିରି କରୁଥିବା ଦୁଇ ରୋଜଗାରିଆ ପୁଅ ପଚାରୁ ନ ଥିବା ପ୍ରେମଲତା ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ପାଇଁ ଉପଜିଲାପାଳ ସାହାରା ପରିବାର ପରାମର୍ଶ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିବା କେନ୍ଦ୍ରର ସଚିବ କହିଛନ୍ତି। ବୃଦ୍ଧା ଜଣଙ୍କ କେନ୍ଦ୍ରରେ ଉପସ୍ଥିତ ରହି ନିଜ ପ୍ରତିକ୍ରିୟା ରଖିଥିବାବେଳେ ଦୁଇ ପୁଅଙ୍କୁ ସାହାରା ପରିବାର ପରାମର୍ଶ କେନ୍ଦ୍ରକୁ ଡକାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**EXPRESSION OF INTEREST**

**No. HO/CIVIL/T&E/E-4514/01/2020/1891** **Date: 29.01.21**

**No. CAD-1170:-** Expression of Interest is invited from Architects for providing Consultancy Services for **"Construction and Upgradation of Sports Infrastructure Facilities at Sambalpur"**. The detail EOI notice can be seen in our website www.idco.in (in tenders EOI/REP/Others). The bid document can be downloaded from 5.00 P.M. of **04.02.2020**. The last date of submission of the EOI is **18.02.2021** by 5.00 P.M. The technical bid will be opened on **19.02.2021**.

**Sd./- Chief General Manager (Civil)**
**IDCO, Bhubaneswar**
**OIPR-14003/11/0118/2021**

**OFFICE OF THE DIVISIONAL FOREST OFFICER, BARIPADA FOREST DIVISION, BARIPADA, MAYURBHANJ, ODISHA**
Telephone No. 06792-252613, 252622 and Fax 255770
e-mail: dfobaripada.od@gmail.com

**TENDER NOTICE**

No. MM-142: Sealed Tenders are invited from the intending parties for sale of the following confiscated Non-motorized vehicles i.e. bicycles, bullock carts and trolley "as is where is basis" in Baripada Range of this Division. Details regarding non-motorized vehicles, terms and conditions of tender sale, Tender paper etc. can be obtained from the office of the undersigned by depositing a non-refundable Demand Draft worth Rs.500/- (Rupees Five Hundred Only) drawn in favour of the Divisional Forest Officer, Baripada Forest Division, Baripada, on any working day from 06.02.2021 to 15.02.2021 during the period from 11 A.M. to 5 P.M. The last date of submission of Tender is 17.02.2021 (upto 1 P.M.) and Tender will be opened on the same day at 3 P.M. in presence of Tenderers or their authorized agents.

**LIST OF NON MOTORISED VEHICLES FOR TENDER SALE**

| Sl. No. | Lot No. | Type of Non-motorized Vehicles | Present Custodian (Place of Storage) |
|---|---|---|---|
| 1 | 1 | Bicycles - 650 Nos., trolley - 10 Nos., Bullock Cart - 2 Nos. (Wooden Wood Wheel - 2 Nos., Iron Wheel - 2 Nos., Iron Axle - 1 No.), Hand Saw - 1 No. | Baripada Range |

**Note: All parties requested to strictly follow the protocol of COVID-19 issued by the Government of Odisha.**

**Sd./- Divisional Forest Officer**
**Baripada Forest Division**
**OIPR-08065/11/0001/2021**

File No. JM-32022/3/2020-WORKS SECTION-JM-JAGATSINGHPUR MUNICIPALITY I/26701/2021
TENDERER EXECUTIVE OFFICER

**OFFICE OF THE MUNICIPALITY, JAGATSINGHPUR**
Phone: 06724 220073, Fax: 06724 220073, Email Id: jspurm.hud@gmail.com
No. 487 dt. 01.02.2021

**e-Procurement Notice**

**No. C-371:-** Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | |
|---|---|---|
| 1. | Tender Reference No. | : JSPUR-03/2020-2021 |
| 2. | Tender ID No. | : 2021_ORULB_65943 |
| 3. | Name of the work | : Civil Construction works as mentioned in website |
| 4. | No. of works | : 01 |
| 5. | Estimated cost | : ₹5048948.00 |
| 6. | Period of completion | : 180 days |
| 7. | Date & Time of Bidding | : 04.02.2021 at 10 AM to 17.02.21 upto 5 PM |
| 8. | Last date & time for receipt of bids in the portal | : 17.02.2021 up to 5.00 PM |
| 9. | Last date of receipt of Technical Bid | : 19.02.2021 up to 5.00 PM |
| 10. | Opening of Technical bid | : 22.02.2021 at 11.00 AM |
| 11. | Opening of Price Bid Online | : 24.02.2021 at 3.00 PM |
| 12. | Name and address of the Officer inviting | : Executive Officer, Jagatsinghpur Municipality |

Further details can be seen from the procurement portal i.e. **https://www.tendersorissa.gov.in**

**Sd./- Executive Officer,**
**Jagatsinghpur Municipality**
**OIPR-13087/11/0011/2021**

**OFFICE OF THE COLLECTOR & DISTRICT MAGISTRATE MAYURBHANJ, BARIPADA**

**No. 3102/Estt.,** **Date 04.12.2020**

**NOTICE**

No. D-159:-

To
**Smt Lilima Behera**
**At- Khadikapada,**
**Po- Purunabaripada,**
**PS- Khunta, Mayurbhanj**

This is to inform you that, you are under orders of transfer to Land Acquisition Section, Collectorate, Baripada, Mayurbhanj, but you have not yet joined at your new place of posting rather extended your leave from time to time.

Whereas, one Departmental Proceeding has been initiated against you basing on the article of charges framed viz. 1. Un-authorized and willful absence from Govt. duties. 2. Gross Misconduct and negligence in office duties. 3. Disobedience to higher Authorities vide Memorandum No. 1995/Estt., dt. 27.07.2020 and communicated you on your permanent address i.e. At- Khadikapada, Po- Purunabaripada, PS- Khunta, Mayurbhanj through special messenger, but the same was not delivered to you due to your prolonged absence in the said address.

Whereas, you have proceeded earlier on leave from dt.25.07.2019 on the ground of medical treatment of yourself, but till date neither you have submitted any relevant documents along with your leave application in support of your medical treatment nor joined in your duty after expiry of leave period rather you extended your leave again and again which have been refused by the higher authority. You paid deaf ear to the directions of the higher authority and continued to remain un-authorized absences from Govt. duties.

In view of the above, you are hereby directed through this Notice to receive the Charge sheet Memorandum No. 1995/Estt. Dtd. 27.07.2020 drawn up against you under Rule-15 of the O.C.S. (CC&A) Rule, 1962 within a period of 15 (fifteen) days from the date of publication positively and submit your written statement of defense accordingly, failing which actions as would deem fit shall be taken against you as per Rules.

**Sd./- Collector & district Magistrate**
**-cum-Disciplinary Authority, Mayurbhanj**
**OIPR-24058/11/0001/2021**

**NOTICE INVITING PROPOSAL**

**RFP No. Nirmal+/Security/SLN MC&H/758** **Dated: 1st February 2021**

**No. E-554:-** DETAILED PROPOSALS ARE INVITED FROM ELIGIBLE **AGENCYS FOR SELECTION OF THE MOST SUITABLE AGENCY TO UNDERTAKE SECURITY SERVICES AT SLN MC&H, Koraput**

| | | |
|---|---|---|
| 1 | Period of Availability of RFP Document | From 1st February 2021 to 26th February 2021 (Downloadable from website: **www.koraput.nic.in/ www.slnmch.nic.in)** |
| 2 | Pre-bid Meeting | **Date: 11th February 2021, Time: 11.30 AM Address: Clinical Lecture Theater, Hospital Side, SLN MC&H, Koraput-764020** |
| 3 | Last date for submission of Proposal | **Date: 26th February 2021, Time: 12 Noon Address: O/o the Medical Superintendent, Saheed Laxman Nayak Medical College & Hospital, Koraput-764020** *(Name of the Venue is mentioned at Section 1 : Schedule of Submission)* ***NB: Proposals should be submitted through Speed post/Registered post*** |
| 4 | Date, time and place of opening of Proposal and presentation | **a) Technical Proposal (Part A) opening: 1st March 2021 at 3 PM at Clinical Lecture Theater, Hospital Side, SLN MC&H, Koraput-764020** *(Name of the Dist. & Venue is mentioned at Section 1: Schedule of proposal Submission)* **b) Financial Proposal (Part B):** *The date of opening of Financial proposals will be intimated by the Medical Superintendent, SLN MC&H, Koraput, to the agency found successful in the technical proposal evaluation* ***(Bidders/authorized representative may remain present at the time of opening of proposal.*** |

**Sd./- Superintendent, SLN MCH, Koraput**

**NOTICE INVITING PROPOSAL**

**RFP No. Nirmal+/Housekeeping/SLN MC&H/757** **Dated: 1st February 2021**
(as per the RFP no. of the SLN MC&H, Koraput mentioned in the Section 1: Schedule of Submission)

DETAILED PROPOSALS ARE INVITED FROM ELIGIBLE **AGENCYS FOR SELECTION OF THE MOST SUITABLE AGENCY TO UNDERTAKE HOUSEKEEPING SERVICES AT Saheed Laxman Nayak Medical College & Hospital, Koraput.**

| | | |
|---|---|---|
| 1 | Period of Availability of RFP Document | From 1st February 2021 to 26th February 2021 (Downloadable from website: **www.koraput.nic.in/ www.slnmch.nic.in)** |
| 2 | Pre-bid Meeting | **Date: 11th February 2021, Time: 11.30 AM Address: Clinical Lecture Theater, Hospital Side, SLN MC&H, Koraput-764020** |
| 3 | Last date for submission of Proposal | **Date: 26th February 2021, Time: 12 Noon Address: Medical Superintendent, SLN MC&H, Koraput-764020** ***NB: Proposals should be submitted through Speed post/Registered post*** |
| 4 | Date, time and place of opening of Proposal and presentation | **a) Technical Proposal (Part A) opening: 1st March 2021 at 11.30 AM at Clinical Lecture Theater, Hospital Side, SLN MC&H, Koraput-764020** **b) Financial Proposal (Part B):** *The date of opening of Financial proposals will be intimated by the Medical Superintendent, SLN MC&H, Koraput, to the agency found successful in the technical proposal evaluation.* ***(Name of the Dist. & Venue is mentioned at Section 1: Schedule of proposal Submission)*** ***(Bidders/authorized representative may remain present at the time of opening of proposal.*** |

**OIPR-10121/11/0018/2021** **Sd./- Superintendent, SLN MCH, Koraput**



ବଲିଉଡ୍ ସୁପରଷ୍ଟାର ଶାହାରୁଖ ଖାନଙ୍କ ଆଗାମୀ ଫିଲ୍ମ 'ପଠାନ'ର କିଛି ଦୃଶ୍ୟ ବିଶ୍ୱର ଉଚ୍ଚତମ କୋଠା ବୁର୍ଜ ଖଲିଫାରେ ଶୁଟିଂ ହେବ। ଗତ ସପ୍ତାହରେ କୋକା କୋଲା ଏରିନାରେ କାର ଚେଜର କିଛି ଦୃଶ୍ୟ ଶୁଟ୍ ହୋଇଛି। ଏବେ ବୁର୍ଜ ଖଲିଫାରେ ପହଞ୍ଚିଛି ଫିଲ୍ମର ପୂରା କାଷ୍ଟ। 'ପଠାନ'ରେ ଶାହାରୁଖ ଓ ଦୀପିକା ର' ଏଜେଣ୍ଟ ଭୂମିକାରେ ନଜର ଆସିବେ। ର' ବିଭାଗର ମୁଖ୍ୟ ଭାବେ ଅଭିନୟ କରୁଛନ୍ତି ଡିମ୍ପଲ କପାଡିଆ। ଚଳଚ୍ଚିତ୍ର 'ଜିରୋ' ରିଲିଜ ହେବାର ୩ ବର୍ଷ ପରେ ଶାହାରୁଖଙ୍କୁ ବଡ଼ ସ୍କ୍ରିନରେ ଦେଖିବାକୁ ମିଳିବ।





## ଡଲ୍‌ଫିନ୍ ଦେଖି ଖୁସିରେ ନାଚିଲେ ଅନନ୍ୟା

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ରହିବା ସହିତ ନିଜର ପ୍ରାୟ ଗ୍ଲାମର୍ସ ଅନ୍ଦାଜ୍‌ର ଫଟୋ ଏବଂ ଭିଡିଓ ଫ୍ୟାନ୍‌ମାନଙ୍କ ପାଇଁ ଶେୟାର କରିଥାନ୍ତି। ଅନନ୍ୟା କିଛି ଦିନ ପୂର୍ବରୁ ମାଲଦ୍ୱୀପକୁ ଛୁଟି କାଟିବାକୁ ଯାଇଥିଲେ। ସେଠାରେ ସେ ବହୁତ ଗୁଡ଼ିଏ ଫଟୋ ଉଠାଇ ଇନଷ୍ଟାରେ ପୋଷ୍ଟ କରିଥିଲେ। ସେ ଏକ ଭିଡିଓ ମଧ୍ୟ ଶେୟାର କରିଥିଲେ ଯାହା ଇଣ୍ଟରନେଟ୍‌ରେ ଖୁବ୍ ଧୁମ ମଚାଇଥିଲା। ଭିଡିଓରେ ସେ ସମୁଦ୍ର ମଧ୍ୟରେ ବୋଟରେ ବସି ବୁଲୁଥିଲେ। ସେତିକିବେଳେ ବୋଟ ତଳେ ବହୁତ ଗୁଡ଼ିଏ ଡଲଫିନ୍‌ଙ୍କୁ ଦେଖି ସେ ଖୁସିରେ ନାଚି ଉଠିଥିଲେ। କାରଣ ଏକାସାଙ୍ଗରେ ଏତେ ଗୁଡ଼ିଏ ଡଲଫିନ ସେ ପୂର୍ବରୁ କେବେ ଦେଖି ନ ଥିଲେ। ଅନନ୍ୟା ବୋଟ ଉପରେ ଛିଡା ହୋଇ ଡଲଫିନମାନଙ୍କର ଭିଡିଓ କରିଥିଲେ। ପରେ ସମୁଦ୍ର ମଝିକୁ ଡେଇଁ ସ୍ୱିମିଙ୍ଗ କରିଥିଲେ। ଏହି ଭିଡିଓକୁ ୮ ଲକ୍ଷରୁ ଅଧିକ ଥର ଦେଖାଯାଇସାରିଲାଣି।

# ଭବିଷ୍ୟତର ଇନ୍ଧନ ହାଇଡ୍ରୋଜେନ

**ସଂସଦରେ ଆଗତ ହୋଇଛି ବଜେଟ। ଭାରତକୁ ଶକ୍ତି କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ କରିବାକୁ ଏଥିରେ ଦିଆଯାଇଛି ଗୁରୁତ୍ୱ। ହାଇଡ୍ରୋଜେନକୁ ଭବିଷ୍ୟତର ଇନ୍ଧନ ଭାବେ ପରିଗଣିତ କରାଯାଉଛି। ପ୍ରଦୂଷଣ ରୋକିବାରେ ଏହାକୁ ବ୍ୟବହାର କରିବା ଯଦିଓ ବେଶ୍ ଫଳପ୍ରସୂ, ତଥାପି ଗବେଷଣା ଅଭାବରୁ ଭାରତ ଏ ଦିଗରେ ସେତେଟା ସଫଳତା ପାଇପାରିନାହିଁ।**




**ନୂଆଦିଲ୍ଲୀ:** ୨୦୨୧-୨୨ ଆର୍ଥିକ ବର୍ଷର ବଜେଟରେ ହାଇଡ୍ରୋଜେନ ଶକ୍ତି ମିଶନ ଘୋଷଣା କରାଯାଇଛି। ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଶକ୍ତି କ୍ଷେତ୍ରର ବିକାଶ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଶକ୍ତିକ୍ଷେତ୍ର ଉପରେ କୋଇଲା ନିର୍ଭରଶୀଳତା କମାଇବା ଏବଂ ହାଇଡ୍ରୋଜେନ ଉତ୍ସର ବିନିଯୋଗ ଦ୍ୱାରା ପର୍ଯ୍ୟାପ୍ତ ସବୁଜ ଇନ୍ଧନ ଉତ୍ପାଦନ କରିବା ଦିଗରେ ଏହି ମିଶନ ଉଦାହରଣ ସୃଷ୍ଟି କରିବ ବୋଲି କୁହାଯାଉଛି। ତେବେ ଏହା ସେତେଟା ସହଜସାଧ୍ୟ ନୁହେଁ।

ଆଧୁନିକ ସମୟରେ ହାଇଡ୍ରୋଜେନ ଇନ୍ଧନ ବେଶ୍ ଲାଭଦାୟକ। ଏହାର ଅନ୍ୟ ଏକ ଭଲ ଗୁଣ ହେଲା ଏହାର ଦହନରେ କାର୍ବନ ପରିବର୍ତ୍ତେ ପାଣି ନିର୍ଗମନ ହେବ, ଯାହା ପ୍ରଦୂଷଣ ରହିତ ହେବ। ଏହାକୁ ରକେଟ ଇନ୍ଧନର ବିକଳ୍ପ ଭାବେ ବ୍ୟବହାର ମଧ୍ୟ କରାଯାଇପାରିବ। ତେବେ ହାଇଡ୍ରୋଜେନ ବ୍ୟବହାରରେ ଏକ ପ୍ରମୁଖ ସମସ୍ୟା ହେଉଛି ଏହାର ଜଟିଳ ଉତ୍ପାଦନ ପ୍ରକ୍ରିୟା। ତୀବ୍ର ଦହନଶୀଳ ହୋଇଥିବାରୁ ଏହାକୁ ବିପଜ୍ଜନକ ଇନ୍ଧନ ଶ୍ରେଣୀଭୁକ୍ତ କରାଯାଇଛି। ଏହାକୁ ସୁରକ୍ଷିତ ଭାବେ ଗଚ୍ଛିତ କରିବା ମଧ୍ୟ ଖର୍ଚ୍ଚାନ୍ତ ଏବଂ କଷ୍ଟକର। ତଥାପି ଏଥିର ଶକ୍ତି ଉତ୍ପାଦନ ଅସମ୍ଭବ ନୁହେଁ।

ହାଇଡ୍ରୋଜେନକୁ ଭବିଷ୍ୟତର ଇନ୍ଧନ କୁହାଯାଉଛି। ସୁରକ୍ଷିତ ପରିବେଶ ଏବଂ ପ୍ରଦୂଷଣ ମୁକ୍ତ ବିଶ୍ୱ ପାଇଁ ଏହା ଉପରେ ଅଧିକରୁ ଅଧିକ ଗବେଷଣା ଜାରି ରହିଛି। ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଜର୍ମାନୀ ସମେତ ଅନ୍ୟ ୟୁରୋପୀୟ ଦେଶରେ ହାଇଡ୍ରୋଜେନ ଇନ୍ଧନ ବିଶିଷ୍ଟ କାର୍ ଉତ୍ପାଦନ ଆରମ୍ଭ ହୋଇସାରିଲାଣି। ତେବେ ପୃଥିବୀର ଅନ୍ୟତମ ବୃହତ୍ତମ ଦେଶ ଭାରତ ବର୍ତ୍ତମାନ ସମୟରେ ବି ବିଜୁଳି ଉତ୍ପାଦନ ପାଇଁ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳ। ବିଶେଷକରି ପ୍ରଦୂଷଣ ସୃଷ୍ଟିକାରୀ କୋଇଲା ଏ କ୍ଷେତ୍ରରେ ମୁଖ୍ୟ ମାଧ୍ୟମ ହୋଇ ରହିଛି। ବିଜୁଳି ଉତ୍ପାଦନ ଲାଗି ଅନ୍ୟ ଦେଶ ନୂଆ ନୂଆ କୌଶଳ ବିକଶିତ କରୁଥିବାବେଳେ ଭାରତ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଛି। ଆଗାମୀ ଦିନରେ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମ୍ କରିବା ଏବଂ ସବୁଜ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟ ନେଇ ହାଇଡ୍ରୋଜେନ ମିଶନ ଆରମ୍ଭ ହୋଇଛି। ଆସନ୍ତା ୬ ବର୍ଷ ଭିତରେ ଭାରତର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ଅଢ଼େଇ ଗୁଣା ବଢ଼ାଇବାକୁ ଯୋଜନା କରାଯାଇଛି।

# ଅଣ୍ଡା ଭିତରୁ ହେବ ଲିଙ୍ଗ ପରିବର୍ତ୍ତନ

**ଜେରୁଜେଲମ:** ପ୍ରତିବର୍ଷ ମାଂସ ପାଇଁ ପୃଥିବୀରେ ୭୦୦ କୋଟିରୁ ଅଧିକ ଅଣ୍ଡିରା ଚିଆଁଙ୍କୁ ମାରି ଦିଆଯାଇଥାଏ। ମାଈ ଚିଆଁ ବଡ଼ ହୋଇ ଅଣ୍ଡା ଦେଇଥାଏ। ପରେ ଏହା ଅଣ୍ଡାଦେବା ବନ୍ଦ କରିଲେ ତାକୁ ମାଂସ ଲାଗି ହତ୍ୟା କରାଯାଇଥାଏ। ତେଣୁ ମାଈ ଚିଆଁ ପାଳନ କରିବା ଦ୍ୱାରା ଫାର୍ମ ମାଲିକ ଉପକୃତ ହୋଇଥାନ୍ତି। ସେମାନଙ୍କୁ ଅଣ୍ଡା ସହିତ ମାଂସ ମଧ୍ୟ ମିଳେ। ଅଣ୍ଡିରା ଚିଆଁ ପାଳନ କଲେ କେବଳ ମାଂସ ହିଁ ମିଳିଥାଏ। ଏହି କାରଣରୁ ବ୍ରିଟେନରେ କେତେକ ଫାର୍ମରେ ଅଣ୍ଡିରା ଚିଆଁଙ୍କୁ ଶ୍ରେଡିଂ ମେଶିନ ଦ୍ୱାରା ହତ୍ୟା କରାଯାଇଥାଏ। କେତେକ ଫାର୍ମରେ ଏଥିପାଇଁ ଗ୍ୟାସ୍‌ର ବ୍ୟବହାର ମଧ୍ୟ କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ଇସ୍ରାଏଲର ଏକ ଷ୍ଟାର୍ଟଅପ କମ୍ପାନୀ ସୋସ ଟେକ୍ନୋଲୋଜି ପକ୍ଷରୁ ଅଣ୍ଡା ଭିତରେ ଚିଆଁଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ହେଉଥିବା ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏନେଇ ଷ୍ଟାର୍ଟଅପ ପକ୍ଷରୁ ଶବ୍ଦ ତରଙ୍ଗ ମାଧ୍ୟମରେ ଅଣ୍ଡା ଭିତରେ ଲିଙ୍ଗ ପରିବର୍ତ୍ତନ କାର୍ଯ୍ୟ କରାଯିବା ଲାଗି ଯୋଜନା କରାଯାଇଥିବା



କମ୍ପାନୀର ସିଇଓ ୟାଏଲ ଅଲଟର ସୂଚନା ଦେଇଛନ୍ତି। ସମ୍ପ୍ରତି ହୋଇଥିବା ଗବେଷଣାରେ ୬୦ ପ୍ରତିଶତ ମାଈ ଚିଆଁ ସୃଷ୍ଟି ହୋଇଥିବା ସେ କହିଛନ୍ତି। ଆଗାମୀ ଦିନରେ ଏହି ସଂଖ୍ୟାକୁ ବୃଦ୍ଧି କରିବା ଲାଗି ଉଦ୍ୟମ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ଏବେ ଏହି ଜ୍ଞାନକୌଶଳକୁ ଇସ୍ରାଏଲ, ଆମେରିକା ଏବଂ ଇଟାଲୀରେ ପ୍ରୟୋଗ କରାଯାଉଛି। ୨୦୨୧ ସୁଦ୍ଧା ଫ୍ରାନ୍ସରେ ଅଣ୍ଡିରା ଚିଆଁ ଆଉ ସୃଷ୍ଟି ନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ମାତ୍ର ଏହି ଜ୍ଞାନକୌଶଳ ନେଇ ବୈଜ୍ଞାନିକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଛି। ଏନେଇ ଜାପାନର କୟୋଟା ବିଶ୍ୱବିଦ୍ୟାଳୟର ଗବେଷକ ପ୍ରଫେସର ମାସାହିରୋ କୁମେତା କହିଛନ୍ତି ଯେ, ଶବ୍ଦ ତରଙ୍ଗ ବ୍ୟବହାର ଦ୍ୱାରା ଜନ୍ମ ହେଉଥିବା ଚିଆଁର ଜିନ୍ ଦୁର୍ବଳ ହୋଇପଡୁଛି। ଏହି ଜ୍ଞାନକୌଶଳ ବିଶ୍ୱସ୍ତରରେ ମାନ୍ୟତା ହାସଲ କରି ନ ଥିବା ସେ କହିଛନ୍ତି।

## ସେନା ଗାଡ଼ିରେ ଶିଶୁ ଜନ୍ମ

**ଶ୍ରୀନଗର:** କଶ୍ମୀରରେ ଜାରି ରହିଥିବା ତୁଷାରପାତ ଯୋଗୁ ଜଣେ ଗର୍ଭବତୀ ମହିଳା ମେଡିକାଲ ଯାଇପାରି ନ ଥିଲେ। ଭାରତୀୟ ସେନା ତାଙ୍କୁ ଉଦ୍ଧାର କରି ମେଡିକାଲ ନେଉଥିବାବେଳେ ମହିଳା ଜଣକ ସେନା ଗାଡ଼ିରେ ହିଁ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। କାଲାରୁସ କମ୍ପାନୀ କମାଣ୍ଡରଙ୍କୁ ସୋମବାର ସକାଳୁ ଜଣେ ଗର୍ଭବତୀ ମହିଳାଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ ଆଶାକର୍ମୀ। ତୁଷାରପାତ ଯୋଗୁ ଆମ୍ବୁଲାନ୍ସ ମହିଳାଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଶୀଘ୍ର ସେନା ଗାଡ଼ି ସହ ଏକ ମେଡିକାଲ ଟିମ ସେଠାକୁ ପଠାଯାଇଥିଲା। କିନ୍ତୁ ହସ୍ପିଟାଲ ନେବା ବାଟରେ ପୀଡ଼ିତାଙ୍କ ଅବସ୍ଥା ଗୁରୁତର ହେବାରୁ ଆଶା କର୍ମୀଙ୍କ ଅନୁରୋଧ କ୍ରମେ ଆମ୍ବୁଲାନ୍ସକୁ ରାସ୍ତା କଡ଼ରେ ପାର୍କ କରାଯାଇଥିଲା। ସେଠାରେ ହିଁ ମହିଳା ଜଣକ ପ୍ରସବ କରିଥିଲେ। ପରେ ଉଭୟ ମା' ଓ ଶିଶୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# କ୍ୟାନ୍‌ସରରେ ଆଖି ବୁଜିଲେ ଡଷ୍ଟିନ ଡାଇମଣ୍ଡ

**ନ୍ୟୁୟର୍କ:** ହଲିଉଡ ଅଭିନେତା ଡଷ୍ଟିନ ଡାଇମଣ୍ଡଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୪ ବର୍ଷ ହୋଇଥିଲା। କ୍ୟାନ୍‌ସର ରୋଗରେ ଆକ୍ରାନ୍ତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏ ନେଇ ଡଷ୍ଟିନଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି। ଟିଭି ଶୋ' 'ସେଭ ବାଏ ଦ ବେଲ' ପାଇଁ ସେ ବେଶ୍ ଲୋକପ୍ରିୟ ଥିଲେ। ସେ କହିଛନ୍ତି ଯେ, ଡଷ୍ଟିନ କର୍କଟ ରୋଗରେ ଆକ୍ରାନ୍ତ ଥିବା ୩ ସପ୍ତାହ ପୂର୍ବେ ଜଣାପଡ଼ିଥିଲା। ଏହା ତାଙ୍କ ସମ୍ପୂର୍ଣ୍ଣ ଶରୀରକୁ ଶୀଘ୍ର ବ୍ୟାପିଯାଇଥିଲା। ମାତ୍ର ଏଥିପାଇଁ ଡଷ୍ଟିନ କେବେ ବି ଭାଙ୍ଗି ପଡ଼ି ନ ଥିଲେ ବୋଲି ତାଙ୍କ ମୁଖପାତ୍ର କହିଛନ୍ତି। କାଲିଫର୍ନିଆରେ ରହୁଥିବା ଡଷ୍ଟିନ 'ଗୁଡ ମର୍ଣ୍ଣିଂ ବିସ ବ୍ଲିସ'ରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଅନେକ ରିୟଲିଟି ଶୋ' ସେଲିବ୍ରିଟି ଫିଟ୍ କ୍ଲବ, ସେଲିବ୍ରିଟି ବକ୍ସିଂ ୨ ଏବଂ ସେଲିବ୍ରିଟି ଚାମ୍ପିୟନଶିପ କୁସ୍ତି ଆଦିରେ ତାଙ୍କୁ ଦେଖିବାକୁ ମିଳିଥିଲା।



# ଏକ କେଜି ଆମ୍ବର ଦାମ୍ ୩ ଲକ୍ଷ

ଆମ୍ବ ଖାଇବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ବର୍ତ୍ତମାନ ଏହା ସବୁ ଋତୁରେ ସହଜରେ ବଜାରରେ ମିଳିଯାଉଛି। ହେଲେ ଏମିତି ଏ ପ୍ରକାର ଆମ୍ବ ରହିଛି ଯାହାକୁ ସମସ୍ତେ କିଣି ଖାଇବା କଷ୍ଟକର। 'ତାଇୟୋ ନୋ ତମାଗୋ' ଏବଂ ଏଗ୍ ଅଫ ଦ ସନ୍ ଭାବେ ପରିଚିତ ଏହି ଆମ୍ବର ଦାମ୍ ସବୁଠୁ ମହଙ୍ଗା। ଏହାକୁ ବିଶ୍ୱର ସବୁଠାରୁ ମହଙ୍ଗା ଆମ୍ବ ବୋଲି ମଧ୍ୟ କୁହାଯାଏ। ଏହି ଆମ୍ବ ଜାପାନର ମିୟାଜାକି ପ୍ରଦେଶରେ ଚାଷ କରାଯାଏ। ଏହା ସାରା ଦେଶରେ ବିକ୍ରି ହୁଏ। ଏହି ଆମ୍ବର କେଜି ପ୍ରତି ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ।



# ମୃତଦେହ ବୋହିଲେ ମହିଳା ଏସ୍‌ଆଇ

**ବିଶାଖାପାଟଣା**

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କାସିବୁଗାରେ ଅଞ୍ଚଳରେ କାର୍ଯ୍ୟ କରୁଥିବା ମହିଳା ଏସ୍‌ଆଇ କୋଟ୍ଟୁରୁ ଶ୍ରୀଷା ଏବେ ସୋସିଆଲ ମିଡ଼ିଆରେ ବେଶ୍ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସୋମବାର ଜଣେ ଅଜଣାବ୍ୟକ୍ତିଙ୍କ ମୃତଦେହ ଅଦାଭି କୋଟୁଟୁ ଗାଁରେ ପଡ଼ି ରହିଥିବା ଖବର ମିଳିଥିଲା। ଘଟଣାସ୍ଥଳରେ ଶ୍ରୀଷା ପହଞ୍ଚିଥିଲେ। ତେବେ ଅଜଣା ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ବୋହି ନେବାକୁ କେହି ରାଜି ହୋଇ ନ ଥିଲେ। ଏହି ଦୁର୍ଗମ ଅଞ୍ଚଳରେ କୌଣସି ଗାଡ଼ି ମଧ୍ୟ ପ୍ରବେଶ କରିବା କଷ୍ଟକର। ତେଣୁ ଶ୍ରୀଷା ଜଣେ ସ୍ଥାନୀୟ ଲୋକଙ୍କ ସହିତ ମୃତଦେହକୁ ୨ କିମି ବୋହି ନେଇ ପୋଲିସ ଗାଡ଼ି ପାଖରେ ପହଞ୍ଚିଥିଲେ। ଏହାପରେ ମୃତକଙ୍କ ଅନ୍ତିମ ସଂସ୍କାର ମଧ୍ୟ ଶ୍ରୀଷା କରାଇଥିଲେ। ମୃତକ ସ୍ଥାନୀୟ ଅଞ୍ଚଳରେ ଭିକ ମାଗି ଚଳୁଥିଲେ ବୋଲି ଜଣାପଡ଼ିଛି। ତାଙ୍କୁ ପ୍ରାୟ ୮୦ ବର୍ଷ ବୟସ ହେବ ବୋଲି ଅନୁମାନ କରାଯାଉଛି। ଶ୍ରୀଷାଙ୍କ କାର୍ଯ୍ୟକୁ କେନ୍ଦ୍ରମନ୍ତ୍ରୀ ଜି. କୃଷ୍ଣ ରେଡ୍ଡୀ ମଧ୍ୟ ପ୍ରଶଂସା କରିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଛଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ!

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁ**
ଜଗତ୍‌ସିଂହପୁର
ଆବିର୍ଭାବ: ୦୪।୦୨।୧୯୫୬
ତିରୋଧାନ: ୨୪।୦୧।୨୦୨୧(ରବିବାର)
(ପୌଷ ଶୁକ୍ଳପକ୍ଷ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ:-
ଧ-୧୯୮୩୯

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ମୋହନ ଚରଣ ଦାସ**
ଅରକଙ୍ଗ, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଆବିର୍ଭାବ: ୦୩।୧୧।୧୯୪୮
ତିରୋଧାନ: ୦୬।୦୧।୨୦୧୮
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା, ଆମମାନଙ୍କୁ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଆଜିର ପୁଣ୍ୟ ତିଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ସ୍ତ୍ରୀ: ସାଧନା, ଦୋଳ, ବିଜି, ଗୋଲକ, ରୁନ, ମନୁ, ଟିକ, ଟିଟୁନା, ମାମିନା, ନାତି: ସିବୁନ୍, ଆଶୁତୋଷ ଓ ଆରିୟନ ଏବଂ ନାତୁଣୀ: ଗୁନୁ, ସିନୁ, ଆଦି ଓ ବନ୍ଧୁ ଆତ୍ମୀୟସ୍ୱଜନ।
ଧ-୧୯୭୭୧

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ**
ତିରୋଧାନ: ୦୩।୦୨।୨୦୦୪
ଆପଣଙ୍କର ଆଜିର ଏହି ପୁଣ୍ୟ ଶ୍ରାଦ୍ଧ ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶ୍ରଦ୍ଧେୟ:-
ଝିଅ-ଜ୍ୱାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ।
ଧ-୧୯୭୭୨

# ସିରାଜ-ଈଶାନ୍ତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା

ନୂଆଦିଲ୍ଲୀ, ୨।୨(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଚଳିତ ମାସ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚେପକ୍ ପିଚ୍ ସାଧାରଣତଃ ସ୍ପିନରଙ୍କୁ ସହାୟତା କରିଥାଏ। ତେଣୁ ଭାରତ ୨ ପେସର ଏବଂ ୩ ସ୍ପିନରଙ୍କ ସହ ପଡ଼ିଆକୁ ଓହ୍ଲାଇବା ସମ୍ଭାବନା ରହିଛି। ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଅଧିକ ବିକଳ୍ପ ନ ଥିବାରୁ ଦ୍ୱିତୀୟ ପେସ ବୋଲର ସ୍ଥାନ ପାଇଁ ନବାଗତ ମହମ୍ମଦ ସିରାଜ ଏବଂ ଭେଟେରାନ ଈଶାନ୍ତ ଶର୍ମାଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବା ଏକପ୍ରକାର ନିଶ୍ଚିତ ହୋଇଛି। ମଙ୍ଗଳବାର ଭାରତ ଦୀର୍ଘ ସମୟ ଅଭ୍ୟାସ କରିଛି।



ମହମ୍ମଦ ସିରାଜ ଓ ଈଶାନ୍ତ ଶର୍ମା।

- ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ୫ରୁ
- ଭାରତ ୨ ପେସର ଓ ୩ ସ୍ପିନର ନେଇ ଖେଳିବ
- ଫିଟ୍ ବୁମ୍ରା ପ୍ରଥମ ପସନ୍ଦ ପେସର
- ଅଶ୍ୱିନ, ଅକ୍ଷର, କୁଲଦୀପ, ସୁନ୍ଦରଙ୍କ ମଧ୍ୟରେ ଲଢ଼େଇ

## ଲୋକେଶ ରାହୁଲ ଫିଟ୍

ଆହତ ସମସ୍ୟା ପାଇଁ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଖେଳିପାରି ନ ଥିବା ଲୋକେଶ ରାହୁଲ ଏବେ ଫିଟ୍ ହୋଇଛନ୍ତି। ରିହାବିଲିଟେଶନ ଶେଷ ହୋଇଥିବାରୁ ସେ ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜରେ ଖେଳିବାକୁ ବ୍ୟଗ୍ରତା ଦେଖାଇଛନ୍ତି। ୨୮ ବର୍ଷୀୟ ରାହୁଲ ଅଷ୍ଟ୍ରେଲିଆରେ ଦିନିକିଆ ଓ ଟି୨୦ ଖେଳିବା ପରେ ପ୍ରଥମ ଦୁଇ ଟେଷ୍ଟରେ ସୁଯୋଗ ପାଇ ନ ଥିଲେ। ତେବେ ମେଲବୋର୍ନ ଗ୍ରାଉଣ୍ଡରେ ନେଟ୍ସ ଅବସରରେ କଟଟିରେ ଆଘାତ ପାଇବାରୁ ପରବର୍ତ୍ତୀ ୨ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ଫଳରେ ଘରକୁ ପ୍ରତ୍ୟାବର୍ତ୍ତନ କରି ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଚିକିତ୍ସିତ ହେଉଥିଲେ। ଅଷ୍ଟ୍ରେଲିଆରେ ସୀମିତ ଓଭର କ୍ରିକେଟ ସିରିଜରେ ୨ଟି ଅର୍ଦ୍ଧଶତକ ହାସଲ କରିଥିବା ରାହୁଲ ଇଂଲଣ୍ଡ ବିପକ୍ଷ ଘରୋଇ ପ୍ରଥମ ଟେଷ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ଯଶପ୍ରୀତ୍ ବୁମ୍ରା ଭାରତୀୟ ପେସ୍ ଆକ୍ରମଣ ବିଭାଗ ନେତୃତ୍ୱ ନେବେ। ତଳିପେଟ ଓ ଜଙ୍ଘ ମଧ୍ୟଭାଗରେ ଯନ୍ତ୍ରଣା ଯୋଗୁ ସେ ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଟେଷ୍ଟରେ ଖେଳିପାରି ନ ଥିଲେ। ମାତ୍ର ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ତେବେ ତାଙ୍କ ପାର୍ଟନର କିଏ ହେବ ଏହା ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ବୋଲିଂ କୋଚ୍ ଭରତ ଅରୁଣ ଏବଂ ଅଧିନାୟକ ବିରାଟ କୋହଲି ସ୍ଥିର କରିବେ। ୩୨ ବର୍ଷୀୟ ଈଶାନ୍ତ ପାଖାପାଖି ୧ ବର୍ଷ ହେଲା ଟେଷ୍ଟ କ୍ରିକେଟରୁ ଦୂରେଇ ରହିଛନ୍ତି। ଅନ୍ୟପକ୍ଷରେ ସିରାଜ ସମ୍ପୂର୍ଣ୍ଣ ଫର୍ମରେ ଅଛନ୍ତି। ଅଷ୍ଟ୍ରେଲିଆରେ ସେ ୩ଟି ଟେଷ୍ଟ ଖେଳି ୧୩ଟି ଉଇକେଟ ନେଇଥିଲେ। ବ୍ରିସ୍‌ବେନ୍‌ରେ ସେ ୫ ଉଇକେଟ ସଫଳତା ମଧ୍ୟ ପାଇଥିଲେ। ତେଣୁ ଅଭିଜ୍ଞ ଈଶାନ୍ତ ନା ଫର୍ମରେ ଥିବା ସିରାଜ ଚୟନ ହେଉଛନ୍ତି ତାହା ଦେଖିବାକୁ ବାକି ରହିଛି। ଆହତ ସମସ୍ୟାରୁ ମୁକୁଳିବା ପରେ ଈଶାନ୍ତ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ୪ଟି ମ୍ୟାଚ ଖେଳି ମୋଟ ୧୪.୧ ଓଭର ବୋଲିଂ କରିଛନ୍ତି। ତେଣୁ ଆଗାମୀ ଦୁଇ ଦିନ ନେଟ୍ସରେ ଦୁଇ ବୋଲରଙ୍କୁ ଅନୁଧ୍ୟାନ କରିବା ପରେ ବୋଲିଂ କୋଚ୍ ଅରୁଣ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସ୍ପିନର ଚୟନ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ୱାଶିଂଟନ ସୁନ୍ଦର ଚମତ୍କାର ଫର୍ମରେ ଅଛନ୍ତି। ସେ ନିଜ ପ୍ରଥମ ମ୍ୟାଚରେ ୪ ଉଇକେଟ ନେବାସହ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ବ୍ୟତୀତ ବାମହାତୀ ଅର୍ଥୋଡକ୍ସ ସ୍ପିନର ଅକ୍ଷର ପଟେଲ, ସିନିୟର ଅଫ୍‌ବ୍ରେକ୍ ବୋଲର ରବିଚନ୍ଦ୍ରନ ଅଶ୍ୱିନ ଏବଂ ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଚୟନ ପାଇଁ ଉପଲବ୍ଧ ହେବେ। ରବୀନ୍ଦ୍ର ଜାଡେଜା ଫିଟ୍ ନାହାନ୍ତି। ଦଳ ଚୟନ ସମୟରେ ଏହା ମଧ୍ୟ ନଜରରେ ରଖାଯିବ। ଅକ୍ଷର ପଟେଲ ମିଡିଲ ଅର୍ଡରରେ ଉପଯୋଗୀ ବ୍ୟାଟିଂ କରିବାର ମଧ୍ୟ ଦକ୍ଷତା ରଖିଛନ୍ତି। ତେଣୁ ଅଭିଜ୍ଞ ସ୍ପିନରଙ୍କୁ ସୁଯୋଗ ମିଳିବା ସମ୍ଭାବନା ଅଧିକ।

### ବୁଧବାର ଟ୍ରେନିଂ ଆରମ୍ଭ କରିବେ ହାର୍ଦ୍ଦିକ

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବୁଧବାର ଟ୍ରେନିଂ ଆରମ୍ଭ କରିବେ। ତାଙ୍କ କ୍ୱାରାଣ୍ଟାଇନ୍ ଅବଧି ବୁଧବାର ସକାଳେ ଶେଷ ହେବ। ଏହାପରେ ସେ ଭାରତୀୟ ଦଳ ସହ ଯୋଗଦେବେ। ଦୀର୍ଘଦିନ ପରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ କିନ୍ତୁ ପ୍ରଥମ ଟେଷ୍ଟରେ ଖେଳିବା ସମ୍ଭାବନା କ୍ଷୀଣ। ତେବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏବଂ ଇଂଲଣ୍ଡରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ଦୃଷ୍ଟିରେ ରଖି ତାଙ୍କୁ ବୋଲିଂ ଦକ୍ଷତା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯିବ।



ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ପାଇଁ ଚେନ୍ନାଇର ଚେପକ୍ ଷ୍ଟାଡିୟମ୍‌ରେ ଅଭ୍ୟାସ ଅବସରରେ ଭାରତୀୟ ଦଳର ଦୁଇ ସ୍ପିନର ୱାଶିଂଟନ ସୁନ୍ଦର ଓ ରବିଚନ୍ଦ୍ରନ୍ ଅଶ୍ୱିନ।

# ପନ୍ତଙ୍କ ସମେତ ୩ ଖେଳାଳିଙ୍କ ନାମ ସୁପାରିସ

ଦୁବାଇ,୨।୨ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) 'ମେନ୍ସ ପ୍ଲେୟାର ଅଫ୍ ଦି ମନ୍ଥ' ପୁରସ୍କାର ଦୌଡ଼ରେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ସମେତ ଆଉ ଦୁଇ ଖେଳାଳି ସାମିଲ ହୋଇଛନ୍ତି। ନୂଆକରି ପ୍ରଦାନ କରାଯିବାକୁ ଥିବା ଏହି ପୁରସ୍କାର ପାଇଁ ଆଇସିସି ପନ୍ତଙ୍କୁ ବାଦ୍ ଦେଲେ ଇଂଲଣ୍ଡ ଅଧିନାୟକ ଜୋ ରୁଟ ଓ ଆୟର୍ଲାଣ୍ଡର ପଲ ଷ୍ଟିର୍ଲିଂଙ୍କ ନାମ ସୁପାରିସ କରିଛି। ଗୋଟିଏ ମାସର ପ୍ରଦର୍ଶନକୁ ଭିତ୍ତିକରି ଉଭୟ ପୁରୁଷ ଓ ମହିଳା କ୍ରିକେଟରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ।

ଗତ ଅଷ୍ଟ୍ରେଲିଆ ଗସ୍ତରେ ଟେଷ୍ଟ ସିରିଜରେ ଭାରତର ଐତିହାସିକ ସିରିଜ ବିଜୟରେ ପନ୍ତଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ସିଡ୍‌ନୀରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ପନ୍ତ ୯୭ ରନର ଉପଯୋଗୀ ପାଳି ଖେଳିଥିଲେ ଓ ଏହା ଡ୍ର ରହିଥିଲା। ସେହିପରି ବ୍ରିସ୍‌ବେନ୍‌ର ଗାବାରେ ଖେଳାଯାଇଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟରେ ପନ୍ତ ଅପରାଜିତ ୮୯ ରନର ଲଢୁଆ ଇନିଂସ ଖେଳି

### ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର

ଭାରତକୁ ଜିତାଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ଜାନୁୟାରୀରେ ରୁଟ୍ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟରେ ଯଥାକ୍ରମେ ୨୨୮ ଓ ୧୮୬ ରନ ସଂଗ୍ରହ କରିଥିଲେ। ଏହି ସିରିଜରେ ଇଂଲଣ୍ଡ ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ସେହିପରି ଷ୍ଟିର୍ଲିଂ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ଦୁଇଟି ଓ ଆଫଗାନିସ୍ତାନ ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳି ୩ଟି ଶତକ ହାସଲ କରିଥିଲେ।

ଅନ୍ୟପଟେ ମହିଳା ପୁରସ୍କାର ପାଇଁ ପାକିସ୍ତାନର ଡାଏନା ବେଗ ଓ ଦକ୍ଷିଣ ଆଫ୍ରିକାର ଦୁଇ ଖେଳାଳି ଶବନିମ୍ ଇସ୍‌ମାଇଲ ଓ ମାରିଜନେ କାପ୍ପଙ୍କ ନାମ ଆଇସିସି ନୋମିନେଟ୍ କରିଛି। ବେଗ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ଟି ଦିନିକିଆ ଓ ୨ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ ସିରିଜରେ ସେ ମୋଟ ଉପରେ ସର୍ବାଧିକ ୯ ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଇସ୍‌ମାଇଲ ପାକିସ୍ତାନ ବିପକ୍ଷରେ ୩ଟି ଦିନିକିଆ ଓ ୨ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ ସିରିଜରେ ସେ ୭ ଉଇକେଟ ନେଇ ଦକ୍ଷିଣ ଆଫ୍ରିକାକୁ ଜିତାଇଥିଲେ। ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟି୨୦ରେ ସେ ୫ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ମାରିଜନେ ପାକିସ୍ତାନ ବିପକ୍ଷରେ ୨ଟି ଦିନିକିଆ ଓ ୨ଟି୨୦ ଖେଳିଥିଲେ। ଦିନିକିଆ ସିରିଜରେ ୧୧୦.୫୭ ଷ୍ଟ୍ରାଇକ୍‌ରେଟ୍‌ରେ ସେ ୧୧୫ ରନ ସଂଗ୍ରହ କରିବା ସହ ୩ଟି ଉଇକେଟ ଅକ୍ତିଆର କରିଥିଲେ।

ମତଦାନ ମାଧ୍ୟମରେ ପୁରସ୍କାରର ଅନ୍ତିମ ବିଜେତାଙ୍କ ନାମ ଘୋଷଣା କରାଯିବ। ଏଥିପାଇଁ ଆଇସିସି ଭୋଟିଂ ଏକାଡେମୀ ଦାୟିତ୍ୱରେ ରହିବ। ଏହି ଏକାଡେମୀରେ କ୍ରିକେଟ ଜଗତର ସିନିୟର ଜର୍ନାଲିଷ୍ଟ, ପୂର୍ବତନ ଖେଳାଳି ଓ ବ୍ରୋଡ କାଷ୍ଟର ଏବଂ ଆଇସିସି ହଲ୍ ଅଫ୍ ଫେମ୍‌ର କିଛି ସଦସ୍ୟ ସାମିଲ ରହିବେ। ଇମେଲ ମାଧ୍ୟମରେ ଭୋଟିଂ ଏକାଡେମୀ ତାଙ୍କର ଭୋଟ ଦେବ। ଏହି ଏକାଡେମୀ ମତଦାନର ୯୦ ପ୍ରତିଶତକ ଭୋଟ ଶେୟାର ନିଜ ପାଖରେ ବଜାୟ ରଖିବ। ଆଉ ୧୦ ପ୍ରତିଶତ ଭୋଟି ଶେୟାର ପ୍ରଶଂସକଙ୍କ ପାଖରେ ରହିବ। ଆଇସିସି ୱେବସାଇଟ୍‌ରେ ପ୍ରଶଂସକମାନେ ମତଦାନ କରିପାରିବେ। ପ୍ରତ୍ୟେକମାସର ଦ୍ୱିତୀୟ ସୋମବାର ଆଇସିସି ଡିଜିଟାଲ ଚ୍ୟାନେଲ ମାଧ୍ୟମରେ ବିଜେତାଙ୍କ ନାମ ଘୋଷଣା କରାଯିବ।



ରିଷଭ ପନ୍ତ

## ଟୁର୍ନାମେଣ୍ଟରୁ ବିଦା ହେଲା ୟୁନିୟନ ସ୍ପୋର୍ଟିଂ

ନିମାପଡ଼ା,୨।୨(ଡି.ଏନ୍.ଏ.): ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ମିନି ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଦ୍ୱାଦଶ ନିମାପଡ଼ା କପ କ୍ରିକେଟ ପ୍ରତିଯୋଗିତାରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇଛି। ହେଲେ ଖେଳ ସମୟରେ ୟୁନିୟନ ସ୍ପୋର୍ଟିଂ ଟିମ ଆଚରଣବିଧି ଉଲ୍ଲଂଘନ କରିଥିବାରୁ ଫାଇନାଲ ମ୍ୟାଚ ଖେଳିବାରୁ ବଞ୍ଚିତ ହେବା ସହ ଟୁର୍ନାମେଣ୍ଟରୁ ବିଦା ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ସହ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ଥିଲା। ପ୍ରଥମେ ରାମେଶ୍ୱର ବ୍ୟାଟିଂ କରି ୨୮ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୧୫ଓଭରରେ ୨ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲେ। ଏଥିରେ ସୌରଭ କାନୋଡିଆ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୟୁନିୟନ ସ୍ପୋର୍ଟିଂ ଏହି ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଖେଳିବା ସମୟରେ ପଡ଼ିଆରେ ଖେଳାଳିମାନଙ୍କ ପ୍ରତିପକ୍ଷ ଖେଳାଳିଙ୍କ ଗଣ୍ଡଗୋଳ, ବିଶୃଙ୍ଖଳିତ ଆଚରଣ କରିଥିଲେ। ଏଥିଯୋଗୁ ଆୟୋଜକ କମିଟିର ନିଷ୍ପତ୍ତିକ୍ରମେ ୟୁନିୟନ ସ୍ପୋର୍ଟିଂକୁ ଟୁର୍ନାମେଣ୍ଟରୁ ବାହାର କରିଦିଆଯାଇଥିବା ମ୍ୟାଚ ରେଫରି ନିର୍ମଳ ମିଶ୍ର, ଆୟୋଜକ କମିଟି ସମ୍ପାଦକ ଅକ୍ଷୟ ବେହେରା, ରାଜକିଶୋର ସାହୁ, ମାନସ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।

# ମହାବୀର କପ୍ କ୍ରିକେଟ: ସେମିରେ ଜୁଭେନାଇଲ

ଭଣ୍ଡାରିପୋଖରୀ,୨।୨(ଡି.ଏନ.ଏ)

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଖେଳପଡ଼ିଆରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିକ ଏକାଡେମୀ ଭଦ୍ରକକୁ ହରାଇ କଟକର ଜୁଭେନାଇଲ୍ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିକ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ୍ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ମହାନ୍ତି ସର୍ବାଧିକ ୫୬, ସତ୍ୟ ରଞ୍ଜନ ସାମଲ ୨୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁମିତ ଶର୍ମା ୪.୫ ଓଭର ବୋଲିଂ କରି ୪ ଉଇକେଟ ହାସଲ କରିଥିଲେ। ଜବାବରେ ଜୁଭେନାଇଲ ୨୪ ଓଭରରେ ୯ ଉଇକେଟ ହରାଇ ୧୬୦ ରନ୍ କରି ବିଜୟୀ ହୋଇଥିଲା। ଦଳର ଦେବାଶିଷ ସାମନ୍ତରାୟ ୭୪, ମାନସ ଭଟ୍ଟାଚାର୍ଯ୍ୟ ୨୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର କିଶନ ମନୋହର ୫ ଓଭର ବୋଲିଂ କର ୪ଟି ଉଇକେଟ ନେଇଥିଲେ। ୟୁନିକର ସୁମିତ ଶର୍ମାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋମବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଇଲେଭେନ୍ ଷ୍ଟାର ଯାଜପୁର ସହିତ ୟୁନିକ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହେବ।



ସୁମିତ ଶର୍ମାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଫାଇନାଲରେ ସୋଲାର କ୍ରିକେଟ କ୍ଲବ



ସୌଭାଗ୍ୟ ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ଯାଜପୁର ଟାଉନ,୨।୨(ଡି.ଏନ୍.ଏ.)

ସ୍ଥାନୀୟ ବାଳାଶ୍ରମ ପଡ଼ିଆରେ ଚାଲିଥିବା ୯ମ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ମଙ୍ଗଳବାର କଟକ ସୋଲାର କ୍ରିକେଟ୍ କ୍ଲବ ଓ ଭଦ୍ରକ ଚରମ୍ପା କ୍ରିକେଟ୍ ଏକାଡେମୀ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ରେ କଟକ ସୋଲାର କ୍ଲବ ଫାଇନାଲ୍‌ରେ ପ୍ରବେଶ କରିଛି। କଟକ ସୋଲାର କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭର ଖେଳି ୧୯୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟ ମିଶ୍ର ୬୪ ଓ ଶାଓନ ପାହାରିଆ ୪୭ ରନ୍ ସଂଗ୍ରହ କରିଥିଲେ। ଚରମ୍ପା କ୍ରିକେଟ୍ ଏକାଡେମୀର ନୀହାର ଭୂୟାଁ ୬ ଓଭର ବୋଲିଂ କରି ୨୮ ରନ୍ ଦେଇ ୩ ଉଇକେଟ ଓ ସାହିଲ ଖାନ୍ ୪ ଓଭର ବୋଲିଂ କରି ୩୧ରନ୍ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଚରମ୍ପା କ୍ରିକେଟ୍ ଏକାଡେମୀ ୨୯.୧ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ସୋଲାର କ୍ଲବର ଜୟନ୍ତ ବେହେରା ୬ ଓଭର ବୋଲିଂ କରି ୩ ଉଇକେଟ ଓ ରାକେଶ ମହାନ୍ତି ୫.୧ ଓଭର ବୋଲିଂ କରି ୪ ଇଉକେଟ ଓ ସୌଭାଗ୍ୟ ମିଶ୍ର ୬ ଓଭର ବୋଲିଂ କରି ୧ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ସୌଭାଗ୍ୟ ମିଶ୍ରଙ୍କୁ ଓସିଏର ବରିଷ୍ଠ ଅମ୍ପାୟାର୍ ଲୋକନାଥ ବେହେରା ପୁରସ୍କୃତ କରିଥିଲେ।

# କଟକ-ୟୁନିଟ ୬ ମ୍ୟାଚ୍ ଡ୍ର



ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଫୁଟବଲ ଦଳ।

ଭୁବନେଶ୍ୱର, ୨।୨(କ୍ରୀଡ଼ା ପ୍ରତିନିଧି)

ଆଞ୍ଚଳିକ କ୍ରୀଡ଼ା ପରିଷଦ ଏବଂ ସନ୍‌ରାଇଜ୍ ସ୍ପୋର୍ଟ୍ସକ୍ଲବ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଜ୍ୟସ୍ତରୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ସାହାରପଡ଼ା ବ୍ଲକର ଦିଗିପୋଷି ପଡ଼ିଆରେ ଅନୁଷ୍ଠିତ କଟକ ଏବଂ ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ (ଭୁବନେଶ୍ୱର) ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ୩ରୁ ୫ ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡ଼ିକ ପାଟଣା ବ୍ଲକର ତୁରୁମୁଙ୍ଗା କଲେଜ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଗ୍ରାମାଞ୍ଚଳ ଫୁଟବଲ ଖେଳାଳିଙ୍କ ବିକାଶ ଲକ୍ଷ୍ୟରେ ଏପରି ଏକ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି।

## ବେଙ୍ଗାଲୁରୁଠାରୁ ହାରିଲା ଇଷ୍ଟ ବେଙ୍ଗଲ

ଭାସ୍କୋ, ୨।୨ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ୨-୦ ଗୋଲରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଛି। କ୍ୱାଲିଟି ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଇଷ୍ଟ ବେଙ୍ଗଲ ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ପୁଣି ଆତ୍ମଘାତୀ ଗୋଲ ପାଇଁ ଦଳ ପରାସ୍ତ ହୋଇଥିଲା। ସ୍ଥାନୀୟ ତିଲକ ମଇଦାନରେ ଅନୁଷ୍ଠିତ ଏହି ମାଚ୍‌ରେ ବେଙ୍ଗାଲୁରୁ ତରଫରୁ ବ୍ରାଜିଲ ଷ୍ଟ୍ରାଇକର କ୍ଲେଇଟନ ସିଲ୍‌ଭା ୧୧ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୪୫ତମ ମିନିଟ୍‌ରେ ଇଷ୍ଟ ବେଙ୍ଗଲର ଦେବଜିତ ମଜୁମଦାରଙ୍କ ଦ୍ୱାରା ଆତ୍ମଘାତୀ ଗୋଲ ହୋଇଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ବେଙ୍ଗାଲୁରୁ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନ ଥିଲା। ଫଳରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା।

# ଜାଗୃତି କ୍ରିକେଟ ଏକାଡେମୀ ଚାମ୍ପିୟନ

ପୁରୁଣା ଭୁବନେଶ୍ୱର, ୨।୨(ଡି.ଏନ.ଏ.)

ସ୍ଥାନୀୟ ପୋଖରୀପୁଟ ଖେଳ ପଡ଼ିଆରେ ଅନୁଷ୍ଠିତ ବିହାରୀଲାଲ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଜାଗୃତି କ୍ରିକେଟ ଏକାଡେମୀ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ରାମେଶ୍ୱରକୁ ୧୫ ରନରେ ହରାଇ ଜାଗୃତି ଟାଇଟଲ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜାଗୃତି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୦ ରନ କରିଥିଲା। ଜବାବରେ ରାମେଶ୍ୱର ୧୨୫ ରନରେ ଅଲଆଉଟ ହୋଇ ଯାଇଥିଲା। ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ତଥା ବର୍ତ୍ତମାନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜାତୀୟ ସିନିୟର ଚୟନ କମିଟି ସଦସ୍ୟ ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି, ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଓଡ଼ିଶା କ୍ରିକେଟ କୋଚ୍ ରଶ୍ମିରଞ୍ଜନ ପରିଡ଼ା, ଟ୍ରେନର ମନୋଜ ବିଶ୍ୱାଳ, ବିଶିଷ୍ଟ କୋଚ କ୍ଷୀରୋଦ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଗିରିଜା ମିଶ୍ର ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଲାଭ କରିଥିଲେ। ପ୍ରଲିପ୍ତ ନନ୍ଦ, ଅକ୍ଷୟ ଜେନା, ପ୍ରତାପ ଜେନା, ବୁଲୁ ଜେନା, ନୀଳାଦ୍ରି ସ୍ୱାଇଁ, କେ.ସି. ସାମନ୍ତରାୟ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଚାମ୍ପିୟନ ଜାଗୃତି କ୍ରିକେଟ ଏକାଡ଼େମୀର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଫେବୃୟାରୀ ୩/୨୦୨୧ Sambalpur, Wednesday, February 3/ 2021

# ବକ୍ସଟରଙ୍କୁ ବିଦାକଲା ଓଡ଼ିଶା ଏଫ୍‌ସି



ଷ୍ଟୁଆର୍ଟ ବକ୍ସଟର

**ନୂଆଦିଲ୍ଲୀ,୨।୨(ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଅନ୍ୟତମ ଦଳ ଓଡ଼ିଶା ଏଫ୍‌ସି ମଙ୍ଗଳବାର ହେଡ୍ କୋଚ୍ ଷ୍ଟୁଆର୍ଟ ବକ୍ସଟରଙ୍କୁ ଦାୟିତ୍ୱରୁ ହଟାଇଛି। ସୋମବାର ଗୋଆର ବାମ୍ବୋଲିମ୍‌ରେ ଅନୁଷ୍ଠିତ ଜାମଶେଦ୍‌ପୁର ଏଫ୍‌ସି ବିପକ୍ଷ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ପରାସ୍ତ ହୋଇଥିଲା। ମ୍ୟାଚ୍ ପର ଖବରଦାତା ସମ୍ମିଳନୀରେ ବକ୍ସଟର ରେଫରିଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଏକ ବିବାଦୀୟ ମନ୍ତବ୍ୟ ଦେବା ପରେ ଓଡ଼ିଶା ତରଫରୁ ଏଭଳି କଠୋର ନିଷ୍ପତ୍ତି ନିଆଯାଇଛି। ମ୍ୟାଚ୍‌ରେ ଓଡ଼ିଶା ଷ୍ଟ୍ରାଇକର ତଥା ବ୍ରାଜିଲ୍ ଫୁଟବଲର ଡିଏଗୋ ମୌରିସିଓଙ୍କୁ ପେନାଲ୍ଟି ଏରିଆରେ ପ୍ରତିପକ୍ଷ ଗୋଲକିପର ଟି.ପି. ରେହେନେସ ବିବାଦୀୟ ଢଙ୍ଗରେ ତଳେ ପକାଇଥିଲେ। ଫଳରେ ଓଡ଼ିଶା ପେନାଲ୍ଟି ପାଇଁ ଦାବି କରିଥିଲା। କିନ୍ତୁ ଏହାକୁ ରେଫରି ପ୍ରତ୍ୟାଖ୍ୟାନ କରିଥିଲେ। ଏଥିରେ ବକ୍ସଟର ପ୍ରବଳ ଅସନ୍ତୋଷ ଜାହିର କରିଥିଲେ।

ଆମ ସପକ୍ଷରେ ନିଷ୍ପତ୍ତି ଯାଉ ବୋଲି ଚାହୁଁଛୁ। ଆମେ କେବେ ପେନାଲ୍ଟି ପାଇବୁ ତାହା ମଧ୍ୟ ଆମେ ଜାଣି ନାହୁଁ। ଯଦି ଆମ ଖେଳାଳି ଅନ୍ୟ କାହାକୁ ବଳାତ୍କାର କରିନ୍ତି କିମ୍ବା ନିଜେ ବଳାତ୍କାରର ଶିକାର ହୁଅନ୍ତି ତା'ହେଲେ ସମ୍ଭବତଃ ଆମକୁ ପେନାଲ୍ଟି ମିଳିବ ବୋଲି ବକ୍ସଟର ଖବରଦାତା ସମ୍ମିଳନୀରେ ମନ୍ତବ୍ୟ ଦେଇ ଝଡ଼ ସୃଷ୍ଟି କରିଥିଲେ।

ଏହା ବିବାଦ ସୃଷ୍ଟି କରିବା ପରେ ଓଡ଼ିଶା ଏଫ୍‌ସି ତରଫରୁ କ୍ଷମା ମଗାଯାଇଥିଲା। ୬୭ ବର୍ଷୀୟ ଇଂଲଣ୍ଡର ପୂର୍ବତନ କ୍ଲବ୍ ଖେଳାଳି ତଥା ମ୍ୟାନେଜର ବକ୍ସଟରଙ୍କ ମନ୍ତବ୍ୟ ଅବାଞ୍ଛିତ ଓ ଏହା ଆଦୌ ଗ୍ରହଣୀୟ ନୁହେଁ। ଏହା କ୍ଲବର ମର୍ଯ୍ୟାଦା ତଥା ଆଭିମୁଖ୍ୟକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି ବୋଲି ଓଡ଼ିଶା ତରଫରୁ କୁହାଯାଇଥିଲା। କିନ୍ତୁ କଥା ଏତିକିରେ ସରି ନ ଥିଲା। ଓଡ଼ିଶା ଯଥାଶୀଘ୍ର ବକ୍ସଟରଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଏବେ ବାକିଥିବା ମ୍ୟାଚ୍‌ଗୁଡିକ ପାଇଁ ଖୁବ୍‌ଶୀଘ୍ର ମଧ୍ୟବର୍ତ୍ତିକାଳୀନ କୋଚ୍‌ଙ୍କ ନାମ ଘୋଷଣା କରାଯିବ ବୋଲି ଦଳ ତରଫରୁ କୁହାଯାଇଛି।

ଉଲ୍ଲେଖଥାଉ କି ବକ୍ସଟରଙ୍କ ତତ୍ତ୍ୱାବଧାନରେ ଚଳିତ ସେସନରେ ଓଡ଼ିଶା ଏଫ୍‌ସିର ପ୍ରଦର୍ଶନ ଆଦୌ ଆଶାନୁରୂପ ହୋଇପାରି ନାହିଁ। ଓଡ଼ିଶା ଏ ପର୍ଯ୍ୟନ୍ତ ୧୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ଡ୍ର ଓ ୮ ପରାଜୟ ସହ ମାତ୍ର ୮ ପଏଣ୍ଟ ହାସଲ କରି ତାଲିକାର ସର୍ବନିମ୍ନ ସ୍ଥାନ ୧୧ତମ ସ୍ଥାନରେ ରହିଛି।

# ୧୬ଜଣିଆ ଓଡ଼ିଶା ଟିମ୍ ଭାଗ ନେବ

**ଜାତୀୟ ସିନିୟର ଟେନିସ କ୍ରିକେଟ**

**ଭୁବନେଶ୍ୱର,୨।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ମାସ ୨୫ରୁ ୨୮ ପର୍ଯ୍ୟନ୍ତ ଚଣ୍ଡିଗଡ଼ରେ ୫ମ ଜାତୀୟ ପୁରୁଷ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ୨୦୨୧ ଅନୁଷ୍ଠିତ ହେବ। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଟେନିସ କ୍ରିକେଟ ଟିମ୍ ଅଂଶଗ୍ରହଣ କରିବ। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶା ତରଫରୁ ଏକ ୧୬ ଜଣିଆ ଦଳ ମନୋନୟନ କରାଯିବ। ଏଥିପାଇଁ ଆସନ୍ତା ୬ ଓ ୭ ତାରିଖରେ ସିଲେକ୍ସନ ଟ୍ରାଏଲ ସ୍ଥାନୀୟ ପୋଖରୀପୁଟସ୍ଥିତ ବିହାରୀଲାଲ ଷ୍ଟାଡିୟମରେ ଆୟୋଜନ କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଖେଳାଳିମାନେ ଭାଗ ନେବେ। ଏଥିରେ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଗୁରୁତ୍ୱ ଦିଆଯିବ। ଟୁର୍ନାମେଣ୍ଟ ପୂର୍ବରୁ ଟ୍ରେନିଂ, ପ୍ରାକ୍ଟିସ ମ୍ୟାଚ ସାଙ୍ଗକୁ ଫିଟ୍‌ନେସ୍ ପ୍ରୋଗ୍ରାମ୍ ହେବ। ଖେଳାଳିମାନଙ୍କ ସହ କୋଚ୍, ମ୍ୟାନେଜର ଓ ଅନ୍ୟ ସପୋର୍ଟ ଷ୍ଟାଫ୍ ଯିବେ ବୋଲି ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ବିଜୟ କେତନ ମିଶ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ସମ୍ପାଦକ କିଶୋର ଚନ୍ଦ୍ର ନାୟକ ଏବଂ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

# ନ୍ୟୁଜିଲାଣ୍ଡ ଫାଇନାଲରେ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

**ଦୁବାଇ, ୨।୨ (ପି.ଟି.):** ଦକ୍ଷିଣ ଆଫ୍ରିକାରେ କରୋନା ଭାଇରସ୍‌ର ସେକେଣ୍ଡ ୱେଭ୍ ଦେଖିବାକୁ ମିଳିବାରୁ ଏହି ଦେଶ ବିପକ୍ଷ ଆୱେ ସିରିଜକୁ ଅଷ୍ଟ୍ରେଲିଆ ବାତିଲ କରିଛି। ଫଳରେ ନ୍ୟୁଜିଲାଣ୍ଡ ପ୍ରଥମ ଦଳ ଭାବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ଆପାତତଃ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଏହି ଦେଶ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିଥାନ୍ତା। ଅଷ୍ଟ୍ରେଲିଆର ନିଷ୍ପତ୍ତିରେ ଦକ୍ଷିଣ ଆଫ୍ରିକା ଅସନ୍ତୋଷ ପ୍ରକାଶ କରିଛି। ଏହି ନିଷ୍ପତ୍ତି ଦ୍ୱାରା ଦକ୍ଷିଣ ଆଫ୍ରିକା ଆର୍ଥିକ ସଙ୍କଟରେ ପଡ଼ିବ ବୋଲି ଦକ୍ଷିଣ ଆଫ୍ରିକା କ୍ରିକେଟର କାମଚଳା ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହକ୍‌ଲେ ପ୍ରକାଶ କରିଛନ୍ତି। ସମୟସୀମା ମଧ୍ୟରେ ଟେଷ୍ଟ ସିରିଜ ଖେଳି ସାରିବା ପରେ ଅନ୍ୟ କୌଣସି ଦଳ ନ୍ୟୁଜିଲାଣ୍ଡର ୭୦ ପ୍ରତିଶତ ପଏଣ୍ଟକୁ ଅତିକ୍ରମ କରିପାରିବ ନାହିଁ। ଶୁକ୍ରବାରଠାରୁ ଚେନ୍ନାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ସିରିଜ ଆରମ୍ଭ ହେବ। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ କେନ୍ ୱିଲିୟମସନଙ୍କ ଦଳ ବିପକ୍ଷରେ କେଉଁ ଦଳ ଖେଳିବ ତାହା ଏଥିରେ ନିରୂପିତ ହେବ। ବର୍ତ୍ତମାନ ଦେଖିଲେ ଭାରତ ସର୍ବାଧିକ ୭୧.୭ ପ୍ରତିଶତ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବାବେଳେ ନ୍ୟୁଜିଲାଣ୍ଡ ୭୦ପ୍ରତିଶତ ଏବଂ ଅଷ୍ଟ୍ରେଲିଆ ୬୯.୨ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟରେ ରହିଛନ୍ତି। ଇଂଲଣ୍ଡ ୬୫.୨ ପଏଣ୍ଟ ସହ ୪ର୍ଥ ସ୍ଥାନରେ ଅଛି। ଭାରତ ଯଦି ଅତିକମ୍‌ରେ ଇଂଲଣ୍ଡ ବିପକ୍ଷ ଦୁଇଟି ମ୍ୟାଚରେ ବିଜୟ ସହ ସିରିଜ ଜିତେ ତେବେ ଯୋଗ୍ୟତା ଅର୍ଜନ କରିବ। ଅନ୍ୟପକ୍ଷରେ ୩ଟି ମ୍ୟାଚ ଜିତି ସିରିଜ ବିଜୟୀ ହୋଇପାରିଲେ ଇଂଲଣ୍ଡ ପାଇଁ ସୁଯୋଗ ରହିବ। ଯଦି ଦୁଇ ଦଳ ମଧ୍ୟରେ ମ୍ୟାଚ ଡ୍ର' ରୁହେ ତେବେ ଅଷ୍ଟ୍ରେଲିଆ ପାଇଁ ସୁଯୋଗ ସୃଷ୍ଟି ହେବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଲର୍ଡ୍ସଠାରେ ଜୁନ୍ ୧୮ରୁ ହେବ। ପଏଣ୍ଟ ଭିତ୍ତିରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ଅଷ୍ଟ୍ରେଲିଆ ବର୍ତ୍ତମାନ ଭାରତ ଓ ନ୍ୟୁଜିଲାଣ୍ଡ ପଛକୁ ରହିଛି। ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥାନ୍ତା। ଆୟୋଜକ ଦେଶକୁ ଗୋଟିଏ ମ୍ୟାଚ ଜିତିବାକୁ ନ ଦେଇ ୨ଟିରେ ବିଜୟ ହାସଲ କରିପାରିଲେ ଅଷ୍ଟ୍ରେଲିଆ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରିଥାନ୍ତା।




# ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ଦେଇ ଇଷ୍ଟ ବେଙ୍ଗଲ କୋଚ୍ ଦଣ୍ଡିତ



ରୋବି ଫୋଲର

**କୋଲକାତା,୨।୨(ପି.ଟି.):** ଏବେ ବିଭିନ୍ନ ଭୁଲ କାରଣ ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଚର୍ଚ୍ଚାରେ ରହିଛି। ଇଷ୍ଟ ବେଙ୍ଗଲର ହାଇପ୍ରୋଫାଇଲ ଇଂଲଣ୍ଡ କୋଚ୍ ରୋବି ଫୋଲର ରେଫରିଙ୍କ ବିରୋଧରେ ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ଦେଇ ଦଣ୍ଡିତ ହୋଇଛନ୍ତି। ଶୃଙ୍ଖଳାଗତ କମିଟି ମଙ୍ଗଳବାର ତାଙ୍କୁ ୫ଟି ମ୍ୟାଚ୍‌ରୁ ବାସନ୍ଦ କରିଛି। ଏଥିସହ ତାଙ୍କ ଉପରେ ୬ ଲକ୍ଷ୍ୟ ଟଙ୍କାର ଜରିମାନା ମଧ୍ୟ ଧାର୍ଯ୍ୟ କରାଯାଇଛି।

ଜାନୁୟାରୀ ୨୯ରେ ଏଫ୍‌ସି ଗୋଆ ବିପକ୍ଷରେ ଇଷ୍ଟ ବେଙ୍ଗଲ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ଏଥିରେ ଫୋଲର ନୈରାଶ୍ୟ ଜାହିର କରିଥିଲେ। ସେ ରେଫରିଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହରି କରିଥିଲେ। ରେଫରି ଇଂଲିଶ ବିରୋଧୀ କିମ୍ବା ଇଷ୍ଟବେଙ୍ଗଲ ବିରୋଧି ହୋଇପାରିନ୍ତି ବୋଲି ସେ ମନ୍ତବ୍ୟ ଦେଇଥିଲେ। ଏହାକୁ ମ୍ୟାଚ୍ କମିଶନର ଗୁରୁତ୍ୱ ଦେଇ ଶୃଙ୍ଖଳାଗତ କମିଟିକୁ ଏ ନେଇ ଅବଗତ କରାଇଥିଲେ। ଏ ନେଇ ଶୁଣାଣୀ ହେବାପରେ କମିଟି ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ନେଇ ଫୋଲରଙ୍କୁ ଦଣ୍ଡିତ କରିଛି। ଫୋଲର ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଓ ତାଙ୍କୁ ଅତିକମ୍‌ରେ ୫ଟି ମ୍ୟାଚ୍‌ରୁ ବାସନ୍ଦ କରାଯିବା ସହ ୬ ଲକ୍ଷ୍ୟ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି ବୋଲି ଆଇଏସ୍ଏଲର ଜଣେ ଅଧିକାରୀ କହିଛନ୍ତି। ବର୍ଣ୍ଣବୈଷମ୍ୟ ମନ୍ତବ୍ୟ ଦେଇ ଲିଭରପୁଲର ଏହି ପୂର୍ବତନ ଖେଳାଳି ଫୋଲର ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ଆଚରଣବିଧୀର ୫୯.୧ (ଏ)ର ଉଲ୍ଲଂଘନ କରିଛନ୍ତି ବୋଲି କୁହାଯାଇଛି। ଲିଗ୍‌ର ଚଳିତ ସଂସ୍କରଣରେ ଫୋଲର ଏହାପୂର୍ବରୁ ଏକାଧିକବାର ରେଫରିଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରିଛନ୍ତି। ଲିଗ୍‌ରେ ଇଷ୍ଟବେଙ୍ଗଲ ୧୪ଟି ମ୍ୟାଚ୍ ଖେଳି ୨ ବିଜୟ, ୭ ଡ୍ର ଓ ୫ ପରାଜୟ ସହ ୧୩ ପଏଣ୍ଟ ପାଇ ତାଲିକାର ଦଶମ ସ୍ଥାନରେ ରହି ଓଡ଼ିଶା ଉପରେ ରହିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ

## ଜବତ ମାଓବାଦୀ ସାମଗ୍ରୀ ତାଲିକା ଦେଲା ପୋଲିସ

ଲାଠୋର,( ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଥାନା ବେଦ୍ଦେର ସଂରକ୍ଷଣ ଜଙ୍ଗଲରୁ ସୋମବାର ପୋଲିସ ଜବତ କରିଥିବା ମାଓବାଦୀ ସାମଗ୍ରୀର ତାଲିକା ମଙ୍ଗଳବାର ପ୍ରକାଶ କରିଛି। ଜବତ ସାମଗ୍ରୀ ମଧ୍ୟରେ ଏସବିଏଲଏଲ ୨ଟି ବନ୍ଧୁକ, ସୋଲାର ପ୍ୟାନେଲ ୩ଟି, ଦୁଇଟି ଟ୍ରାଞ୍ଜିଷ୍ଟର,ଗୋଟିଏ କାଲକୁଲେଟର, ୧୧ଟି ଜରିପାଲ, ୧୩ଟି ଜ୍ୟାକେଟ, ସାଧା ପୋଷାକ ୧୨ଯୋଡା ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ଆଦି ରହିଛି। ଏସ୍ପି ନୀତୀନ କୁଶଲକର ଲାଠୋର ପରିଦର୍ଶନରେ ଆସି ମାଓବାଦୀ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ବେଦ୍ଦେର ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରହିଛି।

## ସଂକ୍ଷେପରେ

### ମୁଖ୍ୟ ରାସ୍ତାରେ ଭାସୁଛି କେନାଲ ପାଣି

ବିନିକା, ୨।୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ହାଇସ୍କୁଲ ଛକ ରାସ୍ତାରେ ଭାସୁଛି କେନାଲ ପାଣି। ଏଥିଯୋଗୁ ପଥାଚାରୀଙ୍କ ସହ ଛାତ୍ରାଛାତ୍ର, ଛକରେ ଥିବା ଦୋକାନୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟରାସ୍ତା ତଳେ ଯାଇଥିବା କେନାଲ ପୋଲ ସଂଯୋଗ ପାଇପ୍ ନଷ୍ଟ ହୋଇ ଯାଇଥିବାରୁ ପାଣି ଅପଚୟ ହେଉଛି। ଅଞ୍ଚଳବାସୀ ଓ ଚାଷୀଙ୍କ ଅଭିଯୋଗ ପରେ ସିମେଣ୍ଟ ପାଇପ୍ର ମରାମତି ପିଡବ୍ଲୁଡି ବିଭାଗ କରିଥିଲା। ମାତ୍ର ମୁଖ୍ୟରାସ୍ତା ତଳେ ଥିବା ଦୁଇଟି ସିମେଣ୍ଟ ପାଇପ ଭଲ ଭାବରେ ଯୋଡା ଯାଇ ନ ଥିବାରୁ ପାଣି ଲିକ୍ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଅବିଳମ୍ବେ କେନାଲ ପାଇପ ମରାମତି କରିବାକୁ ଚାଷୀ ପରଦେଶୀ ନାଏକ, ଚକ୍ରଧର ସେଠୀ, କୁମର ଧରୁଆ, ଗୋବିନ୍ଦ ଖରସେଲ, ବ୍ୟବସାୟୀ ବିନୋଦ ଶର୍ମା, ଜୟନ୍ତ ସାହୁ ପ୍ରମୁଖ ଦାବି କରିଛନ୍ତି।

### ସିଦ୍ଧାର୍ଥ ଡିଗ୍ରୀ କଲେଜ ୟୁଥ୍ ରେଡ୍କ୍ରସର ପ୍ରଶିକ୍ଷଣ ଶିବିର

ବିନିକା,୨।୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ୟୁଥ ରେଡକ୍ରସ୍ ସୋସାଇଟି ପକ୍ଷରୁ କ୍ଲଷ୍ଟରସ୍ତରୀୟ ୟୁଥ ରେଡକ୍ରସ ବୈଷୟିକ ପ୍ରଶିକ୍ଷଣ ଓ ତାଲିମ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଉପଜିଲାପାଳ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍ଘାଟନ କରିଥିଲେ। ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକ। ସମ୍ମାନିତ ଅତିଥିଭାବେ ସିଦ୍ଧାର୍ଥ ମାଧମିକ ବିଦ୍ୟାଳୟ ଅଧକ୍ଷା ରେଖା ପଧାନ ଏବଂ ସୁବର୍ଣ୍ଣପୁର ୟୁଥ ରେଡକ୍ରସ ସୋସାଇଟିର ସହସଂଯୋଜକ ଉମାକାନ୍ତ ନାଗ ଉପସ୍ଥିତ ଥିଲେ । ଅତିଥି ପରିଚୟ କଲେଜ ୟୁଥ ରେଡକ୍ରସ ସୋସାଇଟି ମରାମର୍ଶଦାତା ବିଶ୍ୱନାଥ ମିଶ୍ର ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ୟୁଥ ରେଡକ୍ରସ ମହିଳା ପରାମର୍ଶଦାତା ବିଘ୍ନେଶ୍ୱରୀ ପୂଜାରୀ।

### ଜାତୀୟ ପତାକା ଅସମ୍ମାନ ଘଟଣାର ତଦନ୍ତ ଦାବି

ବଲାଙ୍ଗୀର ଅଫିସ, ୨।୨: ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଜାତୀୟ ପତାକାକୁ ଅସମ୍ମାନ ଘଟଣାର ଉଚିତ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବଲାଙ୍ଗୀର କେଶରିଆ ହିନ୍ଦୁବାହିନୀ। ଏହି ଉପଲକ୍ଷେ ଦେଶର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରାଯାଇଛି। ଆମ ଦେଶର ଚାଷୀମାନେ କଦାପି ଏଭଳି ଅସମ୍ମାନଜନକ ପଦକ୍ଷେପ ଗ୍ରହଣ କରିପାରିବେ ନାହିଁ। ଲାଲକିଲ୍ଲାଠାରେ ଗତ ୨୬ ତାରିଖ ଦିନ ଷଡଯନ୍ତ୍ର ରଚାଯାଇଥିଲା ଓ ଏହାର ଉଚିତ ତଦନ୍ତ କରାଯିବାକୁ ବାହିନୀ ଦାବି କରିଛି। ଏହି ଦାବିପତ୍ର ନେଇ କେଶରିଆ ହିନ୍ଦୁବାହିନୀ ରାଲିରେ ସହର ପରିକ୍ରମା କରିଥିଲା ।

### ଲୋଇସିଂହାରେ ଲୁଟେରା ସକ୍ରିୟ

ଲୋଇସିଂହା,୨।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଲୁଟେରାମାନେ ସକ୍ରିୟ ହୋଇ ଉଠିଛନ୍ତି। ସପ୍ତାହିକ ବଜାରକୁ ସେମାନେ ଟାର୍ଗେଟ କରିଛନ୍ତି। ଲୋଇସିଂହା ଥାନା ସେମେଲମୁଣ୍ଡା ଗାଁର ମୂରଲୀ ସାହୁ ମଙ୍ଗଳବାର ସ୍ଥାନୀୟ ଏସବିଆଇ ଶାଖାରେ ଥିବା ଆକାଉଣ୍ଟରୁ ୨୦ହଜାର ଟଙ୍କା ଉଠାଇ ନିଜ ବାଇକ (ନଂ.ଓଡି୩୧ଏଫ ୨୧୮୪) ଡିକିରେ ରଖିଥିଲେ। ସାପ୍ତାହିକ ବଜାରକୁ ଯାଇ ଫେରିଲା ବେଳକୁ ଡିକି ତାଡି ଟଙ୍କା ଦୁର୍ବୃତ୍ତ ଟଙ୍କା ନେଇଯାଇଥିବା ସେ ଦେଖିଥିଲେ। ମୂରଲୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହାପୂର୍ବରୁ ଗତ ମଙ୍ଗଳବାର ଉକ୍ତ ବଜାରର ବ୍ୟବସାୟୀ ସଦାନନ୍ଦ କରଙ୍କ ମୋବାଇଲ ଫୋନ ଚୋରି ହୋଇଯାଇଥିଲା । ସେହିପରି ଗୁଡୁଖିଲ ଶୁକ୍ରବାର ବଜାରରୁ ସାନଟିକାର ପରମେଶ୍ୱର ପଧାନ ଓ ଶନିବାର ଭାଲିଆମୁଣ୍ଡା ବଜାରରୁ ବାଦବାହାଲ ଗାଁର ମେଘୁ ନାଗଙ୍କ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି।

### ବ୍ୟାଙ୍କ ସିଲ୍ କଲା ପୌର ପରିଷଦ

ଟିଟିଲାଗଡ଼, ୨।୨(ଡି.ଏନ.ଏ ): ବଲାଙ୍ଗୀର ଜିଲାଟିଟିଲାଗଡ଼ ପୌର ପରିଷଦ ଟ୍ରାଫିକ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଆକ୍ସିସ ବ୍ୟାଙ୍କକୁ ସିଲ୍ କରିଛି। ଏହି ବ୍ୟାଙ୍କକୁ ଦୁଇ ମାସ ତଳେ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯାଇଥିଲା। କିନ୍ତୁ ଭଡା ଦେଇଥିବା ଘର ମାଲିକ କୌଣସି ପଦକ୍ଷେପ ନେଇ ନ ଥିବା ଯୋଗୁ ଏହି ବ୍ୟାଙ୍କକୁ ସିଲ୍ କରାଯାଇଛି ।

# ଗୋଟିଏ କେନ୍ଦ୍ରରେ ତିନିକେନ୍ଦ୍ରର ଶିଶୁ

**ଅଙ୍ଗନୱାଡି କୋଠା ନିର୍ମାଣ ପାଇଁ ପ୍ରଶାସନ ଦ୍ୱାରସ୍ଥ ଜନପ୍ରତିନିଧି**

ଦେଓଗାଁ, ୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠରେ ସମନ୍ୱିତ ଶିଶୁବିକାଶ ଯୋଜନା ଦିଗହରା ହୋଇଛି । କୋଠାନିର୍ମାଣ ନହେବାରୁ କୋମଳମତି ଶିଶୁମାନେ ସରକାରୀ ଯୋଜନାର ପ୍ରକୃତ ଲାଭରୁ ବଞ୍ଚିତ ରହୁଛନ୍ତି। ଏ ନେଇ ମଙ୍ଗଳବାର ଗୌରଗୋଠ ସରପଞ୍ଚ ପ୍ରତିମା ନନ୍ଦ, ବଡବାହାଲ ସରପଞ୍ଚ ଜୟ ରଣା, ମୟ ନନ୍ଦ, ପୁରନ୍ଦର ଭୋଇ ପ୍ରମୁଖ ବିଡିଓ ରୁଦ୍ରପ୍ରସାଦ ସୁନା ଓ ତହସିଲଦାର ନାରାୟଣ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । କୋଠା ନିର୍ମାଣ ପାଇଁ ପ୍ରକୃତ ସ୍ଥାନ ଚିହ୍ନଟ କରିବା ପାଇଁ ତହସିଲଦାରଙ୍କୁ ଅବଗତ କରିଥିଲେ। ଏଥିସହ ତୁରନ୍ତ


ଗୌରଗୋଠରେ ଅଙ୍ଗନୱାଡିକେନ୍ଦ୍ର କୋଠା ନିର୍ମାଣ ପାଇଁ ଜନପ୍ରତିନିଧି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

କୋଠା ନିର୍ମାଣ ଆରମ୍ଭ କରିବା ପାଇଁ ବିଡିଓ ସୁନାଙ୍କୁ ଜନପ୍ରତିନିଧିମାନେ ଦାବି କରିଛନ୍ତି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ୧ ତାରିଖଠାରୁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ପ୍ରିକ୍ଲାସ ଆରମ୍ଭ ହୋଇଛି। ଗୌରଗୋଠ ପଞ୍ଚାୟତ ମୁଖ୍ୟାଳୟରେ କ, ଖ, ଗ ଓ ଘ ଆଦି ୪ଟି କେନ୍ଦ୍ର ରହିଛି। କ ଓ ଗ କେନ୍ଦ୍ରର ନିଜସ୍ୱ କୋଠା ନାହିଁ । ଏଣୁ ମଙ୍ଗଳବାର ଖ କେନ୍ଦ୍ରରେ କ ଓ ଗ କେନ୍ଦ୍ରର ଶିଶୁମାନେ ଏକତ୍ରିତ ପଢୁଥିବା ନଜରକୁ ଆସିଛି । କ କେନ୍ଦ୍ରର ୩୫ଜଣ ଶିଶୁ, ଖ କେନ୍ଦ୍ରର ୨୫ ଜଣ ଓ ଗ କେନ୍ଦ୍ରର ୩୦ଜଣ କୋମଳମତି ଶିଶୁ ମାନେ ଏକାଠି ପ୍ରିକ୍ଲାସ କରୁଥିବାରୁ ସାମାଜିକ ଦ୍ୱରତ୍ୱ ପାଳନହୋଇପାରିବ ବୋଲି ଜନପ୍ରତିନିଧି ପ୍ରଶ୍ନ କରିଛନ୍ତି । ଏଣୁ ତୁରନ୍ତ କ ଓ ଗ କେନ୍ଦ୍ର ର କୋଠା ନିର୍ମାଣ ଦିଗରେ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜନପ୍ରତିନିଧି ତଥା ଅଭିଭାବକମାନେ ଦାବି କରିଛନ୍ତି ।

# ଭଙ୍ଗା ଘରେ ଦିନ କାଟୁଛନ୍ତି ୪ ପ୍ରାଣୀ କୁଟୁମ୍ବ


ମଞ୍ଜୁଲତାଙ୍କ ପରିବାରବର୍ଗ ।

- ଆବାସ ଯୋଜନା କାର୍ଯ୍ୟାଦେଶ ପାଇ ବି ଅଟକିଛି କାମ
- ଜିଲାପାଳଙ୍କ ଅଫିସ ଆଗରେ ଅନଶନ ଚେତାବନୀ ଦେଲେ ହିତାଧିକାରୀ

ବିନିକା, ୨।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ଅନ୍ତର୍ଗତ କୁଲିପଡାର ସୁରୁ ନାଏକ(୪୫)। ସ୍ତ୍ରୀ ମଞ୍ଜୁଲତା(୪୨), ଦୁଇ ପୁଅ ଟିଟୁ ଏବଂ ଲିଟୁଙ୍କୁ ନେଇ ତାଙ୍କ ପରିବାର। ଜମିବାଡି କିଛି ନାହିଁ । ଅନ୍ନପୂର୍ଣ୍ଣା ଯୋଜନାରେ ତାଙ୍କ ପରିବାରକୁ ମାସିକ ମିଳୁଛି ୩୫କେଜି ଚାଉଳ। ମୂଲ ଲାଗିଲେ ଚୁଲି ଜଳେ। ଅର୍ଥାଭାବରୁ ଭଙ୍ଗାଘରେ ଅତି ଦୟନୀୟ ଭାବେ ଦିନ କାଟୁଥିଲେ ହେଁ ସରକାରୀ ଯୋଜନାର ସୁଫଳ ପାଇବା ସାତସପନ ପାଲଟିଛି । ଆବାସ ଯୋଜନାରେ ଘର ପାଇବା ପାଇଁ ସୁରୁଙ୍କ ସ୍ତ୍ରୀ ମଞ୍ଜୁଲତା ଆବେଦନ କରିଥିଲେ । ୨୦୨୦ ଫେବୃୟାରୀ ୩ ତାରିଖ ଦିନ ଏନ୍ଏସି କାର୍ଯ୍ୟାଳୟ ସଭାଗୃହଠାରେ ଆୟୋଜିତ ଉତ୍ସବରେ ଏନ୍ଏସି ତରଫରୁ ୨୦୧୯-୨୦ ଆର୍ଥିକ ବର୍ଷରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଫଳରେ ମଞ୍ଜୁଲତାଙ୍କ ପରିବାରବର୍ଗ ଖତିୟାନ ନଂ-୯୦୯, ପ୍ଲଟ୍ ନଂ-୧୦୪୩, କିସମ-ପତିତରେ ରହୁଥିବା ଚାଳଛପର ଘରକୁ ଭାଙ୍ଗି କାମ ଆରମ୍ଭ କରିବା ପ୍ରକ୍ରିୟା ଆରମ୍ଭ କଲେ । ମାତ୍ର ପରବର୍ତ୍ତୀ ସମୟରେ ଏନ୍ଏସି କର୍ତ୍ତୃପକ୍ଷ ଦେଇଥିବା ସରକାରୀ କାର୍ଯ୍ୟାଦେଶକୁ ଅସ୍ୱୀକାର କରି ଆବାସ ଯୋଜନାରେ ଗୃହ ନିର୍ମାଣ କରିବାକୁ ବାରଣ କରିଥିଲେ। ସେମାନେ ରହୁଥିବା ସ୍ଥାନ ନିକଟରେ ଦୈନିକ ବଜାର ହେବାର ଯୋଜନା ଥିବା ଦର୍ଶାଇ ଏପରି ପଦକ୍ଷେପ ଲାଗି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିଲା। ମଞ୍ଜୁଲତା ନ୍ୟାୟ ପାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ଫଳରେ ପରିବାର ଲୋକେ ଭାଙ୍ଗି ଦେଇଥିବା ଘରକୁ ସଜାଡି ଏବେ ସେଠାରେ ୪ ପ୍ରାଣୀ କୁଟୁମ୍ବ ରହୁଛନ୍ତି। ଯଥାଶୀଘ୍ର ଉପଯୁକ୍ତ ସ୍ଥାନରେ ଆବାସ ଯୋଜନାରେ ଘର ଯୋଗାଇ ଦିଆ ନ ଗଲେ ଜିଲାପାଳଙ୍କ ଅଫିସ ଆଗରେ ଆମରଣ ଅନଶନ କରିବା ପାଇଁ ମଞ୍ଜୁଲତା ଚେତାବନୀ ଦେଇଛନ୍ତି ।

### ରାମାୟଣ ପାରାୟଣ

ତରଭା, ୨।୨(ଡି.ଏନ.ଏ.)

ତରଭା ଏନଏସି ଅନ୍ତର୍ଗତ ୱାର୍ଡ ନଂ ୧୧ ଓ ୧୨ ଅନ୍ତର୍ଭରେ ତୁଳସୀ ରାମାୟଣ ପାରାୟଣ ଆରମ୍ଭ ହୋଇଛି। ବ୍ୟାସ ଭାବେ ସାନ୍ତନୁ ତ୍ରିପାଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରଥମ ଦିନରେ ରାମାୟଣର ଆଦ୍ୟକାଣ୍ଡ ପାରାୟଣ ସହ ରାମଜନ୍ମ କଥାମୃତ ପାରାୟଣ କରାଯାଇଥିଲା। ସନ୍ଧ୍ୟାରେ ରାମାୟଣ ଉପରେ ଆଧାରିତ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ପ୍ରବଚକ ଭାବେ ମାନସ ମର୍ମଜ୍ଞ ପଙ୍କଜ କୁମାର ସାହୁ ଯୋଗଦେଇଥିଲେ। ଏଥିପୂର୍ବରୁ ସୋମବାର ସନ୍ଧ୍ୟାରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ।

### ୨ ବାଲ୍ୟ ବିବାହ ବନ୍ଦ କଲା ଶିଶୁ ସୁରକ୍ଷା ୟୁନିଟ

ଉଲୁଣ୍ଡା, ୨।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ହୁଡ ଗ୍ରାମରେ ହେବାକୁ ଥିବା ଦୁଇଟି ବାଲ୍ୟ ବିବାହକୁ ଶିଶୁ ସୁରକ୍ଷା ୟୁନିଟ ମଙ୍ଗଳବାର ବନ୍ଦ କରିଛି। ଗାଁର ଜଣେ ନାବାଳିକାଙ୍କ ଚଳିତ ମାସ ୧୭ ତାରିଖରେ ଓ ଅନ୍ୟ ନାନାଳିକାଙ୍କର ବିବାହ ଏପ୍ରିଲ ମାସରେ ହେବାକୁ ସ୍ଥିର ହୋଇଥିଲା। ଏହି ଜଣା ପଡିବା ପରେ ଶିଶୁ ସୁରକ୍ଷା ୟୁନିଟର ସୁବଳ ଗାଇଗରିଆ, ସିଡିପିଓ ମାଧୁରୀ ହୋତା, ସୁପରଭାଇଜର କନକଲତା ନେପାକଙ୍କ ସମେତ ଉଲୁଣ୍ଡା ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ପରିବାର ସହିତ ଆଲୋଚନା କରିଥିଲେ। ସେଠାରେ ବାଲ୍ୟ ବିବାହର କୁପରିଣିତି ବିଷୟରେ ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଉଭୟ ପରିବାରଠୁ ଏକ ଚୁକ୍ତିନାମା ନେଇ ବିବାହ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ଉଲ୍ଲଂଘନ କଲେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଯାତ୍ରୀବାହୀ ବସ୍କୁ ଫି ଛାଡ଼ ଦାବି

**ଭଇଁଷାପାଲି ଟୋଲ ଗେଟ**

ବଲାଙ୍ଗୀର ଅଫିସ, ୨।୨

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଭଇଁଷାପାଲି ନିକଟରେ ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ ପକ୍ଷରୁ ଏକ ଟୋଲ ଗେଟ ସ୍ଥାପନ କରାଯାଇଛି । ଅତିଶୀଘ୍ର ଏହି ଟୋଲ୍ ଗେଟରେ ବିଭିନ୍ନ ପ୍ରକାର ଯାନବାହାନ ଠାରୁ ଫି' ଆଦାୟ କରାଯିବ। ଏଡା ଜଣାପଡିବା ପରେ ବଲାଙ୍ଗୀର ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜିଲାରେ ପଞ୍ଜୀକରଣ କରାଯାଇଥିବା ଓଆର/ଓଡି-୦୩ ନମ୍ବର ଧାରୀ ଯାତ୍ରୀବାହୀ ବସ୍ଗୁଡିକୁ ଫି ଛାଡ୍ କରାଯିବା ପାଇଁ ଜିଲାପାଳଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ରରେ କୁହାଯାଇଛି ଯେ, ବଲାଙ୍ଗୀର-ସୋନପୁର ରାସ୍ତାରେ ପ୍ରତି ୧୫ ମିନିଟରେ ବଲାଙ୍ଗୀର ସଂଘର ଅଧିକାଂଶ ବସ୍ ଯାତାୟତ କରିଥାଏ । ବସଗୁଡିକ ଦୈନିକ ସର୍ବନିମ୍ନ ୨ରୁ ୬ ଥର ଏହି ରାଜପଥରେ ଯିବା ଅସିବା କରିଥାଏ । ବସ ଗୁଡିକ ସମସ୍ତ ପ୍ରକାର ଟ୍ୟାକ୍ସ ଦେଉଥିବାରୁ ପୁଣି ଏକ ଟୋଲ ଗେଟ୍ ଫି ଦେବା ସମ୍ଭବପର ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟର ଅନ୍ୟ ଜିଲାଗୁଡିକ ଭଳି କେବିକେ ଅଞ୍ଚଳରେ ଯାତ୍ରୀ ପରିବହନ ଏକ ଲାଭଜନକ ବ୍ୟବସାୟ ନୁହେଁ। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲା ଉଭୟ କେବିକେ ଜିଲା ଅନ୍ତର୍ଗତ ହୋଇଥିବାରୁ ଏହି ଅଞ୍ଚଳରେ ଟୋଲ ଗେଟ୍ ଫି ଛାଡ୍ କରାଯାଉ ବୋଲି ସଂଘ ଦାବି କରିଛି। ବରଗଡ ସ୍ଥିତ ଜାତୀୟ ରାଜପଥ ଟୋଲ ଗେଟରେ ବରଗଡ ଜିଲା ପଞ୍ଜୀକୃତ ଯାନବାହାନ ଓଆର/ଓଡି-୧୭ ନମ୍ବର ଧାରୀ ସମସ୍ତ ଯାନବାହାନକୁ ଟୋଲ ଫି ଛାଡ କରାଯାଇଛି । ଠିକ୍ ସେହିଭଳି ଏଠାରେ ମଧ ଫି ଛାଡ କରାଯାଉ ବୋଲି ଦାବି କରାଯାଇଛି।

### ତହସିଲ ଅଫିସ ଘେରିଲା ଚିଟ୍ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ସଂଘ

ବେଲପଡା, ୨।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅଞ୍ଚଳରେ ବହୁ ଲୋକ ଚିଟ୍ଫଣ୍ଡ ସଂସ୍ଥାଦ୍ୱାରା ଠକାମିର ଶିକାର ହୋଇଛନ୍ତି। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଛି କ୍ଷତିଗ୍ରସ୍ତ ମିଳିତ ମଞ୍ଚ। ମଞ୍ଚ ଆବାହକ ବନମାଳୀ ନାଏକଙ୍କ ନେତୃତ୍ୱରେ ମଙ୍ଗଳବାର ବେଲପଡା ତହସିଲ ଅଫିସ ଘେରାଯାଇଥିଲା। କ୍ଷତିଗ୍ରସ୍ତ ଜମାକାରୀମାନେ ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ସହର ପରିକ୍ରମା କରି ତହସିଲ ଅଫିସ ନିକଟରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜମାକାରୀ ମିଳିତ ମଞ୍ଚ କର୍ମକର୍ତ୍ତା ବନମାଳୀ ନାଏକ, ଅଚ୍ୟୁତ ସିପୁନ ଖମାରୀ, ଗିରି ଭୋଇ ବକ୍ତବ୍ୟ ରଖିଥିଲେ। ଚିଟ୍ଫଣ୍ଡ ସଂସ୍ଥା ପିଆଇସିଏଲ, କେଏମଜି, ଲୋକିତ ଭାରତି, ସାଇପ୍ରକାଶ ପ୍ରଭୃତି ଚିଟ୍ଫଣ୍ଡ ସଂସ୍ଥାଦ୍ୱାରା ଲୋକେ ଠକାମିର ଶିକାର ହୋଇଥିବା ଜଣାପଡିବା ପରେ ପ୍ରଶାସନ ବିଭିନ୍ନ ଅଫିସ୍ ସିଲ୍ କରିଥିଲା। ସୁପ୍ରିମ କୋର୍ଟ ମଧ୍ୟ ଜମାକାରୀଙ୍କ ଟଙ୍କା ଫେରାଇବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା। ହେଲେ ସରକାର ଜମାକାରୀଙ୍କ ପ୍ରତିଦୃଷ୍ଟି ଦେଲେନାହିଁ ବୋଲି ଅଭିଯୋଗ କରାଯାଇଥିଲା। ପରେ ଜମାକାରୀ ମଞ୍ଚ ତରଫ ରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ତହସିଲଦାର ମନବୋଧ କୁମାର ନାଏକଙ୍କୁ ପ୍ରଦାନ କରାଯାଇଥିଲା।

# ସ୍କୁଲ ବନ୍ଦ ନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

ଅମରପାଲି, ୨।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ (କୋଲପଡା) ସରକାରୀ ପ୍ରାଥମିକ ସ୍କୁଲକୁ ବନ୍ଦ ନକରିବା ପାଇଁ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋଲପଡାରେ ୨୦୦୧ରେ ପ୍ରତିଷ୍ଠା ଲାଭ କରିଥିବା ଏହି ସ୍କୁଲକୁ ଏବେ କମ୍ ପିଲା ଦର୍ଶାଇ ବନ୍ଦ କରାଯାଇଛି। ଏଠାକାର ପିଲାଙ୍କୁ ଭାଲୁଡୁଙ୍ଗୁରୀ ସ୍କୁଲରେ ପଢ଼ିବା ପାଇଁ କୁହାଯାଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଉକ୍ତ ସ୍କୁଲରେ ଗତବର୍ଷ ୧୨ ଜଣ ଛାତ୍ରୀଛାତ୍ର ଥିଲେ। ମାତ୍ର ଉକ୍ତ ଗ୍ରାମରେ ଏବେ ୨୫ରୁ ଅଧିକ ପିଲା ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କୋଲପଡାରୁ ଭାଲୁଡୁଙ୍ଗୁରୀ ପ୍ରାୟ ୩ କିମି ଦୂର ହୋଇଥିବା ବେଳେ ଛୋଟ ପିଲାମାନେ ଜଙ୍ଗଲ ବାଟ ଦେଇ ଭାଲୁଡୁଙ୍ଗୁରୀ ସ୍କୁଲକୁ ଯିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥି ସହିତ ଉକ୍ତ ସ୍କୁଲକୁ



ପ୍ରାଥମିକ ସ୍କୁଲ ବନ୍ଦ ନ କରିବା ପାଇଁ ସ୍କୁଲ ଆଗରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ।

ଯିବାକୁ ହେଲେ ଦୁଇଟି ନାଳ ପଡୁଛି। ତେଣୁ ଅଭିଭାବକ ତାଙ୍କ ପିଲାଙ୍କୁ ସେଠାକୁ ଛାଡିବାକୁ ନାରାଜ। ଯଦି ଏଠାରୁ ସ୍କୁଲ ଉଠି ଯିବ ତେବେ ସମସ୍ତ ଆଦିବାସୀ ପିଲା ଶିକ୍ଷାଦାନରୁ ବଞ୍ଚିତ ରହିବେ। ଏଣୁ ଗ୍ରାମର ଅର୍ଜୁନ ମୁଣ୍ଡା, ପୁରନ୍ଦର ମୁଣ୍ଡା, ମହେଶ୍ୱର ମୁଣ୍ଡା, ଯଜ୍ଞ ମୁଣ୍ଡା, ରାଧାକାନ୍ତ ମୁଣ୍ଡା, ସୁଶିଲ ମୁଣ୍ଡା, ପ୍ରହଲ୍ଲାଦ ମୁଣ୍ଡା ସମେତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପରେ ଗ୍ରାମର ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ସ୍କୁଲ ଆଗରେ ଏକ ସଭା କରି ବନ୍ଦ ଆଦେଶ ପ୍ରତ୍ୟାହାର କରିବା ପାଇଁ ପରବର୍ତ୍ତୀ ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି।

## ଖେଳ ଖବର


ଟ୍ରଫି ସହ ଚାମ୍ପିୟନ ଲୁଡୁରପଙ୍କ ଦଳ।

### ଦାଦରପାଲି କ୍ରିକେଟ: ଲୁଡୁରପଙ୍କ ଚାମ୍ପିୟନ

ଅମରପାଲି, ୨।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନଟେଁଳା ପଞ୍ଚାୟତ ଅନ୍ତର୍ଗତ ଦାଦରପାଲିରେ ଚାଲିଥିବା ଦାଦରପାଲି କ୍ରିକେଟ କପ୍ ଜିତିଛି ଲୁଡୁରପଙ୍କ। ତିନୋଟି ଫର୍ମାଟରେ ଫାଇନାଲ ଖେଳ ହୋଇଥିଲା। ପ୍ରଥମ ଫର୍ମାଟରେ ଦେଉଲି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ଲୁଡୁରପଙ୍କ ୧୨ ଓଭରରେ ୭ ଉଇକେଟ ହରାଇ ୮୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଦେଉଲି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୪୩ ରନ କରିଥିଲା। ଲୁଡୁରପଙ୍କ ଆବଶ୍ୟକ ୪୪ ରନକୁ ୬ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିତିବାରୁ ସୁପର-୩ ଓଭର ଖେଳାଯାଇଥିଲା। ଏଥିରେ ଦେଉଲି ୧୩ ରନ କରିଥିବା ବେଳେ ଲୁଡୁରପଙ୍କ ୧୪ ରନ କରି ବିଜୟୀ ହୋଇଥିଲା। ଫଳରେ ଲୁଡୁରପଙ୍କ ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାବିତ୍ ପବିତ୍ର ପର୍ଡିଆ ଓ ସନତ ମହାକୁର ଅତିଥିଭାବେ ଯୋଗଦେଇ ଦେଉଲିର ସିଦ୍ଧାନ୍ତ ମିଶ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ, ଲୁଡୁରପଙ୍କର ସନାତନ ମହାକୁରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଏବଂ ଚାମ୍ପିୟନ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

### ଉଲୁଣ୍ଡା କପ୍ କ୍ରିକେଟ: ଖଲିଆପାଲି ସେମିରେ

ଉଲୁଣ୍ଡା, ୨।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ୨୮ତମ ଉଲୁଣ୍ଡା କପ୍ କ୍ରିକେଟ ମଙ୍ଗଳବାର ଉଦ୍ଘାଟିତ ହୋଇଛି। ଅତିଥିଭାବେ ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା, ଉଲୁଣ୍ଡା ସରପଞ୍ଚ ସନ୍ତୋଷିନୀ ଭୋଇ, ବିଶିପଡା ସରପଞ୍ଚ ପିଙ୍କି ବିଶି, ମୁଣ୍ଡୋଘାଟ ସରପଞ୍ଚ ରଞ୍ଜିତା ଭୋଇ, ଚଢ଼େଇ ପଙ୍କ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚରେ ହରିଣାପାଲି ଦଳ ସମ୍ବଲପୁରକୁ ୧୦ ଉଇକେଟରେ ପରାସ୍ତ କରିଥିଲା। ଦ୍ୱିତୀୟ ଖେଳରେ ଖଲିଆପାଲି ଡାହାଣିପାଲିକୁ ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ହରିଣାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୨ରନ ସଂଗ୍ରହ କରିଥିଲା। ଖଲିଆପାଲି ୬ ଉଇକେଟ ବିନିମୟରେ ୭୪ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।



ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

ଖେଳ ସବୁକୁ ସୁଶାନ୍ତ ସେଠ, ଦିନେଶ ଘିବିଲା, ସୁରେନ୍ଦ୍ର ତରିଆ ଓ ଆର୍ତ୍ତତ୍ରାଣ ପଣ୍ଡା ପରିଚାଳନା କରିଥିଲେ। ବନମାଳୀ ପଧାନ ସ୍କୋରିଂ କରିଥିବା ବେଳେ ପାର୍ଥସାରଥି ଦାସ ଧାରାବିବରଣୀ ପ୍ରଦାନ କରିଥିଲେ। ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଅତିଥି ଭାବେ ଯୋଗଦେଇ ରାଜକୁମାର କଲତା, ପ୍ରଶାନ୍ତ ମଲିକ ଓ ମାନସ ପଟ୍ଟନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

### ଜୁଡୋ ଆଣ୍ଡ କରାଟେ ସ୍କୁଲର ସଫଳତା


ବିଭିନ୍ନ ଗ୍ରେଡର ବେଲ୍ଟ ପାଇଥିବା କୃତୀ ପ୍ରତିଯୋଗୀ।

ସୋନପୁର,୨।୨(ନି.ପ୍ର.)

ବୌଦ୍ଧର ଆର୍ଟସ ଟେମ୍ପୁଲ କରାଟେ ଆସୋସିଏଶନ ପକ୍ଷରୁ ରାମଲୀଲା ପଡିଆଠାରେ ଦିନିକିଆ ବେଲ୍ଟ ଗ୍ରେଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ୯ଜଣ ଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ଗ୍ରେଡ୍ର ବେଲ୍ଟ ହାସଲ କରିଛନ୍ତି। ସ୍କୁଲର କୋଚ୍ ସୁରଜ ପୂଝାରୀଙ୍କ ନେତୃତ୍ୱରେ ଛାତ୍ର ତୁଷାର ପାତ୍ର, ଉଦୟନ ମିଶ୍ର, ନିମାଇଁ ମହାକଡ, ରଘୁନାଥ ହୋତା, ଆର୍ଯ୍ୟମାନ ମହାପାତ୍ର ଓ ରାଧେଶ୍ୟାମ ସୁନା ୟେଲୋ ବେଲ୍ଟ ହାସଲ କରିଛନ୍ତି। ସେହିପରି ନୀଳାଦ୍ରି ଚନ୍ଦ୍ର ପାତ୍ର ଓରେଞ୍ଜ ବେଲ୍ଟ, ଶ୍ରୀକାନ୍ତ ଖଣ୍ଡଗିରି ବ୍ଲୁ ବେଲ୍ଟ, ଅଜିତ ଗିରି ଗ୍ରୀନ୍ ବେଲ୍ଟ ହାସଲ କରିଛନ୍ତି। କାନସିନ କାଇ କରାଟେର ମୁଖ୍ୟ ଜ୍ଞାନ ରଞ୍ଜନ ମହାନ୍ତି, ଉପଦେଷ୍ଟା ମୃତ୍ୟୁଞ୍ଜୟ ମିଶ୍ର ଓ ଜ୍ଞାନ ରଞ୍ଜନ ମହାନ୍ତି କୃତି ପ୍ରତିଯୋଗୀଙ୍କୁ ବେଲ୍ଟ ପ୍ରଦାନ କରିଥିଲେ। ସ୍କୁଲ ସଭାପତି ସୁକାନ୍ତ କୁମାର ସାହୁ କୃତୀ ଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

### ମାରୱାଡି ଯୁବାମଞ୍ଚ ପକ୍ଷରୁ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ବ୍ୟାଡମିଣ୍ଟନ୍ ଖେଳାଳି ।

ବଲାଙ୍ଗୀର ଅଫିସ, ୨।୨

ମାରୱାଡି ଯୁବାମଞ୍ଚ ପକ୍ଷରୁ ବଲାଙ୍ଗୀର ଶୈଲେଶ ଜୈନ୍ କୋର୍ଟରେ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ସିଙ୍ଗଲସ୍ରେ ୪୦ ପ୍ରତିଯୋଗୀ ଓ ଡବଲସ୍ ବିଭାଗରେ ୧୨ଟି ଦଳ ଅଂଶଗ୍ରହଣ କରିଥଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବ୍ୟାଡମିଣ୍ଟନ୍ ଆସୋସିଏଶନ୍ ସଚିବ ସୁରୁଲାଲ ମଟାରୀ ଯୋଗଦାନ କରିଥିଲେ । ମାରୱାଡି ଯୁବାମଞ୍ଚ ସଭାପତି ଅମିତ ଚୌଧୁରୀ, ସମ୍ପାଦକ ଭିଲେଶ ଜୈନ, ମାରୱାଡି ସମୃଦ୍ଧି ଶାଖା ସଭାପତି ପୂଜା ଅଗ୍ରୱାଲ, କୋଷାଧକ୍ଷ ସୀମା ଜୈନ୍, ମାରୱାଡି ପଞ୍ଚାୟତ ଅଧକ୍ଷ ପ୍ରକାଶ ଅଗ୍ରୱାଲ, ମାରୱାଡି ମହିଳା ସମିତି ଅଧକ୍ଷ ନିରୁ ଅଗ୍ରୱାଲ ଉପସ୍ଥିତ ଥିଲେ । ରେଫରୀ ଭାବେ ସିଦ୍ଧାର୍ଥ ମିଶ୍ର, ପବିତ୍ର ବେହେରା, ରାଜକିଶୋର ଶତପଥୀ, ଜିତେନ୍ଦ୍ର ମ୍ୟାଚ୍ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟର କୃତି ଖେଳାଳି ଦୃଷ୍ଟି ଗୋୟଲ, ଜ୍ୟୋତି ଅଗ୍ରୱାଲ, ଦିବ୍ୟମ୍ କେଜ୍ରିୱାଲ, ଜେଏସ୍ ଅଗ୍ରୱାଲ, ଦେବ କେଜ୍ରିୱାଲ, ଋଷଭ ଜୈନ୍, ଆଶୁତୋଷ ଅଗ୍ରୱାଲଙ୍କୁ ପୁରସ୍କୃତ କରାଯାଇଥିଲା ।

## ୪୦ ମହିଳାଙ୍କୁ ସ୍ମାର୍ଟଫୋନ ବଣ୍ଟନ

**ମୁରିବାହାଲ,(ଡି.ଏନ.ଏ.):** ମୁରିବାହାଲ ବ୍ଲକର ଲେବେଡା ଓ ଟୁପାଉଡାର ପଞ୍ଚାୟତରେ ମଙ୍ଗଳବାର ସାମାଜିକ ସଂଗଠନ ନିଧି ପକ୍ଷରୁ ଗରିବ ମହିଳାମାନଙ୍କୁ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି। ମୁଖ୍ୟଅତିଥିଭାବେ ବିଡିଓ ପ୍ରିୟରଞ୍ଜନ କୁମାର, ସମ୍ମାନୀତ ଅତିଥି ବିପିଏମ ଜୀବିକା ମିଶନ ଗୋପାଳ ଦୀପ, ପ୍ରାଣୀଧନ ନିରୀକ୍ଷକ ବୀରେନ୍ଦ୍ର କୁମାର ଷଡଙ୍ଗୀ, ଲେବେଡା ସରପଞ୍ଚ ହେମସାଗର ସାହୁ, ପିଇଓ ସୀତାକାନ୍ତ ବେହେରା, ନିଧି ଡାଇରେକ୍ଟର ପ୍ରଶାନ୍ତ ମୁଦୁଲି, ଏମପାୱାର୍ଡ ମ୍ୟାନେଜର ଶାଶ୍ୱତୀ ପଟ୍ଟନାୟକ ମଞ୍ଚାସୀନ ହୋଇଥିଲେ। ୪୦ ଜଣ ଗରିବ ପରିବାରକୁ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି ।

## ସଂକ୍ଷେପରେ

### ଅତାବିରା ଏନ୍ଏସିରେ ଭତ୍ତା ବଣ୍ଟନ

**ଜାମଟିକ୍ରା, ୨।୨ (ଡି.ଏନ.ଏ):** ଅତାବିରା ଏନଏସିରେ ମଙ୍ଗଳବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମୁଦାୟ ୫୪ ଜଣଙ୍କୁ ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା ବଣ୍ଟନ କରାଯାଇଥିଲା। ସେହିପରି ୨୦ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା। ଅତାବିରା ଏନ୍ଏସି ଇଓ ସୌର୍ଯ୍ୟରଞ୍ଜନ ମିଶ୍ର, ଚେୟାରମ୍ୟାନ ଦୀପାଞ୍ଜଳି ଭୋଇସାଗର, ଭାଇସ ଚେୟାରମ୍ୟାନ ଜ୍ୟୋତିର୍ମୟୀ ଦାଶ ଉପସ୍ଥିତ ଥିଲେ ।

### ପୂର୍ବତନ ଗ୍ରାମ୍ୟ ଶିକ୍ଷା କମିଟି ସଭାପତିଙ୍କ ପରଲୋକ

**ବରଗଡ଼ ଅଫିସ,୨।୨:** ବରଗଡ ଜିଲା



ଅତାବିରା ବ୍ଲକ ଅନ୍ତର୍ଗତ ରଙ୍ଗିଆଟିକ୍ରା ପ୍ରାଥମିକ ବିଦ୍ୟାଳୟ ଗ୍ରାମ୍ୟ ଶିକ୍ଷା କମିଟିର ପୂର୍ବତନ ସଭାପତି ମୋହନଲାଲ ମହାକୁରଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୬୦ ବର୍ଷ ହୋଇଥିଲା। ସ୍ୱର୍ଗତ ମହାକୁର ଗତ ପ୍ରାୟ ଦେଢ ବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ପରେ ଶଯ୍ୟାଶାୟୀ ଥିଲେ। ଗତ କିଛିଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲାର ଭିମ୍ସାରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର କୋଭିଡ ରିପୋର୍ଟ ପଜିଟିଭ ଆସିଥିଲା ଏବଂ ପରେ ତାଙ୍କୁ ବୁର୍ଲା କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମଙ୍ଗଳବାର ସମ୍ବଲପୁର ରାଜଘାଟରେ ସ୍ୱର୍ଗତ ମହାକୁରଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ବିଭୀଷଣ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାକୁର ଦୁଲମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରାକାର ମହାକୁରଙ୍କ ବାପା ଅଟନ୍ତି। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଲଖମରା ମଣ୍ଡି ପରିଦର୍ଶନ କଲେ ସିଏସ୍ଓ

**ପଦ୍ମପୁର,୨।୨(ଡି.ଏନ.ଏ):** ଧାନ ସମ୍ପର୍କିତ ଅନିୟମିତତା ଯାଞ୍ଚ ପାଇଁ ବରଗଡ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଉପଖଣ୍ଡ ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରିପାଲ ମଙ୍ଗଳବାର ପଦ୍ମପୁର ଉପକଣ୍ଠ ଲଖମରା ମଣ୍ଡି ପରିଦର୍ଶନ କରିଛନ୍ତି। ଏହି ସମୟରେ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ସୁଶାନ୍ତ ସାହୁ, ନରୋତ୍ତମ ହୋତା, ନେତ୍ରାନନ୍ଦ ବେହେରା ପ୍ରମୁଖ ଚାଷୀ ମଣ୍ଡିରୁ ଧାନ ଉଠାଇବା ଓ ଲାପ୍ସ ହୋଇଥିବା ଟୋକନରେ ଧାନ କିଣିବାକୁ ଯୋଗାଣ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ମଣ୍ଡିରେ ଧାନକିଣା ଅବ୍ୟବସ୍ଥାକୁ ନେଇ ସୋମବାର ବରଗଡ଼ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ ଅନଶନରେ ବସିଥିଲେ। ତେବେ ଏହି ସମସ୍ୟାର ଶୀଘ୍ର ସମାଧାନ ହେବା ନେଇ ପ୍ରତିଶ୍ରୁତି ଦେବା ପରେ ସେ ଅନଶନ ପ୍ରତ୍ୟାହାର କରିଥିଲେ।

### ଗୋଷ୍ଠୀସ୍ତରୀୟ ଯୁବ ରେଡକ୍ରସ ଶିବିର

**ଭବାନୀପାଟଣା, ୨।୨ (ଡି.ଏନ.ଏ.)** ଭବାନୀପାଟଣା ସହର ନିକଟବର୍ତ୍ତୀ ରାଇସିଙ୍ଗପୁର ପ୍ରଗତି କଲେଜରେ ଯୁବ ରେଡକ୍ରସ ଦ୍ୱାରା ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଗୋଷ୍ଠୀସ୍ତରୀୟ ଅଧ୍ୟୟନ ଓ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା, ଏଡିଏମ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ ଜିଲା ରେଡକ୍ରସ ସଭାପତି ସଞ୍ଜୀବ କୁମାର ସାହୁ, ମୁଖ୍ୟବକ୍ତା ହଳଧର ସାହୁ ଯୋଗଦାନ କରିଥିବା ବେଳେ ସରୋଜ କୁମାର ପଣ୍ଡା, ଡଃ ଜୟନ୍ତୀବାଳା ନାଏକ ଓ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ତାଲିମ କାର୍ଯ୍ୟକ୍ରମ ପ୍ରଥମ ଅଧିବେଶନରେ ଜିଲା ଯୁବ ରେଡକ୍ରସ ସଂଯୋଜକ ଶାନ୍ତନୁ କୁମାର ପରିଡା ରେଡକ୍ରସର ମୌଳିକ ନିୟମ ସହ ଏହାର ଐତିହାସିକ ବିକାଶ ଦିଗରେ ଆଲୋଚନା କରିଥିଲେ। କଳାହାଣ୍ଡି ଆରଟିଓ ସଡକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ପ୍ରତିଶ୍ରୁତି ପରେ ବି ଉଠିଲାନି ଧାନ

**ଜୁନାଗଡ଼, ୨।୨ (ଡି.ଏନ.ଏ.)**

**ଚିଟୈଗୁଡା ମଣ୍ଡି**
- ଟୋକନ ଅବଧି ଶେଷ ହେଲା
- ଧାନ ବିକ୍ରି କରି ନ ପାରି ରୋଗଗ୍ରସ୍ତ ଚାଷୀ ହନ୍ତସନ୍ତ

ଆଜି ଧାନ ଉଠିବ, କାଲି ଉଠିବ ପ୍ରତିଶ୍ରୁତି ଦେଇ ଦେଇ ଶେଷରେ ଜଣେ ରୋଗାଗ୍ରସ୍ତ ଚାଷୀଙ୍କ ମାସେ ପର୍ଯ୍ୟନ୍ତ ଧାନ ଉଠି ନ ପାରି ଟୋକନ ଅବଧି ଶେଷ ହୋଇଯାଇଛି। ଏହାକୁ ନେଇ ରୋଗାଗ୍ରସ୍ତ ଚାଷୀ ଜଣକ ମଣ୍ଡିରେ ଏବେ କିପରି ଧାନ ବିକ୍ରି କରିବେ ସେହି ଚିନ୍ତାରେ ଦୁଃଖରେ ଭାଙ୍ଗିପଡିଛନ୍ତି। ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ମଣ୍ଡିରେ। ଏହି ମଣ୍ଡିରେ ଗତ ଡିସେମ୍ବର ୨୬ ତାରିଖରେ ଯମୁନାବାହାଲ ଗ୍ରାମର ନାରାୟଣ ପୂଝାରୀ (୬୫) ନାମକ ଜଣେ ରୋଗଗ୍ରସ୍ତ ଚାଷୀ ଶହେ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ପାଇଥିଲେ। ଯଥାସମୟରେ ଧାନକୁ ମଣ୍ଡିରେ ଆଣି



ବୃଦ୍ଧ ନାରାୟଣ ମଣ୍ଡିରେ ନିଜ ଧାନ ସମ୍ମୁଖରେ ଜଗିବସିଛନ୍ତି।

ବିକ୍ରି କରିବା ପାଇଁ ରଖିଥିଲେ। ତେବେ ଧାନ କ୍ରୟ ଅଧିକାରୀ ଆଜି ଉଠିବ, କାଲି ଉଠିବ ପ୍ରତିଶ୍ରୁତି ଦେଇ ଦେଇ ଦିନ ଗଡେଇ ଚାଲିଲେ। ଦେହ ଭଲ ନ ଥିବା କହି ବାରମ୍ବାର ଧାନ କ୍ରୟ ଅଧିକାରଙ୍କୁ ନାରାୟଣ ଜଣାଇଥିଲେ ମଧ କିଛି ଶୁଣି ନ ଥିଲେ। ଶେଷରେ ମାସେ ପରେ ଅର୍ଥାତ୍ ଜାନୁୟାରୀ ୨୬ ତାରିଖରେ ନାରାୟଣଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ବୃଦ୍ଧ ନାରାୟଣଙ୍କୁ ରକ୍ତଚାପ (ବିପି), ମଧୁମେହ (ସୁଗର) ଓ ବାତ ଅଛି। ଏଥିପାଇଁ ସେ ବିଶାଖପାଟାନାମ ଡାକ୍ତରଖାନାର ଔଷଧ ଆଣି ଖାଉଛନ୍ତି। ଏବେ ଟୋକନ କଟିଯାଇଥିବାରୁ କେବେ ଧାନ ବିକ୍ରି କରିବି ସେ ନେଇ ଦୁଃଖରେ ଭାଙ୍ଗିପଡିଛନ୍ତି। ଏ ନେଇ ଚିଟୈଗୁଡା ଧାନ କ୍ରୟ ଅଧିକାରୀଙ୍କୁ ପଚାରିବାରୁ ଟାର୍ଗେଟ ଶେଷ ହେବାରୁ ଏପରି ହୋଇଥିବା କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ବିଜୁ ଏକ୍ସପ୍ରେସ ୱେ ଲାଗି ମନ୍ଦିର ସ୍ଥାନାନ୍ତର



ବୈଠକରେ ଉପସ୍ଥିତ ସରକାରୀ ଅଧିକାରୀ ଓ ଅନ୍ୟମାନେ ।

**ପାଇକମାଳ,୨।୨(ଡି.ଏନ.ଏ)**

ପାଇକମାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ମଙ୍ଗଳବାର ନାଗରିକ କମିଟି ଓ ପ୍ରଶାସନ ମଧ୍ୟରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଜୁ ଏକ୍ସପ୍ରେସ ୱେ ଶିବ ମନ୍ଦିର ଓ ହନୁମାନ ମନ୍ଦିରକୁ ଶୀଘ୍ର ଭଙ୍ଗାଯାଇ ଠାକୁରଙ୍କୁ ଏକ କୋଠରୀରେ ଅସ୍ଥାୟୀ ଭାବେ ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ନୂତନ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। ସେହିପରି ପାଇକମାଳ ବସ୍ତିରେ ଡିଭାଇଡର, ପାର୍କିଂ ସ୍ଥାନ ସମତଳ କରି ଇଟା ବସାଇବା ଓ ମାଣ୍ଡୋସିଲ ପାଖରେ ଏକ ଗେଟ୍ ପାଇଁ ପ୍ରସ୍ତାବ ନିଆଯାଇଥିଲା। ବୈଠକରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିରଞ୍ଚି କୁମାର ମହାନ୍ତି, ଏସ୍‌ଡିଓ ଜିତେନ୍ଦ୍ର କୁମାର ମେହେର, ତହସିଲଦାର ମନୋଜ କୁମାର ମେହେର, ଆଇଆଇସି ବିଶ୍ୱଜିତ ମନବୋଧ, ନାଗରିକ କମିଟି ସଭାପତି ମନୋଜ ତ୍ରିବେଦୀ, ସମ୍ପାଦକ ନୀଳମଣି ପଣ୍ଡା, ରାମରତନ ପୁରୋହିତ, ରାଜକିଶୋର ସାହୁ, କୁସୁମ ରାଓ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ।

## କୋକସରା ଥାନାରେ ପ୍ରେମୀ ଯୁଗଳଙ୍କ ବିବାହ

**ଭବାନୀପାଟଣା/କୋକସରା, ୨।୨ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନାରେ ଜଣେ ପ୍ରେମୀ ଯୁଗଳଙ୍କ ବିବାହର ତିନିଦିନ ପରେ ମଙ୍ଗଳବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଆଉ ଏକ ପ୍ରେମୀ ଯୁଗଳ। ନା ବାଜିଲା ବାଜା, ନା ରୋଷଣୀ, ନା ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ। ମଥାରେ ସିନ୍ଦୁର ଓ ବରଣମାଳା ଦେଇ ପରସ୍ପରଙ୍କୁ ଜୀବନସାଥୀ କରିଛନ୍ତି କୋକସରା ବ୍ଲକ ମୋଟେର ଗାଁର ଯୁଧିଷ୍ଠିର ନାଏକ (୨୫) ଓ ରେଙ୍ଗାଲପାଲି ପଞ୍ଚାୟତ କଲୋନୀପଡାର କହନ୍ତି ବିଶି (୨୦)। ବର୍ଷେ ତଳେ ଝରିଆଗୁଡା ସାପ୍ତାହିକ ହାଟରେ ପ୍ରଥମ ଦେଖାରେ ଉଭୟ ଆକର୍ଷିତ ହୋଇପଡନ୍ତି। ନୂଆ ନୂଆ ପ୍ରେମ କରୁଥିବା ପ୍ରେମୀ ବିବାହ ବନ୍ଧନରେ ବାନ୍ଧିହେବାକୁ ନିଷ୍ପତ୍ତି ନିଅନ୍ତି। ଗତ ୩୧ ତାରିଖରେ ଯୁଧିଷ୍ଠିର ସୁଯୋଗ ଦେଖି କହନ୍ତିଙ୍କୁ ସାଥିରେ ନେଇ ନିଜ ଘରକୁ ଆଣିଥିଲେ। ପରେ ଝିଅ ପରିବାରକୁ ପୁଅ ପରିବାର ଲୋକେ ଖବର ଦେଇଥିଲେ।



ପରିବାରବର୍ଗ, ପୋଲିସ ସହ ନବଦମ୍ପତି।

ଉଭୟ ଗୋଟିଏ ଜାତିର ହୋଇଥିବାରୁ ଦୁଇ ପରିବାରର ସହମତିରେ ମଙ୍ଗଳବାର ଅପରାହ୍ନରେ ଆଇନ ଅନୁଯାୟୀ କୋକସରା ଥାନାରେ ଦୁଇ ପ୍ରେମୀ ଯୁଗଳ ପରିବାରବର୍ଗ ଓ ପୋଲିସ କର୍ମଚାରୀଙ୍କ ଉପସ୍ଥିତରେ ବରଣମାଳା ଦେଇ ଆଜନ୍ମ ପତିପତ୍ନୀ ହୋଇ ରହିବା ପାଇଁ ଶପଥ କରିବା ସହ ସ୍ୱାମୀସ୍ତ୍ରୀର ସ୍ୱୀକୃତି ପାଇଛନ୍ତି। ଦୁଇ ମନର ମିଳନରେ ସମସ୍ତଙ୍କ ସହଯୋଗ ମିଳିଥିବାରୁ ଦୁଇ ପ୍ରେମୀ ଯୁଗଳ ଖୁସିବ୍ୟକ୍ତ କରିବା ସହ ପୋଲିସ ପ୍ରଶାସନକୁ ମଧ କୃତଜ୍ଞତା ଜଣାଇଥିଲେ। କୋକସରା ଥାନା ଅଧିକାରୀ ବାସୁଦେବ ଛାତ୍ରୀଆଙ୍କ ସହ ଥାନାର ଅନ୍ୟ କର୍ମଚାରୀ ଏହି ଅବସରରେ ଉପସ୍ଥିତ ରହି ଦୁଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

## ଗଞ୍ଜେଇ ଜବତ, ୪ କୋର୍ଟ ଚାଲାଣ

**ଖଡିଆଳ, ୨।୨ (ଡି.ଏନ.ଏ.)**

ଖଡିଆଳ ପୋଲିସ ୨୪ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ କରି ଏହି ଅଭିଯୋଗ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫମାନେ ମଧ୍ୟପ୍ରଦେଶ ରାଜ୍ୟର ଜବଲପୁର ସହରର ବୋଲି ଖଡିଆଳ ଏସଡିପିଓ ସନ୍ତକ ଜେନା ଓ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଖଡିଆଳ ପୋଲିସ ୪ଜଣ ସନ୍ଦିଗ୍ଧଙ୍କୁ ସନ୍ଦେହ କରି ଥାନାକୁ ନେଇ ପଚରାଉଚୁରା କରିଥିଲା। ସେମାନଙ୍କ ବ୍ୟାଗରୁ ୨୪ କେଜି ୬୫୦ ଗ୍ରାମ ଗଞ୍ଜେଇ ଏବଂ ୮ ହଜାର ୧୫୦ ଟଙ୍କା, ୩ଟି ମୋବାଇଲ ଫୋନ ଓ ୪ଟି ଏଟିଏମ କାର୍ଡ଼ ଜବତ କରାଯାଇଥିଲା।

## କଫ୍ ସିରପ୍ ଜବତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ତରବୋଡ/ନୂଆପଡା ଅଫିସ, ୨।୨ (ଡି.ଏନ.ଏ.)**

ନୂଆପଡା ସଦର ଥାନା ଅଧୀନ ଖୋକସା ଛକ ନିକଟରେ ପୋଲିସ ଚଢାଉ କରି ୩୧ ବୋତଲ କଫ୍ ସିରପ୍ ଜବତ କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୋମନା ଥାନା ଦୋହେଲପଡା ଗାଁର ଦଶରୁ ବେମାଲ (୩୦)ଙ୍କୁ ସୋମବାର ସନ୍ଧ୍ୟାରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଆଇ ବିନୟ କେର୍କେଟା ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ୨୨ରେ ସଦର ଥାନା ରତିପାଲି ଗାଁ ଟିକମସିଂ ଠାକୁର (୩୮), ଲୋକନାଥ ସାହୁ (୨୩), ମହେଶ ନାଏକ (୨୩) କୋମନା ଥାନା ଦୋହେଲପଡା ଗାଁର ଦଶରୁଙ୍କଠାରୁ ୩୧ ବୋତଲ କଫ୍ ସିରପ୍ କିଣି ବାଇକରେ ନୂଆପଡା ରତିପାଲିକୁ ଫେରୁଥିଲେ। ଖବର ପାଇ ଆଇଆଇସି ସଂଯୁକ୍ତା ବାର୍ଲାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ ଖୋକସା ଛକ ୩୫୩ ନଂ. ଜାତୀୟ ରାଜପଥ ନିକଟରେ ବାଇକକୁ ଅଟକାଇ ତଲାସି କରି ୩୧ ବୋତଲ କଫ୍ ସିରପ୍ ଜବତ କରିଥିଲା। ବେଆଇନ କଫ୍ ସିରପ୍ ଚାଲଣ ଅଭିଯୋଗରେ ରତିପାଲି ଗାଁର ଟିକମସିଂ, ଲୋକନାଥ ଓ ମହେଶଙ୍କୁ ପୋଲିସ ଗିରଫ କରି ନଗଦ ୨ ହଜାର ଟଙ୍କା ସହ ୩ଟି ମୋବାଇଲ ଫୋନକୁ ଜବତ କରିଥିଲା। ଏହି ଘଟଣାରେ ସଦର ପୋଲିସ ଅଧିକ ତଦନ୍ତ କରି ଜାରି ରଖି ସୋମବାର ମୁଖ୍ୟ ଅଭିଯୁକ୍ତ ଦଶରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ତୁଣ୍ଡଲା ହତ୍ୟା ମାମଲା: ୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା, ୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ତୁଣ୍ଡଲା ଗାଁରେ ୨୦୧୮ରେ ଘଟିଥିବା ଦୁର୍ଗେଶ୍ୱର ପ୍ରଧାନ ହତ୍ୟା ମାମାଲାର ଶୁଣାଣି କରି ସୋମବାର ସ୍ୱତନ୍ତ୍ର ଅଦାଲତ ରାୟ ଶୁଣାଇଛନ୍ତି। ଏହି ଘଟଣାରେ ୨ ଅଭିଯୁକ୍ତ ସେନାନୀ ପ୍ରଧାନ ଓ ଅବିନାଶ ସରାଫଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। କେସିଙ୍ଗା ଥାନା ତୁଣ୍ଡଲା ଗାଁର ଦୁର୍ଗେଶ୍ୱର ମାଛ ଚାଷ କରିଥିଲେ। ଏଥିପାଇଁ ସେ ୫୦ ହଜାର ଟଙ୍କା ସେହି ଗାଁର ସେନାନୀ ପ୍ରଧାନଙ୍କଠାରୁ ଧାର ନେଇଥିଲେ। ଟଙ୍କା ଫେରସ୍ତ ପାଇଁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ୨୦୧୮ରେ ମେ ୨୨ରେ ଦୁର୍ଗେଶ୍ୱରଙ୍କୁ ହତ୍ୟା କରି ଶେଷଦେବ ସାହୁଙ୍କ ଚାଷଜମିରେ ମୃତଦେହ ଓ ବାଇକକୁ ପକାଇ ଦେଇଥିଲେ। ଦୁର୍ଗେଶ୍ୱରଙ୍କ ଭାଇ ସୁମନ୍ତ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ସନ୍ଧାନୀ କୁକୁର ତୁଣ୍ଡଲା ଗ୍ରାମର ସେନାନୀ ଓ ଅବିନାଶଙ୍କୁ ଚିହ୍ନଟ କରିଥିଲା। ସେ ଦୁହେଁ ପଥରରେ ଛେଚି ଓ ତଣ୍ଟି ଚିପି ଦୁର୍ଗେଶ୍ୱରଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଓ ଗାମୁଛା ଜବତ ହୋଇଥିଲା। ମାମଲାର ଶୁଣାଣି ଭବାନୀପାଟଣା ସ୍ୱତନ୍ତ୍ର ଜିଲାସ୍ୱ କୋର୍ଟରେ ହୋଇଥିଲା। ଏଡିଜେ ତଥା ସ୍ୱତନ୍ତ୍ର ଜିଲାସ୍ୱ ଜଜ୍ ପ୍ରସନ୍ନ କର୍ଣ୍ଣ ମାମଲାର ଶୁଣାଣି କରି କାରାଦଣ୍ଡାଦେଶ ସହିତ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରମୋଦ ସାହାଣୀ ମାମଲାର ପରିଚାଳନା କରିଥିଲେ।

## ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ: ଅଭିଯୋଗ ପରେ କାର୍ଯ୍ୟ ବନ୍ଦ ରହିଲା

**ଡୁଙ୍ଗୁରିପାଲି, ୨।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ହରିଜନ ପଡାରୁ ଚୁନିଆମୁଣ୍ଡା ରାସ୍ତାରେ ଚାଲିଥିବା କଂକ୍ରିଟ କାମ ନିମ୍ନ ମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡୁଙ୍ଗୁରିପାଲି ପଞ୍ଚାୟତ ସମିତିରୁ ଆର୍ଥିକ ବର୍ଷ ୨୦୨୦-୨୧ରେ ଏସ୍ଏଫସି ଫଣ୍ଡରୁ ସହଲା ହରିଜନ ପଡାରୁ ଚୁନିଆଁମୁଣ୍ଡାକୁ କଂକ୍ରିଟିକରଣ ପାଇଁ ୪ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଛି। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାମ ରହିଛି। କାମ ନିମ୍ନମାନର ହେଉଥିବା ଗ୍ରାମବାସୀ ବିଡିଓଙ୍କଠାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଓ ସହକାରୀ ଯନ୍ତ୍ରୀ ସୋମବାର ତଦନ୍ତ ପରେ ଉକ୍ତ କାମକୁ ବନ୍ଦ କରିବା ସହ ବିଲ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ବିଡିଓ ମିଶ୍ର।

## ନିଆଁ ଦାଉରୁ ଜଙ୍ଗଲ ରକ୍ଷା ପାଇଁ ସଚେତନତା ସଭା

**କୋକସରା, ୨।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ସହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଲେକାଆମଠାରେ ମଙ୍ଗଳବାର ଆମପାଣି ବନ ବିଭାଗ ଓ ପିଏନ୍‌ଜିଓ ସାରଦା ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆମ ଜଙ୍ଗଲ ଯୋଜନାରେ ସଚେତନ କାର୍ଯ୍ୟକ୍ରମରେ ଅତିଥି ଭାବେ ପିଏନଜିଓ ସାରଦା ଭୁବନେଶ୍ୱର ମୁଖ୍ୟ ସମ୍ପାଦକ ବିଶ୍ୱମ୍ଭର ରଥ, କଳାହାଣ୍ଡି ଜିଲା ସଂଯୋଜକ ଭବାନୀ ଦାସ, ଆମପାଣି ବନପାଳ ନରେନ୍ଦ୍ର ବିଶି, ବନରକ୍ଷୀ ହରିଶଙ୍କର ଧାରୁଆ ପ୍ରମୁଖ ଯୋଗଦେଇଥିଲେ । କିଛି ଦିନ ପରେ ଗ୍ରୀଷ୍ମ ଋତୁ ଆସିବ। ସେହି ସମୟରେ ଜଙ୍ଗଲରେ ପ୍ରାୟତଃ ନିଆଁ ଲାଗିଥାଏ। କେତେକ ସ୍ଥାନରେ ମହୁଲ ଫୁଲ ସଂଗ୍ରହ କରିବାକୁ ଲୋକମାନେ ନିଆଁ ଲଗାଇ ଦେଇଥାନ୍ତି। ଫଳରେ ଜଙ୍ଗଲ ପୋଡି ଯିବା ସହିତ ଜଙ୍ଗଲରେ ଥିବା ଜଙ୍ଗଲଜାତ ଦ୍ରବ୍ୟ ନଷ୍ଟ ହୋଇଥାଏ। ବହୁ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଥାନ୍ତି। ଚଳିତବର୍ଷ କୌଣସି ପ୍ରକାର ମଧ ଜଙ୍ଗଲରେ ନିଆଁ ଲାଗିବାକୁ ଦେବାନାହିଁ ବୋଲି ସଚେତନତା ସୃଷ୍ଟି କରାଇଥିଲେ।

## ଆକ୍ରମଣ କରି ୭.୫ ଲକ୍ଷ, ୨୦ ଭରି ସୁନା ଚୋରି

**ଖଡିଆଳ, ୨।୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମରେ ସୋମବାର ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରି ୭ ଲକ୍ଷ ୫୦ ହଜାର ଟଙ୍କା ଓ ୨୦ ଭରି ସୁନା ଚୋରି କରିଥିବା ଖଡିଆଳ ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଖଡିଆଳ ପୋଲିସ, ସାଇଣ୍ଟିଫିକ୍ ଟିମ ଓ ଡଗ୍‌ସ୍କାଡ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖଡିଆଳ ଏସଡିପିଓ ସନ୍ତକ ଜେନା, ଏସଆଇ ଜିତେନ୍ଦ୍ର ନାୟକ ଓ ଅନ୍ୟ ପୋଲିସ କର୍ମଚାରୀ ତଦନ୍ତ ଜାରି ରଖିଛନ୍ତି। ଖଡିଆଳ ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ରାତି ୧ଟା ୪୫ ମିନିଟରେ ୫ଜଣ ଦୁର୍ବୃତ୍ତ ବରଗାଁସ୍ଥିତ ସତ୍ୟପ୍ରିୟ ମୁଣ୍ଡଙ୍କ ଘର କବାଟ ଭାଙ୍ଗି ପଶି ତାଙ୍କୁ ଏକ ଲୁହା ଛଡ ଓ ଛୁରିରେ ଆକ୍ରମଣ କରିଥିଲେ। ଘରର ଆଲମାରୀ ଖୋଲି ୭ ଲକ୍ଷ ୫୦ ହଜାର ଟଙ୍କା, ସୁନା ହାର ୩ଟି, ସୁନା ଚେନ ୪ ସେଟ, କର୍ଣ୍ଣଫୁଲ ୨ ସାର, ମଙ୍ଗଳସୂତ୍ର ୩.୫ ସାର, ପୁଅଝିଅମାନଙ୍କ ସୁନାବଳ, ପାଞ୍ଜଳି ୨ ସେଟ ଏହିପରି ୨୦ ଭରିରୁ ଅଧିକ ସୁନା ଚୋରି କରି ନେଇଥିବା ଅଭିଯୋଗ କରିଥିଲେ। ଆକ୍ରମଣରେ ଗୁରୁତର ଆହତ ହୋଇ ସତ୍ୟପ୍ରିୟ ଖଡିଆଳ ମିଶନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।



ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରୁଛି।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ବୃଦ୍ଧା ଭତ୍ତା ଟଙ୍କା ଦାନ କଲେ

**ତରବୋଡ/ନୂଆପଡା ଅଫିସ, ୨।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବ୍ଲକ ନେହେନା ଗାଁର ବିଧବା ବୃଦ୍ଧା ମଦନା ବେହେରା (୯୫) ଅଯୋଧ୍ୟା ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ଟଙ୍କା ଦାନ କରିଛନ୍ତି। ସେ ମନ୍ଦିର ପାଣ୍ଠିରେ ନିଜ ବାର୍ଦ୍ଧକ୍ୟ ଭତ୍ତା ଅର୍ଥରୁ ଏକ ଶହ ଟଙ୍କା ଦାନକରି ଭକ୍ତିର ପରିଚୟ ଦେଇଛନ୍ତି। ମଙ୍ଗଳବାର ଶଯ୍ୟାସାୟୀ ବୃଦ୍ଧା ମଦନା ଘର ସାମନାରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ନିମନ୍ତେ ନିଧି ସଂଗ୍ରହ କରିବାକୁ ଯାଇଥିବା ଯୁବକମାନଙ୍କୁ ଦେଖି କ'ଣ ପାଇଁ ରାସ୍ତାରେ ଯାଉଛନ୍ତି ବୋଲି ଲୋକମାନଙ୍କୁ ପଚାରିଥିଲେ। ଲୋକମାନେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଚାନ୍ଦା ସଂଗ୍ରହ କରୁଛନ୍ତି ବୋଲି କହିବା ପରେ ବୃଦ୍ଧା ଜଣକ ଗତ ୧୫ ତାରିଖରେ ପାଇଥିବା ବାର୍ଦ୍ଧକ୍ୟ ଭତ୍ତା ୫ ଶହ ଟଙ୍କାରୁ ଏକ ଶହ ଟଙ୍କା ଦାନ କରିଛନ୍ତି। ରାମ ମନ୍ଦିର ନିର୍ମାଣ ପାଇଁ ଟଙ୍କା ଦାନ କରିବା ପରେ ମଦନା କହିଥିଲେ ଯେ, ଔଷଧ ଖାଇବି ନାହିଁ। ଭଗବାନ ଶ୍ରୀରାମଙ୍କ ଅଯୋଧ୍ୟାରେ ମନ୍ଦିର ନିର୍ମାଣ ପାଇଁ ଏକ ଶହ ଟଙ୍କା ଦାନ କରୁଛି। ବୃଦ୍ଧା ଜଣକ କିଛି ଦିନ ତଳେ ପଡିଯାଇଥିଲେ। ଅଣ୍ଟା ମାଡ଼ ହୋଇଥିବାରୁ ଶଯ୍ୟାଶାୟୀ ହୋଇ ପଡିରହିଛନ୍ତି। ତାଙ୍କ ପୁଅଝିଅ, ଜମିବାଡି କିଛି ନ ଥିବା ବେଳେ ବିଧବା ବୋହୁ ଭରସା। ଏଭଳସ୍ଥିତିରେ ଥାଇ ମଧ୍ୟ ଅଯୋଧ୍ୟା ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଦାନଦେଇ ବିଶାଳ ହୃଦୟର ପରିଚୟ ସୃଷ୍ଟି କରିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ନିଧି ସଂଗ୍ରହ ସମୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଦୀପ ରାଉତରାୟ, ବିଶ୍ୱରଞ୍ଜନ ଦଣ୍ଡସେନା, ସୁଶାନ୍ତ ବିଶି, ରୁଦ୍ର ମାଧବ ରାଉତ ରାୟ, ଧନଞ୍ଜୟ ଦଣ୍ଡସେନା, ଆଲୋକ ରାଉତରାୟ, ରାଜା ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କାମକୁ ନେଇ ଥାନାରେ ମାମଲା

**ବୌଦ୍ଧ,୨।୨(ସ୍ୱ.ପ୍ର.)**

**ଦୁଇ ରାଜନୈତିକ ଦଳର ନେତା ମୁହାଁମୁହିଁ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସଙ୍କୁଲୋଇଠାରୁ ସୁରୁଣ୍ଡି ପର୍ଯ୍ୟନ୍ତ ରାସ୍ତାକାମକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ସହ ମାମଲା ଥାନାରେ ପହଞ୍ଚିଛି । ଅଭିଯୋଗ ଅନୁଯାୟୀ, ଗତ କିଛି ଦିନ ହେବ ଉକ୍ତ ରାସ୍ତା କାମ ଚାଲିଛି । ତେବେ ଏହି କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ପାଇବା ପରେ ଗତ ୧ ତାରିଖ ଦିନ ଭାଜପା ଯୁବମୋର୍ଚ୍ଚାର ହରଭଙ୍ଗା ମଣ୍ଡଳ ସଭାପତି ଅରୂପା ଦୀପ ରାସ୍ତା କାମ ଦେଖିବାକୁ ଯାଇଥିଲେ । ପରେ ସେ କୁଆଡେ ଏ ସମ୍ପର୍କିତ ଏକ ଫଟୋ ଭାଇରାଲ କରିଥିଲେ। ଏହାକୁ କେନ୍ଦ୍ର କରି ହରଭଙ୍ଗାର ବିଜେଡି ନେତା ତଥା ଜିଲା ଉପସଭାପତି ସୁବୋଧ କୁମାର ପ୍ରଧାନ ମଣ୍ଡଳ ସଭାପତି ଅରୂପାଙ୍କୁ ଗାଳିଗୁଲଜ କରିବା ସହ ମାରି ଦେବାକୁ ଧମକ



ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବା ଅବସରରେ ଭାଜପା ପ୍ରତିନିଧି ମଣ୍ଡଳୀ।

ଦେଇଥିବା ନେଇ ମଙ୍ଗଳବାର ହରଭଙ୍ଗା ଥାନାରେ ଅଭିଯୋଗ ହୋଇଛି। ଏନେଇ ହରଭଙ୍ଗା ଥାନାରେ କେସ ନଂ ୯/୨୧ରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ରାସ୍ତା କାମ ଚାଲିଥିବା ବେଳେ ନିମ୍ନମାନର ବୋଲି ଦର୍ଶାଇ ଆମକୁ ଚାନ୍ଦା ମଗାଯାଉଛି ଓ ଚାନ୍ଦା ନ ଦେଲେ ଫଟୋ ଭାଇରାଲ କରିବାକୁ ଧମକ ଦିଆଯାଇଥିବା ନେଇ ଠିକାଦାରଙ୍କ ମୁନସୀ ଦିଲୀପ କୁମାର ସାହୁଙ୍କ ପକ୍ଷରୁ ହରଭଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ଦିଲୀପଙ୍କ ଅଭିଯୋଗ ଆଧାରରେ କେସ ନଂ୧୦/୨୧ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଏନେଇ ହରଭଙ୍ଗା ଥାନା ଅଧିକାରୀ ଆର .ସୁବ୍ରମଣ୍ୟମ ପ୍ରଧାନଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ। ତେବେ ସନ୍ଧ୍ୟାରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲା ଆରକ୍ଷୀ ଅଧୀକ୍ଷକ ଭି.ରଘୁନାଥ ରାଓଙ୍କୁ ଭେଟି ତୁରନ୍ତ ବିଜେଡି ନେତାଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ଏହାସହିତ ଅରୂପା ଓ ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ଲିଖିତ ଭାବେ ଜଣାଇଥିଲେ । ଏନେଇ ଆରକ୍ଷୀ ଅଧୀକ୍ଷକ ରାଓ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ କହିଥିଲେ।